ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୮/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, August 8/2025 | Page 14 | ₹ 7.00
୫୧ଶ ଭାଗ ୨୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 254 | ମୂଲ୍ୟ ₹୭/-



## ସାଇ ସ୍ୱରୂପଙ୍କୁ ସ୍ୱର୍ଣ୍ଣ ପଦକ

ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଶାର ସୁଇମିଂ ସେନ୍‌ସେଶନ ସାଇ ସ୍ୱରୂପ ସ୍ୱାଇଁ।

୧୪

୦୨

## ଇନ୍ସପେକ୍ଟର ସାଜିବେ ମନୋଜ

କ୍ରାଇମ ଥ୍ରୀଲର ୱେବ୍ ସିରିଜ୍ 'ଇନ୍ସପେକ୍ଟର ଜେଣ୍ଡେ'ରେ ଅଭିନେତା ମନୋଜ ବାଜପେୟୀ ମୁଖ୍ୟ ଭୂମିକାରେ ନଜରକୁ ଆସିବେ।



# ହସ୍ତତନ୍ତ ଓଡ଼ିଆ ଅସ୍ମିତାର ପ୍ରମୁଖ ସ୍ତମ୍ଭ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୮
(ଅନୁରାଧା ମହାରଣା)

### ହସ୍ତତନ୍ତ ମେଳା 'ଏକତା' ଉଦ୍‌ଘାଟିତ

- ମାଧୁରୀ ଦୀକ୍ଷିତ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ୍ ଆମ୍ବାସାଡର
- ହସ୍ତତନ୍ତ ଦିବସର ମାସ୍କଟ 'ରେଶା' ଉନ୍ମୋଚିତ

ହସ୍ତତନ୍ତ ହେଉଛି ଓଡ଼ିଆ ଅସ୍ମିତାର ପ୍ରମୁଖ ସ୍ତମ୍ଭ। ଆମର 'ହସ୍ତତନ୍ତ କ୍ଷେତ୍ର' କେବଳ ଏକ ଆର୍ଥିକ ସ୍ତମ୍ଭ ନୁହେଁ, ବରଂ ଏହା ଜାତୀୟ ଗର୍ବ ଓ ଗରିମାର ପ୍ରତୀକ। ପ୍ରାଚୀନ ସାମୁଦ୍ରିକ ବାଣିଜ୍ୟରୁ ଆରମ୍ଭ କରି ବର୍ତ୍ତମାନର ବିଶ୍ୱ ଫ୍ୟାଶନ ପ୍ଲାଟ୍‌ଫର୍ମ ପର୍ଯ୍ୟନ୍ତ, ଆମର ବୟନ ସର୍ବଦା ଉତ୍କର୍ଷ, ଆଧ୍ୟାତ୍ମିକତା ଓ ସଂସ୍କୃତିର ଜୟଗାନ କରିଆସିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଗୁରୁବାର ସ୍ଥାନୀୟ ଜନତା ମଇଦାନଠାରେ ଆୟୋଜିତ ହସ୍ତତନ୍ତ ମେଳା 'ଏକତା'କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ନେନେଙ୍କୁ ଏକ ବର୍ଷ ☞ପୃଷ୍ଠା-୪




ହସ୍ତତନ୍ତ ମେଳା 'ଏକତା'କୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ବୁଣାକାରଙ୍କୁ ୫ଲକ୍ଷ ଟଙ୍କାର ଚେକ୍ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ୍ ନେନେ, ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଉନ୍ନୟନ କମିଶନର ଅନୁ ଗର୍ଗ ଓ ବିଭାଗୀୟ କମିଶନର ଗୁହା ପୁନମ ତାପସ କୁମାର।

# ଜଷ୍ଟିସ୍ ବର୍ମାଙ୍କ ଆବେଦନ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ,୭।୮

### ଟଙ୍କା ଜବତ ଘଟଣା

ବାସଭବନ ପରିସରରୁ ବିପୁଳ ପରିମାଣ ଟଙ୍କା ଜବତ ମାମଲାରେ ଇନ୍-ହାଉସ୍ ତଦନ୍ତ ରିପୋର୍ଟକୁ ଅବୈଧ ଘୋଷଣା ପାଇଁ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମା କରିଥିବା ରିଟ୍ ଆବେଦନକୁ ସୁପ୍ରିମକୋର୍ଟ ଗୁରୁବାର ଖାରଜ କରିଦେଇଛନ୍ତି। ଫଳରେ ତାଙ୍କ ବିରୋଧରେ ମହାଭିଯୋଗ ଆସିବା ବାଟ ପରିଷ୍କାର ହୋଇଯାଇଛି। ବିଚାରପତିଙ୍କୁ ବହିଷ୍କାର ପାଇଁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ସୁପାରିସ୍ କରିବା କ୍ଷମତା ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କର ରହିଥିବା ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏହି ରାୟ ଜଷ୍ଟିସ୍ ବର୍ମାଙ୍କ ପାଇଁ ବଡ଼ ଝଟକା ହୋଇଛି।

ପୂର୍ବତନ ସିଜେଆଇଙ୍କ ଦ୍ୱାରା ନିଯୁକ୍ତ ଇନ୍-ହାଉସ୍ କମିଟି ଏହାର ତଦନ୍ତ ରିପୋର୍ଟରେ ଜଷ୍ଟିସ୍ ବର୍ମାଙ୍କୁ ଦୋଷୀ ଦର୍ଶାଇଥିଲେ। ତଦନ୍ତ ପ୍ରକ୍ରିୟାକୁ ଅତ୍ୟନ୍ତ ସାବଧାନତାର ସହ ଅନୁସରଣ କରାଯାଇଥିବା ସର୍ବୋଚ୍ଚ ଅଦାଲତ ଟିପ୍ପଣୀ ଦେଇଛନ୍ତି। ଜଷ୍ଟିସ୍ ବର୍ମାଙ୍କ ଆଚରଣ ଆତ୍ମବିଶ୍ୱାସ ବଢ଼ାଉ ନ ଥିବାରୁ ତାଙ୍କ ଆବେଦନ ଗ୍ରହଣୀୟ ହେବା ଉଚିତ ନୁହେଁ ବୋଲି ଜଷ୍ଟିସ୍ ଦୀପଙ୍କର ☞ପୃଷ୍ଠା-୪

# ଲାଗୁହେଲା ଟ୍ରମ୍ପ୍ ଟାରିଫ୍

### ଭାରତୀୟ ଅର୍ଥନୀତିକୁ କ୍ଷତି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ସମେତ ବିଶ୍ୱର ପ୍ରାୟ ୭୦ ଦେଶ ଉଦ୍ଦେଶ୍ୟରେ ଘୋଷଣା କରିଥିବା ଉଚ୍ଚ ଟାରିଫ୍ ଗୁରୁବାର ଭାରତୀୟ ସମୟ ପୂର୍ବାହ୍ନ ୯ଟାରୁ ଲାଗୁ ହୋଇଛି। ଜୁଲାଇ ୩୧ରେ ଟ୍ରମ୍ପ୍ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୨୫% ଆମଦାନୀ ଶୁଳ୍କ ଘୋଷଣା କରିଥିବାବେଳେ ଅଗଷ୍ଟ ୬ରେ ଅତିରିକ୍ତ ୨୫% ଟାରିଫ୍ କଷିଛନ୍ତି। ନୂଆ ଏକ୍‌ଜିକ୍ୟୁଟିଭ୍ ଅର୍ଡର ଅନୁସାରେ ଭାରତରୁ ଆମେରିକାକୁ ଆମଦାନୀ ହେବାକୁ ଥିବା ସାମଗ୍ରୀ ଉପରେ ମୋଟ ୫୦% ଟାରିଫ୍ ଲାଗିବ। ଗୁରୁବାର ୨୫% ଟାରିଫ୍ ଲାଗୁ ହୋଇଥିବାବେଳେ ୨୧ ଦିନ ପରେ ୫୦% ଟାରିଫ୍ କାର୍ଯ୍ୟକାରୀ ହେବ। ରୁଷିଆଠାରୁ ଭାରତ ତୈଳ କିଣିବା ଜାରି ରଖିଥିବାରୁ ଏପରି ଟାରିଫ୍ କଷାଯାଇଛି ବୋଲି ଟ୍ରମ୍ପ୍ ଦର୍ଶାଇଛନ୍ତି। ବିଶ୍ୱର ବହୁ ଦେଶ ଅନେକ ବିଲିୟନ୍ ଡଲାର ଆମେରିକାଠାରୁ ଲାଭ ଉଠାଇଥିବାବେଳେ ଏଣିକି ସମ୍ପୃକ୍ତ ଦେଶଗୁଡ଼ିକରୁ ଆମେରିକାକୁ ଆର୍ଥିକ ସ୍ରୋତ ବହିବା ଆରମ୍ଭ ହୋଇଛି ବୋଲି ସେ ନିଜ ସାମାଜିକ ଗଣମାଧ୍ୟମ ଟ୍ରୁଥ୍ ସୋସିଆଲରେ କହିଛନ୍ତି। ଅନ୍ୟପକ୍ଷେ ଏହି ପାରସ୍ପରିକ ଟିକସ ବିଶ୍ୱବ୍ୟାପୀ ଅର୍ଥନୀତିକୁ ପ୍ରଭାବିତ କରିବ ଏବଂ ଭାରତ ଏଥିଯୋଗୁ ଅଧିକ କ୍ଷତିଗ୍ରସ୍ତ ହେବ ବୋଲି ବିଶେଷଜ୍ଞମାନେ ମତ ଦେଲେଣି। ବିଶେଷକରି ଭାରତର ବୟନଶିଳ୍ପ, ରାସାୟନିକ ଉଦ୍ୟୋଗ, କୃଷି, ଫାର୍ମା, ଜେମ୍ସ ଆଣ୍ଡ ଜୁଏଲେରୀ, ଲେଦର ଆଦି କ୍ଷେତ୍ର ବ୍ୟାପକ କ୍ଷତି ସହିବ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଉଛନ୍ତି। ଅନ୍ୟପକ୍ଷେ ବିରୋଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବହିର୍ବ୍ୟାପାର ଓ ଆର୍ଥିକ ନୀତିକୁ ସମାଲୋଚନା କରିଛନ୍ତି। ମୋଦି କ୍ଷମତାକୁ ଆସିବା ପରଠୁ ଭାରତକୁ ସ୍ୱାବଲମ୍ବୀ କରିବା ଉପରେ ଗୁରୁତ୍ୱ ଦେଉଥିବା କହିଆସୁଛନ୍ତି। କିନ୍ତୁ ବିଗତ ୧୧ ବର୍ଷରେ ଆତ୍ମନିର୍ଭରଶୀଳତାର ଲକ୍ଷ୍ୟ ହାସଲ ହୋଇ ନ ଥିବାରୁ ବର୍ଦ୍ଧିତ ଟାରିଫ୍ ଭାରତୀୟ ଅର୍ଥନୀତିକୁ ନିମ୍ନଗାମୀ କରିବା ଆଶଙ୍କା ଉପୁଜିଛି। ଏଭଳି ସ୍ଥଳେ ମୋଦି ଚାଇନା ଗସ୍ତ କରି ଶି ଜିନ୍‌ପିଙ୍ଗଙ୍କୁ ଭେଟିବା ପରିବର୍ତ୍ତେ ପ୍ରଥମେ ଆମେରିକା ରାଷ୍ଟ୍ରପତିଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା ମାଧ୍ୟମରେ ସ୍ଥିତିରେ ସୁଧାର ଆଣିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

ୱାଶିଂଟନ୍/ନୂଆଦିଲ୍ଲୀ,୭।୮

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜ ଦେଶର ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ରଗୁଡ଼ିକ ଉପରେ ଉଚ୍ଚ ପାଲଟା ଟିକସ ଲଗାଇଛନ୍ତି, ଯାହାକି ଗୁରୁବାର ମଧ୍ୟରାତ୍ରି(ଆମେରିକା ସମୟ)ରୁ କାର୍ଯ୍ୟକାରୀ ହୋଇଛି। ଆମେରିକାକୁ ବିଦେଶୀ ପୁଞ୍ଜି ଆଗମନକୁ ପ୍ରୋତ୍ସାହନ ଓ ଦେଶରେ ବାଣିଜ୍ୟିକ ନିଅଣ୍ଟ ସ୍ଥିତିରେ ସୁଧାର ଆଣିବା ଲକ୍ଷ୍ୟରେ ସେ ଏହି ପଦକ୍ଷେପ ନେଇଛନ୍ତି। ଭାରତ ପାଇଁ ଗୁରୁବାରଠାରୁ ୨୫% ଟାରିଫ୍ ଲାଗୁ ହୋଇଥିବାବେଳେ ଅଗଷ୍ଟ ୨୭ରେ ଏହା ୫୦%କୁ ବୃଦ୍ଧି ପାଇବ। ଟାରିଫ୍ ତାଲିକାରେ ରହିଥିବା ଅନ୍ୟ ଦେଶଗୁଡ଼ିକ ପାଇଁ ଆମଦାନୀ ଶୁଳ୍କ ୧୦%ରୁ ୪୦% ପର୍ଯ୍ୟନ୍ତ ରହିଛି। ଟ୍ରମ୍ପ୍ ଜାପାନ ଓ ଦକ୍ଷିଣ ☞ପୃଷ୍ଠା-୪

## କୃଷକଙ୍କ ସ୍ୱାର୍ଥ ସହ ସାଲିସ କରିବୁନି: ମୋଦି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ବିରୋଧରେ ଟାରିଫ୍ ଯୁଦ୍ଧ ଘୋଷଣା କରିବାର ଦିନକ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା ଉପରେ କଡ଼ା ସନ୍ଦେଶ ଦେଇଛନ୍ତି। ଆବଶ୍ୟକ ହେଲେ ସେ ବ୍ୟକ୍ତିଗତ ମୂଲ୍ୟ ଦେବାକୁ ପ୍ରସ୍ତୁତ। କିନ୍ତୁ କୃଷକ ଓ ମତ୍ସ୍ୟଜୀବୀମାନଙ୍କ ସ୍ୱାର୍ଥ ସହ ଭାରତ କେବେହେଲେ ସାଲିସ କରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ନୂଆଦିଲ୍ଲୀର ଏମ୍‌ଏସ୍ ସ୍ୱାମୀନାଥନ୍ ସେଣ୍ଟେନାରି ଇଣ୍ଟରନ୍ୟାଶନାଲ କନ୍‌ଫରେନ୍ସକୁ ଗୁରୁବାର ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, କୃଷକ ଓ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥ ଆମର ସର୍ବୋଚ୍ଚ ପ୍ରାଥମିକତା। ସେ ଜାଣନ୍ତି ଯେ, ତାଙ୍କୁ ବ୍ୟକ୍ତିଗତ ଭାବେ ବଡ଼ ମୂଲ୍ୟ ଦେବାକୁ ପଡ଼ିବ। ଦେଶର କୃଷକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଥିପାଇଁ ସେ ପ୍ରସ୍ତୁତ ଅଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ସହ ମୋଦି ବନ୍ଧୁତାର ଅନେକ ନିଦର୍ଶନ ଅତୀତରେ ଦେଖିବାକୁ ମିଳିଥିବାବେଳେ ଏବେ ସେଥିରେ ତିକ୍ତତା ସୃଷ୍ଟି ହୋଇଛି। ଆଗକୁ ଏହି ସମ୍ପର୍କ ଆହୁରି ଖରାପ ହୋଇପାରେ ବୋଲି ମୋଦି ଆଶଙ୍କା କରି ଏପରି ମନ୍ତବ୍ୟ ଦେଇଥିବା ମନେକରାଯାଉଛି।

# ଖୁବ୍‌ଶୀଘ୍ର ଭାରତ ଆସିପାରନ୍ତି ପୁଟିନ୍

ମସ୍କୋ,୭।୮

ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଖୁବ୍‌ଶୀଘ୍ର ଭାରତ ଆସିପାରନ୍ତି ବୋଲି ମସ୍କୋ ଗସ୍ତରେ ଥିବା ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଗୁରୁବାର କହିଛନ୍ତି। ଗସ୍ତ ତାରିଖ ଚୂଡ଼ାନ୍ତ ହୋଇ ନାହିଁ। ତଥାପି ଚଳିତବର୍ଷ ଶେଷ ଭାଗରେ ପୁଟିନ୍ ଭାରତ ଆସିବେ ବୋଲି ବିଭିନ୍ନ ସୂତ୍ରରୁ କୁହାଯାଇଛି। ରୁଷିଆ ସହ ଭାରତର ବାଣିଜ୍ୟ ସମ୍ପର୍କକୁ ନେଇ ନୂଆଦିଲ୍ଲୀ ଓ ୱାଶିଂଟନ ମଧ୍ୟରେ ଉତ୍ତେଜନା ବଢ଼ିଚାଲିଥିବାବେଳେ ପୁଟିନ୍‌ଙ୍କ ଭାରତ ଗସ୍ତ ନେଇ ଖବର ପ୍ରକାଶ ପାଇଛି। ଭାରତ ରୁଷିଆରୁ ତେଲ କିଣା ଜାରି ରଖିଥିବାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏଠାରୁ ଆମଦାନୀ ସାମଗ୍ରୀ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇବାକୁ ବୁଧବାର ଏକ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରିଥିଲେ। ରୁଷିଆ ୟୁକ୍ରେନ୍ ସହ ଯୁଦ୍ଧ ବନ୍ଦ କରିବାକୁ ☞ପୃଷ୍ଠା-୪







# ବିଦ୍ୟୁତ୍ ନାହିଁ, ବିଲ୍ ୧୦ ହଜାର

ମୋହନା,୭।୮(ମନ୍ମଥ ମିଶ୍ର)



ସୁରେନ୍ଦ୍ରଙ୍କ ସ୍ତ୍ରୀ ଓ ପୁଅ।

ଏକ ଗରିବ ପରିବାରର ଘରକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ, ମାତ୍ର ବିଲ୍ ଆସିଛି ୧୦ ହଜାର ୪୭୦ ଟଙ୍କା। ଏହା ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକ ଢେପାଗୁଡ଼ା ପଞ୍ଚାୟତ ଗୋଠକେଳି ଗାଁରେ। ଗାଁର ସୁରେନ୍ଦ୍ର ମଲ୍ଲିକଙ୍କ ଗତ ପ୍ରାୟ ୧୫ ବର୍ଷ ପୂର୍ବରୁ ମୃତ୍ୟୁ ଘଟିଛି। ଘରେ କେବଳ ତାଙ୍କ ସ୍ତ୍ରୀ ଓ ପୁଅ ରହୁଛନ୍ତି। ସ୍ତ୍ରୀ ଇତିମଧ୍ୟରେ ଅନ୍ଧୁଣି ହୋଇଯାଇଛନ୍ତି। ଘରକୁ ଆଦୌ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ବେଳେ ମୃତ ସୁରେନ୍ଦ୍ର ମଲ୍ଲିକଙ୍କ ନାଁରେ ଅକ୍ଟୋବର ୨୦୨୧ରେ ୧୦ ହଜାର ୪୭୦ ଟଙ୍କା ବକେୟା ରହିଥିବା ବିଲ୍ ଆସିଛି। ସେହି ବକେୟା ବିଲ୍ ଆଦାୟ କରିବାକୁ କର୍ମଚାରୀମାନେ ବାରମ୍ବାର ଆସି ମାଗୁଛନ୍ତି। ମାଆ ପୁଅଙ୍କୁ ଆବାସ ଯୋଜନାରେ ଘର ଖଣ୍ଡେ ମିଳିଥିଲେ ହେଁ ସେଥିରେ ବିଦ୍ୟୁତ୍ ସଂଯୋଗ ନାହିଁ। ବକେୟା ବିଲ୍ ମାଗି ଆସିବା ବେଳେ ବାରମ୍ବାର ବିଭାଗୀୟ କର୍ମଚାରୀଙ୍କୁ ଘରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ, କିଭଳି ବିଲ୍ ପୈଠ କରିବୁ ବୋଲି ପରିବାର ଲୋକେ କହୁଛନ୍ତି। ହେଲେ ଶୁଣିବାକୁ କେହି ନାହାନ୍ତି। ଏ ନେଇ ଚନ୍ଦ୍ରଗିରି ବିଦ୍ୟୁତ୍ ବିଭାଗ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଗତ ୨୦୦୯ରେ କୁଟୀର ଜ୍ୟୋତି ଯୋଜନାରେ ସୁରେନ୍ଦ୍ର ମଲ୍ଲିକଙ୍କ ନାମରେ ବିଦ୍ୟୁତ୍ ସଂଯୋଗ ହୋଇଥିବା ରେକର୍ଡରେ ଉଲ୍ଲେଖ ରହିଛି। ଯଦି ବିନା ମିଟର ଓ ବିନା ବିଦ୍ୟୁତ୍ ସଂଯୋଗରେ ବିଲ୍ ଆସିଛି, ତେବେ ଏ ସମ୍ପର୍କରେ ତଦନ୍ତ କରି ପଦକ୍ଷେପ ନିଆଯିବ। ତାଙ୍କ ଘରେ ବିଦ୍ୟୁତ୍ ସଂଯୋଗ କରାଯିବ।

# ଶୀଘ୍ର ପୂରଣ ହେବ ୨୨,୮୯୬ ଗ୍ରୁପ୍ 'ସି' ପଦ

ଭୁବନେଶ୍ୱର,୭।୮(ରବିନାରାୟଣ ଜେନା)

ରାଜ୍ୟରେ ଖାଲି ପଡ଼ିଥିବା ସମସ୍ତ ସରକାରୀ ପଦବୀ ପୂରଣ ଲାଗି ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହିକ୍ରମରେ ଦୁଇବର୍ଷ ମଧ୍ୟରେ ରାଜ୍ୟରେ ୬୫ହଜାର ପଦ ପୂରଣ କରିବାକୁ ସରକାର ଲକ୍ଷ୍ୟ ରଖିଥିଲେ। ଇତିମଧ୍ୟରେ ୨୮ହଜାର ୩୯୨ ପଦ ପୂରଣ ହୋଇସାରିଥିବାବେଳେ ଅବଶିଷ୍ଟ ୨୫ହଜାର ୯୫୩ ପଦ ପୂରଣ ଏବେ ପ୍ରକ୍ରିୟା ଭିତରେ ରହିଛି। ତେବେ ୧୦ଟି ବିଭାଗର ୨୨ହଜାର ୮୯୬ଟି 'ସି' ବର୍ଗର ପଦ ଖାଲିପଡ଼ିଛି। ଏଥିପାଇଁ କ୍ଷମତା ସମ୍ପନ୍ନ(ଏମ୍ପାୱାର)କମିଟିର ଅନୁମୋଦନ ଆବଶ୍ୟକ। ତୁରନ୍ତ ଉକ୍ତ ୧୦ଟି ବିଭାଗକୁ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

ଗଣତାନ୍ତ୍ରିକ ମୂଲ୍ୟବୋଧର ଅବକ୍ଷୟ

**ପରିବାର ପେନ୍‌ସନରେ ସାବତ ମାଆଙ୍କୁ ସାମିଲ ପାଇଁ ସୁପ୍ରିମକୋର୍ଟଙ୍କ ପରାମର୍ଶ** ପରିବାର ପେନ୍‌ସନ ଭଳି ସାମାଜିକ କଲ୍ୟାଣ ଯୋଜନାର ସୁବିଧା ସାବତ ମାଆଙ୍କୁ ଦେବା ନିମନ୍ତେ 'ମା' ଶବ୍ଦର ଉଦାର ବ୍ୟାଖ୍ୟା କରିବାକୁ ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ସରକାର ଓ ଭାରତୀୟ ବାୟୁସେନା (ଆଇଏଏଫ୍)କୁ ପରାମର୍ଶ ଦେଇଛନ୍ତି। ଜଣେ ପିଲାର ଜୈବିକ ମା'ଙ୍କ ମୃତ୍ୟୁ ପରେ ତାଙ୍କୁ ଲାଳନପାଳନ କରି ବଡ଼ କରିଥିବା ସାବତ ମାଆ ପରିବାର ପେନ୍‌ସନ ପାଇବା ପାଇଁ ଆବେଦନ କରିଥିଲେ। ମହିଳା ଜଣକ ପିଲାଟି ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବାରୁ ପେନ୍‌ସନ ସୁବିଧା ପାଇବା ଉଚିତ ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି।



# ଭୋଟ ଚୋରି ଅଭିଯୋଗ: ପ୍ରମାଣ ଦେଲେ ରାହୁଲ

କେତେକ ନିର୍ବାଚନରେ ଭାଜପାକୁ ଜିତାଇବା ପାଇଁ ଭାରତର ନିର୍ବାଚନ କମିଶନ (ଇସିଆଇ) ଅସାଧୁ ଉପାୟ ଅବଲମ୍ବନ କରିଥିଲେ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର ଏଭଳି ଅଭିଯୋଗ ଆଣିବା ସହ ନିଜ ଦାବି ସପକ୍ଷରେ ପ୍ରମାଣ ଦେଇଛନ୍ତି। ଭାଜପା ସହ ମିଶି କମିଶନ କେବଳ ଗୋଟିଏ ନିର୍ବାଚନମଣ୍ଡଳୀରେ ଲକ୍ଷାଧିକ ଭୋଟ ଚୋରି କରିଥିବାର ଦସ୍ତାବିଜ ରାହୁଲ ଗଣମାଧ୍ୟମ ଆଗରେ ଉପସ୍ଥାପନ କରିଛନ୍ତି। ଭୋଟ ଜାଲିଆତି, ନକଲି ଠିକଣା, ଗୋଟିଏ ଠିକଣାରେ ଅନେକ ଭୋଟର, ଅବୈଧ ଫଟୋ ଓ ଫର୍ମ ନଂ. ୬ର ଦୁରୁପଯୋଗରେ ଇସିଙ୍କ ସମ୍ପୃକ୍ତି ଥିବା ସେ ଦର୍ଶାଇଛନ୍ତି। ବିରୋଧୀ ଦଳଗୁଡ଼ିକ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍) ଜାଲିଆତି ଅଭିଯୋଗ ଆଣୁଥିବାବେଳେ ଲୋକ ସଭାର ବିରୋଧୀ ଦଳ ନେତା ଦେଇଥିବା ପ୍ରମାଣ ନିର୍ବାଚନୀ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି।



ଏଆଇସିସି ମୁଖ୍ୟାଳୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

## ବିଭ୍ରାନ୍ତ କରନ୍ତୁ ନାହିଁ ରାହୁଲ: ଇସି

ଭୋଟର ତାଲିକାରେ ବହୁ ସଂଖ୍ୟାରେ ଭୋଟର ସାମିଲ ହୋଇଥିବା କିମ୍ବା ଭୁଲ୍‌ବଶତଃ ବାଦ୍ ପଡ଼ିଥିବା ନେଇ କଂଗ୍ରେସ ନେତା ରାହୁଲ ଅଭିଯୋଗ କରିଆସୁଛନ୍ତି। ଏନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରାହୁଲ ଏକ ସ୍ୱାକ୍ଷରିତ ଘୋଷଣାନାମା ସହ ଉକ୍ତ ନାଁଗୁଡ଼ିକୁ ଶେୟାର କରିବା ପାଇଁ ୩ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଗୁରୁବାର କହିଛନ୍ତି। ରାହୁଲ ଯେଉଁ ଅଭିଯୋଗ ଆଣିଛନ୍ତି ସେଥିପାଇଁ ନିର୍ବାଚନ ନିୟମାବଳୀ ଓ ଆଚରଣ ଅନୁଯାୟୀ ସ୍ୱାକ୍ଷରିତ ଘୋଷଣାନାମା ସହ ନୂଆ ସାମିଲ ହୋଇଥିବା ବା ବାଦ୍ ପଡ଼ିଥିବା ଭୋଟରଙ୍କ ତାଲିକା ଦେବା ଆବଶ୍ୟକ, ନଚେତ୍ ସେ ଦେଶବାସୀଙ୍କୁ ବିଭ୍ରାନ୍ତ କରିବା ବନ୍ଦ କରନ୍ତୁ ଓ ନିର୍ବାଚନ କର୍ତ୍ତୃପକ୍ଷଙ୍କ ବିରୋଧରେ ଭିତ୍ତିହୀନ ଅଭିଯୋଗ ଆଣିବାରୁ କ୍ଷାନ୍ତ ରୁହନ୍ତୁ ବୋଲି ଇସି ସୂତ୍ରରୁ କୁହାଯାଇଛି।

## ରାହୁଲଙ୍କ ଘରେ ଡିନର ମିଟ୍: ଏକାଠି ହେଲେ ଇଣ୍ଡିଆ ବ୍ଲକ୍ ନେତା

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଇସିଙ୍କ ଏସ୍‌ଆଇଆର୍ ବିରୋଧରେ ଏକତା ପାଇଁ ଇଣ୍ଡିଆ ବ୍ଲକ୍‌ର ବରିଷ୍ଠ ନେତାମାନେ ଗୁରୁବାର ରାତିରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବାସଭବନରେ ଏକ ନୈଶ ଭୋଜିରେ ଏକାଠି ହୋଇଛନ୍ତି। ଏସ୍‌ଆଇଆର୍ ଏବଂ ଭାଜପା-ଇସିଙ୍କ 'ଭୋଟ ଚୋରି ମଡେଲ' ବିରୋଧରେ ଲଢ଼େଇ ଜାରି ରଖିବା ପାଇଁ ସେମାନେ ସହମତି ପ୍ରକାଶ କରିଛନ୍ତି। ଏଥିରେ କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖାର୍ଗେ, ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ, ଏନ୍‌ସିପି-ଏସ୍‌ପି ମୁଖ୍ୟ ଶରଦ ପାୱାର, ନ୍ୟାଶନାଲ କନ୍‌ଫରେନ୍ସ ସୁପ୍ରିମୋ ଫାରୁକ୍ ଅବଦୁଲ୍ଲା, ପିଡିପିର ମେହବୁବା ମୁଫ୍‌ତି, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ଆର୍‌ଜେଡିର ତେଜସ୍ୱୀ ଯାଦବ, ଟିଏମ୍‌ସିର ଅଭିଷେକ ବାନାର୍ଜୀ, ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେ, ଏମ୍‌ଏନ୍‌ଏମ୍ ମୁଖ୍ୟ କମଲ ହାସନ ଏବଂ ଡିଏମ୍‌କେର ତିରୁଚି ଶିବାଙ୍କ ସମେତ ବାମପନ୍ଥୀ ନେତାମାନେ ସାମିଲ ହୋଇଥିଲେ। ଇସିଙ୍କ ଜରିଆରେ ଭାଜପା ଦ୍ୱାରା ପ୍ରସ୍ତୁତ ଭୋଟ ଚୋରି ମଡେଲକୁ ରାହୁଲ ବୈଠକରେ ଉପସ୍ଥାପନ କରିଥିଲେ। ଗଣତନ୍ତ୍ର ସୁରକ୍ଷା ପାଇଁ ନିର୍ବାଚନୀ ଅନିୟମିତତା ବିରୋଧରେ ଏକ ମିଳିତ ସମ୍ମୁଖ୍ୟ ଏକାଠି ହୋଇଥିବା ରାହୁଲ Xରେ ପୋଷ୍ଟ କରିଛନ୍ତି।

**ନୂଆଦିଲ୍ଲୀ,୭।୮**

୨୦୨୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବ୍ୟାପକ ଭୋଟ ଚୋରି ହୋଇଥିବା ନେଇ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗୁରୁବାର ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଶାସକ ଭାଜପା ସହ ମିଶି ଭାରତର ନିର୍ବାଚନ କମିଶନ (ଇସିଆଇ) ଭୋଟ ଜାଲିଆତି ଚଳାଇଥିଲେ। ଏଥିସହିତ କର୍ନାଟକର ମହାଦେବପୁରା ନିର୍ବାଚନମଣ୍ଡଳୀରେ ଭୋଟର ତାଲିକାରେ ବ୍ୟାପକ ଜାଲିଆତି କରାଯାଇଥିବାର ପ୍ରମାଣ ରହିଥିବା ରାହୁଲ କହିବା ସହ ଦେଶରେ ନିର୍ବାଚନ ପ୍ରକ୍ରିୟାର ବିଶ୍ୱସନୀୟତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି।

ଏଆଇସିସି ମୁଖ୍ୟାଳୟରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତକରି ରାହୁଲ କହିଛନ୍ତି, କଂଗ୍ରେସ ପକ୍ଷରୁ ଏକ ଟିମ୍ ନିୟୋଜିତ କରାଯାଇ ୬ ମାସ ମଧ୍ୟରେ ଭୋଟ ଚୋରିରୁ ବଳିଷ୍ଠ ପ୍ରମାଣ ସଂଗ୍ରହ କରାଯାଇଛି। ମହାରାଷ୍ଟ୍ର ନିର୍ବାଚନରେ ଅନିୟମିତତାକୁ ନେଇ ତାଙ୍କ ଦଳର ଦୀର୍ଘଦିନରୁ ସନ୍ଦେହ ଥିଲା, ଯାହା ଚୂଡ଼ାନ୍ତ ଫଳାଫଳରୁ ସ୍ପଷ୍ଟ ହୋଇଯାଇଥିଲା। ନିର୍ବାଚନ କମିଶନ ମେସିନ୍ ଦ୍ୱାରା ପଢ଼ାଯାଇପାରୁଥିବା ଭୋଟର ତାଲିକା ଦେବାକୁ ମନା କରିଦେଇଥିବାରୁ ଏହାର ଭାଜପା ସହ ମଧୁଚନ୍ଦ୍ରିକା ରହିଥିବା ନେଇ ଦଳ ନିଶ୍ଚିତ ହୋଇଥିଲା। ଇସି ଯଦି ଗତ ୧୦ରୁ ୧୫ ବର୍ଷର ମେସିନ୍ ରିଡେବଲ୍ ତଥ୍ୟ ଓ ସିସିଟିଭି ଫୁଟେଜ୍ ନ ଦିଅନ୍ତି, ତେବେ ସେମାନେ ଜାଲିଆତିରେ ସାମିଲ ଥିବା ରାହୁଲ କହିଛନ୍ତି। ଏବେ ଗଣତନ୍ତ୍ର ଆଉ ନାହିଁ। ତେଣୁ ନ୍ୟାୟପାଳିକା ଏଥିରେ ହସ୍ତକ୍ଷେପ କରିବା ଆବଶ୍ୟକ ବୋଲି ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ୨୦୨୪ ଲୋକ ସଭା ନିର୍ବାଚନ ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ମଧ୍ୟବର୍ତ୍ତୀ ୫ ମାସ ମଧ୍ୟରେ ଭୋଟର ତାଲିକାରେ ୧ କୋଟିରୁ ଊର୍ଦ୍ଧ୍ୱ ନୂଆ ଭୋଟରଙ୍କୁ ଯୋଡ଼ାଯାଇଥିଲା, ଯାହାକି ଗତ ୫ ବର୍ଷ ମଧ୍ୟରେ ଯୋଡ଼ିହୋଇଥିବା ନୂଆ ଭୋଟରଙ୍କ ସଂଖ୍ୟାଠାରୁ ଅଧିକ। ଅପରାହ୍ନ ୫ଟା ୩୦ ପରେ ବହୁସଂଖ୍ୟାରେ ଭୋଟର ମତଦାନ କରିବାକୁ ନେଇ ମଧ୍ୟ ଗମ୍ଭୀର ପ୍ରଶ୍ନ ଉଠୁଥିବା ରାହୁଲ କହିଛନ୍ତି।

ଅନ୍ୟପକ୍ଷରେ ଭୋଟ ଜାଲିଆତି ନେଇ ରାହୁଲ ଆଣିଥିବା ଅଭିଯୋଗକୁ ଜାଣିଶୁଣି ଯୋଜନାବଦ୍ଧ ଭାବେ ଅଣାଯାଇଥିବା ଧୋକା ବୋଲି ଭାଜପା କହିଛି। ସାମ୍ବିଧାନିକ ସଂସ୍ଥାଗୁଡ଼ିକ ଉପରେ କଂଗ୍ରେସର ସୁବ୍ୟବସ୍ଥିତ ଆକ୍ରମଣ ଗଣତନ୍ତ୍ର ଏବଂ ସମ୍ବିଧାନ ବିରୋଧରେ ବଡ଼ ଧରଣର ଷଡ଼ଯନ୍ତ୍ର ବୋଲି ଶାସକ ଦଳ ଅଭିଯୋଗ କରିଛି। ନିର୍ବାଚନୀ ବିଜୟକୁ ଜାଲିଆତି କହି ରାହୁଲ ଦେଶବାସୀଙ୍କ ବିବେକପୂର୍ଣ୍ଣ ନିଷ୍ପତ୍ତିର ଅପମାନ କରୁଛନ୍ତି। ଏଭଳି ଦାୟିତ୍ୱହୀନ ଓ ନିର୍ଲଜ ଆଚରଣ ନିମନ୍ତେ କଂଗ୍ରେସକୁ ଭୋଟରମାନେ କ୍ରମାଗତ ଭାବେ ପ୍ରତ୍ୟାଖ୍ୟାନ କରିଚାଲିବେ ବୋଲି ଭାଜପା କହିଛି।

### ସାମ୍ବିଧାନିକ ସଂସ୍ଥା ଉପରେ କଂଗ୍ରେସର ଆକ୍ରମଣ ବଡ଼ ଷଡ଼ଯନ୍ତ୍ର: ଭାଜପା

# ଫ୍ରାନ୍ସରେ ଭୟାବହ ବନାଗ୍ନି


ଦକ୍ଷିଣ ଫ୍ରାନ୍ସର ଓଡ୍ ଅଞ୍ଚଳସ୍ଥିତ ସେଣ୍ଟ-ଲୌରେଣ୍ଟ-ଡେ-ଲା-କାବ୍ରେରିସ୍‌ଠାରେ ଗୁରୁବାର ଜଣେ ଅଗ୍ନିଶମ କର୍ମଚାରୀ ନିଆଁଲିଭା କାର୍ଯ୍ୟରେ ନିୟୋଜିତ ଅଛନ୍ତି।

**ପ୍ୟାରିସ୍,୭।୮**

ଫ୍ରାନ୍ସର ଦକ୍ଷିଣ ଭାଗରେ ଭୟାବହ ବନାଗ୍ନି ମାଡ଼ିଚାଲିଛି। ଓଡ୍ ଅଞ୍ଚଳର ଲା ରିବାଉଟେ ନିକଟରେ ଜଙ୍ଗଲ ନିଆଁ ଯୋଗୁ ୧୬ ହଜାର ହେକ୍ଟରରୁ ଅଧିକ ଜମିର ଫସଲ ଉଜୁଡ଼ିଯାଇଛି। ସେଣ୍ଟ-ଲୌରେଣ୍ଟ-ଡେ-ଲା-କାବ୍ରେରିସ୍ ନିକଟରେ ବନାଗ୍ନିରେ ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି। ସେହିପରି ଅଗ୍ନିଶମ ବାହିନୀର ୧୧ କର୍ମଚାରୀଙ୍କ ସମେତ ୧୩ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଜଙ୍ଗଲ ନିଆଁର ପ୍ରକୋପରେ ସେଣ୍ଟ-ଲୌରେଣ୍ଟ-ଡେ-ଲା-କାବ୍ରେରିସ୍ ଗ୍ରାମର ଅନ୍ୟୂନ ୨୫ଟି ଘର ପୋଡ଼ିଯାଇଛି। ଫ୍ରାନ୍ସରେ ଗତ ୮୦ ବର୍ଷ ମଧ୍ୟରେ ଏହା ସବୁଠୁ ବଡ଼ ବନାଗ୍ନି ହୋଇଥିବାରୁ ଦେଶ ପାଇଁ ଏହା ଏକ ବଡ଼ ବିପର୍ଯ୍ୟୟ ବୋଲି ପ୍ରଧାନମନ୍ତ୍ରୀ ଫ୍ରାନ୍‌କୋଇସ୍ ବାୟରୁ ଅଭିହିତ କରିଛନ୍ତି। ୧୯୪୯ ପରଠୁ ଦେଶ ଏଭଳି ବନାଗ୍ନିର ସମ୍ମୁଖୀନ ହୋଇ ନ ଥିବା ସେ କହିଛନ୍ତି। ଅଗ୍ନିଶମ ବାହିନୀର ପ୍ରାୟ ୫୦୦ ଗାଡ଼ି ଏବଂ ୨ ହଜାର କର୍ମଚାରୀ ନିଆଁଲିଭା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଫ୍ରାନ୍ସରେ ଗ୍ରୀଷ୍ମଋତୁ ଚାଲିଥିବାବେଳେ ହିଟ୍‌ୱେଭ୍ ଓ ଜଳବାୟୁ ପରିବର୍ତ୍ତନ ଏପରି ବିପତ୍ତିକୁ ନିମନ୍ତ୍ରଣ କରିଥିବା ପରିବେଶବିତ୍ ମତ ଦେଇଛନ୍ତି।

# ଉପରାଷ୍ଟ୍ରପତି ପ୍ରାର୍ଥୀ ଚୟନ ପାଇଁ ମୋଦି, ନଡ୍ଡାଙ୍କୁ କ୍ଷମତା ଦେଲା ଏନ୍‌ଡିଏ

**ନୂଆଦିଲ୍ଲୀ,୭।୮**

ଶାସକ ମେଣ୍ଟର ଉପରାଷ୍ଟ୍ରପତି ପ୍ରାର୍ଥୀ ଚୟନ ଲାଗି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭଜପା ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ କ୍ଷମତା ଦେଇଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି। ପାର୍ଲାମେଣ୍ଟ କମ୍ପ୍ଲେକ୍ସରେ ଭାଜପା ଓ ଏହାର ସହଯୋଗୀ ଦଳଗୁଡ଼ିକର ପ୍ରମୁଖ ନେତାଙ୍କ ବୈଠକ ବସି ଏନେଇ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅମିତ୍ ଶାହା, ଜେ.ପି. ନଡ୍ଡାଙ୍କ ସମେତ ଜେଡିୟୁରୁ ଲଲନ ସିଂ, ଶିବସେନାରୁ ଶ୍ରୀକାନ୍ତ ଶିନ୍ଦେ, ଟିଡିପିରୁ ଲାଭୁ ଶ୍ରୀକ୍ରିଷ୍ଣା ଦେବରାୟଲୁ, ଏଲ୍‌ଜେପି(ରାମବିଲାସ)ରୁ ଚିରାଗ ପାଶ୍ୱାନ ପ୍ରମୁଖ ଉପସ୍ଥିତ ଥିଲେ। ଉପରାଷ୍ଟ୍ରପତି ପଦରୁ ଜଗଦୀଶ ଧନ୍‌କରଙ୍କ ଇସ୍ତଫା ପରେ ସେପ୍ଟେମ୍ବର ୯ରେ ଉକ୍ତ ପଦବୀ ନିମନ୍ତେ ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ନିର୍ବାଚନ କମିଶନ ବିଜ୍ଞପ୍ତି ଜାରି କରିଥିବାବେଳେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଅଗଷ୍ଟ ୨୧ ରହିଛି। ଏବେ ଲୋକ ସଭାରେ ଗୋଟିଏ ଏବଂ ରାଜ୍ୟ ସଭାରେ ୬ଟି ଆସନ ଖାଲି ପଡ଼ିଥିବାରୁ ଉପରାଷ୍ଟ୍ରପତି ନିର୍ବାଚନରେ ଉଭୟ ସଦନରୁ ୭୮୧ ସଦସ୍ୟ ଭାଗନେବେ। ସଂଖ୍ୟାଗରିଷ୍ଠତା ପାଇଁ ୩୯୧ ଜଣଙ୍କ ସମର୍ଥନର ଆବଶ୍ୟକତା ଥିବାବେଳେ ଶାସକ ଏନ୍‌ଡିଏ ପାଖରେ ୪୨୨ ସଦସ୍ୟଙ୍କ ସମର୍ଥନ ରହିଛି।

# କପିଲ୍‌ଙ୍କ କାଫେକୁ ୨୫ ଗୁଳି

**ନୂଆଦିଲ୍ଲୀ,୭।୮**

କାନାଡା ବ୍ରିଟିଶ କଲମ୍ବିଆସ୍ଥିତ ସରେ ସହରରେ ଥିବା ହାସ୍ୟାଭିନେତା କପିଲ ଶର୍ମାଙ୍କ କାଫେ ଉପରେ ମାସକ ମଧ୍ୟରେ ଦ୍ୱିତୀୟ ଥର ଗୁଳିମାଡ଼ ହୋଇଛି। ଅନ୍ୟୂନ ୨୫ଥର ଗୁଳିମାଡ଼ ଶବ୍ଦ ଭିଡିଓରୁ ଶୁଣିବାକୁ ମିଳିଛି। ଗୁରୁପ୍ରୀତ ସିଂ ଓରଫ୍ ଗୋଲ୍ଡି ଧିଲୋଁ ଏବଂ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିବା ସୋସିଆଲ ମିଡିଆରେ ଦାବି କରିଛନ୍ତି। ଯଦି କପିଲ୍ ସେମାନଙ୍କ କଥା ନ ଶୁଣନ୍ତି ତେବେ ଖୁବ୍‌ଶୀଘ୍ର ମୁମ୍ବାଇରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେମାନେ ଏକ ଭିଡିଓ ଜରିଆରେ ଚେତାବନୀ ଦେଇଛନ୍ତି। ମୁମ୍ବାଇ ପୋଲିସ ସମେତ ଅନ୍ୟ ସୁରକ୍ଷା ସଂସ୍ଥାଗୁଡ଼ିକ ଘଟଣାର ଅନୁଧ୍ୟାନ କରୁଛନ୍ତି। ସୂଚନାଯୋଗ୍ୟ, ଜୁଲାଇ ୧୦ରେ କପିଲ୍‌ଙ୍କ କାନାଡା କାଫେ ଉପରେ ପ୍ରଥମ ଆକ୍ରମଣ ହୋଇଥିଲା। ଏଥିରେ କୌଣସି କର୍ମଚାରୀ ଆହତ ହୋଇ ନ ଥିଲେ ମଧ୍ୟ କାଫେ ଝରକାରେ ଗୁଳିମାଡ଼ର ଚିହ୍ନ ରହିଥିଲା। ପ୍ରଥମ ଗୁଳିକାଣ୍ଡ ପାଇଁ ବାବର ଖାଲ୍‌ସା ଇଣ୍ଟରନ୍ୟାଶନାଲ (ବିକେଆଇ)ର ଆତଙ୍କବାଦୀ ହରଜିତ ସିଂ ଲାଡି ନିଜକୁ ଦାୟୀ କରିଥିଲେ।

### ମାସକ ମଧ୍ୟରେ ୨ୟ ଆକ୍ରମଣ




# ପୁଣି ଆମେରିକା ଯିବେ ମୁନିର

**ଇସ୍‌ଲାମାବାଦ, ୭।୮**

ପାକିସ୍ତାନ ସେନା ମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ ମୁନିର ପୁଣିଥରେ ଆମେରିକା ଗସ୍ତ କରୁଛନ୍ତି। ଟାରିଫ୍‌କୁ ନେଇ ଭାରତ ଓ ଆମେରିକା ସମ୍ପର୍କ ଗତ ୨୦ ବର୍ଷ ମଧ୍ୟରେ ସବୁଠୁ ଅଧିକ ତିକ୍ତତାପୂର୍ଣ୍ଣ ହୋଇଥିବାବେଳେ ମୁନିରଙ୍କ ଏହି ଗସ୍ତର ସାମରିକ ଅପେକ୍ଷା କୂଟନୈତିକ ତାତ୍ପର୍ଯ୍ୟ ଅଧିକ ରହିଛି। ସେ ୟୁନାଇଟେଡ୍ ଷ୍ଟେଟ୍ସ ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍)ର ମୁଖ୍ୟ ଜେନେରାଲ ମାଇକେଲ ଏରିକ୍ କୁରିଲାଙ୍କ ବିଦାୟୀ ସମାରୋହରେ ଯୋଗଦେବେ। ୨ ମାସ ମଧ୍ୟରେ ମୁନିରଙ୍କ ଏହା ଦ୍ୱିତୀୟ ଆମେରିକା ଗସ୍ତ। ଫ୍ଲୋରିଡା ରାଜ୍ୟର ଟେମ୍ପାଠାରେ ସେଣ୍ଟକମ୍‌ର ହେଡକ୍ୱାର୍ଟରଠାରେ ଏହି ସମାରୋହ ଅନୁଷ୍ଠିତ ହେବ। ପ୍ରକାଶ ଯେ, ଗତ ଜୁନ୍‌ରେ ମୁନିର ଆମେରିକା ଗସ୍ତ କରି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହ୍ୱାଇଟହାଉସରେ ଭେଟିଥିଲେ। ଭାରତ ଏବଂ ପାକିସ୍ତାନ ମଧ୍ୟରେ ସଂଘର୍ଷକୁ ଆମେରିକା ବନ୍ଦ କରିଥିବା ଦର୍ଶାଇ ସେ ଟ୍ରମ୍ପଙ୍କୁ ଧନ୍ୟବାଦ ଦେଇଥିଲେ। ଆମେରିକାରୁ ଫେରିବା ପରେ ମୁନିର ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ପାଇଁ ସୁପାରିସ କରିଥିଲେ।


ପାକିସ୍ତାନ ସେନା ମୁଖ୍ୟ ଆସିମ ମୁନିର

# ୨୫ କୁକୁରଙ୍କୁ ଗୁଳିକରି ହତ୍ୟା

**ଜୟପୁର, ୭।୮**

ରାଜସ୍ଥାନ ଝୁନ୍‌ଝୁନୁ ଜିଲ୍ଲା ଡୁମରା ନିବାସୀ ଶେଓଚନ୍ଦ ବାଭରିଆ ୨ ଦିନରେ ୨୫ କୁକୁରଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ସେ ବନ୍ଧୁକ ଧରି ଗାଁ ରାସ୍ତାରେ ବୁଲୁଥିବା ସହ ଦେଖିବା ମାତ୍ରେ କୁକୁରଗୁଡ଼ିକୁ ଗୁଳିକରି ହତ୍ୟା କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଗ୍ରାମର ବିଭିନ୍ନ ରାସ୍ତାରେ ଏବଂ କ୍ଷେତରେ ଡୁମ୍‌ରା ଅଞ୍ଚଳରେ କୁକୁରମାନେ ଜୀବନ ବିକଳରେ ଏଣେତେଣେ ଦୌଡ଼ି ପଳାଉଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି। ବାଭରିଆଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଝୁନ୍‌ଝୁନ୍ ଏସ୍‌ପି ବ୍ରିଜେଶ ଜ୍ୟୋତି ଉପାଧ୍ୟାୟ କହିଛନ୍ତି।

# ଖାତକୁ ଖସିଲା ସେନା ଟ୍ରକ୍: ୩ ଯବାନ ମୃତ

**ଉଦ୍ଧମପୁର, ୭।୮**

ଜମ୍ମୁ-କଶ୍ମୀରର ଉଦ୍ଧମପୁର ଜିଲ୍ଲାର ବସନ୍ତଗଡ଼ସ୍ଥିତ କଦୱା ଅଞ୍ଚଳରେ ଗୁରୁବାର ସକାଳେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଏକ ଟ୍ରକ୍ ନିୟନ୍ତ୍ରଣ ହରାଇ ୨୦୦ ଫୁଟ ଗଭୀର ଖାତକୁ ଖସିପଡ଼ିଛି। ଏହି ଦୁର୍ଘଟଣାରେ ୩ ଜଣ ଯବାନଙ୍କ ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଯବାନ ଆହତ ହୋଇଛନ୍ତି। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇ ତୁରନ୍ତ ସ୍ଥାନୀୟ ପ୍ରଶାସନ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଆହତ ଯବାନଙ୍କୁ ଉଦ୍ଧାରକରି ବସନ୍ତଗଡ଼ ହସ୍ପିଟାଲରେ ଭର୍ତ୍ତି କରାଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ଗୁରୁତର ରହିଥିବା ଡାକ୍ତର କହିଛନ୍ତି। ଗୁରୁତର ଥିବା ସିଆର୍‌ପିଏଫ୍ ଯବାନଙ୍କୁ ଖୁବ୍‌ଶୀଘ୍ର ଉଦ୍ଧମପୁର ସେନା ହସ୍ପିଟାଲକୁ ସ୍ଥାନାନ୍ତର କରାଯିବ ବୋଲି କେନ୍ଦ୍ର ମନ୍ତ୍ରୀ ତଥା ଉଦ୍ଧମପୁର ଏମ୍‌ପି ଜିତେନ୍ଦ୍ର ସିଂ ସାମାଜିକ ଗଣମାଧ୍ୟମ 'X'ରେ ସୂଚନା ଦେଇଛନ୍ତି।


ଉତ୍ତରକାଶୀର ଧରାଲିରେ ବାଦଲଫଟା ବର୍ଷାଜନିତ ବନ୍ୟାରେ ନିଖୋଜ ଥିବା ଲୋକମାନଙ୍କୁ ହେଲିକପ୍ଟର ଯୋଗେ ଉଦ୍ଧାର କରାଯାଉଛି।

# ଉତ୍ତରକାଶୀରୁ ୪୬୦ ଉଦ୍ଧାର

**ଡେରାଡୁନ୍, ୭।୮ (ପି.ଟି.)**

ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲା ଧରାଲି ଗ୍ରାମରେ ବାଦଲଫଟା ବର୍ଷା ଯୋଗୁ ହୋଇଥିବା ପ୍ରଳୟଙ୍କାରୀ ବନ୍ୟାକୁ ୨ ଦିନ ବିତିଯାଇଥିଲେ ସୁଦ୍ଧା ଏବେ ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଗୁରୁବାର ପାଗରେ ଉନ୍ନତି ଆସିବା ଯୋଗୁ ଉଦ୍ଧାର କାର୍ଯ୍ୟକୁ ତୀବ୍ର କରାଯାଇଥିଲା। ଗୁରୁବାର ଉତ୍ତରକାଶୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ଫସି ରହିଥିବା ୨୭୪ ଜଣଙ୍କୁ ଭାରତୀୟ ବାୟୁସେନାର ଚିନୁକ୍ ଏବଂ ଏମ୍‌ଆଇ-୧୭ ହେଲିକପ୍ଟର ସାହାଯ୍ୟରେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। କେବଳ ବୁଧବାର ବନ୍ୟା ପ୍ରଭାବିତ ଧରାଲି ଗ୍ରାମରୁ ୧୯୦ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ଫଳରେ ୨ ଦିନ ମଧ୍ୟରେ ଉତ୍ତରକାଶୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ଫସି ରହିଥିବା ୪୬୦ରୁ ଅଧିକ ଜଣଙ୍କୁ ଉଦ୍ଧାର କରାଯାଇଛି। ଏବେ ମଧ୍ୟ ୫୦ ନାଗରିକ ଏବଂ ୧୦ ଯବାନ ନିଖୋଜ ଥିବା ନେଇ ଭାରତୀୟ ସେନା ପକ୍ଷରୁ ସୂଚନା ଦିଆଯାଇଛି। ତେବେ ନିଖୋଜ ବ୍ୟକ୍ତିଙ୍କ ସଂଖ୍ୟା ଆହୁରି ଅଧିକ ହୋଇପାରେ ବୋଲି ପ୍ରତ୍ୟକ୍ଷଦର୍ଶୀମାନେ ଆଶଙ୍କା କରିଛନ୍ତି। ସ୍ଥାନୀୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଏହି ବିପର୍ଯ୍ୟୟରେ ମଙ୍ଗଳବାର ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ବୁଧବାର ଆଉ ୨ ନାଗରିକଙ୍କର ମୃତଦେହ ମିଳିଥିଲା। ନିଖୋଜ ବ୍ୟକ୍ତିଙ୍କୁ ଖୋଜିବା ପାଇଁ ଚାଲିଥିବା ଅଭିଯାନରେ ଗୁରୁବାର ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ(ଏନ୍‌ଡିଆର୍‌ଏଫ୍)ର ୬୯ ଜଣ ଉଦ୍ଧାରକାରୀ କର୍ମୀ ଏବଂ ସ୍ୱତନ୍ତ୍ର ତାଲିମପ୍ରାପ୍ତ ୨ କାଡାଭେର କୁକୁର ସାମିଲ ହୋଇଥିଲେ।



# ଇନ୍ସପେକ୍ଟର ସାଜିବେ ମନୋଜ

**ମୁମ୍ବାଇ:** ଅଭିନେତା ମନୋଜ ବାଜପେୟୀ ଅନେକ ବଲିଉଡ୍ ଫିଲ୍ମ ଏବଂ ୱେବ୍ ସିରିଜ୍‌ରେ ନିଜ ନିଖୁଣ ଅଭିନୟ ଦ୍ୱାରା ଦର୍ଶକଙ୍କର ଢେର ପ୍ରଶଂସା ସାଉଣ୍ଟିଛନ୍ତି। ଖୁବ୍‌ଶୀଘ୍ର 'ଇନ୍ସପେକ୍ଟର ଜେଣ୍ଡେ' ୱେବ୍‌ସିରିଜ ସହ ତାଙ୍କୁ ଓଟିଟି ପ୍ଲାଟ୍‌ଫର୍ମ ନେଟ୍‌ଫ୍ଲିକ୍ସରେ ଦେଖିବାକୁ ମିଳିବ। ଗୁରୁବାର ନିର୍ମାତାଙ୍କ ପକ୍ଷରୁ ଏହି କ୍ରାଇମ ଥ୍ରୀଲର ସିରିଜ୍‌ର ପ୍ରଥମ ପୋଷ୍ଟରକୁ ଜାରି କରାଯିବା ସହ ଏହାର ରିଲିଜ୍ ତାରିଖ ଉପରୁ ପରଦା ଉଠାଯାଇଛି। ନେଟ୍‌ଫ୍ଲିକ୍ସ ପକ୍ଷରୁ ଏନେଇ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରାଯାଇ କ୍ୟାପ୍‌ଶନ୍‌ରେ ଲେଖାଯାଇଛି, ଖୁବ୍‌ଶୀଘ୍ର ଚୋର ଏବଂ ପୋଲିସର ଖେଳ ଆରମ୍ଭ ହେବାକୁ ଯାଉଛି। ଅଭିନେତା ମନୋଜ ବାଜପେୟୀ ଏବଂ ଜିମ୍ ସର୍ଭଙ୍କ କ୍ରାଇମ ଥ୍ରୀଲର ୱେବ ସିରିଜ୍ 'ଇନ୍ସପେକ୍ଟର ଜେଣ୍ଡେ' ଆସନ୍ତା ସେପ୍ଟେମ୍ବର ୫ରୁ କେବଳ ନେଟ୍‌ଫ୍ଲିକ୍ସରେ ଷ୍ଟ୍ରିମିଂ ହେବାକୁ ଯାଉଛି। ଚିନ୍ମୟ ଡି. ମଣ୍ଡଲେକରଙ୍କ ନିର୍ଦ୍ଦେଶିତ ଏହି ସିରିଜ୍‌ରେ ମନୋଜଙ୍କୁ ଇନ୍ସପେକ୍ଟର ମଧୁକର ଜେଣ୍ଡେ ଏବଂ ଜିମ୍ ସର୍ଭଙ୍କୁ ଚତୁର ଏବଂ କୁଖ୍ୟାତ ସୁଇମ୍‌ସୁଟ୍ କିଲର କାର୍ଲ ଭୋଜରାଜ୍‌ଙ୍କ ଭୂମିକାରେ ଦେଖିବାକୁ ମିଳିବ।

# ୪ ନାବାଳକଙ୍କ ଉପରେ ଟ୍ରକ୍ ମାଡ଼ିଗଲା

**ଗଡ଼ଚିରୋଲି,୭।୮**

ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲ୍ଲାରେ ଗୁରୁବାର ସକାଳେ ଏକ ଟ୍ରକ୍ ମାଡ଼ିଯିବାରୁ ୪ ଜଣ ନାବାଳକଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ଭୋର ୫ଟା ସମୟରେ ଆର୍ମୋରି-ଗଡ଼ଚିରୋଲି ହାଇୱେରେ ଏହି ଦୁର୍ଘଟଣା ଘଟିଛି। ୧୨ରୁ ୧୬ ବର୍ଷ ବୟସବର୍ଗର ଏହି ନାବାଳକମାନେ କଟ୍‌ଲି ଗ୍ରାମ ନିକଟବର୍ତ୍ତୀ ରାସ୍ତା ପାର୍ଶ୍ୱରେ ବସିଥିବାବେଳେ ଟ୍ରକ୍ ସେମାନଙ୍କୁ ଧକ୍କାଦେଇଥିଲା ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ୨ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥବାରୁ ସେମାନଙ୍କୁ ନାଗପୁରକୁ ଏୟାରଲିଫ୍ଟ କରିବା ବ୍ୟବସ୍ଥା ହୋଇଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତାର ଘୋଷଣା କରିଛନ୍ତି।

# ଗୁଣ୍ଡା ଭଳି କାର୍ଯ୍ୟ କରିପାରିବନି ଇଡି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୭।୮**

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁଣ୍ଡାଙ୍କ ଭଳି କାର୍ଯ୍ୟ କରିପାରିବ ନାହିଁ। ଏହି ଆଇନ ପ୍ରବର୍ତ୍ତନକାରୀ କେନ୍ଦ୍ରୀୟ ଅର୍ଥନୈତିକ ଗୋଇନ୍ଦା ସଂସ୍ଥାକୁ ଆଇନର ପରିସୀମା ଭିତରେ ରହି କାମ କରିବାକୁ ପଡ଼ିବ ବୋଲି ଗୁରୁବାର ସୁପ୍ରିମକୋର୍ଟ କଡ଼ା ଚେତାବନୀ ଦେଇଛନ୍ତି।

ସୁପ୍ରିମକୋର୍ଟ ୨୦୨୨ ଜୁଲାଇରେ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ଅଧୀନରେ ଇଡିର କ୍ଷମତାକୁ ବଳବତ୍ତର ରଖିଥିଲେ। ଆବେଦନକାରୀ ବିଜୟ ମଦନଲାଲ ଚୌଧରୀ ଏହାର ପୁନର୍ବିଚାର ପାଇଁ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇ ଇଡିର ଗିରଫଦାରି, ତଲାସି ଓ ବାଜ୍ୟାପ୍ତି କ୍ଷମତାର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଉଜ୍ଜ୍ୱଳ ଭୂୟାଁ ଏବଂ ଏନ୍. କୋଟିଶ୍ୱର ସିଂ ଗୁରୁବାର ବିଜୟଙ୍କ ରିଭ୍ୟୁ ପିଟିଶନର ଶୁଣାଣି ଆରମ୍ଭ କରିଛନ୍ତି। ଶୁଣାଣି ବେଳେ ଜଷ୍ଟିସ୍ ଭୂୟାଁ ଏଜେନ୍ସିର ପ୍ରଦର୍ଶନକୁ ନେଇ ଚିନ୍ତାବ୍ୟକ୍ତ କରିବା ସହ କହିଛନ୍ତି, ଇଡି ଗତ ୫ ବର୍ଷରେ ପ୍ରାୟ ୫,୦୦୦ ଏନ୍‌ଫୋର୍ସମେଣ୍ଟ କେସ୍ ଇନ୍‌ଫର୍ମେଶନ୍ ରିପୋର୍ଟ (ଇସିଆଇଆର୍) ରୁଜୁ କରିଥିବାବେଳେ ଦଣ୍ଡବିଧାନ ହାର ୧୦%ରୁ କମ୍ ରହିଥିବା ସେ ନିଜର ଏକ ପୂର୍ବ ରାୟରେ ଜାଣିବାକୁ ପାଇଛନ୍ତି। ଇଡିର ଭାବମୂର୍ତ୍ତିକୁ ନେଇ ମଧ୍ୟ ସୁପ୍ରିମକୋର୍ଟ ଚିନ୍ତିତ। ଯଦି ଲୋକେ ୫ରୁ ୬ ବର୍ଷ ଧରି ଜେଲରେ ରହିବା ପରେ ଦୋଷମୁକ୍ତ ହେଉଛନ୍ତି, ତେବେ ଏହାର ଉତ୍ତରଦାୟିତ୍ୱ କିଏ ନେଉଛି ବୋଲି ଜଷ୍ଟିସ୍ ଭୂୟାଁ ପ୍ରଶ୍ନ କରିଛନ୍ତି।

ଇଡି ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ (ଏଏସ୍‌ଜି) ଏସ୍.ଭି. ରାଜୁ ଯୁକ୍ତି ବାଢ଼ିଥିଲେ, ଆବେଦନକାରୀଙ୍କ ରିଭ୍ୟୁ ପିଟିଶନ ଶୁଣାଣିଯୋଗ୍ୟ ନୁହେଁ। ବାସ୍ତବରେ ଏହା ହେଉଛି ପୂର୍ବ ରାୟ ବିରୋଧରେ 'ଛଦ୍ମ ଅପିଲ'। ପ୍ରଭାବଶାଳୀ ଗୁଣ୍ଡାମାନେ ତଦନ୍ତକୁ ବିଳମ୍ବିତ କରିବା ପାଇଁ ଅନେକ ପିଟିଶନ ଦାଖଲ କରିବା ସହ ଆଇନ ବ୍ୟବସ୍ଥାରେ ଏପଟସେପଟ କରିଥାଆନ୍ତି। ଫଳରେ ଇଡି ଅଫିସରମାନେ ତଦନ୍ତ କରିବା ପରିବର୍ତ୍ତେ କୋର୍ଟରେ ହାଜିରା ଦେବାକୁ ବାଧ୍ୟ ହୁଅନ୍ତି। ଏଏସ୍‌ଜି ରାଜୁ ଇଡି ସପକ୍ଷରେ ଆହୁରି କହିଥିଲେ, ଯେତେବେଳେ ପ୍ରଭାବଶାଳୀ ଅଭିଯୁକ୍ତମାନେ ଭାରତରୁ କେମ୍ୟାନ୍ ଆଇଲାଣ୍ଡ ଭଳି ବିଦେଶୀ ଜୁରିସ୍‌ଡିକ୍ସନକୁ ଫେରାର ହୁଅନ୍ତି, ଏଜେନ୍ସି କର୍ତ୍ତବ୍ୟଶୂନ୍ୟ ହୋଇଯାଏ। ସୁପ୍ରିମକୋର୍ଟ ୨୦୧୯ରେ ପିଏମ୍‌ଏଲ୍‌ଏର ସାମ୍ବିଧାନିକ ବୈଧତାକୁ ବଳବତ୍ତର ରଖିସାରିଛନ୍ତି ବୋଲି ଅଦାଲତଙ୍କୁ ଏଏସ୍‌ଜି ସ୍ମରଣ କରାଇଥିଲେ। ତେବେ ୩ ଜଣିଆ ଖଣ୍ଡପୀଠ ଇଡିର ଆଚରଣ ଓ ପାରଦର୍ଶିତାକୁ ଗୁରୁତ୍ୱ ଦେଇ 'ଗୁଣ୍ଡା' ଶବ୍ଦ ବ୍ୟବହାର କରିବା ସହ ଭର୍ତ୍ସନା କରିଛନ୍ତି। ଏଥିସହ ଆସନ୍ତା ସପ୍ତାହରେ ଏ ସଂକ୍ରାନ୍ତ ରିଭ୍ୟୁ ପିଟିଶନଗୁଡ଼ିକର ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି।

**ଆଜିଠୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ୫ ଜିଲା ଗସ୍ତ**

ଭୁବନେଶ୍ୱର, ୭।୮ (ସୁନିତ୍ ମିଶ୍ର): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁକ୍ରବାରଠାରୁ ୫ ଦିନ ପର୍ଯ୍ୟନ୍ତ ୫ ଜିଲା(କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର ଓ ସୋନପୁର) ଗସ୍ତ କରିବେ। ପରିଡ଼ା କୋଟିଆ ଗସ୍ତକରି ସେହି ଅଞ୍ଚଳର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସହ ସୁଭଦ୍ରା ଯୋଜନାର ସମୀକ୍ଷା କରିବେ। ଏହାସହ ଶନିବାର ତଥା ରାଖୀ ପୂର୍ଣ୍ଣିମା ଅବସରରେ କୋରାପୁଟରେ ଆୟୋଜିତ ସୁଭଦ୍ରା ୩ୟ କିସ୍ତି ପ୍ରଦାନ ସମାରୋହରେ ଯୋଗଦେବେ। ଉପମୁଖ୍ୟମନ୍ତ୍ରୀ ୫ ଜିଲାରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନାଗୁଡିକର ସମୀକ୍ଷା କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଖଣ୍ଡପଡ଼ା ରାଜା ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ ପରଲୋକ

## ପୂର୍ବରୁ ବିଧାନସଭା ଉପବାଚସ୍ପତି ଥିଲେ



ଖଣ୍ଡପଡ଼ା,୭।୮ (ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ଗଡ଼ ରାଜା, ପ୍ରାକ୍ତନ ଉପବାଚସ୍ପତି ତଥା ପୂର୍ବତନ ମନ୍ତ୍ରୀ ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ ବୁଧବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୭୦ବର୍ଷ ହୋଇଥିଲା। ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ସେ ଗତ ୧୫ଦିନ ହେବ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଏହି ଖବର ଜଣାପଡ଼ିବା ପରେ ଖଣ୍ଡପଡ଼ାରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଖଣ୍ଡପଡ଼ା ରାଜ ନଅରରେ ତାଙ୍କ ମୃତଦେହ ଲୋକମାନଙ୍କ ଦର୍ଶନ ପାଇଁ ରଖାଯାଇଛି। ଶୁକ୍ରବାର ଖଣ୍ଡପଡ଼ା ଉମାଦେବୀ ପୀଠ ନିକଟସ୍ଥ ରାଜ ପରିବାର ପାଇଁ ଉଦ୍ଦିଷ୍ଟ ଶ୍ମଶାନଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ସୂଚନା ମିଳିଛି।

ସ୍ୱର୍ଗତ ମର୍ଦ୍ଦରାଜ ୧୯୫୫ ଜାନୁଆରୀ ୪ରେ ଖଣ୍ଡପଡ଼ା ରାଜ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ରାୟପୁରରୁ ସ୍କୁଲ ଓ କଲେଜ ଶିକ୍ଷା ଶେଷ ପରେ ଖଣ୍ଡପଡ଼ା ଫେରିଥିଲେ। ଖଣ୍ଡପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରୁ ସେ ୧୯୮୦ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ। ଏହାପରେ ସେ ଭାରତୀୟ ଜାତୀୟ କଂଗ୍ରେସରେ ସାମିଲ ହୋଇଥିଲେ। ୧୯୮୫ରେ କଂଗ୍ରେସ ଟିକେଟ୍‌ରୁ ଜିତି ସେ ୧୯୮୯ରେ ହେମାନନ୍ଦ ବିଶ୍ୱାଳଙ୍କ ମନ୍ତ୍ରିମଣ୍ଡଳରେ ପର୍ଯ୍ୟଟନ ମନ୍ତ୍ରୀ ହୋଇଥିଲେ।୧୯୯୫ରେ କଂଗ୍ରେସ ଟିକେଟ୍‌ରୁ ବିଧାୟକ ଭାବେ ନିର୍ବାଚିତ ହେବା ପରେ ସେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ହୋଇଥିଲେ।

# ମ୍ୟାଲେରିଆରେ ଛାତ୍ରୀଙ୍କ ମୃତ୍ୟୁ

ରାୟଗଡ଼ା,୭।୮(ଆଶିଷ ରଞ୍ଜନ ପଣ୍ଡା)

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଦ୍ୱାରା ପରିଚାଳିତ ଆବାସିକ ସ୍କୁଲରେ ଜଣେ ଦଶମ ଶ୍ରେଣୀର ଛାତ୍ରୀ ମ୍ୟାଲେରିଆରେ ଗୁରୁବାର ପ୍ରାଣ ହରାଇଛନ୍ତି। ସେ ହେଲେ ରାୟଗଡ଼ା ଜିଲା ଶେଷଖାଲ ଥାନା ଅନ୍ତର୍ଗତ ଜାଙ୍ଗିଡ଼ି ଗ୍ରାମର ପିଙ୍କି ନାଚିକା। ପିଙ୍କି ମାଟିକଣା ଉଚ୍ଚ ବିଦ୍ୟାଳୟ ହଷ୍ଟେଲରେ ରହି ପାଠ ପଢୁଥିଲେ। ଗତ ୪ ତାରିଖରେ ପିଙ୍କିଙ୍କୁ ଜ୍ୱର ହୋଇଥିଲା। ରକ୍ତ ପରୀକ୍ଷାରୁ ସେ ମ୍ୟାଲେରିଆରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ମାଟିକଣାସ୍ଥିତ ସବ୍‌ସେଣ୍ଟରର ଚିକିତ୍ସା କରାଇବା ସହ ହଷ୍ଟେଲରେ ମଧ୍ୟ ଚିକିତ୍ସା ଜାରି ରଖିଥିଲେ। ଖବର ପାଇ ୫ ତାରିଖରେ ପିଙ୍କିଙ୍କ ଭାଇ ଆସି ତାଙ୍କୁ ଘରକୁ ନେଇଯାଇଥିଲେ। ହସ୍ପିଟାଲ ପରିବର୍ତ୍ତେ ଘରେ ହିଁ ତାଙ୍କୁ ଚିକିତ୍ସା କରାଯାଇଥିଲା। ଗୁରୁବାର ଘରେ ପିଙ୍କିଙ୍କ ମୃତ୍ୟୁ ଘଟିଛି। ତେବେ ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ପିଙ୍କିଙ୍କ ମୃତ୍ୟୁ ହୋଇଥିବା ତାଙ୍କ ବାପା ଶଙ୍କର ନାଚିକା ଅଭିଯୋଗ କରିବା ସହ ତଦନ୍ତ ଦାବି କରିଛନ୍ତି। ସ୍କୁଲ କର୍ତ୍ତୃପକ୍ଷ ଚାହିଁଥିଲେ ତାକୁ ଠିକଣା ସମୟରେ ଚିକିତ୍ସା କରାଇ ପାରିଥାନ୍ତେ ବୋଲି ନାଚିକା କହିଛନ୍ତି। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ ଅସୀମା କହିଛନ୍ତି, ପିଙ୍କିଙ୍କୁ ଗ୍ରାମରେ ଦେଶୀ ଚିକିତ୍ସା କରାଯିବାରୁ ଏଭଳି ସ୍ଥିତି ହେଲା।




# ଅଦାଲତ ଅବମାନନା ମାମଲା ତଥ୍ୟ ଦିଅ

## ୨ ସଚିବଙ୍କୁ ମନ୍ତ୍ରୀଙ୍କ କଡ଼ା ନିର୍ଦ୍ଦେଶ

ଭୁବନେଶ୍ୱର,୭।୮ (ରବିନାରାୟଣ ଜେନା)

ଅଦାଲତ ଅବମାନନା ବୋଝ ଏବେ ସମବାୟ ବିଭାଗ ଏବଂ ହସ୍ତତନ୍ତ, ହସ୍ତଶିଳ୍ପ ଓ ବୟନଶିଳ୍ପ ବିଭାଗ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ସ୍ଥିତି ଏତେ ଅସହ୍ୟ ହୋଇଛି ଯେ, ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଛି। ପ୍ରସଙ୍ଗର ଗୁରୁତ୍ୱକୁ ନେଇ ଜୁଲାଇ ୧୮ରେ ବିଭାଗୀୟ ମନ୍ତ୍ରୀ ବଳସାମନ୍ତ ସମ୍ପୃକ୍ତ ବିଭାଗର ସଚିବଙ୍କୁ ପତ୍ର ଲେଖି ତୁରନ୍ତ ପଦକ୍ଷେପ ନେବାକୁ ଦର୍ଶାଇଛନ୍ତି। ମନ୍ତ୍ରୀ ଲେଖିଥିବା ବ୍ୟକ୍ତିଗତ ନୋଟ୍‌ଶିଟ୍‌ରେ ଦର୍ଶାଇଛନ୍ତି ଯେ, ବିଭିନ୍ନ ଅଦାଲତରେ ଚାଲୁଥିବା ନ୍ୟାୟିକ ମାମଲାର ତ୍ୱରିତ୍ ବିଚାର ଲାଗି ସରକାରଙ୍କ ପକ୍ଷରୁ ଆଇନଜୀବୀ ସହିତ ଲିଗାଲ ସେଲ୍ ରହିଛି। ହେଲେ ଠିକଣା ସମୟରେ ମାମଲାର ପରିଚାଳନା ବେଳେ ସରକାରଙ୍କ ପକ୍ଷରୁ ଯେଭଳି ଭାବେ ସତ୍ୟପାଠ କିମ୍ବା ଜବାବ ପ୍ରଦାନ କରାଯିବା କଥା ତାହା କରାଯାଉ ନାହିଁ। ଏହିସବୁ କାର୍ଯ୍ୟରେ ଅହେତୁକ ବିଳମ୍ବ ପାଇଁ ଅଯଥାରେ ଅଦାଲତ ଅବମାନନା ବୋଝ ସରକାରଙ୍କ ଉପରେ ଲଦି ହୋଇଯାଉଛି। ସରକାରଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରୁଛି। ଏହାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଲିଗାଲ ଅଧିକାରୀ ଯେଭଳି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାଉଣ୍ଟର ଆଫିଡାଭିଟ୍ ଏବଂ ଅନ୍ୟାନ୍ୟ ତଥ୍ୟ ଅଦାଲତକୁ ପ୍ରଦାନ କରିବେ ସେଦିଗରେ ପଦକ୍ଷେପ ଗ୍ରହଣ କର। ଗୋଟିଏ ସପ୍ତାହ ମଧ୍ୟରେ କେତେ ମାମଲା ରହିଛି ତା'ର ପୂର୍ଣ୍ଣାଙ୍ଗ ବିବରଣୀ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ୧୫ଦିନ ପରେ ସରକାରଙ୍କୁ ସମବାୟ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଚଳିତମାସ ୨ରେ ରାଜ୍ୟ ସମବାୟ ନିବନ୍ଧକଙ୍କ ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁଯାୟୀ, ସମବାୟ ବିଭାଗ ମୁଣ୍ଡରେ ଏବେ ୫୨୪୨ଟି ମାମଲା ରହିଛି। ସେଥିମଧ୍ୟରୁ ସର୍ବୋଚ୍ଚ ନ୍ୟାୟାଳୟରେ ୧୩ଟି ମାମଲା ରହିଛି, ଯାହାକି ସୁପ୍ରିମକୋର୍ଟଙ୍କ ଏଓଆରଙ୍କ ନିକଟରେ ପେଣ୍ଡିଂ ରହିଛି। ସେହିପରି ଓଡ଼ିଶା ହାଇକୋର୍ଟରେ ୪୯୮୦ଟି ଡବ୍ଲ୍ୟୁପି(ସି)ମାମଲା ମଧ୍ୟରୁ ୪୯୨୭ଟି ଇନ୍‌ଷ୍ଟ୍ରକଶନ ଦିଆଯାଇଥିବାବେଳେ ୫୩ଟିର ଦିଆଯାଇନାହିଁ। ଅନୁରୂପ ଭାବେ ଓଡ଼ିଶା ହାଇକୋର୍ଟରେ ୨୪୯ଟି ଡବ୍ଲ୍ୟୁପିସି(ଓଏ) ମାମଲା ରହିଥିବାବେଳେ ସେଥିମଧ୍ୟରୁ ୨୧୫ଟିର ଇନ୍‌ଷ୍ଟ୍ରକସନ ଦିଆଯାଇଛି ଏବଂ ୩୪ଟି ପେଣ୍ଡିଂ ରହିଥିବା ନିବନ୍ଧକ ଦର୍ଶାଇଛନ୍ତି।

# ହାଇୱା ଚକା ତଳେ ଚାପିହୋଇ ବାପ, ଝିଅ ମୃତ

କୁଜଙ୍ଗ, ୭।୮(ମନୋଜ ପ୍ରଧାନ)

କଟକ-ପାରାଦୀପ ରାଜ୍ୟ ରାଜପଥର କୋଠିଆସାହି ଗଡା ନିକଟରେ ଗୁରୁବାର ଅପରାହ୍ନରେ ହାଇୱା ଚକା ତଳେ ଚାପି ହୋଇଯିବାରୁ ବାପ, ଝିଅଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଷଣ୍ଢପୁର ଗ୍ରାମର ରାଜକିଶୋର ବିଶ୍ୱାଳ(୪୨) ଓ ତାଙ୍କ ଝିଅ ଲୋରି (୯)। ଲୋରି ପାରାଦୀପସ୍ଥିତ ଆଇଓସିଏଲ ଡିଏଭି ପବ୍ଲିକ ସ୍କୁଲର ତୃତୀୟ ଶ୍ରେଣୀର ଛାତ୍ରୀ। ରାଜକିଶୋର ସବୁଦିନ ପରି ଅପରାହ୍ନରେ ଲୋରିଙ୍କୁ ବିଦ୍ୟାଳୟରୁ ଆଣି ବାଇକ୍‌ରେ ଘରକୁ ଫେରୁଥିଲେ। ଘରଠାରୁ ମାତ୍ର ୧୦୦ ମିଟର ଦୂର କୋଠିଆସାହି ଗଡା ନିକଟରେ କଟକରୁ ବଜ୍ରି ବୋଝେଇ କରି ପାରାଦୀପ ଅଭିମୁଖେ ଆସୁଥିବା ଏକ ହାଇୱା ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ରାଜକିଶୋର ଓ ଲୋରି ବାଇକ୍ ସହ ହାଇୱା ତଳେ ଚାପି ହୋଇଯାଇଥିଲେ। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତା ଅବରୋଧ ହଟିଥିଲା।

# ୧୫ ସୁଦ୍ଧା ୨୫ଲକ୍ଷ ଚାଷୀ ପଞ୍ଜୀକରଣ କର

## ଅଧିକାରୀଙ୍କୁ କୃଷି ସଚିବଙ୍କ ୧୦ଦିନିଆ କଣ୍ଟ

ଭୁବନେଶ୍ୱର,୭।୮(ରବିନାରାୟଣ ଜେନା)

ରାଜ୍ୟରେ ଚାଷୀ ପଞ୍ଜୀକରଣ ଜାନୁଆରୀରୁ ଆରମ୍ଭ ହେଲାଣି। ହେଲେ ଏପର୍ଯ୍ୟନ୍ତ ୨୫ଲକ୍ଷ ଛୁଇଁପାରିଲା ନାହିଁ। ହେଲେ ୧୦ଦିନ ମଧ୍ୟରେ ଯେପରି ଚାଷୀ ପଞ୍ଜୀକରଣ ସଂଖ୍ୟା ୨୫ଲକ୍ଷକୁ ଛୁଇଁବ ସେଦିଗରେ ଦ୍ରୁତ ପଦକ୍ଷେପ ଗ୍ରହଣ କରିବା ଲାଗି କୃଷି ବିଭାଗ ପ୍ରମୁଖ ସଚିବ ଡ. ଅରବିନ୍ଦ ପାଢ଼ୀ ସମବାୟ ବିଭାଗ ସଚିବ ଏବଂ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କ୍ଷେତ୍ରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତମାସ ୪ରେ ଡ. ପାଢ଼ୀ ବିଭାଗୀୟ ସମୀକ୍ଷା ଅବସରରେ ଚାଷୀ ପଞ୍ଜୀକରଣ ହ୍ରାସ୍ ନେଇ ଅସନ୍ତୋଷ ବ୍ୟକ୍ତ କରିଥିବା ଜଣାଯାଇଛି। ଏହି ପରିପ୍ରେକ୍ଷୀରେ କୃଷି ନିର୍ଦ୍ଦେଶକ ଶୁଭମ୍ ସକ୍ସେନା ଚାଷୀ ପଞ୍ଜୀକରଣର ଏକ ରିପୋର୍ଟକୁ ଆଧାର କରି ରାଜ୍ୟର ସମସ୍ତ ଜିଲା କୃଷି ଅଧିକାରୀଙ୍କୁ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ୭ମାସ ହେଲାଣି ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଥିଲେ ହେଁ ଅଧିକାଂଶ ଗ୍ରାମରେ ତାହା ହୋଇନାହିଁ। ଜୁଲାଇ ୧୪ ସୁଦ୍ଧା ୯୪୪୨ ଗ୍ରାମରେ ଜଣେ ହେଲେ ବି ଚାଷୀ ପଞ୍ଜୀକରଣ କରିନାହାନ୍ତି। ସେହିପରି ୨୦ହଜାର ୧୦୦ ଗ୍ରାମରେ ୧ରୁ ୧୦ଜଣ ମଧ୍ୟରେ ଚାଷୀ ପଞ୍ଜୀକରଣ କରିଛନ୍ତି। ଏହା ବିଭାଗର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତୁରନ୍ତ ଉକ୍ତ ଗ୍ରାମରେ କିଭଳି ଚାଷୀ ପଞ୍ଜୀକରଣ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବା ଲାଗି କୃଷି ନିର୍ଦ୍ଦେଶକ ତାଲିକା ସହ ଦର୍ଶାଇଛନ୍ତି।

SYNERGY
GROUP OF INSTITUTIONS
Since 1999 SYNERGY A Modern Day Gurukul
Celebrating 25 Glorious Years
Accredited by NBA, New Delhi
(Approved AICTE, New Delhi, Affiliated to BPUT, Odisha & Affiliated to SCTE&VT, Odisha)
Dhenkanal, (Dhenkanal Town)-759001 Bhubaneswar, Phulnakhara- 752101
ADMISSION OPEN
For Lateral Entry | B.Tech.| Diploma
Lateral Entry B.Tech (Both for Regular & Professionals)
Apply Now
Through the website synergyinstitute.net/admission
OUR ACADEMIC PARTNERS
coursera | futureskills prime (A MeitY - NASSCOM Digital Skilling Initiative) | campus connect (An Infosys Industry-Academia Partnership Program)
B.Tech. in Engineering
(Approved AICTE, New Delhi & Affiliated to BPUT, Odisha)
Computer Science & Engg. | Mechanical Engg
Electrical Engg | Civil Engg
Providing Professional Certificate Courses along with B.Tech Programs (Collaboration with COURSERA ).
Google IBM Meta INTUIT HubSpot salesforce
Diploma in Engineering
(Affiliated to SCTE&VT, Odisha)
Computer Science & Engg. | Mechanical Engg
Electrical Engg | Civil Engg | Mining Engg
B.Sc. NURSING
Approved by DMET, Health & Family Welfare Dept., Govt. of Odisha
B.Sc. (ALL HONS.)
(Recognised by Higher Education Department, Govt. of Odisha)
OUR RECRUITERS:
- Jindal Steel Power Limited
- TATA Steel
- KIA Motors
- Bajaj Motors
- TVS Motors
- Motherson's Polymer
- Radiant Appliances
- BEWL
- Royal Enfield
- Minda
- Shyam Metalics
- Ashokleyland
- Ceat Tyres
- Ambuja Cement.
- Gayatree Construction
- Dalmia Cement Ltd.
- Runguta Mines Ltd.
- JK Laxmi Cement
- Tareni Earth Movers
- Shakti Auto Components
Govt. Approved Course Fees
GOVT. SCHOLARSHIPS for the Meritorious / SC / ST / OBC / EWS Students.
We invite you to visit to our institute & discover our potentiality. SEEING IS BELIEVING
Contact Details DKL - 7978909283, 9337201611, 8093626591
BBSR - 9348352445, 9861575524, 9437169419



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସିପିଆଇଏମ୍ ଭୁବନେଶ୍ୱର ଆଞ୍ଚଳିକ କମିଟି ପକ୍ଷରୁ ନିର୍ବାଚନ କମିଶନଙ୍କୁ ଦାବିପତ୍ର , ସ୍ଥାନ: ଏଡିଏମ୍ ଅଫିସ୍ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ୟୁନିସେଫ୍ ପକ୍ଷରୁ ଜାତୀୟ କୃମିନାଶକ ଦିବସ ପାଳନ, ସ୍ଥାନ: ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ସଭାକକ୍ଷ, ସମୟ: ଅପରାହ୍ନ ୨ଟା ୩୦ ।

## କଟକ
- ଆଦିତ୍ୟ ଭାରତ ଓ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନ ଦ୍ୱାରା ଆୟୋଜିତ ୧୦ଟି ଓଡ଼ିଆ ଗଳ୍ପର ହିନ୍ଦୀ ରୂପାନ୍ତର ଓ ଚିତ୍ରରୂପ କାର୍ଯ୍ୟକ୍ରମ ରୂପକ, ସ୍ଥାନ: ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନ ପରିସର, ସମୟ: ସକାଳ ୯ଟା ୩୦ ।
- ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଡିଜି ଅଫିସ ଘେରାଉ ଓ ଶୋଭାଯାତ୍ରା, ସ୍ଥାନ: ମାତାମଠ, ସମୟ: ପୂର୍ବାହ୍ନ ୧୦ଟା।
- ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସିବିଏସ୍ଇ ବାସ୍କେଟ ବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସ, ସ୍ଥାନ: ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା ୩୦ ।

## ପୁରୀ
- ନିମାପଡ଼ା ଏନ୍‌ଏସିର ସାଧାରଣ କାଉନସିଲ ବୈଠକ, ସ୍ଥାନ: ଏନ୍‌ଏସି ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, କଚେରୀ ଛକ, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ଓଡ଼ିଶା ସ୍କୁଲ ଓ କଲେଜ ଶିକ୍ଷକ ସମନ୍ୱୟ ସଂଘର ପୁରୀ ଜିଲା ଶାଖା ପକ୍ଷରୁ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ଟା ।
- 'ଦି ବେଲ୍' ପକ୍ଷରୁ ଆମ ପାଇଁ ଆମେ କାର୍ଯ୍ୟକ୍ରମ, ସ୍ଥାନ: ଭାରତ ଯୋଗ କେନ୍ଦ୍ର, ବଳିଆପଣ୍ଡା, ସମୟ: ଅପରାହ୍ନ ୫ଟା।
- ମୋହନ ସୁନ୍ଦର ଗୋସ୍ୱାମୀଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ବାଲେଶ୍ୱର ଓଷ୍ଟା ପକ୍ଷରୁ ଶୋଭାଯାତ୍ରା ଓ ପ୍ରତିବାଦ ସଭା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ଭାଜପାର ପ୍ରସ୍ତୁତି ବୈଠକ, ସ୍ଥାନ: ଦଳୀୟ କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- କ୍ରାନ୍ତି ପତାକା ଉତ୍ତୋଳନ, ସ୍ଥାନ: ବିଦେଇପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ମିଡ଼ିଆ ସେନସିଟାଇଜେସନ ୱର୍କ୍ସସପ ଅନ୍ ମାସ ଡ୍ରଗ ଆଡମିନିଷ୍ଟ୍ରେସନ ୨୦୨୫-୨୬, ସ୍ଥାନ : କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନା ପରିସର କନ ଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ନିର୍ବାଚନ ସମ୍ପର୍କିତ ବିଏଲଓଙ୍କ ତାଲିମ ବୈଠକ, ସ୍ଥାନ: ହାଟଡ଼ିହୀ ବ୍ଲକ୍, ସମୟ : ପୂର୍ବାହ୍ନ ୧୧ ଟା।
- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଭଜନ ଏବଂ ନାମ ସଙ୍କୀର୍ତ୍ତନ, ସ୍ଥାନ : କଳିଙ୍ଗା, କାନପୁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା ୩୦ ।

## ମୟୂରଭଞ୍ଜ
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ:ପୂର୍ବାହ୍ନ ୧୧ଟା।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷା ହାଟ, ସ୍ଥାନ:କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସ ପାଳନ ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ:କଲ୍ୟାଣି ମହିଳା ସମିତି, ବାରିପଦା,ସମୟ:ଅପରାହ୍ନ ୨ଟା।

## ବ୍ରହ୍ମପୁର
- ଭାଷା ଆନ୍ଦୋଳନ ପକ୍ଷରୁ ଧାରଣା, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ସମୟ : ସକାଳ ୮ଟା।
- ସୁହାନି କ୍ରିଏଶନର ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନ: ପ୍ରକାଶମ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଆଇଜର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଆଇଜର କ୍ୟାମ୍ପସ, ସମୟ: ମଧ୍ୟାହ୍ନ ୧୨ଟା।

## କନ୍ଧମାଳ
- ସ୍ୱାଧୀନତା ଦିବସ ଉପଲକ୍ଷେ କୁଇଜ ପ୍ରତିଯୋଗିତା, ସ୍ଥାନ: ଟାଉନ ହଲ ସଭାଗୃହ ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ସବ୍ ଜୁନିୟର ୧୭ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା,ସ୍ଥାନ: ଢେଙ୍କାନାଳ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ,ସମୟ:ସକାଳ ୮ଟା।

## ଅନୁଗୋଳ
- ସାମୂହିକ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ : ସକାଳ ୭ଟା।
- ଫାଇଲାରିଆସିସ୍ ଉପରେ ମିଡିଆ ଆଡଭୋକେସ, ସ୍ଥାନ: ଅନୁଗୋଳ ସିଡିଏମ୍‌ଓଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଓ.ପି. ଜିନ୍ଦଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଦ୍ୱିତୀୟ ଦିବସ, ସ୍ଥାନ: ଅନୁଗୋଳ କଦମ ପଡିଆ, ସମୟ: ଅପରାହ୍ନ ୩ଟା।
- ଜିଲାପାଳଙ୍କ ଯୋଗାଣ ସମ୍ପର୍କିତ ଅନୁଧ୍ୟାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଯୋଗାଣ ବିଭାଗ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## କେନ୍ଦ୍ରାପଡ଼ା
- ଶ୍ରୀଜୀଉଙ୍କ ଝୁଲଣ ଯାତ୍ରା, ସ୍ଥାନ: ଶ୍ରୀ ବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ଶ୍ରୀ ଗୋପୀନାଥଜୀଉ ମନ୍ଦିର, ଓଲଡ଼ି, ଡେରାବିଶ, ସମୟ: ସନ୍ଧ୍ୟା ୬ ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଓସଙ୍ଗରା, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ବର ଲକ୍ଷ୍ମୀ ବ୍ରତ ସାମୁହିକ ପୂଜା, ସ୍ଥାନ:ଶ୍ରୀ ସତ୍ୟସାଇ ଆଧ୍ୟାତ୍ମିକ ଶିକ୍ଷା ଓ ସାମୁହିକ ସେବାକେନ୍ଦ୍ର ଓଡଗାଁ, ସମୟ: ସକାଳ ୮ଟା।
- ସ୍ମାଇଲ ନୟାଗଡ ପକ୍ଷରୁ ବୃକ୍ଷ ରୋପଣ, ସ୍ଥାନ: ନୟାଗଡ ସ୍ମାର୍ଟ ଶ୍ମଶାନ, ସମୟ: ସକାଳ ୮ଟା।
- ନାରୀ ନିର୍ଯ୍ୟାତନା ବୃଦ୍ଧି ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ର ପ୍ରତିବାଦ ନେଇ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଶୋଭାଯାତ୍ରା ଓ କୁଶ ପୁତ୍ତଳିକା ଦାହ, ସ୍ଥାନ: ନୟାଗଡ ସହର, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା
- ଭାରତୀୟ ମଜଦୁର ସଂଘ ପକ୍ଷରୁ ବୃକ୍ଷ ରୋପଣ, ସ୍ଥାନ: ଅମ୍ଲାଭଟା ଶିବ ମନ୍ଦିର ନିକଟ, ଜେକେପୁର, ସମୟ: ସକାଳ ୭ଟା ୩୦ ।

## ନବରଙ୍ଗପୁର
- ଜିଲାପାଳଙ୍କ ତେନ୍ତୁଲିଖୁଣ୍ଟି ବ୍ଲକ୍ ପରିଦର୍ଶନ ଓ ଉନ୍ନୟନ କାର୍ଯ୍ୟ ସମୀକ୍ଷା, ସ୍ଥାନ: ତେନ୍ତୁଲିଖୁଣ୍ଟି ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ସେମିଳିଗୁଡ଼ା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- କଲେଜର ୪୦ ତମ ବାର୍ଷିକ ଉତ୍ସବ, ସ୍ଥାନ: ସେମିଳିଗୁଡ଼ା କଲେଜ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ, କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ପ୍ରତିବାଦ ସଭା, ସ୍ଥାନ : କୋରାପୁଟ ଜିଲାପାଳଙ୍କ କାଯ୍ୟଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ଉପମୁଖ୍ୟମନ୍ତ୍ରୀଙ୍କ କୋଟିଆରେ ସମୀକ୍ଷା, ସ୍ଥାନ: କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା ୧୫।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆୟୋଜିତ ରାକ୍ଷୀ ବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ: ପଧାନପାଲି ନିକଟସ୍ଥ ପାୱାନ ସରୋବର, ସମୟ: ପୂର୍ବାହ୍ନ ୧୦ଟା।
- ସାମୂହିକ ଫାଇଲେରିଆ ଔଷଧ ସେବନ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ମୁଖ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା ୩୦।
- କେନ୍ସ କ୍ଲେଭିସ ଇଭି ଯାନର ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ପରଧିଆସ୍ଥିତ ସେଣ୍ଟଲ କିଆଁ, ସମୟ : ଅପରାହ୍ନ ୫ଟା।
- ଟାଟା ମୋଟର୍ସର ହେରାରି ଇଭି ଯାନର ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ : ପରଧିଆପାଲି ସ୍ଥିତ ଲଙ୍କେଶ୍ୱରୀ ମୋର୍ଟସେ ପରିସର, ସମୟ: ସନ୍ଧ୍ୟା ୬ଟା।
- ଝୁଲଣ ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ: ଝାଡୁଆପଡା ବ୍ରହ୍ମପୁରା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦ ।

## ବଲାଙ୍ଗୀର
- ଜଗନ୍ନାଥ ମନ୍ଦିରରେ ପାଟରାକ୍ଷୀ ସେବା, ସ୍ଥାନ: ଜଗନ୍ନାଥ ମନ୍ଦିର, ଜଗନ୍ନାଥପଡା, ବଲାଙ୍ଗୀର, ସମୟ: ୯ଟା ୩୦ ।

## ରାଉରକେଲା
- ଆନ୍ତଃ ବିଦ୍ୟାଳୟ ରଙ୍ଗୋଲି ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୪ ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୯ଟା।
- ବିଶ୍ୱ ଆଦିବାସୀ ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଖିରପାଣି, ସମୟ: ସକାଳ ୯ଟା।
- ଭାରତୀୟ ମଜଦୁର ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୪ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ଛାତ୍ରୀ ଓ ନାରୀ ନିର୍ଯ୍ୟାତନା ରୋକିବା ଉଦ୍ଦେଶ୍ୟରେ ଡିଆଇଜିଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ସେକ୍ଟର-୫, ଡିଆଇଜି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆମେ ଓଡ଼ିଆ ରାଉରକେଲା ଶାଖା ପକ୍ଷରୁ ରକ୍ଷାବନ୍ଧନ ପାଳନ, ସ୍ଥାନ: ଉଦିତନଗର ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ଶ୍ରାବଣ ଗୀତି କବିତା ଆସର, ସ୍ଥାନ: ନ୍ୟାଶନାଲ କ୍ଲବ, ପାୱାରହାଉସ୍ ରୋଡ୍, ସମୟ: ସନ୍ଧ୍ୟା ୬ଟା ୩୦ ।

## ସୁନ୍ଦରଗଡ଼
- ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ପାଳନ, ସ୍ଥାନ: ଓଡ଼ିଆ ଭାଷା ସାହିତ୍ୟ ବିଭାଗ, ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟ,ସମୟ: ସକାଳ ୧୦ଟା।

## ବରଗଡ଼
- ଜୈବ ବିବିଧତା ସଂରକ୍ଷଣ ଆଲୋଚନାଚକ୍ର, ସ୍ଥାନ: ଜନତା ସରକାରୀ ହାଇସ୍କୁଲ, ଭୁକ୍ତା, ଅମ୍ବାଭୋନା, ସମୟ: ମଧ୍ୟାହ୍ନ ୧୨ଟା।
- ଗଙ୍ଗାଧର ଜୟନ୍ତୀ ଅବସରରେ ପ୍ରତିଯୋଗିତା, ସ୍ଥାନ:ରାଣାପ୍ରତାପ ହାଇସ୍କୁଲ, ବରଗଡ଼, ସମୟ: ଅପରାହ୍ନ ୩ଟା।

## କଳାହାଣ୍ଡି
- ଏଚ୍‌ଆଇଭି ଏଡ୍‌ସ ଉପରେ ସଚେତନତା ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନାରୀ ସୁରକ୍ଷା ଉପରେ ବିଜେଡିର ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ, ସ୍ଥାନ: ଜୁନାଗଡ଼ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ଦେବଗଡ଼
- ଦେବଗଡ଼ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ଲୋକଙ୍କୁ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ଥିତି ସମ୍ପର୍କରେ ସଚେତନ ପାଇଁ ଦସ୍ତଖତ ଅଭିଯାନ, ସ୍ଥାନ: ଦେବଗଡ଼ ପୌରାଞ୍ଚଳର ବିଭିନ୍ନ ୱାର୍ଡ, ସମୟ: ସକାଳ ୯ଟା।
- ଅସୁରକ୍ଷିତ ଛାତ୍ରୀ, ମହିଳାଙ୍କୁ ସୁରକ୍ଷା ଏବଂ ଆଇନଶୃଙ୍ଖଳା ଦୃଢୀକରଣ ପାଇଁ ଦେବଗଡ଼ ଜିଲା ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଓ ଶୋଭାଯାତ୍ରା, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିରଠାରୁ ଜିଲା ମୁଖ୍ୟ ଆରକ୍ଷୀ କାର୍ଯ୍ୟାଳୟ: ସମୟ: ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁର ସହର ରାମେଶ୍ୱର ମନ୍ଦିରରେ ଜଳାଭିଷେକ, ସ୍ଥାନ:ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ବେଟି ପଢାଓ, ବେଟି ବଚାଓ ଅଭିଯାନର ଜିଲାସ୍ତରୀୟ ଏକତ୍ରୀକରଣ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଫାଇଲେରିଆ ନିରାକରଣ ଅଭିଯାନ ସଚେତନତା ବୈଠକ, ସ୍ଥାନ: ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଜିଲା ପ୍ରଶିକ୍ଷଣ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ହାଟ ଉଦ୍‌ଯାପନ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୫ଟା।
- ୧୬ ତମ ଚତୁର୍ବେଦ ଯଜ୍ଞ ଷଷ୍ଠ ଦିବସ, ସ୍ଥାନ: ନୂଆପଡା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଗୁରୁକୁଳ ହରିପୁର ଜୁନାନୀ, ସମୟ: ପ୍ରାତଃ ୫ଟା ୪୦ରୁ ସକାଳ ୮ଟା।
- ମଦର ଟେରେସା ସେବା ସଂଗଠନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ସମରସିଂ ଗାଁ, ସମୟ: ସକାଳ ୯ଟା।
- ଗୋପୁର ମହିମା ଆଶ୍ରମରେ ମହିମା ମହାପ୍ରଭୁଙ୍କ ବାର୍ଷିକ ନବାନ୍ନ ମହୋତ୍ସବ, ସ୍ଥାନ: ନୂଆପଡା ସଦର ବ୍ଲକ କାଦୋମେରି ପଞ୍ଚାୟତ ଗୋପପୁର ମହିମା ଆଶ୍ରମ, ସମୟ: ସନ୍ଧ୍ୟା ୬ଟା।
- ୧୬ତମ ରାଜା ଅନୁପ ସିଂଦେଓ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ରାଜା ଅର୍ଜ୍ଜୁନ ଉଚ୍ଚ ବିଦ୍ୟାଳୟ ଖେଳପଡିଆ ଖଡିଆଳ, ସମୟ: ଅପରାହ୍ନ ୪ଟା ୩୦ ।
- ଜିଲା ବିଜେଡି ପକ୍ଷରୁ ରାଲି ଓ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ପୋଲିସ ପଡିଆଠାରୁ ଏସ୍‌ପି କାର୍ଯ୍ୟାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା ୩୦ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବନ୍ଧୁଙ୍କ ସହଯୋଗରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟିକୁ ଆରମ୍ଭ ପାଇଁ ପଥ ପରିଷ୍କାର କରାଇବ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। କର୍ମକ୍ଷେତ୍ରରେ ଯତ୍‌ପରୋନାସ୍ତି ଟେନ୍‌ସନ କମିଯିବା ସକାଶେ ଚେଷ୍ଟା କରିବେ।

**ବୃଷ** ଆପଣଙ୍କ ସୁଚିନ୍ତିତ ମତାମତ ଓ ସମୟୋପଯୋଗୀ ପଦକ୍ଷେପ ଯୋଗୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ସମସ୍ୟାର ସମାଧାନ ଦିଗରେ ବନ୍ଧୁଙ୍କ ସହଯୋଗ ମିଳିବ। ଅସମ୍ପୂର୍ଣ୍ଣ କାମରୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବିଜାତୀୟ ବ୍ୟକ୍ତି ସାହାଯ୍ୟ କରିବେ। ଅନ୍ୟମନସ୍କତା କିମ୍ବା ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ।

**ମିଥୁନ** ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପାରୁ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳା ଯୋଗୁ ସୁଯୋଗ ହାତଛଡା ହୋଇଯାଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସ୍ଥିତି ଭଲ ରହିବା କଷ୍ଟକର ହେବ।

**କର୍କଟ** ରାଶ୍ୟାଧିପତିଙ୍କ ଶୁଭଦୃଷ୍ଟିରୁ ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମନ ଭଲ ରହିବ ନାହିଁ। କୌଣସି ବ୍ୟକ୍ତି ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ସିଂହ** ଶନି କ୍ଷେତ୍ରରେ ଚନ୍ଦ୍ର ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ନାସ୍ତିସୂଚକ ଚିନ୍ତାଧାରା ସୃଷ୍ଟି ହେବ। କେତେକେ କ୍ଷେତ୍ରରେ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବେ। ଫାଇଦା ହାସଲ ପାଇଁ ସହକର୍ମୀ ଫନ୍ଦିଫିକର କରିପାରନ୍ତି। ଆଜିର ଲକ୍ଷ୍ୟହୀନ ଯାତ୍ରା କିମ୍ବା ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାର ଆଶଙ୍କା ରହିଛି।

**କନ୍ୟା** କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଅଫିସ୍ କାମରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। କଠୋର ପରିଶ୍ରମ କିମ୍ବା କାମର ଚାପଜନିତ ଅନିଦ୍ରା ହେତୁକ ଜ୍ୱରାକ୍ରାନ୍ତ ହୋଇପାରନ୍ତି। ଦୀର୍ଘଦିନ ହେଲା ହଜିଯାଇଥିବା ଜିନିଷଟିର ସନ୍ଧାନ ବନ୍ଧୁଙ୍କ ଜରିଆରେ ଆଜି ପାଇଯିବେ।

**ତୁଳା** ଆଜିର ଦିନଟି ପ୍ରତ୍ୟେକ ଦିଗରୁ ଶୁଭପ୍ରଦ ରହିବା ସହ ମାନସିକ ଶାନ୍ତିଲାଭ କରିବେ। ବନ୍ଧୁଙ୍କ ଦ୍ୱାରା ଆମନ୍ତ୍ରିତ ହୋଇ କୌଣସି ପାର୍ଟିରେ ଯୋଗଦେଇପାରନ୍ତି। ଭୁଲ୍ ବୁଝାମଣା କାରଣକୁ ନେଇ ବ୍ୟବସାୟରେ ମାନମନାନ୍ତର ସୃଷ୍ଟିର ଆଶଙ୍କା ରହିଛି। କଚେରି ମାମଲାର ମନ୍ଥରତା ମନକଷ୍ଟର କାରଣ ହୋଇପାରେ।

**ବିଛା** କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ଲାଭକରି ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ। ମିତ୍ର, ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବାର ପ୍ରତିଶ୍ରୁତି ଦେଇପାରନ୍ତି। ଆନୁଷଙ୍ଗିକ ସୁବିଧା ଓ ସୁଯୋଗ ଲାଭକରି କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ପଡୋଶୀ ଈର୍ଷାନ୍ୱିତ ହୋଇ ଭିନ୍ନ ମନ୍ତବ୍ୟ ଦେଇପାରନ୍ତି।

**ଧନୁ** କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ଭଲ ସମ୍ପର୍କ ରହିଥିଲେ ମଧ୍ୟ ବନ୍ଧୁଙ୍କ ସଦ୍‌ଭାବ, ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ସହକର୍ମୀ କିମ୍ବା ପଡୋଶୀଙ୍କ ଔଚିତ୍ୟପୂର୍ଣ୍ଣ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ମକର** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବା ସହ ବନ୍ଧୁଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ଆନୁଷ୍ଠାନିକ କାମରେ ଅଗ୍ରଣୀ ଭୂମିକା ଗ୍ରହଣ କରି ପ୍ରଶଂସିତ ହେବେ। ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ପ୍ରଭାବରୁ ଉଚ୍ଚ ଆଶାରେ ସଫଳତା କରାଯାଇପାରେ। ଭୁଲ୍ ବୁଝାମଣାଜନିତ ପରିବାରରେ ଭଉଣୀ କିମ୍ବା ସ୍ତ୍ରୀ ଅଭିଯୋଗ କରିପାରନ୍ତି।

**କୁମ୍ଭ** ଛୋଟ ଛୋଟ ସମସ୍ୟା ରହିଥିଲେ ମଧ୍ୟ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। କଡା କଥା କିମ୍ବା ବିରକ୍ତିପୂର୍ଣ୍ଣ ବ୍ୟବହାର ସହକର୍ମୀଙ୍କ ମନରେ ଆଘାତ ଦେଇପାରେ। ଅଧିକାଂଶ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ଆଲୋଚନା ପରିସରରେ ସମ୍ପର୍କୀୟ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କଲେ ମନ୍ଦ ହେବନି।

**ମୀନ** କାର୍ଯ୍ୟଦକ୍ଷତା ହେତୁ କର୍ମକ୍ଷେତ୍ରରେ ସମ୍ମାନ ଓ ସହାନୁଭୂତିର ଅଭାବ ରହିବ ନାହିଁ। ପାରସ୍ପରିକ ମତଭେଦକୁ ନେଇ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। କାର୍ଯ୍ୟରେ ସଫଳତା ପାଇବେ। ଆନୁଷ୍ଠାନିକ କାମରେ ରେବତୀ ନକ୍ଷତ୍ର ଯେତେ ଭଲ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିବୁଲିବେ।

ଆଜି ଅଗଷ୍ଟ ୮ ତାରିଖ, ଶ୍ରାବଣ ଶୁକ୍ଳପକ୍ଷର ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା ଶୁକ୍ରବାର। ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ଶରଣଂ। ରାଶିନକ୍ଷତ୍ର- ଦିବା ଘ.୦୨।୨୭ ମି. ପର୍ଯ୍ୟନ୍ତ, ଉତ୍ତରାଷାଢା/ମକର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପୂର୍ଣ୍ଣିମାର ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୫।୨୮ ଗତେ, ଘ.୦୬।୧୯ ମଧ୍ୟେ, ଘ.୦୭।୧୦ ଗତେ, ଘ.୦୮।୪୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୬ ଗତେ, ଘ.୧୧।୫୨ ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ଜଷ୍ଟିସ୍ ବର୍ମାଙ୍କ ଆବେଦନ...

ଦତ୍ତା ଏବଂ ଏ.ଜି. ମସିହଙ୍କ ଖଣ୍ଡପୀଠ କହିଛନ୍ତି। ଜଷ୍ଟିସ୍ ବର୍ମା ଦିଲ୍ଲୀ ହାଇକୋର୍ଟ ବିଚାରପତି ଥିବାବେଳେ ଗତ ମାର୍ଚ୍ଚ ମାସରେ ତାଙ୍କ ସରକାରୀ ବାସଭବନ ପରିସରରେ ଥିବା ଏକ ଷ୍ଟୋର୍‌ରୁମ୍‌ରେ ନିଆଁ ଲାଗି ବହୁ ପରିମାଣର ଦରପୋଡ଼ା ଟଙ୍କା ମିଳିଥିଲା। ସେବେଠାରୁ ସେ ବିବାଦର କେନ୍ଦ୍ରବିନ୍ଦୁ ହୋଇ ରହିଛନ୍ତି। ତାଙ୍କ ବିରୋଧରେ ପାର୍ଲାମେଣ୍ଟରେ ମହାଭିଯୋଗ ଆଣିବା ପାଇଁ ମେ' ୮ରେ ତତ୍କାଳୀନ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ସୁପାରିସ୍ କରିଥିବାବେଳେ ଏହାକୁ ଖାରଜ କରାଯିବାକୁ ମଧ୍ୟ ବର୍ମା ଆବେଦନ କରିଥିଲେ। ତେବେ ଖଣ୍ଡପୀଠ କହିଛନ୍ତି, ତତ୍କାଳୀନ ସିଜେଆଇ ଏବଂ ଇନ୍-ହାଉସ୍ କମିଟି ଭିଡିଓ ଫୁଟେଜ୍ ଏବଂ ଫଟୋଗ୍ରାଫ୍ ଅପ୍‌ଲୋଡ୍ କରିବା ବ୍ୟତୀତ ଅନ୍ୟ ସମସ୍ତ ପ୍ରକ୍ରିୟା ଅତି ସାବଧାନତାର ସହ ଅନୁସରଣ କରିଛନ୍ତି। ପ୍ରକ୍ରିୟା ଅନୁଯାୟୀ, ନିଆଁଲିଭା ବେଳର ଫଟୋ ଓ ଭିଡିଓ ସୁପ୍ରିମକୋର୍ଟଙ୍କ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିବା ଆବଶ୍ୟକ ନ ଥିଲା ବୋଲି ମଧ୍ୟ ଖଣ୍ଡପୀଠ କହିଛନ୍ତି। ସେଥିରେ ଆଉ କିଛି କରାଯାଇପାରିବ ନାହିଁ, କାରଣ ସୁଯୋଗ ଥିଲାବେଳେ ଆପଣ ପ୍ରଶ୍ନ କରି ନ ଥିଲେ। ଏବେ ଆଉ କୌଣସି ଆଶ୍ୱସ୍ତି ପାଇଁ ଦାବି କରାଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ଦତ୍ତା ରାୟ ଶୁଣାଇଲା ବେଳେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଘ ବରଷା, ମାଆ ପରଷା,**
**ମାଘ ବରଷେ, ସୁନା ଖସେ,**
**ଚଷାର ମାଇପ ଖିଲିଖିଲି ହସେ।**

ମାଘ ମାସର ବର୍ଷା କୃଷି ବା ଚାଷ ପାଇଁ ଅନୁକୂଳ ହୋଇଥାଏ। ମାଆ ହାତ ପରଷା ମଧ୍ୟ ସନ୍ତାନମାନଙ୍କୁ ଅଧିକ ତୃପ୍ତି ପ୍ରଦାନ କରାଇଥାଏ। ମାଘ ମାସରେ ଭଲ ବର୍ଷା ହେଲେ ଅଧିକ ଅମଳ ହୋଇଥାଏ। ଫଳସ୍ୱରୂପ ଚାଷୀ ମୁହଁରେ ହସ ଫୁଟାଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ମାଛ ଯାକରେ ଫଳି,**
**ଟାପରା ଯାକରେ ଶାଳୀ।**

ସାଧାରଣତଃ ମାଛ ମଧ୍ୟରେ ଫଳି ମାଛ ଖାଇବାକୁ ଅତ୍ୟନ୍ତ ସୁଆଦିଆ ଲାଗିଥାଏ। ସେହିପରି ସ୍ତ୍ରୀଲୋକଙ୍କ ମଧ୍ୟରେ ଶାଳୀ ହିଁ ବେଶି ଆଦରଣୀୟା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ହସ୍ତତନ୍ତ ଓଡ଼ିଆ ଅସ୍ମିତାର...

ପାଇଁ ଓଡ଼ିଶା ହ୍ୟାଣ୍ଡଲୁମ୍‌ର ବ୍ରାଣ୍ଡ ଆମ୍ବାସାଡର ଘୋଷଣା କରିଥିଲେ। ମାଧୁରୀଙ୍କ ସକ୍ରିୟ ସହଯୋଗରେ ଓଡ଼ିଶା ହସ୍ତତନ୍ତରୁ ପ୍ରସ୍ତୁତ ପୋଷାକ ଦେଶ ବିଦେଶର ଫ୍ୟାଶନ ଜଗତରେ ପ୍ରତିଷ୍ଠା ଅର୍ଜନ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। ରାଜ୍ୟରେ ହସ୍ତତନ୍ତ କ୍ଷେତ୍ର ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ, ଓଡ଼ିଶାର ୩୦ ଜିଲାରେ ୧ ଲକ୍ଷ ୩୦ ହଜାରରୁ ଅଧିକ ବୁଣାକାର ଓ ସହାୟକ ଶ୍ରମିକ ହସ୍ତତନ୍ତ କ୍ଷେତ୍ରରେ ସିଧାସଳଖ ନିୟୋଜିତ ଅଛନ୍ତି। ପୂର୍ବ ଭାରତର ସର୍ବବୃହତ ଓଡ଼ିଶା ଟେକ୍ସଟାଇଲ କନ୍‌କ୍ଲେଭ୍‌ରେ ରାଜ୍ୟରେ ଟେକ୍ସଟାଇଲ ଶିଳ୍ପ ପ୍ରତିଷ୍ଠା ପାଇଁ ୭ ହଜାର ୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ସହ ୩୩ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି ଏବଂ ଏହା ମାଧ୍ୟମରେ ଟେକ୍ସଟାଇଲ କ୍ଷେତ୍ରରେ ୫୩ ହଜାର ୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବରଗଡ଼ ଓ କଟକରେ ଡାଇ ହାଉସ, ଗୋଦାମ, ଡିଜାଇନ ଷ୍ଟୁଡିଓ, ଗୁଣବତ୍ତା ନିୟନ୍ତ୍ରଣ ପରୀକ୍ଷାଗାର ଭଳି ସାଧାରଣ ସୁବିଧା ସହିତ ହସ୍ତତନ୍ତ ପାର୍କ ବିକଶିତ କରାଯାଉଛି। ଉତ୍କର୍ଷ ଏବଂ ନବସୃଜନ ପାଇଁ ଓଡ଼ିଶାର ୪୦ରୁ ଅଧିକ ମାଷ୍ଟର ବୁଣାକାରଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପରେ ମୁଖ୍ୟମନ୍ତ୍ରୀ ରାଜ୍ୟର ହସ୍ତତନ୍ତ ବୁଣାକାରମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଏଥିସହ ହସ୍ତତନ୍ତ ଦିବସର ମାସ୍କଟ 'ରେଶା' ଏବଂ ହସ୍ତତନ୍ତ ଶିଳ୍ପ ଉପରେ ଆଧାରିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ଉନ୍ମୋଚନ କରିଥିଲେ।

ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ବଲିଉଡ୍ ଅଭିନେତ୍ରୀ ତଥା ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସାଡର ମାଧୁରୀ ଦୀକ୍ଷିତ କହିଲେ, ଏହି ଶିଳ୍ପ କେବଳ ବସ୍ତ୍ର ନୁହେଁ, ପ୍ରତ୍ୟେକ ଓଡ଼ିଆର ପରିଚୟ ଏବଂ ଏହା ହିଁ ଓଡ଼ିଆ ଅସ୍ମିତା। ହସ୍ତତନ୍ତ କେବଳ ଜୀବିକା ନୁହେଁ, ଏହା ହେଉଛି ଆମ ସଂସ୍କୃତି ଓ ଆମ ଜୀବନଶୈଳୀର ଏକ ଅଭିନ୍ନ ଅଙ୍ଗ ବୋଲି ସେ କହିଥିଲେ। ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଲେ, ବୟନ ଶିଳ୍ପକୁ ଏକ ଆଧୁନିକ ବଜାର-ଚାହିଦାଭିତ୍ତିକ ଉତ୍ପାଦରେ ପରିଣତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ଶ୍ରମିକ ସମ୍ମାନ ଯୋଜନା, ହସ୍ତତନ୍ତ ଶିଳ୍ପୀ ସମ୍ପ୍ରସାରଣ ନୀତି ଏବଂ ବିଭିନ୍ନ ଶିଳ୍ପ ମେଳା ଓ ଅନୁଦାନ ଯୋଜନା ମାଧ୍ୟମରେ ହସ୍ତତନ୍ତ ଶିଳ୍ପୀଙ୍କ ଉନ୍ନତି ସୁନିଶ୍ଚିତ କରାଯାଇଛି। ରାଜ୍ୟର ନୂଆ ପିଢିକୁ ଆହ୍ୱାନ ଦେଇ ସେ କହିଲେ, ଆମ ଓଡ଼ିଶାର ହସ୍ତତନ୍ତ ପୋଷାକ ପିନ୍ଧନ୍ତୁ, ଶିଳ୍ପୀଙ୍କୁ ସମ୍ମାନ କରନ୍ତୁ, ସ୍ୱଦେଶୀ ଉତ୍ପାଦନକୁ ଗ୍ରହଣ କରନ୍ତୁ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବିଭାଗୀୟ ନିର୍ଦ୍ଦେଶକ ପ୍ରେମଚାନ୍ଦ ଚୌଧାରୀ ଧନ୍ୟବାଦ ଦେଇଥିଲେ। ଏହି ମେଳା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଖୁବ୍‌ଶୀଘ୍ର ଭାରତ...

ରାଜି ନ ହେଲେ ମସ୍କୋରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ସମ୍ଭାବ୍ୟ ଦ୍ୱିତୀୟ କଟକଣା ଲଗାଇବାକୁ ଟ୍ରମ୍ପ ଧମକ ଦେଇଥିଲେ। ପୁଟିନ୍‌ଙ୍କ ସହ ଟ୍ରମ୍ପଙ୍କର ଖୁବ୍‌ଶୀଘ୍ର ବୈଠକ ହେବାକୁ ଯାଉଥିବା କ୍ରେମ୍‌ଲିନ୍ ଗୁରୁବାର ସ୍ପଷ୍ଟ କରିଛି। ଏହା ପୂର୍ବରୁ ଟ୍ରମ୍ପଙ୍କ ଆଭିମୁଖ୍ୟକୁ କ୍ରେମ୍‌ଲିନ୍ ସମାଲୋଚନା କରିବା ସହ ବାଣିଜ୍ୟ ନିଷ୍ପତ୍ତିରେ ଭାରତର ସ୍ୱାଧୀନତାକୁ ସମର୍ଥନ ଜଣାଇଥିଲା। ସାର୍ବଭୌମ ରାଷ୍ଟ୍ରଗୁଡ଼ିକର ନିଜସ୍ୱ ବାଣିଜ୍ୟ ସହଯୋଗୀ ବାଛିବା ଅଧିକାର ରହିଛି ବୋଲି କ୍ରେମ୍‌ଲିନ୍ ମୁଖପାତ୍ର ଡ଼ିମିତ୍ରି ପେସ୍କୋଭ୍ କହିଥିଲେ। ରୁଷିଆ ସହ ବାଣିଜ୍ୟିକ ସମ୍ପର୍କ ଛିନ୍ନ କରିବା ପାଇଁ ବିଭିନ୍ନ ଦେଶ ଉପରେ ଚାପ ପକାଇବା ଉଦ୍ୟମ ବେଆଇନ ବୋଲି ସେ ଦର୍ଶାଇଥିଲେ।

## ଲାଗୁହେଲା ଟ୍ରମ୍ପ୍ ଟାରିଫ୍...

କୋରିଆ ସାମଗ୍ରୀ ଉପରେ ୧୫% ଟାରିଫ୍ କଷିଥିବାବେଳେ ଲାଓସ୍ ଏବଂ ମ୍ୟାନ୍‌ମାର ପାଇଁ ୪୦% ଲେଖାଏ, ପାକିସ୍ତାନ ଉପରେ ୧୯%, ଶ୍ରୀଲଙ୍କା ଲାଗି ୨୦% ଓ ବ୍ରିଟିଶ୍ ସାମଗ୍ରୀଗୁଡ଼ିକ ଉପରେ ୧୦% ଆମଦାନୀ ଶୁଳ୍କ ଲଗାଇଛନ୍ତି। ସେହିପରି ୟୁରୋପୀୟ ସଂଘ (ଇୟୁ) ଉପରେ ୧୦% କିମ୍ବା ତଦୂର୍ଦ୍ଧ୍ୱ ଟିକସ ଲଗାଇଛନ୍ତି। ତାଇୱାନ୍, ଭିଏତ୍‌ନାମ ଓ ବାଂଲାଦେଶ କ୍ଷେତ୍ରରେ ୨୦% ଟାରିଫ୍ ରହିଛି। ଥାଇଲାଣ୍ଡ ଓ କାମ୍ବୋଡିଆ ପାଇଁ ୩୬%, ଇଣ୍ଡୋନେସିଆ ଲାଗି ୩୨% ଟିକସ ଲାଗୁ ହୋଇଛି।

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠାରୁ ଭାରତ ମସ୍କୋଠାରୁ ବିପୁଳ ପରିମାଣର ଅଶୋଧିତ ତୈଳ କିଣିବାରେ ଲାଗିଛି। ଏତିକି ନୁହେଁ, ଭାରତ ସେହି ତୈଳକୁ ଶୋଧନ କରି ଅନ୍ୟ ରାଷ୍ଟ୍ରଗୁଡ଼ିକୁ ବିକ୍ରି କରିବା ସହ ବଡ଼ ଲାଭ ପାଉଥିବାରୁ ଟ୍ରମ୍ପ ଭାରତର ଏହି ବାଣିଜ୍ୟିକ କାରବାରକୁ ରୁଷିଆର ୟୁକ୍ରେନ୍ ଯୁଦ୍ଧ ପାଇଁ ଇନ୍ଧନ ବୋଲି ଅଭିହିତ କରିଛନ୍ତି। ଏହି ଦୃଷ୍ଟିରୁ ସେ ଜରିମାନା ଆକାରରେ ଅତିରିକ୍ତ ୨୫% ଟାରିଫ୍ ଲଗାଇଛନ୍ତି। ଭାରତ ଉପରେ ଟ୍ରମ୍ପ ଲଗାଇଥିବା ଟାରିଫ୍ ଯୋଗୁ ଦେଶର ଚମଡ଼ା, କେମିକାଲ, ଜୋତା, ମୁକ୍ତା ଓ ଅଳଙ୍କାର, ଟେକ୍ସଟାଇଲ୍ସ ଭଳି କ୍ଷେତ୍ର ବହୁଳ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି।

ଟ୍ରମ୍ପଙ୍କ ଏହି ଉଚ୍ଚ ଟାରିଫ୍‌କୁ ନୂଆଦିଲ୍ଲୀ ଅଯୌକ୍ତିକ ଓ ଅଯଥାର୍ଥ ବୋଲି ନିନ୍ଦା କରିଛି। ଏଥିସହ ଅନ୍ୟ କୌଣସି ବୃହତ୍ ଅର୍ଥନୀତି ଭଳି ଭାରତ ମଧ୍ୟ ନିଜ ଜାତୀୟ ସ୍ୱାର୍ଥ ଓ ଆର୍ଥିକ ନିରାପତ୍ତାକୁ ସୁରକ୍ଷା ଦେବା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ନେବ ବୋଲି ସ୍ପଷ୍ଟ କରିଛି।

କାମା ଜୁଏଲେରୀ ଏମ୍‌ଡି କୋଲିନ୍ ଶାହ କହିଛନ୍ତି, ଟ୍ରମ୍ପଙ୍କ ଟାରିଫ୍ ଭାରତୀୟ ରପ୍ତାନି ପାଇଁ ଏକ ବଡ଼ ଝଟ୍‌କା। ଭାରତରୁ ଆମେରିକାକୁ ରପ୍ତାନି ହେବାକୁ ଥିବା ଜୁଏଲେରୀ ଉପରେ ୫୫% ଆମଦାନୀ ଶୁଳ୍କ ଲାଗିଲେ ଉଭୟ ଦେଶର ବ୍ୟବସାୟ ପ୍ରଭାବିତ ହେବ। ୫୦% ରେସିପ୍ରୋକାଲ ଟାରିଫ୍ ଏକ ବୋଝ ସଦୃଶ।

ବହିର୍ବ୍ୟାପାର ମନ୍ତ୍ରଣାଳୟର ଆର୍ଥିକ ସମ୍ପର୍କ ସଚିବ ଦାମୁ ରବି କହିଛନ୍ତି, ଟ୍ରମ୍ପ ପ୍ରଶାସନର ଏହି ଏକତରଫା ପଦକ୍ଷେପର କୌଣସି ଯଥାର୍ଥତା ନାହିଁ। ତଥାପି ଆମେରିକା ସହ ଆଲୋଚନା ଜାରି ରହିଛି। ସମାଧାନର ବାଟ ଫିଟିବା ନେଇ ଆମେ ଆଶାବାଦୀ। ଅନ୍ୟପକ୍ଷେ ଅନିଶ୍ଚିତତା ସତ୍ତ୍ୱେ ଏହି ଟାରିଫ୍ ବିଶ୍ୱର ସର୍ବବୃହତ୍ ଅର୍ଥନୀତି ପାଇଁ ଆହୁରି ସ୍ପଷ୍ଟତା ଆଣିଦେବ ବୋଲି ହ୍ୱାଇଟ୍ ହାଉସ୍ ଦୃଢ଼ ନିଶ୍ଚିତ ଥିବା ଜଣାପଡ଼ିଛି। ଗତବର୍ଷ ଭାରତ ଓ ଆମେରିକା ମଧ୍ୟରେ ପ୍ରାୟ ୨୧୨ ବିଲିୟନ୍ ଡଲାରର ବାଣିଜ୍ୟିକ କାରବାର ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗାମୀ ୫ ବର୍ଷରେ ଏହି ପରିମାଣକୁ ୨ ଗୁଣରୁ ଅଧିକ ଅର୍ଥାତ୍ ୫୦୦ ବିଲିୟନ୍ ଡଲାରକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଥିବା କହିଆସୁଥିଲେ। କିନ୍ତୁ ଉଚ୍ଚ ଟାରିଫ୍ ଯୋଗୁ ଏହା ଫସର ଫାଟିବ ବୋଲି ଅନୁମାନ କରାଯାଉଛି।

## ଶୀଘ୍ର ପୂରଣ ହେବ...

ଡାକି ବୈଠକ କରି ପଦ ପୂରଣ ପ୍ରକ୍ରିୟା ଶେଷ କରିବାକୁ ମୁଖ୍ୟ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି।ଜୁଲାଇ ୩୧ରେ ମୁଖ୍ୟ ସଚିବ ଆହୁଜା ଅର୍ଥବିଭାଗ ସମେତ ସମ୍ପୃକ୍ତ ୧୦ଟି ବିଭାଗ ମୁଖ୍ୟଙ୍କୁ ପ୍ରଦାନ କରିଥିବା ବ୍ୟକ୍ତିଗତ ନୋଟିସ୍‌ରେ ଦର୍ଶାଇଛନ୍ତି, ରାଜ୍ୟସରକାରସମ୍ପ୍ରତିଖାଲିପଦପୂରଣକୁପ୍ରାଥମିକତା ଦେଉଛନ୍ତି। ଏହିକ୍ରମରେ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ନିକଟକୁ ଖାଲିପଦ ପୂରଣ ପାଇଁ ଇଣ୍ଡେଣ୍ଟ ପଠାଇବା ପୂର୍ବରୁ ପ୍ରଥମେ ୨୨ହଜାର ୮୯୬ ପଦର କ୍ଷମତାସମ୍ପନ୍ନ କମିଟିର ଅନୁମୋଦନ ଆବଶ୍ୟକ।

ମୁଖ୍ୟସଚିବଙ୍କ ତଥ୍ୟ ଅନୁଯାୟୀ, ଗଣଶିକ୍ଷା ବିଭାଗରେ ଅନୁମୋଦନପ୍ରାପ୍ତ ମୂଳ ପଦ ରହିଥିବାବେଳେ ଏବେ ବିଭାଗରେ ୯ହଜାର ୩୯ଟି ପଦ ଖାଲି ରହିଛି। ସେଥିମଧ୍ୟରୁ ୬୮୧ଟିକୁ ପୂର୍ବରୁ ଅନୁମୋଦନ ମିଳିଛି, ଏବେ ୮,୩୫୮ଟି ପଦର ଅନୁମୋଦନ ଆବଶ୍ୟକ ରହିଛି। ସେହିପରି ପଞ୍ଚାୟତିରାଜ ବିଭାଗରେ ୧୩ହଜାର ୯୪୧ଟିପଦରୁ ୪ହଜାର ୪୨ଟି ପଦର ଅନୁମୋଦନ ଆବଶ୍ୟକ ଥିବାବେଳେ ସ୍ୱାସ୍ଥ୍ୟ ବିଭାଗରେ ୩,୬୭୬ଟି, କୃଷି ବିଭାଗରେ ୧,୪୬୯, ରାଜସ୍ୱ ବିଭାଗରେ ୧,୩୭୧, ଜଙ୍ଗଲ ଓ ପରିବେଶ ବିଭାଗରେ ୧,୧୯୩, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗରେ ୮୮୮, ଉଚ୍ଚଶିକ୍ଷା ବିଭାଗରେ ୮୬୭, ଏସ୍‌ଏସ୍‌ଡି ଆଣ୍ଡ ଏମ୍‌ବିସିଡବ୍ଲୁରେ ୫୨୬ ଏବଂ ଗୃହ ବିଭାଗରେ ୫୦୫ଟି ପଦ ପାଇଁ ଅନୁମୋଦନ ଆବଶ୍ୟକ ଅଛି। ଏହାକୁ ତୁରନ୍ତ ପୂରଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟ ସଚିବ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ପରିପ୍ରେକ୍ଷୀରେ ଅର୍ଥ ବିଭାଗ ପକ୍ଷରୁ ଚଳିତମାସ ୨ ତାରିଖରେ ସମ୍ପୃକ୍ତ ୧୦ଟି ବିଭାଗକୁ ଦୁଇଦିନ ମଧ୍ୟରେ ବୈଠକ କରିବା ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ରାଜସ୍ୱ ଓ ପଞ୍ଚାୟତିରାଜ ବିଭାଗର କ୍ଷମତାସମ୍ପନ୍ନ କମିଟି ବୈଠକ ଚଳିତମାସ ୧୨ରେ ରହିଥିବାବେଳେ ଅବଶିଷ୍ଟ ୫ ବିଭାଗ(ଜଙ୍ଗଲ, ମତ୍ସ୍ୟ ଓ ପଶୁସମ୍ପଦ, ଉଚ୍ଚଶିକ୍ଷା, ଏସ୍‌ଏସ୍‌ଡି ଏବଂ ଗୃହ ବିଭାଗ)ର ବୈଠକ ୨୦ ତାରିଖରେ ହେବ ବୋଲି ସେ ଦର୍ଶାଇଛନ୍ତି। ଯଦି କୌଣସି ବିଭାଗର ଖାଲି ପଦ ପୂରଣ ଦିଗରେ କିଛି ମତାମତ ଦେବାର ରହିଛି, ତାହା ଅବଗତ କରାଇବାକୁ ଅର୍ଥ ବିଭାଗର ଅତିରିକ୍ତ ସଚିବ ହୃଦୟ କମଳ ଜେନା ପ୍ରଦାନ କରିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି।

# ବାଲେଶ୍ୱରରୁ ଆରମ୍ଭ ହେଲା 'ହାତୀ ସଭା'

## ମଣିଷ-ହାତୀ ଲଢ଼େଇ ସମାଧାନ ପାଇଁ ସାମୂହିକ ପ୍ରୟାସ



ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଗୁହାଳିଆ ଗ୍ରାମର ଦେବଗିରି ପାହାଡ଼ ପାଦଦେଶରେ ଅବସ୍ଥିତ ଖରାଖାଇ ପଡ଼ିଆରେ ଗୁରୁବାର ଆୟୋଜିତ ହାତୀ ସଭାରେ ଆଲୋଚନା ଚାଲିଛି । 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ , ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ 'ବିକାଶ ସାଥୀ' ସମ୍ପାଦକ ଡ. ବିଶ୍ୱଜିତ ପଣ୍ଡା, ଏଏସ୍‌ଡି ଗ୍ରୁପ୍‌ର କର୍ମକର୍ତ୍ତାଙ୍କ ସହ ଗ୍ରାମବାସୀ ଉପସ୍ଥିତ ଅଛନ୍ତି।




ହାତୀସଭା ଅଭିଯାନରେ ସାମିଲ ଗ୍ରାମବାସୀ ଓ 'ବିକାଶ ସାଥୀ'ର କର୍ମକର୍ତ୍ତା।

**ବାଲେଶ୍ୱର(ବାଞ୍ଛାନିଧି ଦେ)/ ନୀଳଗିରି (ପ୍ରଶାନ୍ତ ବିଶ୍ୱାଳ), ୭।୮**

ହାତୀ ଏବଂ ମଣିଷର ସମ୍ପର୍କ ବହୁ ପୁରାତନ। ଗୁରୁବାର ମାଣବସା ହେଉ ଅବା ପ୍ରତ୍ୟେକ ଧର୍ମୀୟ କାର୍ଯ୍ୟରେ ହାତୀକୁ ହିନ୍ଦୁ ପରମ୍ପରାରେ ଅଗ୍ରାଧିକାର ଦିଆଯାଇଛି। ମାତ୍ର ଜଙ୍ଗଲରେ ହାତୀ ଏବେ ଅସୁରକ୍ଷିତ। ଅଧିକାଂଶ ସମୟରେ ହାତୀ-ମଣିଷ ଲଢ଼େଇରେ କେତେବେଳେ ହାତୀର ପ୍ରାଣ ଯାଉଛି ତ କେତେବେଳେ ମଣିଷର ଜୀବନ ଯାଉଛି। ସବୁରି ମୂଳରେ ଜଙ୍ଗଲ ଧ୍ୱଂସ ମୁଖ୍ୟ କାରଣ। ଖାଦ୍ୟ ନ ପାଇ ହାତୀପଲ ଜନବସତି-ମୁହାଁ ହେବା ଯୋଗୁ ମଣିଷ ସହ ସଂଘର୍ଷ ଭଳି ପରିସ୍ଥିତି ଉପୁଜିଛି। ଏହାର ସମାଧାନ ନିମନ୍ତେ 'ବିକାଶ ସାଥୀ', 'ଧରିତ୍ରୀ', 'ଓଡ଼ିଶା ପୋଷ୍ଟ' ଓ ଏଏସ୍‌ଡି ଗ୍ରୁପ୍ ଆନୁକୂଲ୍ୟରେ ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ବାଉଁଶବଣିଆ ପଞ୍ଚାୟତ ଅଧୀନ ଗୁହାଳିଆ ଗ୍ରାମର ଦେବଗିରି ପାହାଡ଼ ପାଦଦେଶରେ ଅବସ୍ଥିତ ଖରାଖାଇ ପଡ଼ିଆରେ ଆୟୋଜିତ ହାତୀ ସଭାରେ ଗ୍ରାମବାସୀଙ୍କ ସହ ଆଲୋଚନା ହୋଇଥିଲା।

ବିକାଶ ସାଥୀ ସଙ୍ଗଠନର ପ୍ରତିଷ୍ଠାତା ସମ୍ପାଦକ ଡ. ବିଶ୍ୱଜିତ ପଣ୍ଡା ସ୍ୱାଗତ ବକ୍ତବ୍ୟ ଦେଇ ହାତୀ ସଂରକ୍ଷଣ ଓ ହାତୀ ଅତିକ୍ରମ ହେବା ବେଳେ କ'ଣ କରିବା ଉଚିତ୍ ଓ କ'ଣ କରିବା ଅନୁଚିତ୍ ସେ ସମ୍ପର୍କରେ ସୂଚନା ଦେଇଥିଲେ।

'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଉକ୍ତ ଅଞ୍ଚଳର ହାତୀଜନିତ ସମସ୍ୟା ଓ ଏହାର ନିରାକରଣ ଉପରେ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ। ଯେଉଁ ବାଟ ଦେଇ ହାତୀ ଆସୁଛି ସେଠାରେ ପରୀକ୍ଷାମୂଳକ ଭାବେ କଣ୍ଟାଯୁକ୍ତ ତାରବାଡ଼ ଘେରାଇବା ପାଇଁ ପରାମର୍ଶ ଦେଇଥିଲେ। ଏହି ତାରବାଡ଼ 'ଧରିତ୍ରୀ' ପକ୍ଷରୁ ଦିଆଯିବ ବୋଲି ସେ କହିଥିଲେ। ଏଥିସହ କେଉଁ ପନ୍ଥା ଅବଲମ୍ବନ କଲେ ଗାଁରେ ହାତୀ ପ୍ରବେଶ କରିବ ନାହିଁ ସେନେଇ ଗ୍ରାମବାସୀଙ୍କ ମତାମତ ଲୋଡ଼ିଥିଲେ।

'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଲୋକଙ୍କ ସମସ୍ୟା ଶୁଣିବା ସହିତ ହାତୀ ଦାଉରୁ ରକ୍ଷା ପାଇଁ ଗାଁରେ ମହୁଚାଷ ଓ ଲଙ୍କା ଚାଷ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଶୁଖିଲା ଲଙ୍କା ଧୂଆଁ ଦେଲେ ହାତୀ ପଳାୟନ କରିଥାନ୍ତି। ଯାହା ଦେଶର ହାତୀପ୍ରବଣ ଆସାମ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶରେ କାର୍ଯ୍ୟକାରୀ କରି ସଫଳ ହୋଇଥିବା ସେ ଉଦାହରଣ ଦେଇଥିଲେ। କିନ୍ତୁ ମହୁ ଚାଷ କଲେ ଭାଲୁ ଆସିବ ଏବଂ ପାଣି ଅଭାବରୁ ଲଙ୍କା ଚାଷ ହୋଇପାରିବ ନାହିଁ ବୋଲି ଗ୍ରାମବାସୀ କହିଥିଲେ। ପାହାଡ଼ ପାଦଦେଶରେ ସୌରବାଡ଼ ନିର୍ମାଣ କରାଗଲେ ସ୍ଥାୟୀ ପ୍ରତିକାର କରିହେବ ବୋଲି ମତବ୍ୟକ୍ତ କରିଥିଲେ।

ଦୀର୍ଘଦିନ ଧରି ଏହି ଗାଁରେ ହାତୀ ପଲ ପଶି ଧାନ ଓ ଚାଉଳ ଖାଇବା ସହ କଦଳୀ, ନଡ଼ିଆ, ଆମ୍ବ, ପଣସ ଚାଷ ନଷ୍ଟ କରୁଛି। ପୂର୍ବରୁ ଜଙ୍ଗଲ ଏଭଳି ନ ଥିଲା। ହାତୀପଲ ଗାଁକୁ ଆସୁ ନ ଥିଲେ। ଏବେ ହାତୀ ଆସି ଘରଦ୍ୱାର ଭାଙ୍ଗିବା ସହ ଧାନ ଓ ପରିବା ଚାଷ ବ୍ୟାପକ କ୍ଷତି କରୁଛନ୍ତି। ଏପରିକି ବହୁ ଲୋକଙ୍କର ଜୀବନ ଯିବା ସହ ଅନେକ ଲୋକ ଆହତ ହେଉଛନ୍ତି। ବନ ବିଭାଗ ତଥା ସରକାର ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ଗ୍ରାମର କାର୍ତ୍ତିକ ଚନ୍ଦ୍ର ପୁଟି, ମୁକ୍ତିକାନ୍ତ ବାରିକ, ବୁଦ୍ଧିରାମ ରାଉତ, ନୀଳକଣ୍ଠ ମହାପାତ୍ର, ନିରଞ୍ଜନ ବେହେରା, ସୁରେନ୍ଦ୍ର ମହାପାତ୍ର, ଶିବ ପ୍ରସାଦ ବାରିକ, ଜୟନ୍ତୀ ବେହେରା, ଗୁରୁବାରୀ ବେହେରା, ବସୁମତୀ ବେହେରା ଓ ବାସନ୍ତୀ ବାରିକ ପ୍ରମୁଖ ଅଭିଯୋଗ କରିଥିଲେ। ଓଡ଼ିଶାରେ ବାଲେଶ୍ୱର ସମେତ ମୟୂରଭଞ୍ଜ, କେନ୍ଦୁଝର, କଟକ, ଖୋର୍ଦ୍ଧା, ଢେଙ୍କାନାଳ, ସମ୍ବଲପୁର, ଝାରସୁଗୁଡ଼ା, ଗଞ୍ଜାମ, କନ୍ଧମାଳ ଆଦି ୧୦ ଜିଲା ଓ ୧୩ଟି ଡିଭିଜନ୍‌ରେ ଏହି ହାତୀ ସଭା ମାଧ୍ୟମରେ ଗାଁ ଗାଁରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିବ ବୋଲି ବିକାଶ ସାଥୀ ସଙ୍ଗଠନ ପକ୍ଷରୁ କୁହାଯାଇଥିଲା। ସଙ୍ଗଠନର କୋ-ଫାଉଣ୍ଡର ମନୋରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସାଇପ୍ରିୟ ନାୟକ, ତୁଷାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। 'ଧରିତ୍ରୀ' ଆକାଉଣ୍ଟସ୍ ମ୍ୟାନେଜର ପ୍ରତାପ ଚନ୍ଦ୍ର ବେହେରା, ଜିଲା ପ୍ରତିନିଧି ବାଞ୍ଛାନିଧି ଦେ, ନୀଳଗିରି ପ୍ରତିନିଧି ପ୍ରଶାନ୍ତ ବିଶ୍ୱାଳ, ବାଲିଆପାଳ ପ୍ରତିନିଧି ଅମୂଲ୍ୟ କୁମାର ଦାସ ଓ ପ୍ରସାରଣ ବିଭାଗର ଆଲୋକ କାନୁନ୍‌ଗୋ ଉପସ୍ଥିତ ଥିଲେ।

# ଶାହା, ନଡ୍ଡାଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୭।୮ (ସୁନିତ୍ ମିଶ୍ର)**

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଗୁରୁବାର ନୂଆଦିଲ୍ଲୀଠାରେ କେନ୍ଦ୍ର ସ୍ୱାସ୍ଥ୍ୟ, ରସାୟନ ଏବଂ ସାର ମନ୍ତ୍ରୀ ମନ୍ତ୍ରୀ ତଥା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡାଙ୍କୁ ଭେଟିଛନ୍ତି। ନଡ୍ଡାଙ୍କ ସହ ସେ ସୌଜନ୍ୟମୂଳକ ସାକ୍ଷାତ କରିଥିବା ବେଳେ ଏହି ଅବସରରେ ତାଙ୍କୁ ମହାପ୍ରଭୁ ଜଗନ୍ନାଥଙ୍କ ମହାପ୍ରସାଦ ଦେଇଛନ୍ତି। ଏହାସହ ସେ ବିଭିନ୍ନ ପ୍ରସଙ୍ଗରେ ନଡ୍ଡାଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି। ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ମଧ୍ୟ ଭେଟି ବିଭିନ୍ନ ପ୍ରସଙ୍ଗରେ କଥାବାର୍ତ୍ତା କରିଛନ୍ତି।



# ଥାନା ଅଧିକାରୀଙ୍କ ସମେତ ୯ ଜଣଙ୍କ ନାଁରେ ଅଭିଯୋଗ

## ଥାନାରେ ଯୁବକ ବିଷ ପିଇବା ଘଟଣା

**ଚଣ୍ଡିଖୋଲ,୭।୮(ପ୍ରଦୀପ୍ତ କୁମାର ପୃଷ୍ଟି)**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନାରେ ଗତ ୩ ତାରିଖରେ ମହିପୁର ଗ୍ରାମର ଯୁବକ ରବୀନ୍ଦ୍ର ମଲ୍ଲିକଙ୍କୁ ଅଟକ ରଖି ମାଡ଼ ମରାଯିବା ସହ ବିଷ ପିଇବାକୁ ବାଧ କରାଯାଇଛି। ଏନେଇ ରବୀନ୍ଦ୍ରଙ୍କ ସ୍ତ୍ରୀ ଭାନୁ ମଲ୍ଲିକ ଗୁରୁବାର ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସମରଜିତ ନାୟକ, ଏସ୍‌ଆଇ ହରିଶ ସିଂହ ଓ ଅନ୍ୟ ୭ ପୋଲିସ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଭାନୁଙ୍କ ଅଭିଯୋଗ ଅନୁଯାୟୀ, ଏକ ଗଣ୍ଡଗୋଳ ଘଟଣାରେ ଏତଲା ଦେବାକୁ ଗତ ୩ ତାରିଖ ସକାଳ ୯ଟାରେ ରବୀନ୍ଦ୍ର ଓ ଆଉ ଜଣେ ମହିଳା ନମିତା ମଲ୍ଲିକ ଥାନାକୁ ଆସିଥିଲେ। ପୋଲିସ ମହିଳାଙ୍କୁ ଛାଡ଼ିଦେଇ ରବୀନ୍ଦ୍ରଙ୍କୁ ଅଟକ ରଖିଥିଲା। ସେହିଦିନ ରାତିରେ ଥାନା ଅଧିକାରୀ, ଏସ୍‌ଆଇଙ୍କ ସମେତ ଅନ୍ୟ ୫ ଜଣ ରବୀନ୍ଦ୍ରଙ୍କୁ ଉଲଗ୍ନ କରି ମାଡ଼ ମାରିଥିଲେ। ଏକ ଲୁହା ରଡ ଗରମ କରି ତାଙ୍କ ହାତରେ ଚେଙ୍କ ଦେଇଥିଲେ। ଜୀବନରୁ ମାରିଦେବାକୁ ଧମକ ଦେବା ସହ ବିଷ ବୋତଲ ଦେଇଥିଲେ। ବିଷ ପିଇମରିବୁ, ନଚେତ୍ ବାଡେଇ ମାରିଦେବୁ ବୋଲି ଧମକ ଦେଇଥିଲେ। ଭୟରେ ରବୀନ୍ଦ୍ର ବିଷପିଇ ଦେଇଥିଲେ। ଏହାପରେ ସେ ଗୁରୁତର ହୋଇ ପଡ଼ିଥିଲେ। ପୋଲିସ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ଼ ଡାକ୍ତରଖାନାକୁ ନେଇଥିଲା। ଭାନୁ ଘଟଣା ଘଟାଇଥିବା ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।










# ଏଏସ୍‌ଆଇ ଶୈଳେନ୍ଦ୍ର ପଲାଇଙ୍କ ବଦଳି

## କାଠିଆପଡ଼ା ଛାତ୍ରୀ ପୋଡ଼ି ଘଟଣା

**କେନ୍ଦ୍ରାପଡା, ୭।୮ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା କାଠିଆପଡ଼ା ଗ୍ରାମର ଛାତ୍ରୀ ସଙ୍ଗୀତା ପରିଡ଼ାଙ୍କ ମୃତ୍ୟୁ ଘଟଣାରେ ଏଏସ୍‌ଆଇ ଶୈଳେନ୍ଦ୍ର ପଲାଇଙ୍କୁ ଜିଲା କାର୍ଯ୍ୟାଳୟକୁ ବଦଳି ହୋଇଛି। ଏସ୍‌ପି ସିଦ୍ଧାର୍ଥ କଟାରିଆ ଏ ନେଇ ବୁଧବାର ଥାନାକୁ ଭିଏଚଏଫ୍ ମାଧ୍ୟମରେ ସୂଚନା ଦେଇଥିଲେ। ଏସ୍‌ପି କଟାରିଆ କହିଛନ୍ତି, ସଙ୍ଗୀତାଙ୍କୁ ଜଣେ ଯୁବକ ବ୍ଲାକମେଲ୍ କରିବା ସମ୍ପର୍କରେ ସେ ୬ ମାସ ତଳେ ଥାନାରେ କରିଥିବା ଅଭିଯୋଗକୁ ଏଏସ୍‌ଆଇ ପଲେଇ ଗ୍ରହଣ କରି ନ ଥିବା ତାଙ୍କ ବାପା ଶଶିକାନ୍ତ ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ତଦନ୍ତକୁ ସ୍ୱଚ୍ଛ ଓ ନିରପେକ୍ଷ ରଖିବା ପାଇଁ ଏଏସ୍‌ଆଇ ପଲାଇଙ୍କ ବଦଳି କରାଯାଇଛି।

ମୁଁ ଜଣେ ଭକ୍ତ ନୁହେଁ, ମୁଁ ମଧ୍ୟ ଜ୍ଞାନୀ ନୁହେଁ। ମୁଁ ମଧ୍ୟ ଭଗବାନଙ୍କର ଜଣେ କର୍ମୀ ନୁହେଁ। ମୁଁ ତା'ହେଲେ କ'ଣ ? ମୁଁ ପ୍ରଭୁଙ୍କ ହାତରେ ଏକ ଯନ୍ତ୍ର। ମୁଁ ସେହି ଗୋପାଳ ଭଗବାନ ବଜାଉଥିବା ଖଣ୍ଡିଏ ବଂଶୀ ମାତ୍ର। ପ୍ରଭୁଙ୍କ ଶ୍ୱାସ– ପବନରେ ଉଡ଼ିଯାଉଥିବା ପତ୍ରଟିଏ। –ଶ୍ରୀଅରବିନ୍ଦ



# ଗଣତାନ୍ତ୍ରିକ ମୂଲ୍ୟବୋଧର ଅବକ୍ଷୟ



ବ୍ରହ୍ମ ଚେଲାନି

ବାଂଲାଦେଶରେ ସେନା ସମର୍ଥନରେ ହୋଇଥିବା ହିଂସାତ୍ମକ ବିଦ୍ରୋହ ଯୋଗୁ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ କ୍ଷମତାଚ୍ୟୁତ କରାଗଲା। ଏହା ପରେ ସେଠାରେ ଅରାଜକତା ଲାଗି ରହିଛି। ଅର୍ଥ ବ୍ୟବସ୍ଥା ନିମ୍ନଗାମୀ ହେବାରେ ଲାଗିଛି। ଇସଲାମ୍ ମୌଳବାଦୀଙ୍କ ଶକ୍ତି ବଢ଼ିଚାଲିଛି। ଯୁବକମାନେ ଅଧିକ କଠୋରପନ୍ଥୀ ହେଉଛନ୍ତି। ଆଇନବିହୀନ ଅବ୍ୟବସ୍ଥା ଦେଖାଯାଇଛି। ଏହା ସହ ଧର୍ମୀୟ ଓ ଜାତିଗତ ସଂଖ୍ୟାଲଘୁମାନେ ଅବଦମିତ ହୋଇ ରହିଛନ୍ତି। ଏଭଳି ସ୍ଥିତିରେ ଦେଶର ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ଆଶା କରାଯାଉନାହିଁ। ଅନେକେ ଆଶା କରିଥିଲେ, ହସିନା କ୍ଷମତାରୁ ଗଲା ପରେ ଏକଚ୍ଛତ୍ରବାଦ ଶାସନ ଅନ୍ତ ଘଟିବ ଓ ବାଂଲାଦେଶ ପାଇଁ ଗଣତନ୍ତ୍ରର ପରିବର୍ତ୍ତନ ସୁଗମ ହୋଇଯିବ। ଶେଷରେ ଛାତ୍ର ଆନ୍ଦୋଳନ ଶାସନ ପତନର କାରଣ ବୋଲି ସେମାନେ ଦର୍ଶାଇବା ଯୋଗୁ କ୍ଷମତାଶାଳୀ ସେନାର ନିର୍ଣ୍ଣାୟକ ଭୂମିକା ଗୌଣ ହୋଇଗଲା। ହସିନା ସେନାର ପ୍ରଭାବ ଉପରେ ଅଙ୍କୁଶ ଲଗାଇବାକୁ ଚେଷ୍ଟା କରୁଥିବାରୁ ତାହା ସମସ୍ୟାରେ ଥିଲା ଏବଂ ଶେଷରେ ତାଙ୍କୁ ଭାରତକୁ ଚାଲିଯିବା ଲାଗି ବାଧ୍ୟ କରିଥିଲା। ସେହିପରି ଛାତ୍ର ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଓ ସହଯୋଗ କରିଥିବା ମୌଳବାଦୀମାନେ ହସିନାଙ୍କ ଶାସନରେ ଉପେକ୍ଷିତ ହୋଇ ରହିଥିଲେ। ସେମାନେ ମଧ୍ୟ ହସିନାଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ଏକ ସୁଯୋଗ ପାଇଗଲେ।

ବେଆଇନ ଭାବେ ହାସିନାଙ୍କୁ କ୍ଷମତାଚ୍ୟୁତ କରାଯିବା ପରେ ଗଠିତ ମଧ୍ୟବର୍ତ୍ତିକାଳୀନ ସରକାରର ପ୍ରମୁଖ ପରାମର୍ଶଦାତା ଭାବେ ମହମ୍ମଦ ୟୁନୁସଙ୍କୁ ଅବସ୍ଥାପିତ କରାଯାଇଥିଲା। ୟୁନୁସ୍ ୨୦୦୬ରେ ଅର୍ଥନୀତିରେ ନୋବେଲ ପୁରସ୍କାର ଲାଭ କରିଥିଲେ। ସେ ଗ୍ରାମୀଣ ବ୍ୟାଙ୍କର ମାଇକ୍ରୋକ୍ରେଡିଟ ପାଇଁ ଗରିବଙ୍କ ତ୍ରାଣକର୍ତ୍ତା ଭାବେ ସାମ୍ନାକୁ ଆସିଥିଲେ। ତେବେ ଗ୍ରାମୀଣ ବ୍ୟାଙ୍କର ପ୍ରକୃତ ପ୍ରଭାବକୁ ନେଇ ନୋବେଲ କମିଟି ଚୟନରେ କିଛି ଊଣା ରହିଯାଇଥିଲା। ବରଂ ଏହା ଭୂରାଜନୈତିକ ବିଷୟକୁ ସୂଚିତ କରୁଥିଲା। ନୋବେଲ ପୁରସ୍କାର ପ୍ରଦାନ ଅବସରରେ କମିଟିର ଅଧ୍ୟକ୍ଷ ୟୁନୁସଙ୍କୁ ଇସ୍‌ଲାମ ଓ ପାଶ୍ଚାତ୍ୟ ମଧ୍ୟରେ ଏକ ପ୍ରତିକାତ୍ମକ ସେତୁ ଭାବେ ଅଭିହିତ କରିଥିଲେ। ଆମେରିକାରେ ୧୧ ସେପ୍ଟେମ୍ବର ୨୦୦୧ରେ ଉଗ୍ରବାଦୀ ଆକ୍ରମଣ ପରେ ପାଶ୍ଚାତ୍ୟରେ ଇସ୍‌ଲାମକୁ କ୍ରୁର ବୋଲି ପ୍ରଚାର କରାଯାଉଥିବାରୁ ନୋବେଲ ବିଜେତା ଭାବେ ୟୁନୁସଙ୍କ ଚୟନ ତାହାକୁ ପ୍ରତିହତ କରିପାରିବ ବୋଲି ଅଧ୍ୟକ୍ଷ ଆଶାପୋଷଣ କରିଥିଲେ। ତେବେ ୟୁନୁସଙ୍କୁ ଚୟନ କରାଯିବା ପଛରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ସମର୍ଥନକୁ ଅସ୍ୱୀକାର କରାଯାଇ ନ ପାରେ।

ବାଂଲାଦେଶ ମଧ୍ୟବର୍ତ୍ତିକାଳୀନ ସରକାରର ନେତା ଭାବେ ୟୁନୁସ ବ୍ୟାପକ ସୁଧାର ଓ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ କରିବା ସକାଶେ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ବାରମ୍ବାର ନିର୍ବାଚନକୁ ସ୍ଥଗିତ ରଖାଯାଇଆସୁଛି। ସାମ୍ବିଧାନିକ ବୈଧତାର ଅଭାବ ସତ୍ତ୍ୱେ ମଧ୍ୟବର୍ତ୍ତିକାଳୀନ ସରକାର ସ୍ୱାଧୀନ ସଂସ୍ଥାଗୁଡ଼ିକରୁ ବ୍ୟକ୍ତିମାନଙ୍କୁ ହଟାଇବା ଆରମ୍ଭ କରିଛନ୍ତି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କ ସମେତ ୫ ଜଣ ବରିଷ୍ଠ ବିଚାରପତିଙ୍କୁ ପଦବୀରୁ ତଡ଼ିଦେବା ସହ ଦେଶର ସବୁଠୁ ପୁରୁଣା ଓ ବୃହତ୍ତମ ତଥା ବାଂଲାଦେଶକୁ ସ୍ୱାଧୀନତା ଦେଇଥିବା ହାସିନାଙ୍କ ଆୱାମୀ ଲିଗ୍ ଭଳି ରାଜନୈତିକ ଦଳକୁ ସେ ବେଆଇନ ଘୋଷଣା କରିଛନ୍ତି। ଏହି ସରକାରରେ ମାନବ ଅଧିକାର ଉଲ୍ଲଂଘନ ଘଟଣା ବୃଦ୍ଧି ପାଇଚାଲିଛି ଏବଂ ଦମନ ତୀବ୍ର ହୋଇଛି। ଆଇନଜୀବୀ, ଶିକ୍ଷାବିତ୍, ସାମ୍ବାଦିକ, କଳାକାରଙ୍କ ସମେତ ହସିନାଙ୍କ ସମର୍ଥକ ଏବଂ ଏବକାର ସରକାରକୁ ବିରୋଧ କରୁଥିବା ଲୋକଙ୍କୁ ଏକାଠି ଜେଲରେ ରଖାଯାଉଛି। ଫେବୃଆରୀଠାରୁ ଅନେକ ହଜାର ଲୋକଙ୍କୁ ଅଟକ ରଖାଯାଇଥିବା ଜଣାପଡ଼ିଛି। ଅନେକ ସାମ୍ବାଦିକଙ୍କୁ ବେଆଇନ ଭାବେ ହତ୍ୟାଠାରୁ ଆରମ୍ଭ କରି ଗୁରୁତର ଅପରାଧରେ ଛନ୍ଦି ଦିଆଯାଉଛି। ହାଜତରେ ଅବୈଧ ହତ୍ୟା ଓ ନିର୍ଯାତନାର ଖବର ଏବେ ସାଧାରଣ ଘଟଣା ହୋଇଗଲାଣି। ଇସ୍‌ଲାମ ମୌଳବାଦୀଙ୍କୁ ଏବେ ଥଇଥାନ କରାଯିବା ବିଷୟ ଅତ୍ୟନ୍ତ ଉଦ୍‌ବେଗଜନକ। ସେନା ଓ ମୁସଲମାନ ଧର୍ମଗୁରୁଙ୍କ ଦ୍ୱାରା ଚାଲୁଥିବା ଶାସନକୁ ନାମକୁମାତ୍ର ନେତୃତ୍ୱ ଦେଉଥିବା ୟୁନୁସ ପୂର୍ବରୁ ଉଗ୍ରବାଦ ସହ ଜଡ଼ିତ ଥିବା ଜେହାଦି ଗୋଷ୍ଠୀଙ୍କ ଉପରୁ ନିଷେଧାଦେଶ ଉଠାଇ ଦେଇଛନ୍ତି। କୁଖ୍ୟାତ ଇସ୍‌ଲାମ ନେତାମାନଙ୍କୁ ମୁକ୍ତ କରିଦେଇଛନ୍ତି। ଅନେକ ମୌଳବାଦୀ ଏବେ ମନ୍ତ୍ରୀପଦ କିମ୍ବା ଅନ୍ୟ ସରକାରୀ ପଦବୀକୁ ଦଖଲ କରିଛନ୍ତି ଏବଂ ସେମାନଙ୍କ ସହ ଅନୁବନ୍ଧିତ ବିରାଟ ଉପଦ୍ରବୀ ଗୋଷ୍ଠୀ ଖୋଲାଖୋଲି ଭାବେ ବିରୋଧୀଙ୍କୁ ଭୟଭୀତ କରୁଛନ୍ତି।



ବୌଦ୍ଧ, ହିନ୍ଦୁ ଓ ଖ୍ରୀଷ୍ଟିଆନ ଧର୍ମର ଲୋକ ଏବଂ ଆଦିବାସୀ ସମ୍ପ୍ରଦାୟଙ୍କ ଉପରେ ଆକ୍ରମଣ କରାଯାଉଛି। ମୌଳବାଦୀମାନେ ବିଚାରରେ ଯେଉଁମାନେ ଇସ୍‌ଲାମ ବିରୋଧୀ ଗୋଷ୍ଠୀ, ସେମାନେ ମଧ୍ୟ ଆକ୍ରମଣର ଶିକାର ହେଉଛନ୍ତି। କିନ୍ତୁ ଆକ୍ରମଣକାରୀଙ୍କ ବିରୋଧରେ କୌଣସି ଦଣ୍ଡବିଧାନ ହେଉନାହିଁ। ଯେଉଁ ମହିଳାମାନେ ଠିକ୍ ଭାବେ ପୋଷାକପିନ୍ଧୁନାହାନ୍ତି, ସେମାନଙ୍କୁ ସର୍ବସାଧାରଣରେ ଅପମାନିତ ଓ ଆକ୍ରମଣ କରାଯାଉଛି। ସମାଜରେ କଠୋର କଟକଣା ଲାଗୁ କରିଥିବା ଏକ ତାଲିବାନୀ ସଂସ୍କୃତି ସେଠାରେ ଦୃଢ଼ ହେବାରେ ଲାଗିଛି। ସ୍ଥିତି ଏତେ ଖରାପ ହୋଇଛି ଯେ, ସରକାର ସପକ୍ଷବାଦୀ ତଥା ଆୱାମୀ ଲିଗ୍‌ର ଘୋର ବିରୋଧୀ ଭାବେ ଜଣାଶୁଣା ବାଂଲାଦେଶ ନ୍ୟାଶନାଲିଟି ପାର୍ଟି (ବିଏନ୍‌ପି)ମୌଳିକ ସ୍ୱାଧୀନତାର ଅବକ୍ଷୟକୁ ତୀବ୍ର ନିନ୍ଦା କରିଛି। ସମାଲୋଚନା କରି କହିଛି, 'ଧର୍ମ ନାମରେ ପାଗଳାମି ପ୍ରକାଶ ପାଇଛି ' ଏବଂ ରାସ୍ତାରେ 'ଭୟାନକ ହିଂସା' ଦେଖାଯାଇଛି।

ବାଂଲାଦେଶରେ ଭୁଶୁଡ଼ି ପଡ଼ୁଥିବା ଏକ ଅର୍ଥ ବ୍ୟବସ୍ଥା ଏହିସବୁ ସମସ୍ୟା ସୃଷ୍ଟି କରିବା ସ୍ୱାଭାବିକ। ସେଠାରେ ଜିଡିପି ଅଭିବୃଦ୍ଧି ନିମ୍ନଗାମୀ ହୋଇଛି, ବୈଦେଶିକ ଋଣ ଅତ୍ୟଧିକ ବଢ଼ିଯାଇଛି। ୧୨ ବର୍ଷ ମଧ୍ୟରେ ମୁଦ୍ରାସ୍ଫୀତି ସବୁଠୁ ଶୀର୍ଷରେ ପହଞ୍ଚିଛି। ନିବେଶକଙ୍କ ବିଶ୍ୱାସ କମିବା ସହ ୫ ବର୍ଷ ମଧ୍ୟରେ ଶେୟାର ବଜାର ସବୁଠୁ ନିମ୍ନ ସ୍ତରକୁ ଖସିଛି। ଲୋକେ ଚାକିରି ହରାଉଛନ୍ତି ଏବଂ ସେମାନଙ୍କ ଜୀବନଶୈଳୀର ଅଧୋଗତି କଟରବାଦ ଓ ସାମାଜିକ ଅସ୍ଥିରତା ସୃଷ୍ଟିକରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି। ଏକ ମୁସଲମାନ ଦେଶ ଭାବେ ବାଂଲାଦେଶ ଏକଦା ଧର୍ମନିରପେକ୍ଷ ଗଣତନ୍ତ୍ରକୁ ଧାରଣ କରିଥିଲା। କୋଭିଡ୍-୧୯ ମହାମାରୀ ପର୍ଯ୍ୟନ୍ତ ଆର୍ଥିକ କ୍ଷେତ୍ରରେ ଏହା ଉଲ୍ଲେଖନୀୟ ଅଗ୍ରଗତି କରୁଥିଲା ଏବଂ ସାମାଜିକ ସ୍ଥିରତା ମଧ୍ୟ ରହିଥିଲା। କିନ୍ତୁ ବର୍ତ୍ତମାନ ଏହା ସେନା କଟକଣାରେ ଥିବା ଏକ ପ୍ରକାର ନିଷ୍କ୍ରିୟ ବ୍ୟବସ୍ଥାରେ ରହି ବିପଦ ମଧ୍ୟକୁ ଠେଲି ହୋଇଯାଇଛି। ଏଭଳି ସେନା ନିୟନ୍ତ୍ରଣ ଦୀର୍ଘଦିନ ହେଲା ପାକିସ୍ତାନକୁ ମଧ୍ୟ ସମସ୍ୟାରେ ପକାଇଛି ଏବଂ ତାହା ଏଥିରୁ ମୁକୁଳିବା ପାଇଁ ସଂଗ୍ରାମ ଜାରି ରଖିଛି।

ଏସବୁର ପରିଣାମ ସାରା ଅଞ୍ଚଳକୁ ପ୍ରଭାବିତ କରିବ। ବାଂଲାଦେଶର ତିନି ପାଖରେ ଭାରତର ସୀମା ରହିଛି ଏବଂ ଅନେକ ଲକ୍ଷ ବାଂଲାଦେଶୀ ଅନୁପ୍ରବେଶକାରୀ ବେଆଇନ ଭାବେ ଭାରତରେ ରହିଛନ୍ତି। ଏହା ଭାରତକୁ ଅତ୍ୟଧିକ ପ୍ରଭାବିତ କରିବ। ହସିନାଙ୍କ ଶାସନ ସମୟରେ ବାଂଲାଦେଶ ବିଶେଷକରି ଉଗ୍ରବାଦ ବିରୋଧୀ ଓ ଆଞ୍ଚଳିକ ଯୋଗାଯୋଗ କ୍ଷେତ୍ରରେ ଭାରତର ନିକଟତମ ସହଯୋଗୀ ଥିଲା। ସେ ଶାସନରୁ ହଟିଯିବା ହିଁ ଭାରତର ରଣନୀତିକ ସ୍ୱାର୍ଥ ପ୍ରତି ଏକ ଶକ୍ତ ଝଟ୍‌କା। କ୍ଷତି ଭରଣା କରିବାକୁ ଭାରତ ସରକାର ଏବେ ଧୀରେ ଧୀରେ ଚେଷ୍ଟା କରୁଛନ୍ତି, ଯଥା ସୀମାରେ ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ କରି ଉଗ୍ରବାଦୀ ଅନୁପ୍ରବେଶ ରୋକିବା ପାଇଁ ପଦକ୍ଷେପ ନେଉଛନ୍ତି। ହାସିନାଙ୍କୁ କ୍ଷମତାରୁ ତଡ଼ିଦିଆଯିବା ଯୋଗୁ ସୃଷ୍ଟି ହୋଇଥିବା ବିପଦକୁ ଭାରତ ଉପଲବ୍ଧି କରିପାରିଥିବାବେଳେ, ଆମେରିକା ଶାସନ ପରିବର୍ତ୍ତନକୁ ସମର୍ଥନ କରିଛି। କିନ୍ତୁ ଯଦି ବାଂଲାଦେଶ ଏବକାର ଧାରାରେ ଗତିକରେ, ତେବେ ଏକ ସ୍ୱାଧୀନ, ମୁକ୍ତ, ସମୃଦ୍ଧ ତଥା ସ୍ଥାୟୀ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ନିଶ୍ଚିତ କରିବା ଲାଗି ନେଉଥିବା ପଦକ୍ଷେପକୁ ଏହା ଅଧିକ ଜଟିଳ କରିଦେବ। କେତେକେ ସତର୍କ କରି ଦେଇଛନ୍ତି ଯେ, ବାଂଲାଦେଶ ବିଶ୍ୱରେ ହିଂସା ଓ ସଂଘର୍ଷର ଆଉ ଏକ ଜ୍ୱଳନକେନ୍ଦ୍ର ପାଲଟିଯାଇପାରେ, ଯାହା ଦୂର ଦେଶଗୁଡ଼ିକର ଦୃଷ୍ଟି ଆକର୍ଷଣ କରିବ। ଆଉ ଯଦି ଅନ୍ତର୍ଜାତୀୟ ସମୁଦାୟ ଗଣତାନ୍ତ୍ରିକ ମୂଲ୍ୟବୋଧ, ଧର୍ମୀୟ ସ୍ୱାଧୀନତା ଏବଂ ଆଞ୍ଚଳିକ ସ୍ଥିରତାର ସୁରକ୍ଷା ପାଇଁ ଗଭୀର ଭାବେ ଚିନ୍ତା କରୁଛନ୍ତି, ତେବେ ବାଂଲାଦେଶର ଲଗାତର ଅଧୋଗତିକୁ ଆଉ ବେଶି ଦିନ ଅଣଦେଖା କରିପାରିବ ନାହିଁ।

**ପ୍ରଫେସର, ଏମେରିଟସ୍ ଅଫ୍ ଷ୍ଟ୍ରାଟେଜିକ ଷ୍ଟଡିଜ, ସେଣ୍ଟର ଫର୍ ପଲିସି ରିସର୍ଚ୍ଚ, ନୂଆଦିଲ୍ଲୀ**

# ଅସଲି ସ୍ୱାଧୀନତା



ନଗେନ୍ଦ୍ର ନାଥ ପଟ୍ଟନାୟକ

ସ୍ୱାଧୀନତା ଏମିତି ଯାହିତାହି କୌଣସି ଚିଜ ନୁହେଁ ଯାହାକି କେବଳ ଆମର ବାହ୍ୟଦେଶରେ ପରିଦୃଷ୍ଟ ହୋଇଥାଏ। ଏଇ ଯେମିତି ଆମ ଆଖିଦ୍ୱୟ ଲମ୍ୱିଯାଏ ଆଖପାଖରେ ଥିବା ବିସ୍ତୀର୍ଣ୍ଣ ଖୋଲା ପଡ଼ିଆ ଆଡ଼େ। ତେବେ ଏହି ପ୍ରସଙ୍ଗରେ ଗୋଟିଏ ପ୍ରଶ୍ନ ଉଙ୍କିମାରେ, ମଣିଷର ଚର୍ମନେତ୍ରରେ ପଟି ବାନ୍ଧିଦେଲେ କି ଫାଇଦା ମିଳେ ଯେ ? ବାସ୍ତବ ତଥା ଅସଲି ସ୍ୱାଧୀନତା ତାକୁଇ ବୁଝାଏ ଯାହା ଯୁଗପତ୍ ଆମ ହୃଦୟ ଓ ମଗଜରେ ସାହସ ଶକ୍ତି ସଞ୍ଚାର କରେ। ସେଇ ସଚ୍ଚା ସ୍ୱାଧୀନତା ହିଁ ଆମର ସକଳ କର୍ମକୁ ନୂଆଦିଶା ଓ ମୋଡ଼ଦିଏ। ଆମ ଭଳି ସ୍ୱପ୍ନଭୁକ୍‌ମାନଙ୍କ ମନରେ ଲହଡି ଭାଙ୍ଗୁଥିବା ସ୍ୱପ୍ନମାନଙ୍କୁ ସାକାର କରିବାର ଉତ୍ସାହ ଭରିଦିଏ। କିନ୍ତୁ ସ୍ୱାଧୀନତା ଯେବେ ଲୋକଦେଖାଣିଆ ହୋଇଯାଏ ତା'ର କିଛି ଫାଇଦା ନ ଥାଏ। ଏଇ ଯେମିତି ପାଶ୍ଚାତ୍ୟ ଦେଶଗୁଡ଼ିକରେ ଯାତ୍ରା କଲାବେଳେ ଆମକୁ ମନେହୁଏ ସତେ ଯେମିତି ଆମର ସ୍ୱାଧୀନ ବିଚାରବୋଧ ଦୁର୍ବଳ ଅଶକ୍ତ ହୋଇଯାଇଛି। ସାଧାରଣତଃ ଲୋକମାନେ ସ୍ୱାଧୀନତାକୁ କେବଳ ଗୋଟିଏ ବାହ୍ୟଚିଜ୍ ରୂପେ ବୁଝନ୍ତି ବୋଲି ଆମ ସମାଜ ଓ ରାଜନୀତିରେ ଚାପ ଓ ବାଧ୍ୟବାଧକତା ବୃଦ୍ଧି ପାଇବାରେ ଲାଗିଛି।

ରାଜରାଜୁଡ଼ା ସମୟରେ ଦୃଶ୍ୟପଟ ସମ୍ପୂର୍ଣ୍ଣ ଭାବେ ନିଆରା। ବର୍ଣ୍ଣାଢ୍ୟ ରାଜଦରବାରରେ ମିଥ୍ୟାବାଦୀ, ଚାଟୁକାର ଓ ଚକ୍ରାନ୍ତକାରୀଙ୍କ ଦ୍ୱାରା ପରିବେଷ୍ଟିତ ହୋଇରହୁଥିଲେ ସମ୍ରାଟ। ଦୁନିଆରେ ସେ ଏକମାତ୍ର ସ୍ୱାଧୀନଚେତା ମଣିଷଟେ ବୋଲି ତାଙ୍କୁ ମନେ ହେଉଥିଲା। କିନ୍ତୁ ଅସଲରେ ଦେଖିଲେ ସୁଶୋଭିତ ଚମତ୍କାର ଗାରଦଖାନାରେ ସେ ଜଣେ କଏଦୀ କେବଳ। ସମ୍ପ୍ରତି ପାଶ୍ଚାତ୍ୟ ଦେଶଗୁଡ଼ିକର ନାଗରିକମାନଙ୍କ କ୍ଷେତ୍ରରେ ଏଭଳି ପରିଲକ୍ଷିତ ହେଉଛି। ନିଜେ ସ୍ୱାଧୀନ ବୋଲି ହୃଦ୍‌ବୋଧ କରୁଥିଲେ ହେଁ ଗୋଟିଏ ସଶକ୍ତ ବ୍ୟବସ୍ଥାର ଜାଲ ଭିତରେ ସେମାନେ ଫସିଯାଇଛନ୍ତି ଯାହାକି ସେମାନଙ୍କ ଜୀବନକୁ ଅକ୍ଟୋପସ୍ ଭଳି କାବୁ କରିନେଇଛି। ଆମ ଦେଶରେ ମଧ୍ୟ ଊଣାଧିକେ ସେଇ ହାଲତ୍। ଆମ ସଭ୍ୟତା ଗୋଟିଏ ଛାଞ୍ଚ ସଦୃଶ ଯାହା ମନୁଷ୍ୟକୁ ଶକ୍ତଭାବେ ଜଡ଼େଇ ଧରିଥାଏ। ସ୍ୱଦେଶର ଲୋକମାନଙ୍କ ଆତ୍ମାର ଉଡ଼ାଣକୁ ଆମେ ଯେମିତି ରୋକିଦେଇଛେ। ଆମେ ଶତାବ୍ଦୀ ଶତାବ୍ଦୀ ଧରି ପୁରୁଣା ରୀତିନୀତି, ପ୍ରଚଳିତ ପ୍ରଥା ପରମ୍ପରା ଓ ନିୟମାବଳୀର ଭାରି ବୋଝ ତଳେ ସେମାନଙ୍କୁ ଚାପି ଦେଇଛେ। ଖାସ୍ ସେଥିପାଇଁ ଆମର ଜାତୀୟ ଏକତା ଅଶକ୍ତ ହୋଇଯାଇଛି। ତେଣୁ ଆମେ ବାହ୍ୟ ଓ ଆଭ୍ୟନ୍ତରୀଣ ସମସ୍ୟାଗୁଡ଼ିକ ସହିତ ସଫଳତାର ସହ ମୁକାବିଲା କରିବାରେ ଅକ୍ଷମ। ବସ୍ତୁବାଦୀ ପାଶ୍ଚାତ୍ୟ ସଭ୍ୟତା ଏକପ୍ରକାର ଯନ୍ତ୍ରଚାଳିତ, ଯାହା ମାନବ ଜୀବନକୁ ଇନ୍ଧନ ଭଳି ଜଳାଉଛି। ଏହା ଲୋକଦେଖାଣିଆ ଭାବେ ସ୍ୱାଧୀନତା ସିନା ; କିନ୍ତୁ ଅସଲରେ ବିଚାରିଲେ ଏହା ଦାସତ୍ୱକୁ ବିଶେଷଭାବେ ବୃଦ୍ଧି କରିଦେଇଛି। ଅପରପକ୍ଷରେ ଦେଖିଲେ ଭାରତର ସଭ୍ୟତା ଏକ କଠିନ ଛାଞ୍ଚ ସଦୃଶ। ଆମକୁ ଏଇ ଦୁଇଟି ସଭ୍ୟତାରୁ ବାହାରିଆସି ଅସଲି ସ୍ୱାଧନତାକୁ ଆପଣାଇବାକୁ ପଡ଼ିବ। ଆପଣା ଭାଗ୍ୟକୁ ନିଜେ ଗଢ଼ିତୋଳିବାକୁ ହେବ। ଯେଉଁ ବ୍ୟକ୍ତି ଅପର ସ୍ୱାଧୀନତାକୁ ଛିନ୍ନ କରିନିଏ ସେ ନିଜର ନୈତିକ ସ୍ୱାଧୀନତାର ଅଧିକାରକୁ ହରାଇ ବସେ। ଅବିଳମ୍ବେ ସେ କାୟିକ ତଥା ନୈତିକ ଦାସତ୍ୱର ଜାଲରେ ଫସିଯାଏ। ଏହି ପରିପ୍ରେକ୍ଷୀରେ ଆମ ମନରେ ସ୍ୱତଃସ୍ଫୂର୍ତ୍ତ ଭାବେ ଏକାଧିକ ପ୍ରଶ୍ନ ବୁଢ଼ିଆଣୀ ଜାଲ ଭଳି ଛନ୍ଦି ହୋଇଯାଏ। ଆମର ଈପ୍‌ସିତ ସ୍ୱାଧୀନତା କ'ଣ କେବଳ ବାହାର ଦୁନିଆର ସ୍ୱାଧୀନତା ଅଥବା ବାହ୍ୟ ପରିସ୍ଥିତି ସବୁର ସ୍ୱାଧୀନତା, ଯାହାକୁ କିଣାବିକା କରାଯାଇପାରେ ? ଆମେ କ'ଣ ସ୍ୱାଧୀନତାକୁ ପ୍ରକୃତରେ ଭଲପାଇ ତା' ଉପରେ ଅତୁଟ ଆସ୍ଥା ପ୍ରକଟ କରିଥାଉ। ଆମେ ସମାଜରେ ଏମିତି ଜାଗା ପକ୍କା କରିନେବା ଯେଉଁଠି ଆମର ପିଲାକବିଲାଙ୍କ ଦିମାକ ମାନବ ଗରିମା ଆଦର୍ଶରେ ବିନା କୌଣସି ଅନ୍ୟାୟପୂର୍ଣ୍ଣ ଇନ୍ଧନରେ ବିକଶିତ ହୋଇପାରିବ।

ଉଡ଼ାଣ ଭରିବାର ଅଭୀପ୍‌ସା ପୋଷଣ କରିବାକୁ ହେଲେ ବିଚାରଧାରାକୁ ନୂଆ ଦିଶା ଦେବା ସଙ୍ଗେସଙ୍ଗେ ସ୍ୱାଧୀନ ମନରେ ବିଚାର କରିବାକୁ ପଡ଼ିବ। ଆମେ ଯଦି ସଚ୍ଚା ମନରେ ସ୍ୱାଧୀନତାକୁ ନ ଆପଣାଇବା ଏବଂ ତା'ର ତାକତ ଓ କ୍ଷତି ଘଟାଇବା ଆଶଙ୍କାକୁ ନ ବୁଝିବା ପର୍ଯ୍ୟନ୍ତ ଆମ ଜୀବନ ପ୍ରକୃତ ଅର୍ଥରେ ସଫଳ ତଥା ସାର୍ଥକ ହୋଇପାରିବ ନାହିଁ। **ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡ଼ିଶା ସରକାର**

**ଲକ୍ଷ୍ମୀସାଗରକେନାଲରୋଡ୍, ଭୁବନେଶ୍ୱର**

**ମୋ:୯୪୩୮୩୩୨୧୩୮**

## ଏଇ ଭାରତରେ

ଜ୍ଞାନ ସେଟ୍ଟୀଙ୍କୁ ବୟସ ଏବେ ୨୮ । ସେ ପେସାରେ ଜଣେ ଇଞ୍ଜିନିୟର ଓ ରହୁଛନ୍ତି ମେଙ୍ଗାଲୁରୁରେ । ଏବେ ଚାକିରି ଛାଡ଼ି ଅଗଣାରେ ବଗିଚାଟିଏ କରିଛନ୍ତି। ସେହି ବଗିଚାର ନାମ ଦେଇଛନ୍ତି 'ନମୋ ବଗିଚା'। ସେ ଘର ଅଗଣା ବଗିଚାରେ ୩,୦୦୦ରୁ ଊର୍ଦ୍ଧ୍ୱ ଗଛ ଲଗାଇଛନ୍ତି। ଏଥିମଧ୍ୟରେ ବିଭିନ୍ନ ପ୍ରକାର ସୌନ୍ଦର୍ଯ୍ୟବର୍ଦ୍ଧକ ଗଛ, ଫୁଲଗଛ, ଫଳଗଛ, ପାଣିରେ ବଢୁଥିବା ଗଛ ଆଦି ରହିଛି। କେବଳ ଅଗଣା ନୁହେଁ ଘର ବାଲକୋନି, ଏପରି କି ଘର ଭିତରେ ମଧ୍ୟ ବିଭିନ୍ନ ଗଛ ଲଗାଇଛନ୍ତି। ସବୁ ଗଛକୁ ଶତ ପ୍ରତିଶତ ଜୈବିକ ପଦ୍ଧତିରେ ବଢ଼ାଇଛନ୍ତି। ଦେଖିବାକୁ ଗଲେ ଜ୍ଞାନଙ୍କ ଘରର ପ୍ରତ୍ୟେକଟି ଇଞ୍ଚରେ ଗଛ ରହିଛି। ଜ୍ଞାନ ମଧ୍ୟ ଅନ୍‌ଲାଇନରେ ନର୍ସରି ବିଜ୍‌ନେସ ଚଳାଇଛନ୍ତି। ଏହାକୁ ସେ ଜାନୁଆରୀ ୨୦୨୨ରେ ଆରମ୍ଭ କରିଥିଲେ। ବର୍ତ୍ତମାନ ଗଛ ପାଇଁ ସେ ଭାରତର ବିଭିନ୍ନ ସହରରୁ ଅର୍ଡର ପାଉଛନ୍ତି ଓ ସେମାନଙ୍କୁ ତାହା ବିକ୍ରି କରୁଛନ୍ତି। ରୋଷେଇଘର ବର୍ଜ୍ୟରୁ ସେ ଜୈବିକ ଖତ ପ୍ରସ୍ତୁତ କରୁଛନ୍ତି ଓ ତାହାକୁ ଗଛରେ ଦେଉଛନ୍ତି। ଜୈବ କୀଟନାଶକ ମଧ୍ୟ ପ୍ରସ୍ତୁତ କରି ପ୍ରୟୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୮ ଅଗଷ୍ଟ ୧୯୭୬

- ନୂଆଦିଲ୍ଲୀରୁ ମାନ୍ଦ୍ରାଜ ମଧ୍ୟରେ 'ତାମିଲନାଡୁ ଏକ୍ସପ୍ରେସ୍' ନାମିତ ଏକ ଦ୍ରୁତଗାମୀ ଏକ୍ସପ୍ରେସ୍ ଟ୍ରେନ ଚଳାଚଳ ଆରମ୍ଭ ହୋଇଛି।
- ପାକିସ୍ତାନର ସବୁଠୁ ସମୃଦ୍ଧ ପଞ୍ଜାବ ଅଞ୍ଚଳରେ ଭୀଷଣ ବର୍ଷା ଓ ବନ୍ୟା ଫଳରେ ୪୦ ଜଣ ବ୍ୟକ୍ତିଙ୍କ ପ୍ରାଣହାନି।
- ସେଓଲ ଅନ୍ତର୍ଗତ ଦକ୍ଷିଣ ଚଞ୍ଜୁ ନଗରୀ ନିକଟରେ ଭୀଷଣ ବର୍ଷା ଯୋଗୁ ଭୂମି ଧସିଯିବା ଫଳରେ ୨୧ ଜଣଙ୍କ ମୃତ୍ୟୁ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | 2 | | | 4 | | |
| 4 | | | | 6 | | | | 1 |
| | 6 | | 8 | | 9 | | | |
| 7 | | | | | | | | 3 |
| | | 4 | 9 | | | | | |
| 2 | | | | 3 | | | | 9 |
| | | | 6 | | | 3 | 2 | |
| | 4 | 8 | | 1 | | 6 | | |
| | | 5 | 7 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 1 | 7 | 6 | 8 | 4 | 5 | 3 |
| 3 | 4 | 7 | 2 | 5 | 1 | 6 | 9 | 8 |
| 6 | 8 | 5 | 9 | 4 | 3 | 1 | 2 | 7 |
| 1 | 6 | 3 | 8 | 9 | 7 | 5 | 4 | 2 |
| 7 | 2 | 9 | 4 | 3 | 5 | 8 | 6 | 1 |
| 8 | 5 | 4 | 6 | 1 | 2 | 7 | 3 | 9 |
| 9 | 1 | 2 | 5 | 7 | 6 | 3 | 8 | 4 |
| 5 | 7 | 8 | 3 | 2 | 4 | 9 | 1 | 6 |
| 4 | 3 | 6 | 1 | 8 | 9 | 2 | 7 | 5 |

ଗତକାଲିର ଉତ୍ତର

# କହନ୍ତି ଜନତାଙ୍କ ପାଇଁ



ଭଗବାନ ଦାଶ

ଆମ ଦେଶ ପୃଥିବୀର ସର୍ବବୃହତ୍ ଗଣତନ୍ତ୍ର ଦେଶ। ଏଠି ଶାସନ ଡୋର ଧରାଇ ଦିଅନ୍ତି ସାଧାରଣ ଜନତା, ଯେଉଁମାନେ କି ସାବାଳକ, ଭୋଟର। ତେଣୁ ଭୋଟରଙ୍କୁ ନିଜର କରିବାର କଳାଟା ଦଳୀୟ ନେତାଙ୍କର ଜରୁରୀ ହୋଇଥାଏ। ଭାବିଚିନ୍ତି ପ୍ରତ୍ୟେକ ଦଳ ନିଜ ନିଜର ଭୋଟ ହାତେଇବା ଇସ୍ତାହାର ତିଆରି କରନ୍ତି। କେଉଁ ଦଳ କ'ଣ କହିଥାଏ, ସେତେଟା ଗୁରୁତ୍ୱ ବହନ କରେ ନାହିଁ। କିନ୍ତୁ ଯଦି କୌଣସି ଦଳ ଶାସନ ଗାଦିକୁ ଆସିଯାଏ, ତେବେ ତା'ର ପ୍ରକାଶିତ ଇସ୍ତାହାର ବିରୋଧୀଦଳମାନଙ୍କର ଆଲୋଚନାର ମୁଖ୍ୟ ବିଷୟ ହୋଇଯାଏ। କହିଥିଲେ କ'ଣ, କରୁଛନ୍ତି କ'ଣ ? ଯଦିଓ କିଛି କିଛି କରାଯାଉଥାଏ, ଦୃଷ୍ଟିଯାଏ କହିଥିବାର କେଉଁ ମୁଖ୍ୟ ଅଂଶଟି କାର୍ଯ୍ୟକାରୀ ହୋଇପାରିନି, ଯାହା ବହୁଳ ଭାବେ ଲୋକଙ୍କୁ ପ୍ରଭାବିତ କରୁଥାଏ।

ଶାସନକୁ ଆସିବା ପୂର୍ବରୁ ସବୁ ଦଳର ଲକ୍ଷ୍ୟଥାଏ ଭୋଟରଙ୍କୁ ଆକର୍ଷିତ କରିବା। ପରେ ଲକ୍ଷ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇଥାଏ। କାରଣ ଦଳରେ ଦଳୀୟ ଭାବନାର ପ୍ରଭାବ ରହେ। ପ୍ରଥମେ ନିଜ ଦଳକୁ ମଜଭୁତ କରେ। ଦଳୀୟ ପାଣ୍ଠି ବଢ଼ାଏ। ଦଳୀୟ ଅଫିସ ବଢ଼ାଏ। କର୍ମକର୍ତ୍ତା ମଧ୍ୟ ଆସ୍ତେ ଆସ୍ତେ ବଢ଼ାଇଚାଲେ। ଚେଷ୍ଟାକରେ କୋଣ ଅନୁକୋଣରେ ନିଜର ସ୍ଥିତି ଜାହିର କରିବାକୁ। ସମସ୍ତଙ୍କ ପାଇଁ କହୁଥିଲେ ବି କାର୍ଯ୍ୟରେ ପାତରଅନ୍ତର ପରିଲକ୍ଷିତ ହୁଏ। ଗୋଟିଏ ଛୋଟ ଉଦାହରଣ ଦେଲେ ଯଥେଷ୍ଟ ହେବ। ମନେକର, ପୂର୍ବ ସରକାର କରିଥିବା କୌଣସି ଜନକଲ୍ୟାଣକାରୀ କାମ ବନ୍ଦକଲେ ଜନ ଆନ୍ଦୋଳନ ମୁଣ୍ଡ ଟେକିପାରେ। କିନ୍ତୁ କରାଯିବ, ନିଶ୍ଚୟ କରାଯିବ ବାରମ୍ବାର କହି କରୁ ନ ଥିଲେ ବି ସହଜରେ ବିଦ୍ରୋହ ଦାନା ବାନ୍ଧିପାରେ ନାହିଁ। ପ୍ରତିଶ୍ରୁତି ବିଦ୍ରୋହୀଙ୍କ ମନକୁ ଅସ୍ତମିତ କରେ।

ଗୋଟିଏ ଉଦାହରଣରୁ ଏହା ସ୍ପଷ୍ଟ ହୋଇପାରିବ। ପୁରୀ ସହର କଥା। ଆଗରୁ ଯେତିକି ଉନ୍ନତି ହୋଇଛି ଏବେ କିଛିଟା ଆଖିଦୃଶିଆ ଉନ୍ନତି ହେବା ପରି ଲାଗୁଛି କି? ଶ୍ରୀମନ୍ଦିରର ଚାରିପାଖ ଯେତିକି ପ୍ରଶସ୍ତ କରାଯାଇଛି, ତାହାର ଭଲ ମନ୍ଦ ବିଚାର ନ କରି ଆଗ ଭାବିବା, ପୂର୍ବପରି ସଂକୀର୍ଣ୍ଣ ରାସ୍ତାଥିଲେ ପୁରୀ ସହର କ୍ରମବର୍ଦ୍ଧିଷ୍ଣୁ ଲକ୍ଷ ଲକ୍ଷ ଭକ୍ତଙ୍କୁ ସେତିକିରେ ସ୍ଥାନ ଦେଇପାରିଥାନ୍ତା କି? ପୁରୀ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ କାମ କିଛି ଆଗେଇଥିବାର ନଜରକୁ ଆସୁନାହିଁ। ରାଜଧାନୀ ଭୁବନେଶ୍ୱରରୁ ପୁରୀକୁ ଛଅଟିକିଆ ଆଉ ଗୋଟିଏ ସିଧାରାସ୍ତା କରାଯିବାର ପରିପ୍ରକାଶ କାଗଜ କଲମରେ ଅଛି ନା ଲିଭିଗଲାଣି ଜାଣିହେଉନି। ଶ୍ରୀମହାପ୍ରଭୁଙ୍କ ସୁନା ଅଳଙ୍କାର ଗଣତିମଣତି ବିଭିନ୍ନ ଆଳରେ ଡେରି ହେବାରେ ଲାଗିଛି। ଏଇ ସବୁରୁ ଜଣାପଡ଼େ ରାଜନୀତି ବଦଳିଗଲେ ପାଣିପାଗ କେମିତି ରହେ। ଆଉ ଚିଲିକାରେ ପୋଲ ଅବଶ୍ୟ ହେବ ବୋଲି ଶୁଣାଯାଉଛି। ଯାହା ହେଉ, ଗଲା ସରକାରର ଜନକଲ୍ୟାଣ କାର୍ଯ୍ୟଗୁଡ଼ିକର ଅଗ୍ରଗତି ପ୍ରତି ଦୃଷ୍ଟି ରହୁ। ନଚେତ୍ ପାଞ୍ଚବର୍ଷ ଶାସନ ସମୟକୁ ଛଅ ବର୍ଷରେ କରିବାର ପ୍ରତିଶ୍ରୁତି ଦେଇ କିଛି ନ କଲେ ବି କେହି କହିବାର କୌଣସି ଉପାୟ ରହିବ ନାହିଁ। ବରଂ ଏହା କାମ ସମ୍ପୂର୍ଣ୍ଣ କରିପାରିବାରେ ଅକ୍ଷମତା ବୋଲି ଧରି ନିଆଯାଇପାରେ।



ଅବଶ୍ୟ ଏବେ ପୁରୀ ସହରକୁ ମହାନଗର ନିଗମ ଘୋଷଣା କରିବାର ପରିକଳ୍ପନା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପ୍ରଚାରରେ ଏଥିପାଇଁ କାଲିଠାରୁ କାର୍ଯ୍ୟ ଆରମ୍ଭ ହେବାର ପ୍ରକାଶ ପୁରୀ ଲୋକଙ୍କୁ ଆହୁରି ଆକର୍ଷିତ ଏବଂ ଆଶ୍ୱସ୍ତ କରିଛି। ତେବେ ସରକାର ଏ ଦିଗରେ ଆଗଉଥିବାର କୌଣସି ଅନୁକୂଳ ପରିବେଶ ପୁରୀବାସୀଙ୍କୁ ପରିଲକ୍ଷିତ ହେଉନାହିଁ। ସୁଶାସନର ନାରା ଦେଇ ସରକାର ସୁଶାସନ କରୁଛନ୍ତି କହିବା ଲୋକେ ଅନୁଭବ କରୁଛନ୍ତି ତ ?

ସବୁ ସମୟରେ ଲୋକମାନେ ଦଳମତ ନିର୍ବିଶେଷରେ ସରକାରଙ୍କର ଶାସନାଧୀନ। ସମସ୍ତଙ୍କ କଲ୍ୟାଣ ଦେଶର କଲ୍ୟାଣ। ପୂର୍ବ ସରକାର ଯଦି କିଛି କଲ୍ୟାଣକର କାର୍ଯ୍ୟ କରିଥାଏ, ତା'ଠାରୁ ଅଧିକ କଲ୍ୟାଣକର କାର୍ଯ୍ୟ କରି ଲୋକଙ୍କର ଆସ୍ଥା ଭାଜନ ହେବା ନୂତନ ସରକାରର ଆଭିମୁଖ୍ୟ, ମୂଳଲକ୍ଷ୍ୟ ହେବା ବିଧେୟ। ଏହା ନ ହୋଇ ଯଦି ପୂର୍ବ କାର୍ଯ୍ୟର ତର୍ଜମା କରି ପୂର୍ବ ସରକାରକୁ ବଦନାମ କରିବାରେ ନୂତନ ସରକାର ବ୍ୟସ୍ତ ରହିବେ, ତେବେ ପ୍ରଗତିମୂଳକ ନୂତନ କାର୍ଯ୍ୟପନ୍ଥା ଗ୍ରହଣ ହେବ କେବେ! ପ୍ରଗତି କାମରେ ନୁହେଁ, କଥାରେ ହିଁ ରହିଯିବ।

ଆଜି ହେଉ କି କାଲି, ଯଦି ପୁରୀକୁ ମହାନଗର ନିଗମରେ ପରିଣତ କରାଯାଏ ଏବଂ ଆନ୍ତର୍ଜାତିକ ବିମାନ ବନ୍ଦର କାର୍ଯ୍ୟକ୍ଷମ ହୁଏ, ତେବେ ଏହା କେବଳ ଭାରତର ନୁହେଁ, ସାରା ପୃଥିବୀର ପର୍ଯ୍ୟଟକମାନଙ୍କର ଏକ ମନଲୋଭା ଆକର୍ଷଣୀୟ କେନ୍ଦ୍ର ହେବ ଏହା ନିଃସନ୍ଦେହ। ସରକାରୀ ଆୟ ବଢ଼ିବ। ଏସବୁ କାର୍ଯ୍ୟକାରୀ ହେଲେ, ପୁନଶ୍ଚ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ପ୍ରଶସ୍ତୀକରଣ ଅନିବାର୍ଯ୍ୟ ହୋଇପଡ଼ିବ। ଗମନାଗମନର ଯେତେ ବିକାଶ ହେବ, ଭକ୍ତଙ୍କ ସୁଅ ସେତେ ଛୁଟିବ। ପ୍ରତିବର୍ଷ ରଥଯାତ୍ରାରେ ଭକ୍ତଙ୍କ ଉପସ୍ଥିତି ଲକ୍ଷ ଲକ୍ଷ ଆକାରରେ ବଢ଼ି ଚାଲୁଛି। କିନ୍ତୁ ସହର ଭିତରେ ଅର୍ଥାତ୍ ସିଂହଦ୍ୱାରଠାରୁ ଗୁଣ୍ଡିଚାମନ୍ଦିର ପର୍ଯ୍ୟନ୍ତ ରାସ୍ତା ଯେ ସ୍ଥିର ଏବଂ ସୀମିତ। ରାସ୍ତାର ଓସାର ବୃଦ୍ଧି ମଧ୍ୟ ଅଧିକ ହେବାର ଆବଶ୍ୟକତା ଉପଲବ୍ଧି ହେଲାଣି।

କଥା ଅପେକ୍ଷା କାମ ଲୋକଙ୍କୁ ଅଧିକ ଆକର୍ଷିତ ଏବଂ ପ୍ରଭାବିତ କରେ। କଥା ସାମୟିକ ଖୁସି ଆଣେ, ପରେ କାର୍ଯ୍ୟଠାରୁ ଦୂରେଇଗଲେ ଘୃଣା ସୃଷ୍ଟି କରେ। ସମଷ୍ଟିଗତ ଅପେକ୍ଷା ଗୋଷ୍ଠୀଗତ କେବେ ସ୍ପୃହଣୀୟ ନୁହେଁ। ସମସ୍ତେ ଭାରତୀୟ। ଭାରତ ସମସ୍ତଙ୍କର। ଉନ୍ନତି ପରିକଳ୍ପନା କରାଯାଉ ଭାରତର। ତେବେ ଯାଇ ଦେଶର ଅଭିବୃଦ୍ଧି ସମ୍ଭବ। ବିକଶିତ ଭାରତର ସ୍ୱପ୍ନ ସାକାର ହେବ। ଯେ କେହି ଦଳ ସରକାରକୁ ଆସିଲେ ଦଳ ତା'ର ମୁଖ୍ୟ ନ ହୋଇ ଜନତା, ଦେଶ ତା'ର ନିଜର ହେଉ। ସର୍ବାଙ୍ଗୀନ ଉନ୍ନତି ପ୍ରତି ଧ୍ୟାନ ଦିଆଯାଉ। ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଅଭାବୀର ଭାବ ପୂରଣ ସରକାରଙ୍କର ପ୍ରାଥମିକତାରେ ରହୁ। ଲୋକଙ୍କ କଥା ଭାବିଲେ, ଲୋକେ ବି ସରକାରଙ୍କ କଥା ଭାବିବେ। ସରକାର ଲୋକମୁଖରେ ଲୋକଙ୍କ ସରକାର ବୋଲି ପ୍ରକଟିତ ହେବ। ସରକାରଙ୍କୁ ଏହା ଲୋକଙ୍କ ସରକାର ବୋଲି କହିବାକୁ ପଡ଼ିବ, ଅନୁଭବରେ ଆସିବ। ଜନତାଙ୍କ ପାଇଁ କହନ୍ତୁ, କରନ୍ତୁ।

**ଗୁଣ୍ଡିଚାବିହାର, ପୁରୀ**

**ମୋ: ୮୨୪୯୦୮୨୪୦୦**

## ଚିରନ୍ତନୀ

ଚିକୁରେ ତାର ଲୋହିତ କ୍ରୀଡ଼ା
ସୃଷ୍ଟି କରେ ସ୍ୱପନ
ହେ ନିରିବୋଧ ଏକାକୀ କବି
ଉଦାସ କିପାଁ ଲପନ ?
ବଥାଇ ଉଠେ ରୁଦ୍ଧତାର
କ୍ରନ୍ଦନ ହେ କ୍ରନ୍ଦନ
ପଉଷ–ଶେଷ ସନ୍ଧ୍ୟା ଘେନ
ବନ୍ଦନ !
–(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଲଫାପା ମିଳୁ ନାହିଁ

ମହାଶୟ,

ଆଗକୁ ରାଖୀ ପୂର୍ଣ୍ଣମୀ। ଦୂର ଦୂରାନ୍ତରେ ରହୁଥିବା ଭାଇମାନଙ୍କ ପାଖକୁ ରାଖୀ ପଠାଇବା ପାଇଁ ଭଉଣୀମାନେ ଡାକଘରକୁ ଯାଉଛନ୍ତି। କିନ୍ତୁ ଦେଖାଯାଉଛି ଅନେକ ଡାକ ଅଫିସରେ ଏନ୍‌ଭଲପ୍ ବା ଲଫାପା ମିଳୁନାହିଁ। ଭଉଣୀମାନେ ନିରାଶ ହେଉଛନ୍ତି ଏବଂ ବାହାରୁ ବହି ଦୋକାନରୁ ଅଧିକ ୫ଟଙ୍କା ଦେଇ ଏନ୍‌ଭଲପ୍ କିଣୁଛନ୍ତି। ବହୁ ସମୟରେ ବହି ଦୋକାନରେ ମଧ୍ୟ ଏହା ମିଳୁ ନାହିଁ। ଏଣୁ ଲୋକମାନେ ଡାକଘର ଉପରେ ନିର୍ଭର କରି ହଇରାଣ ହେଉଛନ୍ତି। ତେଣୁ ଏଥିପ୍ରତି ଡାକବିଭାଗ ଦୃଷ୍ଟି ଦେବାକୁ ଅନୁରୋଧ।

**–କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନାବାଳିକାଙ୍କୁ ବ୍ଲାକମେଲ୍, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୭।୮(ସତ୍ୟଜିତ୍ ରାଉତ)– ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବାକୁ ଧମକ ଦେଇ ବ୍ଲାକମେଲ୍ ମାମଲାରେ ଖାରବେଳନଗର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ସତ୍ୟନଗରରୁ ଗୁରୁବାର ଗିରଫ କରିଛି। ସେ ହେଲେ ପୁରୀ ଜିଲା ଗଡ଼ିଶାଗୋଦା ଥାନା ଅଞ୍ଚଳର ନିର୍ମଳ ଚନ୍ଦ୍ର ବଳିଆରସିଂ (୩୩)। ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୀଡ଼ିତା ତଥା ସତ୍ୟନଗର ଅଞ୍ଚଳରେ ରହୁଥିବା ୧୭ ବର୍ଷୀୟା ନାବାଳିକାଙ୍କ ଅଭିଯୋଗ ଅନୁସାରେ, ନିର୍ମଳ ୮ରୁ ୯ ମାସ ଧରି ତାଙ୍କୁ କଲ୍ କରି କଥା ହେବା ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ। ହେଲେ ନିର୍ମଳ ଅନ୍ୟଜଣେ ମହିଳାଙ୍କ ସହ ସମ୍ପର୍କ ରଖିଥିବା ଜାଣି ପୀଡ଼ିତା ଦୂରେଇ ଆସିଥିଲେ। ଏହାପରେ ନିର୍ମଳ ଧମକ ଦେବା ସହ ନାବାଳିକାଙ୍କ ସହ ଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ କରିଦେବାର ଧମକ ଦେଉଥିଲେ।

### କେବୁଲ ଅପରେଟରଙ୍କ ଅକାଳ ବିୟୋଗ

ତ୍ରିଶୂଳିଆ, ୭।୮ (ତୁଷାର କାନ୍ତ ବେହେରା): ବାରଙ୍ଗ ଅଞ୍ଚଳର କେବୁଲ ଅପରେଟରଙ୍କ ବୁଧବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ସେ ହେଲେ ଅଶୋକ ବଡ ଜେନା(ମିଟୁ)। ରାତିରେ ଶୋଇଥିବାବେଳେ ହଠାତ୍ ଅଶୋକ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ଚିକିତ୍ସା ନିମନ୍ତେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କୁ ୪୬ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବରରେ ବାରଙ୍ଗ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ସ୍ତନ୍ୟପାନ ସମର୍ଥନରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ

ଭୁବନେଶ୍ୱର, ୭।୮(ବନ୍ଦନା ସେଠୀ)

ମା' କ୍ଷୀର ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବଢାଉଛି। ତେଣୁ ଶତପ୍ରତିଶତ ସ୍ତନ୍ୟପାନ ପାଇଁ ମା'ମାନେ ସଂକଳ୍ପ ନେବା ଆବଶ୍ୟକ। ସ୍ତନ୍ୟପାନ ସମର୍ଥନରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ଗୁରୁବାର ବିଶ୍ୱ ସ୍ତନ୍ୟପାନ ସପ୍ତାହର ଶେଷ ଦିନରେ ଗୀତଗୋବିନ୍ଦ ସଦନରେ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ମହାଲିଙ୍ଗ ରାଜ୍ୟରେ ସ୍ତନ୍ୟପାନ ପ୍ରଚାର, ସୁରକ୍ଷା ଓ ସମର୍ଥନ ପାଇଁ ଏକ ଦୃଢ ଏବଂ ସମୁଦାୟ ଭାଗୀଦାରି ମାଧ୍ୟମରେ ପ୍ରତିବଦ୍ଧତା ଆବଶ୍ୟକ। ଅଗଷ୍ଟ ୧ରୁ ୭ ପର୍ଯ୍ୟନ୍ତ ପାଳିତ ହେଉଥିବା ବିଶ୍ୱ ସ୍ତନ୍ୟପାନ ସପ୍ତାହ ସାରା ବିଶ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ। ଏହାଦ୍ୱାରା ସ୍ତନ୍ୟପାନ ଅଭିଯାନରେ ନୂତନ ଉତ୍ସାହ ଅଣାଯାଇ ପାରିବ। ସ୍ୱାସ୍ଥ୍ୟ, ସଂସ୍ଥାନ ଉଭୟ ସ୍ତରରେ ମା'ମାନଙ୍କୁ ସମର୍ଥନ ଦେବାଦ୍ୱାରା ଏହି ଲକ୍ଷ୍ୟକୁ ପୂରଣ କରିପାରିବା ବୋଲି ମନ୍ତ୍ରୀ କହିଛନ୍ତି। ଶତକଡା ୬୮.୫୬ ପ୍ରତିଶତ ମା' ଜନ୍ମ ପରେ ପ୍ରଥମ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ ଆରମ୍ଭ କରନ୍ତି। ଶତକଡା ୭୨.୯ ପ୍ରତିଶତ ଶିଶୁ ଜନ୍ମ ପରେ ପ୍ରଥମ ୬ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ କରନ୍ତି। ଶତକଡା ୬୭.୫ ପ୍ରତିଶତ ଶିଶୁ ୬ମାସ ପରେ ସ୍ତନ୍ୟପାନ ସହିତ ପୂରକ ଖାଦ୍ୟ ଆରମ୍ଭ କରନ୍ତି ବୋଲି ସୂଚନା ଦିଆଯାଇଛି। ଏହି ଅବସରରେ ବ୍ୟାପକ ସ୍ତନ୍ୟପାନ ପରିଚାଳନା କେନ୍ଦ୍ର, ଶିଶୁଙ୍କ ପାଇଁ ଉପଲବ୍ଧ ଶ୍ରେଷ୍ଠ ପ୍ରୟାସିତ ହସ୍ପିଟାଲ, ପୃଷ୍ଟି ପୁନର୍ବାସ କେନ୍ଦ୍ରରେ ଶ୍ରେଷ୍ଠ ପୁରସ୍କୃତ ମେଡିକାଲକୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଡା. ବିଜୟ କୁମାର ମହାପାତ୍ର, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ରାଜ୍ୟଶ୍ରୀ ପଟ୍ଟନାୟକ, ରାଜ୍ୟ ସ୍ୱାସ୍ଥ୍ୟସମ୍ବଳ କେନ୍ଦ୍ର ଟିମ୍ ମୁଖ୍ୟ ଡା. ଦୀନବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହରେ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହ ଅନ୍ୟ ଅତିଥି।

# ଜମି ଦେବାକୁ କହି ୧.୬୬ କୋଟି ଠକେଇ

## ଅଭିଯୋଗ କରିବାରୁ ଲୁହାରଡ୍‌ରେ ଆକ୍ରମଣ, ଦମ୍ପତି ଗିରଫ

ଭୁବନେଶ୍ୱର,୭।୮(ସତ୍ୟଜିତ୍ ରାଉତ)

ଜମି ଦେବା ଆଳରେ ୧.୬୬ କୋଟି ଟଙ୍କା ଠକେଇ କଲେ। ଥାନାରେ ଅଭିଯୋଗ କରିବାରୁ ଠକେଇର ଶିକାର ହୋଇଥିବା ଅଭିଯୋଗକାରୀଙ୍କୁ ଲୁହାରଡରେ ଆକ୍ରମଣ କଲେ। ଏହି ମାମଲାରେ ଲକ୍ଷ୍ମୀସାଗର ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତ ଦମ୍ପତିଙ୍କୁ ଗୁରୁବାର ଗିରଫ କରିଛି। ସେମାନେ ଏହି ଥାନା ଅନ୍ତର୍ଗତ ସବରସାହିରେ ରହୁଥିବା କଟକ ଦରଘା ବଜାର ଅଞ୍ଚଳର ମହମ୍ମଦ ୱାକିଲ୍ (୪୯) ଓ ତାଙ୍କ ସ୍ତ୍ରୀ ସହଦୁତୁନ୍ ନିଶା (୩୮)। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ଲୁହାରଡ ଜବତ ହୋଇଛି। ଠକେଇ ଓ ଆକ୍ରମଣର ଶିକାର ହୋଇଥିବା ସ୍ଥାନୀୟ ଅଞ୍ଚଳର ରବୀନ୍ଦ୍ର କୁମାର ସାହୁଙ୍କ ଏତଲାକ୍ରମେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ସୂଚନା ଅନୁଯାୟୀ, ୨୦୨୪ ଜାନୁଆରୀରେ ଅଭିଯୁକ୍ତଦ୍ୱୟ ଆର୍ଥିକ ଅନଟନ ଦର୍ଶାଇ ରବୀନ୍ଦ୍ରଙ୍କ ପାଖକୁ ଯାଇଥିଲେ। ଲକ୍ଷ୍ମୀସାଗର ମୌଜାରେ ଥିବା ତାଙ୍କର ଏକ ଘରବାଡି କିସମ ଜମି ବିକ୍ରି କରିବାକୁ କହି ୨.୧୫ କୋଟି ଟଙ୍କା ମାଗିଥିଲେ। ପ୍ରଥମ ପର୍ଯ୍ୟାୟରେ ଜମି ବିକ୍ରି ପାଇଁ ଅଗ୍ରୀମ ଦେୟ ଭାବରେ ୧ କୋଟି ୬୬ ଲକ୍ଷ ୫୦ ହଜାର ଟଙ୍କା ଦେବାକୁ ଚୁକ୍ତି ହୋଇଥିଲା। ସେହିବର୍ଷ ଜାନୁଆରୀ ଓ ଅଗଷ୍ଟ ମଧ୍ୟରେ ରବୀନ୍ଦ୍ର ବିଭିନ୍ନ କିସ୍ତି ଜରିଆରେ ଉକ୍ତ ଦମ୍ପତିଙ୍କୁ ଟଙ୍କା ଦେଇଥିଲେ। ହେଲେ ଉକ୍ତ ଜମିକୁ ଅନ୍ୟ ଜଣଙ୍କୁ ବିକ୍ରି କରିବାକୁ ଉଦ୍ୟମ କରୁଥିବା ଜାଣିବା ପରେ ରବୀନ୍ଦ୍ର ପଚାରିବାରୁ ସୋମବାର ଅଭିଯୁକ୍ତ ଦମ୍ପତି ଲୁହାରଡରେ ତାଙ୍କୁ ଆକ୍ରମଣ କରିଥିଲେ।



ଗୋ ହତ୍ୟା, ଗୋ ଚାଲାଣ ବନ୍ଦ ପାଇଁ ଗୋପୁତ୍ର ପରିବାର ପକ୍ଷରୁ ଭୁବନେଶ୍ୱର ଏଜି ଛକରେ ବିକ୍ଷୋଭ କରାଯାଉଛି।


सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(कोल इण्डिया की एक अनुषंगी ईकाई)/(A Subsidiary of Coal India Ltd.)
गोंदवाना प्लेस, काँके रोड, राँची–834008, झारखंड, भारत

सूचना/NOTICE

"सामग्री, कार्यों एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इंडिया लिमिटेड की वेबसाइट www.coalindia.in/ संबंधित अनुषंगी कंपनी (सीएमपीडीआई, www.cmpdi.co.in), सीआईएल ई–प्रोक्योरमेंट पोर्टल https://coalindiatenders.nic.in एवं सेंट्रल पब्लिक प्रोक्योरमेंट पोर्टल https://eprocure.gov.in पर उपलब्ध हैं। इसके अलावा, जीईएम पोर्टल https://gem.gov.in के माध्यम से भी खरीद की जाती है।"/
"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/ respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM portal https://gem.gov.in."


# ରାସ୍ତା ନିର୍ମାଣରେ ବ୍ୟବହାର ହେବ ପ୍ଲାଷ୍ଟିକ୍ ବର୍ଜ୍ୟ

ଭୁବନେଶ୍ୱର, ୭।୮ (ବନ୍ଦନା ସେଠୀ) – ପ୍ଲାଷ୍ଟିକ ବର୍ଜ୍ୟ ବା ଅଳିଆ ଏବେ ପରିବେଶ ପ୍ରଦୂଷଣ ବୃଦ୍ଧି କରିବା ସହ ମଣିଷ ଓ ପଶୁପକ୍ଷୀଙ୍କ ପାଇଁ ବଡ଼ ବିପଦ ସାଜିଛି। ତେବେ ପ୍ଲାଷ୍ଟିକ ବର୍ଜ୍ୟର ସୁବିନିଯୋଗ କରାଯାଇ କିପରି ଏହି ବିପଦକୁ ଏଡାଇ ହେବ ସେନେଇ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ଏବେ ରାସ୍ତା ନିର୍ମାଣରେ ଏହାକୁ ବ୍ୟବହାର କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ଅଣ୍ଟାଭିଡିଛି। ଏ ସଂକ୍ରାନ୍ତରେ ଗୁରୁବାର ଖାରବେଳ ଭବନଠାରେ ଏକ ବୈଠକ ବସିଥିଲା। ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଅଧ୍ୟକ୍ଷତା କରି ସହରାଞ୍ଚଳ ରାସ୍ତା ନିର୍ମାଣରେ ପ୍ଲାଷ୍ଟିକ ଅଳିଆ ବ୍ୟବହାର ଉପରେ ବିଚାରବିମର୍ଶ କରିଥିଲେ। ସେ କହିଲେ, ପ୍ଲାଷ୍ଟିକ ଅଳିଆ ବିଶେଷକରି ବୋତଲ ଓ କ୍ୟାରିବ୍ୟାଗ୍ ଆଦିକୁ ଖଣ୍ଡ ଖଣ୍ଡ କରି ଗରମ ବିଟୁମେନ ଏବଂ ସମାହାର ସହିତ ମିଶ୍ରିତ କରି ରାସ୍ତା ନିର୍ମାଣ କରାଯାଇପାରିବ। ଏହି ପଦ୍ଧତି ପୂର୍ବରୁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ) ଦ୍ୱାରା ସଫଳତାର ସହିତ କାର୍ଯ୍ୟକାରୀ କରାଯାଉଛି। ଏହା ରାସ୍ତାର ସ୍ଥାୟିତ୍ୱ ଏବଂ ଗୁଣବତ୍ତା ବୃଦ୍ଧି କରିବା ସହିତ ପ୍ଲାଷ୍ଟିକ ଅଳିଆ ପରିଚାଳନା ପାଇଁ ଏକ କାର୍ଯ୍ୟକାରୀ ସମାଧାନ ଭାବରେ ମଧ୍ୟ କାର୍ଯ୍ୟ କରିବ। ତେବେ ରାସ୍ତା ନିର୍ମାଣରେ ପ୍ଲାଷ୍ଟିକ ଅଳିଆ ବ୍ୟବହାର କରି ରାଜ୍ୟର କିଛି ସହରାଞ୍ଚଳରେ ପାଇଲଟ ପ୍ରକଳ୍ପ ଆରମ୍ଭ କରିବାର ସମ୍ଭାବ୍ୟତା ଅନୁସନ୍ଧାନ କରାଯାଇଥିଲା। ଏହି ପଦକ୍ଷେପ ପରିବେଶ ପ୍ରଦୂଷଣ ହ୍ରାସ କରିବାରେ ସାହାଯ୍ୟ କରିବ ଏବଂ ଏକ ବୃତ୍ତାକାର ଅର୍ଥନୀତି ପ୍ରତି ଯୋଗଦାନ ଦେବ ବୋଲି ଆଲୋଚନା ହୋଇଥିଲା। ବୈଠକରେ ବିଡିଏ ଉପାଧ୍ୟକ୍ଷ ଡ. ଏନ. ଥିରୁମାଲା ନାଏକ, ଏନ୍ଏଚ୍ଆଇ ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି. ବର୍ମା, ପ୍ରବନ୍ଧକ ଟେକ୍ନିକାଲ ଆର୍‌ଓ ଅବିନାଶ ବେହେରା, ଇଆଇସି ପିଏଚ ବିକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


## ଦ.ପୂ. ରେଳପଥ – ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୦୮/୧, ତାରିଖ: ୦୬।୦୮।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର–୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ–ଟେଣ୍ଡର ଆହ୍ୱାନ କରାଯାଉଛି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ । କ୍ର.ସଂ.-୧, ଟେଣ୍ଡର ନଂ.: ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୦୬-୨୦୨୫ । କାର୍ଯ୍ୟର ବର୍ଣ୍ଣନା: ରୋଲିଂ ଷ୍ଟକ୍ ବଜାୟ ରଖିବା ପାଇଁ ଖଡ଼ଗପୁର ୱାର୍କଶପର ପ୍ରଡକ୍ସନ୍ ଶପଗୁଡ଼ିକରେ ଭିତ୍ତିଭୂମି ସୁବିଧାଗୁଡ଼ିକର ପରିବର୍ଦ୍ଧନ ଓ ଉନ୍ନତୀକରଣ । ଟେଣ୍ଡର ମୂଲ୍ୟ: ₹୬,୩୫,୧୨,୦୦୪.୦୪ । ଅମାନତ ରାଶି: ₹୪,୬୭,୬୦୦ । କାର୍ଯ୍ୟ ସମାପ୍ତି ଅବଧି: ୧୮ ମାସ । କ୍ର.ସଂ.-୨, ଟେଣ୍ଡର ନଂ.: ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୦୭-୨୦୨୫ । କାର୍ଯ୍ୟର ବର୍ଣ୍ଣନା: ୱାଗନ୍ ରିପେୟାର୍ ଶପ୍, ଖଡ଼ଗପୁର ୱାର୍କଶପର ସିବିସି ଓଭରହଲିଂ ସେକ୍ସନ ତଥା କରୋଜନ୍ ରିପେୟାର୍ ଶପର ଉନ୍ନତୀକରଣ । ଟେଣ୍ଡର ମୂଲ୍ୟ: ₹୯୭,୭୩,୧୩୬ । ଅମାନତ ରାଶି: ₹୧,୯୫,୫୦୦ । କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୦ (କ୍ର..ସଂ. ୧ ଓ ୨ ପାଇଁ ପ୍ରତ୍ୟେକ) । ଖୋଲାଯିବା ତାରିଖ: ତା୨୮।୦୮।୨୦୨୫ରିଖ (କ୍ର.ସଂ. ୧ ଓ ୨ ପାଇଁ ପ୍ରତ୍ୟେକ) । ବିଡିଂ ଆରମ୍ଭ ତାରିଖ: ତା୧୪।୦୮।୨୦୨୫ରିଖରୁ ତା୨୮।୦୮।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୧ ଓ ୨ ପାଇଁ ପ୍ରତ୍ୟେକ) । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-493)



केनरा बैंक Canara Bank
सिंडिकेट Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.:୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

## ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ କାନାରା ବ୍ୟାଙ୍କ ଦ୍ୱାରା ଜାରିକରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଓସ୍ତପୁର ଶାଖା / ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | (କ) ଋଣ/ମଞ୍ଜୁରି ଋଣ (ଖ) ଏନପିଏ ତାରିଖ (ଗ)ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ସୁଦ୍ଧା ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ମେସର୍ସ ସାଇ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ତ୍ୱାଧିକାରୀ: ମନସ୍ମିତା ରାଉତରାୟ, ସା: ରାହାଣିଆ, ଗୋକୁଳପୁର, କଟକ-୭୫୪୨୦୪, ୨) ଶ୍ରୀମତୀ ମନସ୍ମିତା ରାଉତରାୟ, ପିତା: ସଦାନନ୍ଦ ରାଉତରାୟ, ସା: କାଳିଅଣ୍ଟି, ପୋ: ଚୟନପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ-୭୫୪୨୦୪ / ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀ ଅସିତ୍ କୁମାର ମହାନ୍ତି, ପିତା: ଅଜିତ୍ କୁମାର ମହାନ୍ତି, ସା: କାଳିଅଣ୍ଟି, ପୋ: ଚୟନପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ-୭୫୪୨୦୪ / ଆକାଉଣ୍ଟ ନଂ.: ୧) ୧୨୫୦୦୩୦୮୪୬୦୨ (ଏମଏସଏମଇ), ୨) ୧୭୦୦୦୭୧୪୧୦୬୮(ଏମଏସଏମଇ) | କ)ଟ.୧୧,୦୦,୦୦୦/- ଖ) ୩୦.୦୪.୨୦୨୪ ଗ) ୦୪.୦୮.୨୦୨୫ | ୦୪.୦୮.୨୦୨୫ ସୁଦ୍ଧା ଟ.୧୩,୧୫,୬୧୧.୭୭ + ସୁଧ ଏବଂ ସେବାବଦ ଖର୍ଚ୍ଚ | ଶ୍ରୀ ଅସିତ୍ କୁମାର ମହାନ୍ତିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୯୦୩/୩୫୫, ପ୍ଲଟ୍ ନଂ.:୧୭୦୫/୩୩୫୮, କ୍ଷେତ୍ର: ଏକର୦.୦୪୦ଡିସିମିଲି, କିସମ: ଘରବାରୀ, ଅନୁରୂପ ସାବକ ଖାତା ନଂ.: ୯୦୩/୧୧୩, ପରବର୍ତ୍ତୀ ଅନୁରୂପ ଚକବନ୍ଦୀ ଖାତା ନଂ.: ୫୬୦, ମୌଜା: କାଳିଅଣ୍ଟି, ତହସିଲ: ମାହାଙ୍ଗା, ଜିଲ୍ଲା: କଟକ, ଏସ୍ଆର୍‌ଓ: ମାହାଙ୍ଗା, ଏହାର ଚାରିପାର୍ଶ୍ୱରେ ଉତ୍ତର: କାଳିଅଣ୍ଟି ୟୁପିଏମଇ ସ୍କୁଲ, ଦକ୍ଷିଣ: ପ୍ଲଟ୍ ନଂ.: ୧୭୦୫/୩୩୫୭, ପୂର୍ବ: ଜଚ୍ଚିନ୍ଦ୍ର ମହାନ୍ତି, ପଶ୍ଚିମ: କେନାଲ ବନ୍ଧ ରାସ୍ତା |

ଆପଣ, ଉପରୋକ୍ତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍‌ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି କି ଏହି ନୋଟିସ ପ୍ରକାଶନର ୬୦ ଦିନ ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବୁ । ଆପଣଙ୍କୁ ଜଣାଇ ଦିଆଯାଉଛି କି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନିୟମାବଳୀ ଅନୁସାରେ ଆପଣ ଏହି ନୋଟିସ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବୀ କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । କଥିତ ଆକ୍ଟର ଉପଧାରା (୨) ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ବକେୟା ରାଶି ସମ୍ପୂର୍ଣ୍ଣଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧିକ ଗ୍ରହଣ କରିପାରନ୍ତି। କ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ସମ୍ପତ୍ତି ଦଖଲ କରିବା ସହିତ ସୁରକ୍ଷିତ ସମ୍ପତ୍ତିକୁ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ କରି ହସ୍ତାନ୍ତରିତ କରିବା ଅଧିକାର ରଖିଛନ୍ତି। ଖ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ବ୍ୟବସାୟ ପରିଚାଳନାକୁ ଟେକଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି। ଉଲ୍ଲେଖଯୋଗ୍ୟ କି, ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ।

ସ୍ଥାନ: କଟକ, ତାରିଖ: ୦୭.୦୮.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ


# ବଳଙ୍ଗା ଘଟଣା: ୬ ଘଣ୍ଟିଆ ପୁରୀ ବନ୍ଦ



ଶୁଭାଶିଷ ଖୁଣ୍ଟିଆ ଏବଂ ଅନ୍ୟ କର୍ମୀମାନେ ବାଇକ ରାଲିରେ ସହର ପରିକ୍ରମା ପାଇଁ ବାହାରିଛନ୍ତି ।

ପୁରୀ/ବଳଙ୍ଗା,୭।୮
(ଅଜିତ୍ କୁମାର ମହାନ୍ତି/କେଦାରେଶ୍ୱର ନନ୍ଦ)

ବଳଙ୍ଗାରେ ନିଆଁରେ ପୋଡି ହୋଇ ଆଖି ବୁଜିଥିବା ନାବାଳିକାଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ପ୍ରଦାନ ଏବଂ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ବିଜେଡି ପକ୍ଷରୁ ଗୁରୁବାର ୬ ଘଣ୍ଟିଆ ପୁରୀ ଜିଲା ବନ୍ଦ ଡାକରା ଦିଆଯାଇଥିଲା। ପୁରୀ ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ଦୋକାନ ବଜାର, ଗାଡ଼ି ଚଳାଚଳ ଆଦି ବନ୍ଦ ରହିଥିଲା। ଏଥିଯୋଗୁ ଯାତ୍ରୀ ଓ ପର୍ଯ୍ୟଟକମାନେ ହଇରାଣ ହୋଇଥିଲେ। ସକାଳ ୬ଟାରୁ ବିଜେଡି ନେତା ଓ କର୍ମୀମାନେ ଅଠରନଳା ସମେତ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଜିଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟ, ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପୁରୀ ବିଧାୟକ ସୁନିଲ ମହାନ୍ତିଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା। ସେହିପରି ବଳଙ୍ଗା ଅଞ୍ଚଳରେ ଦୋକାନବଜାର, ଗାଡ଼ି ଚଳାଚଳ ବନ୍ଦ ରହିଥିଲା। କର୍ମୀମାନେ ବଳଙ୍ଗା ବଜାରରେ ରାସ୍ତାରୋକୋ ଓ ବିକ୍ଷୋଭ ପ୍ରଦର୍ଶନ ସହ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଆନ୍ଦୋଳନରେ ପିପିଲିର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ଦିଲ୍ଲୀପ ନାୟକ, ସୁବ୍ରତ ଛାଟୋଇ, ପ୍ରଶାନ୍ତ ପ୍ରଧାନ, ପ୍ରକାଶ ସାହୁ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ। ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ବନ୍ଦକୁ ପୁରୀବାସୀ ସମର୍ଥନ ଜଣାଇଛନ୍ତି। ବଳଙ୍ଗା ଘଟଣାରେ ପୋଲିସର ତଦନ୍ତ ସନ୍ଦେହ ଘେରରେ ରହୁଛି। ସମ୍ପୃକ୍ତ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ଜିଲା ସଭାପତି ଉମାକାନ୍ତ ସାମନ୍ତରାୟ କହିଛନ୍ତି, ପୀଡ଼ିତାଙ୍କୁ ନ୍ୟାୟ ନ ମିଳିଲା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ।

# ଶ୍ୟାମା ଶଙ୍କର ମଠରେ ଝୁଲଣ ଯାତ୍ରା

ପୁରୁଣା ଭୁବନେଶ୍ୱର,୭।୮(ସୁବାସ ଚନ୍ଦ୍ର ପ୍ରଧାନ): ହାଟସାହିସ୍ଥିତ ଶ୍ୟାମା ଶଙ୍କର ମଠରେ ପୂଜାପାଉଥିବା ପ୍ରଭୁ ଶ୍ରୀ ଆଣ୍ଠୁଆ ଗୋପାଳଙ୍କ ଝୁଲଣ ଯାତ୍ରା ଶ୍ରାବଣ ମାସର ଶୁକ୍ଳପକ୍ଷ ଦଶମୀ ତିଥିରୁ ଆରମ୍ଭ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟେକ ଦିନ ଆଣ୍ଠୁଆ ଗୋପାଳଙ୍କ ସନ୍ଧ୍ୟା ଆଳତି କରାଯିବା ସହ ଘଣ୍ଟଘଣ୍ଟା ପହଣ୍ଡିରେ ମଠ ମନ୍ଦିର ପରିକ୍ରମା କରି ଝୁଲଣ ବିମାନରେ ଅବସ୍ଥାନ କରାଯାଇଥାଏ। ସେଠାରେ ଶ୍ରଦ୍ଧାଳୁମାନେ ଆଣ୍ଠୁଆ ଗୋପାଳଙ୍କ ଦର୍ଶନ କରିଥାନ୍ତି। ନାମ ସଂକୀର୍ତ୍ତନ ଭଜନ ଭଳି ଅଧ୍ୟାତ୍ମିକ ପରିବେଶରେ ମଠ ଭକ୍ତିମୟ ହୋଇଉଠିଥାଏ। ରାତି ୧୦ଟାରେ ଗୋପାଳ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଏହି ଝୁଲଣ ଯାତ୍ରା ରକ୍ଷା ବନ୍ଧନ ତଥା ଗହ୍ମା ପୂର୍ଣ୍ଣିମାରେ ଉଦ୍‌ଯାପନ ହେବ ବୋଲି ମଠ ମୁଖ୍ୟ ପରିଚାଳକ ଅରୁଣ କୁମାର ଗାଙ୍ଗୁଲି କହିଛନ୍ତି। କାର୍ଯ୍ୟକ୍ରମକୁ ସତୀ ସଂଘର ମୁଖ୍ୟ ସଂଯୁକ୍ତା ସାମନ୍ତରାୟ, ଲଳିତା ଦାସ, ନମିତା ମିଶ୍ର, ମଞ୍ଜୁଶ୍ରୀ ସାହୁ, ଲୀଳା ପ୍ରଧାନ ପ୍ରମୁଖ ପରିଚାଳନା କରୁଛନ୍ତି।


नालको NALCO
A NAVRATNA COMPANY

National Aluminium Company Limited
(A Government of India Enterprise)
NALCO Bhawan, Plot No. P/1, Nayapalli, Bhubaneswar-751013, Odisha, India
CIN : L27203OR1981GOI000920

अतुल्य एल्युमिनियम... आम जन से अंतरिक्ष तक

## EXTRACTS OF FINANCIAL RESULTS FOR THE QUARTER ENDED JUNE 30, 2025

(₹ in Crore)

| Sl. No. | Particulars | Standalone | | | | Consolidated | | | |
|---|---|---|---|---|---|---|---|---|---|
| | | Quarter Ended | | | Year Ended | Quarter Ended | | | Year Ended |
| | | 30/06/2025 (Unaudited) | 31/03/2025 (Audited) | 30/06/2024 (Unaudited) | 31/03/2025 (Audited) | 30/06/2025 (Unaudited) | 31/03/2025 (Audited) | 30/06/2024 (Unaudited) | 31/03/2025 (Audited) |
| 1. | Total Income from Operations | 3,806.94 | 5,267.83 | 2,856.10 | 16,787.63 | 3,806.94 | 5,267.83 | 2,856.10 | 16,787.63 |
| 2. | Net Profit for the period (before Tax, Exceptional and /or Extraordinary items) | 1,429.27 | 2,759.64 | 817.01 | 7,135.10 | 1,429.27 | 2,759.64 | 817.01 | 7,135.10 |
| 3. | Net Profit for the period before Tax (after Exceptional and /or Extraordinary items) | 1,429.27 | 2,759.64 | 817.01 | 7,135.10 | 1,414.89 | 2,748.50 | 804.21 | 7,078.37 |
| 4. | Net Profit for the period after Tax ( after Exceptional and /or Extraordinary items) | 1,063.86 | 2,078.37 | 601.22 | 5,324.67 | 1,049.48 | 2,067.23 | 588.42 | 5,267.94 |
| 5. | Total Comprehensive Income for the period comprising Profit/Loss for the period (after tax) and Other Comprehensive Income (after tax) | 1,060.37 | 2,082.21 | 603.20 | 5,310.74 | 1,045.99 | 2,071.05 | 590.40 | 5,253.99 |
| 6. | Equity Share Capital | 918.32 | 918.32 | 918.32 | 918.32 | 918.32 | 918.32 | 918.32 | 918.32 |
| 7. | Reserves (excluding Revaluation Reserve) as shown in the Audited Balance Sheet of the previous year | | | | 17,127.44 | | | | 16,887.12 |
| 8. | Earnings Per Share (before extraordinary items) (of Rs.5/- each) (not annualised): | | | | | | | | |
| | 1. Basic (Rs.) | 5.79 | 11.32 | 3.27 | 28.99 | 5.71 | 11.26 | 3.20 | 28.68 |
| | 2. Diluted (Rs.) | 5.79 | 11.32 | 3.27 | 28.99 | 5.71 | 11.26 | 3.20 | 28.68 |

The above is an extract of the detailed format of Quarterly Financial Results filed with the Stock Exchanges under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full format of the above financial results are available on the Stock Exchange websites, www.nseindia.com and www.bseindia.com; and Company's website, www.nalcoindia.com.

Notes :

(1) The financial results have been reviewed and recommended by the Audit Committee at the meeting held on 7th August, 2025 and approved by the Board of Directors in its meeting held on 7th August, 2025. Limited Review as required under Regulation 33 of the SEBI (Listing Obligations and Disclosure Requirements) Regulations, 2015 has been carried out by the joint Statutory Auditors of the Company.

(2) The Company has four Joint Venture companies namely- 1. M/s. Angul Aluminium Park Pvt. Limited, 2. M/s. GACL-NALCO Alkalies & Chemicals Private Limited, 3. M/s. Khanij Bidesh India Limited, 4. M/s Utkarsha Aluminium Dhatu Nigam Limited. Out of the four joint venture companies whose financials have been consolidated, financials of M/s. Utkarsha Aluminium Dhatu Nigam Limited and M/s. Angul Aluminium Park Private Limited , has been consolidated on the basis of financials as certified by the Management as on reporting date, the effect of which is not material.

(3) The Board of Directors at its meeting held on 7th August, 2025 has recommended final dividend of ₹ 2.50/- per equity share ( 50% on face value of ₹ 5/- each) amounting to ₹ 459.16 crore for the FY 2024-25.

(4) The Company has not recognised the revenue from its two wind power plants (WPP) located in the State of Rajasthan due to non execution of fresh Power Purchase Agreement (PPA) since 01.04.2019 and such issue is being subjudice before Hon'ble High Court of Rajasthan based on writ petition filed by the Company. Similarly, due to non execution of PPA for WPP-Gandikota, Andhra Pradesh, Power generated is wheeled to captive power plant at Angul, Odisha for internal consumption.

(5) The figures of the quarter ended 31st March, 2025 are the balancing figures in respect of the audited full financial year ended 31st March, 2025 and the unaudited published year to date figures up to the third quarter ended 31st December, 2024.

(6) Figures pertaining to previous periods have been regrouped, recasted and rearranged, wherever necessary.

Place : Bhubaneswar
Dated : 7th August, 2025

Sd/-
(Brijendra Pratap Singh)
Chairman-cum-Managing Director

Scan this QR code to view/download the Financial Results

National Aluminium Company Limited
"Unleashing Potential, Shaping New Frontiers"
• Bauxite Mining • Alumina Refinery • Aluminium Smelter • Captive Power Plant
• Captive Coal Blocks • Dedicated Port Facilities • Research & Development • Renewable Energy

**ନୂଆପାଟଣାର ଯୁବ ବୁଣାକାର ପୁରସ୍କୃତ**

ତିଗିରିଆ, ( ଜାଫର ଖାଁ) ଉତ୍କୃଷ୍ଟ ବାନ୍ଧ ଓ ରଙ୍ଗକଳାରେ ନିପୁଣତା ପାଇଁ ଜାତୀୟ ହସ୍ତତନ୍ତ ଦିବସରେ ତିଗିରିଆ ବ୍ଲକ ନୂଆପାଟଣାର ଯୁବ ବୁଣାକାର ଲକ୍ଷ୍ମୀଧର ଗୁଙ୍ଗୁଁ ଗୁରୁବାର ପୁରସ୍କୃତ କରାଯାଇଛନ୍ତି। ଭୁବନେଶ୍ୱରସ୍ଥିତ ଜନତା ମଇଦାନଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସେ ମୁଖ୍ୟ ଅତିଥି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଓଡ଼ିଶା ହସ୍ତତନ୍ତ ବିଭାଗ ଆମ୍ବାସଡର ମାଧୁରୀ ଦୀକ୍ଷିତ ଏବଂ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ପ୍ରମୁଖ ଯୋଗ ଦେଇ ତାଙ୍କୁ ମାନପତ୍ର, ଉତ୍ତରୀୟ, ଓ ୨୫ ହଜାର ଟଙ୍କା ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ୮୧୦ ଲିଟର ଦେଶୀ ମଦ ଜବତ, ୨ ଗିରଫ

ବାଙ୍କୀ/ତିଗିରିଆ, ୭।୮ (ଜାଫର ଖାଁ/ଶୁଭେନ୍ଦୁ ମହାପାତ୍ର):

ତିଗିରିଆ ଥାନା ପଣସପାଟଣା ଓ ଭାଗୁଡ଼ା ଗ୍ରାମ ସମେତ ବଡ଼ମ୍ବା ଥାନା ଅନ୍ତର୍ଗତ ଗୋପୀନାଥପୁରଠାରେ ୮ଟି ସେତୁ ନିକଟରୁ ଆଠଗଡ଼ ଅବକାରୀ ବିଭାଗ ଓ ବାଙ୍କୀ ଅବକାରୀ ଥାନାର ମିଳିତ ସହଯୋଗରେ ବୁଧବାର ରାତିରେ ଓ ଗୁରୁବାର ସକାଳେ ମିଳିତ ଚଢ଼ାଉ କରାଯାଇଛି। ଉକ୍ତ ଚଢ଼ାଉରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

ସେମାନେ ହେଲେ ଢେଙ୍କାନାଳ ଜିଲା ଶଙ୍କରପୁର ଗ୍ରାମର ବିଷଣ ବେହେରା (୨୨) ଓ ପପୁ ବେହେରା(୨୦)। ସୂଚନାଯୋଗ୍ୟ, କଟକ ଜିଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଆଠଗଡ଼ ଅବକାରୀ ଉପ ଅଧୀକ୍ଷକ ସିଏଚ ତ୍ରିପୁଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚଢ଼ାଉ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସର୍ବମୋଟ ୮୧୦ ଲିଟର ଦେଶୀ ମଦ ସହିତ ଦୁଇଟି ଚାରି ଚକିଆ ଗାଡ଼ି ଏବଂ ଦୁଇଟି ସ୍କୁଟି ଜବତ କରାଯିବା ସହ ମୋଟ ୪ ଗୋଟି ମାମଲା ରୁଜୁ କରା ଯାଇଛି। ଘଟଣାରେ ଅନ୍ୟ ୩ଜଣ ଫେରାର ଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଚଢ଼ାଉରେ ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ, ଉପ ନିରୀକ୍ଷକ ଅରୁଣ ଭୋଇ, ବାଙ୍କୀ ଅବକାରୀ ଉପ ନିରୀକ୍ଷକ ସୌମ୍ୟରଞ୍ଜନ ମାଝୀଙ୍କ ସମେତ ଅନ୍ୟାନ୍ୟ ଅବକାରୀ ବିଭାଗର କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଅନିର୍ଦ୍ଦିଷ୍ଟକାଳ ଧାରଣାରେ ବସିଲେ ଚାଷୀ, ଲୋକ ପ୍ରତିନିଧି

## ଅନିୟମିତତାର ତଦନ୍ତ ନ କରି ପୁନର୍ବାର ଆତ୍ମା କମିଟି ଗଠନକୁ ବିରୋଧ

ସାଲେପୁର,୭।୮(ଅରବିନ୍ଦ ଭୂୟାଁ):




ଗଣଧାରଣାରେ ବସିଥିବା ଚାଷୀ ଓ ବିଭିନ୍ନ ପଞ୍ଚାୟତ ଜନପ୍ରତିନିଧି ଓ ଜିଲା ପରିଷଦ ସଭ୍ୟାସଭ୍ୟମାନେ।

ସାଲେପୁର ବ୍ଲକ କୃଷି କାର୍ଯ୍ୟାଳୟ ସମ୍ମୁଖରେ ପୁର୍ନବାର ବ୍ଲକ ଅଞ୍ଚଳର ଚାଷୀ ଓ ବିଭିନ୍ନ ପଞ୍ଚାୟତ ଜନପ୍ରତିନିଧି ଓ ଜିଲା ପରିଷଦ ସଭ୍ୟାସଭ୍ୟମାନେ ଗୁରୁବାର ଗଣଧାରଣା ଦେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ସାଲେପୁର ବ୍ଲକରେ ନୂତନ ଭାବେ ଗଠନ ହେବାକୁ ଥିବା ଆତ୍ମା କମିଟିରେ ଅନିୟମିତତା ହୋଇଥିବା ନେଇ ବିଭିନ୍ନ ପଞ୍ଚାୟତ ଜନପ୍ରତିନିଧିମାନେ ପୂର୍ବରୁ ଜିଲାପାଳ ନିକଟରେ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରିବାକୁ ପ୍ରତିଶ୍ରୁତି ମଧ ଦିଆଯାଇଥିଲା। କିନ୍ତୁ ପରେ ନୂତନ ଆତ୍ମା କମିଟି ଗଠନ ଲାଗି ସ୍ଥିର କରାଯାଇଥିଲା। ଅଗଷ୍ଟ ୪ରେ ଏଥିଲାଗି ସମୟ ନିର୍ଦ୍ଧାରଣ ହୋଇଥିଲା। ଏହି ଖବର ଶୁଣିପାଡ଼ିବା ପରେ ଅଗଷ୍ଟ ୨ରେ କୃଷି କାର୍ଯ୍ୟାଳୟରେ ଚାଷୀ ଓ ପଞ୍ଚାୟତ ପ୍ରତିନିଧିମାନେ ଗଣଧାରଣା ଦେଇଥିଲେ। ଏହାପରେ କୃଷି କାର୍ଯ୍ୟାଳୟ ପକ୍ଷରୁ ଧାରଣାରତ ଚାଷୀ ଓ ପଞ୍ଚାୟତ ପ୍ରତିନିଧିମାନଙ୍କର ଏକ କମିଟି ସହ ଆଲୋଚନା କରାଯାଇ ନୂତନ ଭାବେ ଆତ୍ମା କମିଟି ଗଠନର ତାରିଖ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସବୁ ପ୍ରତିଶ୍ରୁତିକୁ ଭୁଲି ଚଞ୍ଚକତାପୂର୍ବକ ନୂତନ କମିଟି ଗଠନ କରିବାକୁ କୃଷି କାର୍ଯ୍ୟାଳୟ ପକ୍ଷରୁ ଅଗଷ୍ଟ ୮ ଧାର୍ଯ୍ୟ କରାଯାଇଥିଲା। ଏନେଇ ଚିଠି ମଧ୍ୟ ଜାରି କରାଯାଇଥିଲା। ଚାଷୀ ଓ ପଞ୍ଚାୟତ ପ୍ରତିନିଧିମାନେ ଏହା ଜାଣିବା ପରେ ଅସନ୍ତୋଷବ୍ୟକ୍ତ କରି ପୁନର୍ବାର ଗଣଧାରଣା କୃଷି କାର୍ଯ୍ୟାଳୟ ଆଗରେ ଦେଇଛନ୍ତି। ଠିକ୍ ଭାବେ ଆତ୍ମା କମିଟି ସଭ୍ୟାସଭ୍ୟ ଚୟନ ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ସେମାନେ ପ୍ରକାଶ କରିଛନ୍ତି । ଏହି ଗଣଧାରଣାରେ ପୂର୍ବତନ ଆତ୍ମା କମିଟି ସଭାପତି ଦିଲୀପ ଦାଶ, ପୂର୍ବତନ ଆତ୍ମା ସଦସ୍ୟ ବିରଞ୍ଚି ନାରାୟଣ କର, ଜ୍ଞାନରଞ୍ଜନ ପଟ୍ଟନାୟକ, ପ୍ରଭାତ ପାତ୍ର, ଚୌଧୁରୀ ପ୍ରମୋଦ ରାଉତରାୟ, ଅଶୋକ ଭୂୟାଁ, ବ୍ଲକ ଅଧକ୍ଷ ରାମଚନ୍ଦ୍ର ଭୋଇ, ରମେଶ ଜେନା, ଚିତ୍ତରଞ୍ଜନ ମହାନ୍ତି, ଗୁଣନିଧି ଅଲ୍ଲା, ରାଜେଶ ମହାନ୍ତି, ଜିଲା ପରିଷଦ ନମିତା ସେଠୀ, ରଞ୍ଜିତା ସେଠୀ, ହରପ୍ରସନ୍ନ ବେହେରା, ସରପଞ୍ଚ ସଞ୍ଜୟ ବେହୁରା, ମାଣିକ ବେହେରା, ପବିତ୍ର ସାମଲ, ସମିତି ସଭ୍ୟା ପୁଷ୍ପିତା ଭୂୟାଁ, ଲିଟୁ ମାହାଳିଙ୍କ ସମେତ ବହୁ ଚାଷୀ ଓ ପଞ୍ଚାୟତ ପ୍ରତିନିଧିମାନେ ସାମିଲ ହୋଇଛନ୍ତି।

# ହସ୍ତତନ୍ତ ପ୍ରସ୍ତୁତ ବସ୍ତ୍ର ପରିଧାନ ଉପରେ ଗୁରୁତ୍ୱ

ମାଣିଆବନ୍ଧ, ୭।୮ (ଅଖିଳ କୁମାର ସାହୁ):

**ଏକାଦଶ ଜାତୀୟ ହସ୍ତତନ୍ତ ଦିବସ**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ବୁଣାକାର ହାଟସ୍ଥିତ ମାଣିଆବନ୍ଧ ହାଣ୍ଡଲୁମ କ୍ଲଷ୍ଟର କନସୋର୍ଟିୟମ (ମହକ) ଆନୁକୂଲ୍ୟରେ ଗୁରୁବାର ୧୧ତମ ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ସୁବଳ କରଣ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥିଭାବେ ବିଧାୟକ ବିଜୟ କୁମାର ଦଳବେହେରା ଯୋଗଦେଇଥିଲେ। ଆଗାମୀ ଦିନରେ ହସ୍ତତନ୍ତ ଏବଂ ଏଥିସହ ସମ୍ପୃକ୍ତ ସମସ୍ତ କ୍ଷେତ୍ରରେ ଅଧିକ ଉନ୍ନତି କିପରି ହେବ ସେନେଇ ଆଲୋଚନା ହୋଇଥିଲା। ଜନସାଧାରଣଙ୍କ ମଧ୍ୟରେ ହସ୍ତତନ୍ତ ପ୍ରସ୍ତୁତ ବସ୍ତ୍ର ପରିଧାନ ନିମନ୍ତେ ଆଗ୍ରହ ବଢ଼ାଇବା ଓ ବୁଣାକାରଙ୍କ ସୁବିଧା ଅସୁବିଧା ବୁଝିବା ସହ କିଭଳି ମହିଳା ବୁଣାକାର ମାନଙ୍କୁ ଅଧିକ ବୈଷୟିକ ଶିକ୍ଷା ଦିଆଯାଇପାରିବ ସେସମ୍ପର୍କ ବିଧାୟକ ଦଳବେହେରା ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବ୍ଲକ ଅଧକ୍ଷ ରଘୁପତି ମହାନ୍ତି, ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧକ୍ଷ ବିଭୁଦତ୍ତ ପଟ୍ଟନାୟକ, ଜିଲାପରିଷଦ ନୟନା ସାହୁ, ବୁଦ୍ଧ ସଂଘର ପୂର୍ବତନ ସଭାପତି ଅରକ୍ଷିତ ଦେବତା, ପୂର୍ବତନ ମଣ୍ଡଳ ସଭାପତି ଲକ୍ଷ୍ମୀଧର ପ୍ରଧାନ ଓ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧିମାନେ ଯୋଗଦେଇଥିଲେ। ମହକର ସମ୍ପାଦକ ଅରକ୍ଷିତ ସ୍ୱାଇଁ ବିବରଣୀ ପାଠ କରିଥିବା ବେଳେ ନରସିଂହପୁର ବ୍ଲକର ପୂର୍ବତନ ବିଇଓ ଶ୍ରୀନିବାସ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହାକୁ ପରିଚାଳନା ବଟକୃଷ୍ଣ ପ୍ରଧାନ ସଂଯୋଜନା କରିଥିଲେ ।


**सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड**
**CENTRAL MINE PLANNING & DESIGN INSTITUTE LIMITED**
(कोल इण्डिया की एक अनुषंगी ईकाई)/(A Subsidiary of Coal India Ltd.)
गोंदवाना प्लेस, काँके रोड, राँची–834008, झारखंड, भारत

**सूचना/NOTICE**

"सामग्री, कार्यों एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इंडिया लिमिटेड की वेबसाइट **www.coalindia.in/** संबंधित अनुषंगी कंपनी (सीएमपीडीआई, **www.cmpdi.co.in**), सीआईएल ई–प्रोक्योरमेंट पोर्टल **https://coalindiatenders.nic.in** एवं सेंट्रल पब्लिक प्रोक्योरमेंट पोर्टल **https://eprocure.gov.in** पर उपलब्ध हैं। इसके अलावा, जीईएम पोर्टल **https://gem.gov.in** के माध्यम से भी खरीद की जाती है।"/ "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal **https://gem.gov.in**."


# ୧୧ରୁ ସମୂହ ଛୁଟିରେ ଯିବେ ରାଜସ୍ୱ ଅମଲା ସଂଘ

ଆଠଗଡ,୭।୮(ସତ୍ୟ ପ୍ରସାଦ ରଥ): ରାଜ୍ୟ ରାଜସ୍ୱ ଅମଲା ସଂଘର ନିଷ୍ପତ୍ତି ଅନୁଯାୟୀ ପଦବୀ ପୁନଃଗଠନ ଓ ୧୦ ଦଫା ଦାବି ନେଇ ୧୧ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସାମୂହିକ ଛୁଟିରେ ଯିବାକୁ ଗୁରୁବାର ନିଷ୍ପତି ହୋଇଛି। ସଂଘର ଆଠଗଡ ଉପଖଣ୍ଡ ଶାଖା ପକ୍ଷରୁ ସଭାପତି ଅନୁଜ ବେହେରାଙ୍କ ନେତୃତ୍ୱରେ ଆଠଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାୟୀ, ପୂର୍ବରୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗଙ୍କୁ ୧୦ ଦଫା ଦାବପତ୍ର ଦିଆଯାଇଥିଲା। ଏହାର ନକଲ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ମାତ୍ର ସରକାର ଏଥିପ୍ରତି ବୈମାତୃକ ମନୋଭାବ ପୋଷଣ କରଛନ୍ତି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ଯାଞ୍ଚ କଲେ ଜିଲାପାଳ

ସାଲେପୁର,୭।୮(ଅରବିନ୍ଦ ଭୂୟାଁ):

କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହବେ ସିନ୍ଦେ ଗୁରୁବାର ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସିଥିଲେ। ସରକାରଙ୍କ ଦ୍ୱିତୀୟ ପର୍ଯ୍ୟାୟ ଆମ ହସ୍ପିଟାଲ ଯୋଜନାରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତରୀକରଣ ହେବାକୁ ଯାଉଛି। ଏହାପୂର୍ବରୁ ଜିଲାପାଳ ଦତ୍ତାତ୍ରୟ ଭାଉସାହବେ ସିନ୍ଦେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସି ଏଠାକାର ଭିତ୍ତିଭୂମି ଯାଞ୍ଚ କରିବା ସହ ବିଭିନ୍ନ ସମସ୍ୟା ବିଷୟରେ ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଦୀର୍ଘ ଦିନ ହେବ ଏଠାରେ ଡାକ୍ତର ଅଭାବ ପାଇଁ ରୋଗୀସେବା ବ୍ୟାହତ ହେଉଛି ଏବଂ ବହୁ ଜରୁରୀକାଳୀନ ପରୀକ୍ଷା ହୋଇପାରୁନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଆଗାମୀ ଦିନରେ ଏସବୁ ସମସ୍ୟାର ସମାଧାନ ହେବ ବୋଲି ଜିଲାପାଳ ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ରାଜ୍ୟରେ ମହିଳା ଅସୁରକ୍ଷିତ ଅଭିଯୋଗ



ବାଙ୍କୀ ବିଜୁ ଛାତ୍ର ଜନତା ଦଳର କର୍ମୀମାନେ ଡିଜିଙ୍କ ଉଦ୍ଦେଶ୍ୟରେ ଆଇଆଇସିଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ବାଙ୍କୀ,୭।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଓ ରାଜ୍ୟ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ବିଫଳ ବୋଲି ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ବିଜୁ ଯୁବ ଛାତ୍ର ଜନତା ଦଳ ରାଜ୍ୟ ସରକାରଙ୍କ ଇସ୍ତଫା ଦାବି କରି ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ବୈଦ୍ୟେଶ୍ୱର ଥାନା ଆଇଆଇସିଙ୍କ ଜରିଆରେ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ଓ ବଳଙ୍ଗା ଯୁବତୀଙ୍କ ମୃତ୍ୟୁର ରହସ୍ୟ ଏ ପର୍ଯ୍ୟନ୍ତ ପୋଲିସ ଉନ୍ମୋଚନ କରିପାରିନାହିଁ। ରାଜ୍ୟରେ ନାରୀମାନେ ଏବେ ଅସୁରକ୍ଷିତ ହୋଇ ପଡ଼ିଛନ୍ତି। ମହିଳାଙ୍କୁ ସୁରକ୍ଷା ଦେଇ ପାରୁ ନଥିବା ରାଜ୍ୟ ସରକାରଙ୍କ ଇସ୍ତଫା ଦାବି କରି ବାଙ୍କୀ ବିଜୁ ଯୁବ ଛାତ୍ର ଜନତା ଦଳର କର୍ମୀମାନେ ବିରାଟ ଶୋଭାଯାତ୍ରାର ଆୟୋଜନ କରିଥିଲେ। ଏହି ଶୋଭାଯାତ୍ରା ପଶ୍ଚିମ ବାଙ୍କୀର ବୈଦ୍ୟେଶ୍ୱର ହାଇସ୍କୁଲ ଛକରୁ ବାହାରି ବଜାର ପରିକ୍ରମା କରିବା ସହ ବୈଦ୍ୟେଶ୍ୱର ଥାନା ନିକଟରେ ପହଞ୍ଚିଥିଲା। ସେଠାରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଥାନା ଆଇଆଇସି ସଞ୍ଜୟ କୁମାର ଜେନାଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ଆଇଆଇସି ସଞ୍ଜୟ ଉକ୍ତ ଦାବିପତ୍ର ଗ୍ରହଣ କରି ଉପରସ୍ଥ ଅଧିକାରୀମାନଙ୍କ ପାଖକୁ ପଠାଇବା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ବିଜୁ ଛାତ୍ର ଜନତା ଦଳର ସଭାପତି ବିକାଶ ପ୍ରଧାନ, ଉପସଭାପତି ମଳୟ କୁମାର ସ୍ୱାଇଁ, ଦେବାଶିଷ ସାମନ୍ତରାୟ, ସାଧାରଣ ସମ୍ପାଦକ ବିଶ୍ୱଜିତ୍ ସାହୁ, ସୁମନ୍ତ କୁମାର ମଲିକ, ସଞ୍ଜୟ କୁମାର ବିଶ୍ୱାଳ, ଗୁରୁପ୍ରସାଦ ସାହୁ, ମନୋଜ ପଲେଇ, ଅଭିଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।


**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୦୮/୧, ତାରିଖ: ୦୬।୦୮।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର **୧୫.୦୦ ଘଟିକା** ପୂର୍ବରୁ ଇ–ଟେଣ୍ଡର ଆହ୍ୱାନ କରାଯାଉଛି, ଯାହାକୁ **୧୫.୩୦ ଘଟିକାରେ ଖୋଲାଯିବ । କ୍ର.ସଂ.-୧, ଟେଣ୍ଡର ନଂ.: ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୦୬-୨୦୨୫ । କାର୍ଯ୍ୟର ବର୍ଣ୍ଣନା:** ରୋଲିଂ ଷ୍ଟକ୍ ବଜାୟ ରଖିବା ପାଇଁ ଖଡ଼ଗପୁର ୱାର୍କଶପର ପ୍ରଡକ୍ସନ୍ ଶପଗୁଡ଼ିକରେ ଭିତ୍ତିଭୂମି ସୁବିଧାଗୁଡ଼ିକର ପରିବର୍ଦ୍ଧନ ଓ ଉନ୍ନତୀକରଣ । **ଟେଣ୍ଡର ମୂଲ୍ୟ:** ₹୬,୩୫,୧୨,୦୦୪.୦୪ । **ଅମାନତ ରାଶି:** ₹୪,୬୭,୬୦୦ । **କାର୍ଯ୍ୟ ସମାପ୍ତି ଅବଧି:** ୧୮ ମାସ । **କ୍ର.ସଂ.-୨, ଟେଣ୍ଡର ନଂ.: ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୦୭-୨୦୨୫ । କାର୍ଯ୍ୟର ବର୍ଣ୍ଣନା:** ୱାଗନ୍ ରିପେୟାର୍ ଶପ୍, ଖଡ଼ଗପୁର ୱାର୍କଶପର ସିବିସି ଓଭରହଲିଂ ସେକ୍ସନ ତଥା କରୋଜନ୍ ରିପେୟାର୍ ଶପର ଉନ୍ନତୀକରଣ । **ଟେଣ୍ଡର ମୂଲ୍ୟ:** ₹୯୭,୭୩,୧୩୬ । **ଅମାନତ ରାଶି:** ₹୧,୯୫,୫୦୦ । **କାର୍ଯ୍ୟ ସମାପ୍ତି ଅବଧି:** ୧୨ ମାସ । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୦ (କ୍ର.ସଂ. ୧ ଓ ୨ ପାଇଁ ପ୍ରତ୍ୟେକ) । **ଖୋଲାଯିବା ତାରିଖ:** ତା୨୮।୦୮।୨୦୨୫ରିଖ (କ୍ର.ସଂ. ୧ ଓ ୨ ପାଇଁ ପ୍ରତ୍ୟେକ) । **ବିଡିଂ ଆରମ୍ଭ ତାରିଖ:** ତା୧୪।୦୮।୨୦୨୫ରିଖରୁ ତା୨୮।୦୮।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୧ ଓ ୨ ପାଇଁ ପ୍ରତ୍ୟେକ) । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । (PR-493)



**केनरा बैंक Canara Bank** | सिंडिकेट Syndicate

**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.:୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରିକରାଯାଇଥିବା ଡ଼ିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଓସ୍ତପୁର ଶାଖା / ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | (କ) ଋଣ/ମଞ୍ଜୁରି ଋଣ (ଖ) ଏନପିଏ ତାରିଖ (ଗ)ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ସୁଦ୍ଧା ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ମେସର୍ସ ସାଇ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ତ୍ୱାଧିକାରୀ: ମନସ୍ମିତା ରାଉତରାୟ,** ସା: ରାହାଣିଆ, ଗୋକୁଳପୁର, କଟକ-୭୫୪୨୦୪, **୨) ଶ୍ରୀମତୀ ମନସ୍ମିତା ରାଉତରାୟ,** ପିତା: ସଦାନନ୍ଦ ରାଉତରାୟ, ସା: କାଳିଅଣ୍ଟି, ପୋ: ଚୟନପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ-୭୫୪୨୦୪ / **ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀ ଅସିତ୍ କୁମାର ମହାନ୍ତି,** ପିତା: ଅଜିତ୍ କୁମାର ମହାନ୍ତି, ସା: କାଳିଅଣ୍ଟି, ପୋ: ଚୟନପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ-୭୫୪୨୦୪ / **ଆକାଉଣ୍ଟ ନଂ.: ୧) ୧୨୫୦୦୩୦୮୪୬୦୨ (ଏମଏସଏମଇ), ୨) ୧୭୦୦୦୭୧୪୧୦୬୮(ଏମଏସଏମଇ)** | କ)ଟ.୧୧,୦୦,୦୦୦/- ଖ) ୩୦.୦୪.୨୦୨୪ ଗ) ୦୪.୦୮.୨୦୨୫ | ୦୪.୦୮.୨୦୨୫ ସୁଦ୍ଧା ଟ.୧୩,୧୫,୬୧୧.୭୭ + ସୁଧ ଏବଂ ସେବାବଦ ଖର୍ଚ୍ଚ | ଶ୍ରୀ ଅସିତ୍ କୁମାର ମହାନ୍ତିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୯୦୩/୩୫୫, ପ୍ଲଟ୍ ନଂ.:୧୭୦୫/୩୩୫୮, କ୍ଷେତ୍ର: ଏକର୦.୦୪୦ଡିସିମିଲ, କିସମ: ଘରବାରୀ, ଅନୁରୂପ ସାବକ ଖାତା ନଂ.: ୯୦୩/୧୧୩, ପରବର୍ତ୍ତୀ ଅନୁରୂପ ଚକବନ୍ଦୀ ଖାତା ନଂ.: ୫୬୦, ମୌଜା: କାଳିଅଣ୍ଟି, ତହସିଲ: ମାହାଙ୍ଗା, ଜିଲ୍ଲା: କଟକ, ଏସ୍‌ଆରଓ: ମାହାଙ୍ଗା, ଏହାର ଚାରିପାର୍ଶ୍ୱରେ ଉତ୍ତର: କାଳିଅଣ୍ଟି ୟୁପିଏମଇ ସ୍କୁଲ, ଦକ୍ଷିଣ: ପ୍ଲଟ୍ ନଂ.: ୧୭୦୫/୩୩୫୭, ପୂର୍ବ: ଜଚିନ୍ଦ୍ର ମହାନ୍ତି, ପଶ୍ଚିମ: କେନାଲ ବନ୍ଧ ରାସ୍ତା |

ଆପଣ, ଉପରୋକ୍ତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍‌ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଏହି ନୋଟିସ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବୁ । ଆପଣଙ୍କୁ ଜଣାଇ ଦିଆଯାଉଛି କି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନିୟମାବଳୀ ଅନୁସାରେ ଆପଣ ଏହି ନୋଟିସ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବୀ କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । କଥିତ ଆକ୍ଟର ଉପଧାରା (୨) ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ବକେୟା ରାଶି ସମ୍ପୂର୍ଣ୍ଣଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧିକ ଗ୍ରହଣ କରିପାରନ୍ତି । କ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ସମ୍ପତ୍ତି ଦଖଲ କରିବା ସହିତ ସୁରକ୍ଷିତ ସମ୍ପତ୍ତିକୁ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ କରି ହସ୍ତାନ୍ତରିତ କରିବା ଅଧିକାର ରଖିଛନ୍ତି । ଖ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ବ୍ୟବସାୟ ପରିଚାଳନାକୁ ଟେକଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । ଉଲ୍ଲେଖଯୋଗ୍ୟ କି, ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

**ସ୍ଥାନ: କଟକ, ତାରିଖ: ୦୭.୦୮.୨୦୨୫** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ**


# ଶୈକ୍ଷିକ ପରିବେଶ ସୃଷ୍ଟି ପାଇଁ ଶିକ୍ଷାନୁଷ୍ଠାନ ଯତ୍ନବାନ୍ ହୁଅନ୍ତୁ



ସମୀକ୍ଷା ବୈଠକରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ।

ଆଠଗଡ଼, ୭।୮(ସତ୍ୟ ପ୍ରସାଦ ରଥ):

ଆଠଗଡ ନିର୍ବାଚନ ମଣ୍ଡଳୀର ଉଚ୍ଚଶିକ୍ଷା ଓ ମାଧ୍ୟମିକ ଶିକ୍ଷାର ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆଠଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ଆୟୋଜିତ ଏହି ବୈଠକରେ ୨ଟି ଅଧିବେଶନ ହୋଇଥିଲା।

ବୈଠକରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଆଠଗଡ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ବିଡିଓ ଆକାଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଗତ ବର୍ଷ ତୁଳନାରେ ଚଳିତବର୍ଷ ପରୀକ୍ଷା ଫଳ ଅବନତି ହୋଇଥିବାରୁ ବିଧାୟକ ସ୍ୱାଇଁ ଉଦ୍‌ବେଗ ପ୍ରକାଶ କରିଥିଲେ। ଶିକ୍ଷାନୁଷ୍ଠାନଗୁଡ଼ିକରେ ଶୈକ୍ଷିକ ପରିବେଶ ସୃଷ୍ଟି ଓ ଶିକ୍ଷାଦାନ ପାଇଁ ଶିକ୍ଷାନୁଷ୍ଠାନ ଓ ପ୍ରଶାସନ ଯତ୍ନବାନ ହୁଅନ୍ତୁ ବୋଲି ସେ ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷାଦାନ, ଶିକ୍ଷାନୁଷ୍ଠାନ ପାରିପାର୍ଶ୍ୱିକ ପରିବେଶକୁ ନେଇ ଥିବା ସମସ୍ୟା ଉପରେ ରିପୋର୍ଟ ପ୍ରଦାନ କରିବାକୁ ବିଧାୟକ ସ୍ୱାଇଁ, ମହାବିଦ୍ୟାଳୟର ଅଧକ୍ଷ ଓ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ମାଧ୍ୟମିକ ଶିକ୍ଷାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠଗଡର ୩୪, ତିଗିରିଆର ୧୩, ଟାଙ୍ଗୀ–ଚୌଦ୍ୱାର ବ୍ଲକର ୫ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ଉପସ୍ଥିତ ଥିଲେ। ୨୦୨୩–୨୪ ଶିକ୍ଷା ବର୍ଷରେ ମାଟ୍ରିକ ପରୀକ୍ଷାରେ ବିଗତ ବର୍ଷ ତୁଳନାରେ ପରୀକ୍ଷାଫଳର ଅବନତି ଘଟିଥିବାରୁ ଏଥିରେ ସୁଧାର ପାଇଁ ବିଦ୍ୟାର୍ଥୀ, ଅଭିଭାବକ ଶିକ୍ଷାନୁଷ୍ଠାନଗୁଡିକ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱାରୋପ ହୋଇଥିଲା। ଉକ୍ତ ବୈଠକରେ ଆଠଗଡ ବ୍ଲକ ଶିକ୍ଷା ଅଧିକାରୀ କବିରାଜ ଜେନା, ତିଗିରିଆ ବ୍ଲକ ଶିକ୍ଷା ଅଧିକାରୀ ଅମର କୁମାର ମହାରଣା, ଟାଙ୍ଗୀ–ଚୌଦାର ବ୍ଲକ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ନାୟକ, ଶିକ୍ଷାବିତ ଡ.ରାମଚନ୍ଦ୍ର ସାହୁ, ନିଳମଣୀ ନାୟକ, ଲଳିତ ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


**नालको NALCO** A NAVRATNA COMPANY

**National Aluminium Company Limited**
(A Government of India Enterprise)
NALCO Bhawan, Plot No. P/1, Nayapalli, Bhubaneswar-751013, Odisha, India
CIN : L27203OR1981GOI000920

अतुल्य एल्युमिनियम... आम जन से अंतरिक्ष तक

**EXTRACTS OF FINANCIAL RESULTS FOR THE QUARTER ENDED JUNE 30, 2025**

(₹ in Crore)

| Sl. No. | Particulars | Standalone | | | | Consolidated | | | |
|---|---|---|---|---|---|---|---|---|---|
| | | Quarter Ended | | | Year Ended | Quarter Ended | | | Year Ended |
| | | 30/06/2025 (Unaudited) | 31/03/2025 (Audited) | 30/06/2024 (Unaudited) | 31/03/2025 (Audited) | 30/06/2025 (Unaudited) | 31/03/2025 (Audited) | 30/06/2024 (Unaudited) | 31/03/2025 (Audited) |
| 1. | Total Income from Operations | 3,806.94 | 5,267.83 | 2,856.10 | 16,787.63 | 3,806.94 | 5,267.83 | 2,856.10 | 16,787.63 |
| 2. | Net Profit for the period (before Tax, Exceptional and /or Extraordinary items) | 1,429.27 | 2,759.64 | 817.01 | 7,135.10 | 1,429.27 | 2,759.64 | 817.01 | 7,135.10 |
| 3. | Net Profit for the period before Tax (after Exceptional and /or Extraordinary items) | 1,429.27 | 2,759.64 | 817.01 | 7,135.10 | 1,414.89 | 2,748.50 | 804.21 | 7,078.37 |
| 4. | Net Profit for the period after Tax ( after Exceptional and /or Extraordinary items) | 1,063.86 | 2,078.37 | 601.22 | 5,324.67 | 1,049.48 | 2,067.23 | 588.42 | 5,267.94 |
| 5. | Total Comprehensive Income for the period comprising Profit/Loss for the period (after tax) and Other Comprehensive Income (after tax) | 1,060.37 | 2,082.21 | 603.20 | 5,310.74 | 1,045.99 | 2,071.05 | 590.40 | 5,253.99 |
| 6. | Equity Share Capital | 918.32 | 918.32 | 918.32 | 918.32 | 918.32 | 918.32 | 918.32 | 918.32 |
| 7. | Reserves (excluding Revaluation Reserve) as shown in the Audited Balance Sheet of the previous year | | | | 17,127.44 | | | | 16,887.12 |
| 8. | Earnings Per Share (before extraordinary items) (of Rs.5/- each) (not annualised): | | | | | | | | |
| | 1. Basic (Rs.) | 5.79 | 11.32 | 3.27 | 28.99 | 5.71 | 11.26 | 3.20 | 28.68 |
| | 2. Diluted (Rs.) | 5.79 | 11.32 | 3.27 | 28.99 | 5.71 | 11.26 | 3.20 | 28.68 |

The above is an extract of the detailed format of Quarterly Financial Results filed with the Stock Exchanges under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full format of the above financial results are available on the Stock Exchange websites, **www.nseindia.com** and **www.bseindia.com**; and Company's website, **www.nalcoindia.com.**

**Notes :**

(1) The financial results have been reviewed and recommended by the Audit Committee at the meeting held on 7th August, 2025 and approved by the Board of Directors in its meeting held on 7th August, 2025. Limited Review as required under Regulation 33 of the SEBI (Listing Obligations and Disclosure Requirements) Regulations, 2015 has been carried out by the joint Statutory Auditors of the Company.

(2) The Company has four Joint Venture companies namely- 1. M/s. Angul Aluminium Park Pvt. Limited, 2. M/s. GACL-NALCO Alkalies & Chemicals Private Limited, 3. M/s. Khanij Bidesh India Limited, 4. M/s Utkarsha Aluminium Dhatu Nigam Limited. Out of the four joint venture companies whose financials have been consolidated, financials of M/s. Utkarsha Aluminium Dhatu Nigam Limited and M/s. Angul Aluminium Park Private Limited, has been consolidated on the basis of financials as certified by the Management as on reporting date, the effect of which is not material.

(3) The Board of Directors at its meeting held on 7th August, 2025 has recommended final dividend of ₹ 2.50/- per equity share (50% on face value of ₹ 5/- each) amounting to ₹ 459.16 crore for the FY 2024-25.

(4) The Company has not recognised the revenue from its two wind power plants (WPP) located in the State of Rajasthan due to non execution of fresh Power Purchase Agreement (PPA) since 01.04.2019 and such issue is being subjudice before Hon'ble High Court of Rajasthan based on writ petition filed by the Company. Similarly, due to non execution of PPA for WPP-Gandikota, Andhra Pradesh, Power generated is wheeled to captive power plant at Angul, Odisha for internal consumption.

(5) The figures of the quarter ended 31st March, 2025 are the balancing figures in respect of the audited full financial year ended 31st March, 2025 and the unaudited published year to date figures up to the third quarter ended 31st December, 2024.

(6) Figures pertaining to previous periods have been regrouped, recasted and rearranged, wherever necessary.

Place : Bhubaneswar
Dated : 7th August, 2025

Sd/-
(Brijendra Pratap Singh)
Chairman-cum-Managing Director

Scan this QR code to view/download the Financial Results

**National Aluminium Company Limited**
"Unleashing Potential, Shaping New Frontiers"

• Bauxite Mining • Alumina Refinery • Aluminium Smelter • Captive Power Plant • Captive Coal Blocks • Dedicated Port Facilities • Research & Development • Renewable Energy

**ବଜ୍ରପାତରେ ମା'ଝିଅ ଆହତ: ମେଡିକାଲରେ ଭର୍ତ୍ତି**

ନିରାକାରପୁର,ମାନସ ଚନ୍ଦ୍ର ପଟ୍ଟନାୟକ): ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ଡିଆ କପିଳେଶ୍ୱରରେ ଗୁରୁବାର ଅପରାହ୍ନରେ ବଜ୍ରପାତରେ ମା' ଓ ଝିଅ ଆହତ ହୋଇଥିବା ଜଣାଯାଇଛି। ଆହତ ବ୍ୟକ୍ତିମାନେ ହେଲେ ପଞ୍ଚାୟତ ଡିଆ କପିଳେଶ୍ୱରସ୍ଥିତ ବୁଲି ସାହୁ (୪୦) ଓ ତାଙ୍କ ମା'ଚାନୁ ରଣସିଂ (୬୦)। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ସରକାରୀ ଡାକ୍ତରଖାନାକୁ ଓ ପରେ ଭୁବନେଶ୍ୱରସ୍ଥିତ ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ ଯେ, ଅପରାହ୍ନ ପାଖାପାଖି ୨ଟାରେ ପ୍ରବଳ ବେଗରେ ବଜ୍ରପାତ ଘଟିଥିଲା। ସେ ତାଙ୍କ ଘର ଭିତରେ ଥିବା ବେଳେ ବଜ୍ରପାତର ଶିକାର ହୋଇଥିବା ତାଙ୍କର ସମ୍ପର୍କୀୟଙ୍କ ପକ୍ଷରୁ ସୂଚନା ମିଳିଛି।

# ୩ ଦିନ ପାଣି ବିନା ସହରବାସୀ ହନ୍ତସନ୍ତ

କଟଣୀ,୭।୮
(ରବୀନ୍ଦ୍ରନାଥ ମହାକୁଡ଼)



କର୍ପୋରେଟର ଅନନ୍ତ ବେହେରାଙ୍କ ନେତୃତ୍ୱରେ କର୍ମୀମାନେ ୱାଟକୋ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

■ ଜଟଣୀ ସହରରେ ପାନୀୟ ଜଳ ଯୋଗାଣ ଠପ
■ ୱାଟ୍‌କୋ କାର୍ଯ୍ୟାଳୟ ଘେରାଉ

ଜଟଣୀ ସହରରେ ପାନୀୟ ଜଳ ଯୋଗାଣ ଠପ ହୋଇଯାଇଛି। ଗତ ୩ଦିନ ଧରି ଜଟଣୀ ସହରରେ ଲୋକେ ପାନୀୟ ଜଳ ନ ପାଇ ହନ୍ତସନ୍ତ ହେଉଛନ୍ତି। ଗୁରୁବାର ବିଭିନ୍ନ ସାମାଜିକ ଗଣମାଧ୍ୟମରେ ରାଜନୈତିକ ଆରୋପ ପ୍ରତ୍ୟାରୋପ ହେବା ପରେ କିଛି କିଛି ୱାର୍ଡରେ ଟ୍ୟାଙ୍କର ସହାୟତରେ ପାଣି ବିତରଣ କରାଯାଇଥିଲା। ଗୁରୁବାର ମଧ୍ୟାହ୍ନରେ ଜଟଣୀ ନଗର ବିଜେଡି ପକ୍ଷରୁ ପୌରାଧ୍ୟକ୍ଷ ଅନନ୍ତ ବେହେରାଙ୍କ ନେତୃତ୍ୱରେ ସ୍ଥାନୀୟ ୱାଟ୍‌କୋ କାର୍ଯ୍ୟାଳୟ ଘେରାଉ କରାଯିବା ସହିତ ଦୀର୍ଘ ସମୟ ଧରି କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ବିଜେଡି କର୍ମୀ ସରକାର ବିରୋଧୀ ବିଭିନ୍ନ ନାରାବାଜି କରିଥିଲେ। ଶୀଘ୍ର ସମସ୍ୟା ସମାଧାନ କରା ନ ଗଲେ ଜଟଣୀ ମୁଖ୍ୟ ରାସ୍ତା ଅବରୋଧ ସହିତ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରାଯିବ ବୋଲି ନଗରପାଳ ଅନନ୍ତ ବେହେରା ଚେତାବନୀ ଦେଇଛନ୍ତି। ଜଟଣୀ ପୌରାଞ୍ଚଳର ୨୩ଟି ୱାର୍ଡରେ ଲକ୍ଷ ଲକ୍ଷ ଜନସାଧାରଣ ପାଇପ ଯୋଗେ ପାଣି ନ ପାଇ ହଇରାଣ ହେଉଥିବା ଦେଖିବାକୁ ମିଳିଛି। ବିଭିନ୍ନ ୱାର୍ଡରେ ରହିଥିବା ଅଧିବାସୀଙ୍କ ସହିତ ସହର ମଧ୍ୟରେ ଥିବା ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଏବଂ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ପାଣି ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେଉଥିଲା ବେଳେ ଗୁରୁବାର ସହରରେ ଥିବା ଏକାଧିକ ହୋଟେଲ, ଜଳଖିଆ ଦୋକାନରେ ପାଣି ନ ଥିବାରୁ ଏହି ସବୁ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଜଟଣୀ ପୌରାଞ୍ଚଳରେ ଏକାଧିକ ରେଲୱେ ୱାର୍ଡ ରହିଥିବାରୁ ରେଲୱେ ପ୍ରଶାସନ ନିଜ କର୍ମଚାରୀଙ୍କ ସୁବିଧା ପାଇଁ ବିକଳ୍ପ ଭାବେ ଟ୍ୟାଙ୍କର ସାହାଯ୍ୟରେ ଜଳ ଯୋଗାଣ କରିଥିବା ଦେଖିବାକୁ ମିଳିଥିଲା। ରେଲୱେ ଅଞ୍ଚଳକୁ ଛାଡି ଅନ୍ୟ ୱାର୍ଡବାସୀଙ୍କ ପାଇଁ ପୌର ପ୍ରଶାସନ ପକ୍ଷରୁ କୌଣସି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିବାରୁ ଲୋକେ ପାଣି ପାଇଁ ବହୁ ହଇରାଣ ହୋଇଥିବା ସହ ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ବିଷୟରେ ଜଟଣୀ ୱାଟକ ମ୍ୟାନେଜର ବିଶ୍ୱଜିତ ସାମନ୍ତରାୟ କହିଛନ୍ତି, ମୁଣ୍ଡଳୀଠାରେ ଟ୍ରାନ୍ସଫର୍ମର ପୋଡିଯିବା କାରଣରୁ ସମସ୍ୟା ଦେଖାଦେଇଛି। ଖୁବଶୀଘ୍ର ସମସ୍ୟାର ସମାଧାନ ହୋଇଯିବ। ତେବେ ଡିଜି ଦ୍ୱାରା ପାଣି ଲୋଡ଼ କରାଯାଇ ସହରବାସୀଙ୍କୁ କିଛି ଜଳ ଯୋଗାଣ କରାଯାଉଛି। ଠିକ୍ ପ୍ରେସର ହେଉ ନ ଥିବାରୁ ଉଚ୍ଚ ସ୍ଥାନରେ ରହିଥିବା ସ୍ଥାନକୁ ଠିକ୍ ଜଳ ଯୋଗାଣରେ ସମସ୍ୟା ହେଉଛି। ଏପଟେ ଡ୍ରିଙ୍କ ଫର୍ମ ଟ୍ୟାପ ଯୋଜନାରେ ସ୍ୱଚ୍ଛ ପାନୀୟ ଜଳ ସହରବାସୀ ଗତ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପାଇଆସୁଥିଲା ବେଳେ ବର୍ତ୍ତମାନ ସମସ୍ୟା ଲୋକଙ୍କ କଷ୍ଟ ବଢ଼ାଇ ଦେଇଛି। ସହରର ବିଭିନ୍ନ ସ୍ଥାନରେ ଥିବା କୂଅ, ଟ୍ୟୁବୱେଲ ଆଦି ପରିତ୍ୟକ୍ତ ଓ ଖରାପ ହୋଇ ରହିଥିବାରୁ ଲୋକେ ସେଥିରୁ ମଧ୍ୟ ପାଣି ପାଇପାରୁ ନ ଥିବା ସମୟରେ ସମସ୍ୟାକୁ ବଢ଼ାଇ ଦେଇଛି। କେବେ ଉପୁଜିଥିବା ସମସ୍ୟାର ସମାଧାନ ହେବ ବର୍ତ୍ତମାନ ଅନିଶ୍ଚିତତା ଭିତରେ ରହିଛି।

## ଜନସୁରକ୍ଷା ଯୋଜନାର ପରିପୂର୍ତ୍ତି ଅଭିଯାନ

ବୋଲଗଡ,୭।୮(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକର କଡବ ଓ ତାଳଡୁମ୍ବ ଗ୍ରାମରେ ମଙ୍ଗଳବାର ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଜନସୁରକ୍ଷା ଯୋଜନା ସମ୍ପର୍କରେ ପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଯାନ ଆୟୋଜିତ ହୋଇଯାଇଛି। ତାଳଡୁମ୍ବସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଆନୁକୂଲ୍ୟରେ ତଥା ଏହାର ଶାଖା ପରିଚାଳକ ବିଶ୍ୱରଞ୍ଜନ ସାହୁଙ୍କ ପରିଚାଳନାରେ ତାଳଡୁମ୍ବ ଓ ବୁଧବାର କଡବ ପଞ୍ଚାୟତ ରାଜୀବଗାନ୍ଧୀ ଭବନରେ ବରିଷ୍ଠ ବ୍ୟାଙ୍କ ଅଧିକାରୀ, କର୍ମଚାରୀ, ଲୋକପ୍ରତିନିଧି ଏବଂ ଗ୍ରାମବାସୀ ଯୋଗଦେଇଥିଲେ। ସର୍କଲ ହେଡ୍ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ରିଜର୍ଭ ବ୍ୟାଙ୍କର ରିଜିଓନାଲ ଡାଇରେକ୍ଟର ଡ. ଶାରଦା ପ୍ରସନ୍ନ ମହାନ୍ତି ଯୋଗଦେଇ ବ୍ୟାଙ୍କସେବା ଏବଂ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସହ ବ୍ୟାଙ୍କଗୁଡ଼ିକର ସମ୍ବନ୍ଧ ସମ୍ପର୍କରେ ଆଲୋଚନା କରିଥିଲେ। ଜଣେ ବ୍ୟାଙ୍କ ଖାତାଧାରୀ ବର୍ଷକୁ ମାତ୍ର ୨୦ ଟଙ୍କା ବୀମାରାଶି ପ୍ରଦାନ କରିଥିଲେ, ତାଙ୍କର ଅକାଳ ମୃତ୍ୟୁ ପରେ ପରିବାର ୨ଲକ୍ଷ ଟଙ୍କା ସହାୟତାର ଲାଭ ପାଇପାରିବେ ବୋଲିକହିଥିଲେ।ଜୋନାଲ ମ୍ୟାନେଜର ଭୂଷଣ ଶର୍ମା, କଡବ ସରପଞ୍ଚ ନଳିନୀ ବଡ଼ଜେନା, ଡେପୁଟି ମ୍ୟାନେଜର ମୃତ୍ୟୁଞ୍ଜୟ ପଣ୍ଡା, ବ୍ୟାଙ୍କ ସଂଯୋଜକ ପ୍ରଶାନ୍ତ କୁମାର ସାହୁ, କଡବସ୍ଥିତ ବ୍ୟାଙ୍କ ସେବାକେନ୍ଦ୍ର ପରିଚାଳକ କୟୁମୁଦ୍ଦିନ ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାଙ୍କର ୧୦ବର୍ଷ ପୂରଣ କରିଥିବା ଶତାଧିକ ଗ୍ରାହକଙ୍କ ଜମାଖାତାର ପୁନଃ ଇ-ପଞ୍ଜୀକରଣ କରଯାଇଥିଲା।

## ଜିଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ହ୍ରାସ ଶୀର୍ଷକ କର୍ମଶାଳା



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀ।

ଖୋର୍ଦ୍ଧା,୭।୮
(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ହ୍ରାସ କର୍ମଶାଳା ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନ ସିଂହ, ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମୁଖ୍ୟ ସାଧାରଣ ପରିଚାଳକ(ସିଜିଏମ୍) ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନାଦି ଚରଣ ସେଠୀ, ଜେଣ୍ଡର ବିଶେଷଜ୍ଞ ଆରଣ୍ୟକ ମିଶ୍ର ଯୋଗଦେଇଥିଲେ। ବିପର୍ଯ୍ୟୟ ସମୟରେ ସମାଜର ସମ୍ବେଦନଶୀଳ ଲିଙ୍ଗଭିତ୍ତିକ ଲୋକମାନଙ୍କୁ କିଭଳି ସୁରକ୍ଷା ପ୍ରଦାନ କରାଯିବ ଏବଂ ବିପର୍ଯ୍ୟୟ ପ୍ରଶମନ ହ୍ରାସ ପାଇଁ ତୃଣମୂଳସ୍ତରରୁ ପ୍ରାକ୍ ପ୍ରସ୍ତୁତି ଯୋଜନାକରି ଶୂନ ମୃତ୍ୟୁହାର କିପରି ବଜାୟ ରହିବ ସେ ଦିଗରେ ଏହି କର୍ମଶାଳାରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏଦିଗରେ ବିଡିଓମାନଙ୍କ ଦାୟିତ୍ୱ ରହିଛି। ତୃଣମୂଳସ୍ତରରୁ ଲିଙ୍ଗଗତ ଅନୁଧ୍ୟାନ, ପର୍ଯ୍ୟବେକ୍ଷଣ କରି ପ୍ରାକୃତିକ ଓ ବିପର୍ଯ୍ୟୟ ପରିଚାଳନା ସୁଚାରୁରୂପେ ସମ୍ପାଦନ ପାଇଁ ଖସଡ଼ା ପ୍ରସ୍ତୁତ କରିବାକୁ ଅତିରିକ୍ତ ଜିଲାପାଳ ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, କସ୍ତୁରୀବାଳା ଜେନା, ଜିଲା ମଙ୍ଗଳ ଅଧିକାରୀ ଗୀତାଂଶୁ ଦାଶ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ବିଭିନ୍ନ ବିଭାଗୀୟ ଅଧିକାରୀ, ସମସ୍ତ ବ୍ଲକର ବିଡିଓ ଏବଂ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଯୋଗଦେଇଥିଲେ।


**सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड**
**CENTRAL MINE PLANNING & DESIGN INSTITUTE LIMITED**
(कोल इण्डिया की एक अनुषंगी ईकाई)/(A Subsidiary of Coal India Ltd.)
गोंदवाना प्लेस, काँके रोड, राँची–834008, झारखंड, भारत

**सूचना/NOTICE**

"सामग्री, कार्यों एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इंडिया लिमिटेड की वेबसाइट **www.coalindia.in/** संबंधित अनुषंगी कंपनी (सीएमपीडीआई, **www.cmpdi.co.in**), सीआईएल ई–प्रोक्योरमेंट पोर्टल **https://coalindiatenders.nic.in** एवं सेंट्रल पब्लिक प्रोक्योरमेंट पोर्टल **https://eprocure.gov.in** पर उपलब्ध हैं। इसके अलावा, जीईएम पोर्टल **https://gem.gov.in** के माध्यम से भी खरीद की जाती है।"/ "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal **https://gem.gov.in**."


## ଶିକ୍ଷୟିତ୍ରୀ, କିରାଣିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କଳାପଥର, ୭।୮ (ଗଙ୍ଗାଧର ସାହୁ)

ଧଳାପଥର ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ବୈଜୟନ୍ତୀମାଳା ପଣ୍ଡା ଓ କିରାଣି ପ୍ରଭାସ ଚୌଧୁରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ବୁଧବାର ଆୟୋଜିତ ସଭାରେ ରତ୍ନାକର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ଓ ମୁଖ୍ୟ ବକ୍ତା ଭାବେ ଗଣେଶ୍ୱର ସ୍ୱାଇଁ ଯୋଗଦେଇ ଛାତ୍ରୀଙ୍କ ଶୈକ୍ଷିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାବିତ ଲୋକନାଥ ସାହୁ, ଧର୍ମୁଧର ଝୁଝାରସିଂ, ବିଶ୍ୱନାଥ ସାମନ୍ତରାୟ, ଗୋଦାବରୀଶ ମିଶ୍ର, ମଧୁସୂଦନ ମହାପାତ୍ର ଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀ ପଣ୍ଡା ଓ କିରାଣି ଚୌଧୁରୀଙ୍କ ଉତ୍ତମ ଶିକ୍ଷାଦାନ ସହ ଛାତ୍ର ବତ୍ସଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁରଜ୍ ପ୍ରସାଦ ସୁବୁଦ୍ଧି, ରାଜକିଶୋର ସାହୁ, ଧ୍ରୁବଚରଣ ମହାପାତ୍ର, ଭାଗିରଥୀ ଦାଶ, ବସନ୍ତ କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ମୁଦୁଲି, ବିଶ୍ୱନାଥ ସାମନ୍ତରାୟ, ପ୍ରମିଳା ସାହୁ, ଶାଶ୍ୱତୀ ଜେନା, ମଲ୍ଲି ଭଞ୍ଜ, ଅର୍ପିତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ମାପ ପରେ ରାସ୍ତା ଚିହ୍ନଟ, ୧୫ ଦିନରେ ନୂତନ ରାସ୍ତା ନିର୍ମାଣ





ତହସିଲଦାରଙ୍କ ଉପସ୍ଥିତିରେ ରାସ୍ତା ଚିହ୍ନଟ କରାଯାଉଛି।

ବୋଲଗଡ଼,୭।୮(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ତହସିଲ ଅନ୍ତର୍ଗତ ପିଟୁକୁଳି ରାଜସ୍ୱ ନିରୀକ୍ଷକଙ୍କ ଅଧୀନ ରାସୋଳ ଗ୍ରାମରେ ସରକାରୀ ରାସ୍ତା କେତେଜଣ ବ୍ୟକ୍ତି ଅକ୍ତିଆରରେ ରଖି ବ୍ୟବହାର କରୁଥିଲେ। ଗୁରୁବାର ପୂର୍ବାହ୍ନ ୧୧ଟାରେ ତହସିଲଦାର, ରାଜସ୍ୱ ନୀରିକ୍ଷକ, ଅମିନ ଓ ଅନ୍ୟାନ୍ୟ ରାଜସ୍ୱ କର୍ମଚାରୀ ପହଞ୍ଚି ମାପ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଥିଲେ। ମାପ ସମୟରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲେ ମଧ୍ୟ ତହସିଲଦାର ବୁଝାଶୁଝା କରିବା ପରେ ଚିହ୍ନଟ ରାସ୍ତା ଚୂନ ଓ କିଲାବାଡି ପୋତି ଆବଦ୍ଧ କରାଯାଇଥିଲା। ତହସିଲଦାର ବିଜୟ କୁମାର ସେଠୀ ବର୍ତ୍ତମାନ ମଣ୍ଡଳ ଉନ୍ନୟନ ଅଧିକାରୀ ଦାୟିତ୍ୱରେ ଥିବାବେଳେ ସେ ଉପସ୍ଥିତ ସରପଞ୍ଚ ବୈକୁଣ୍ଠ ସ୍ୱାଇଁଙ୍କ ସହିତ ଆଲୋଚନା କରି ଆଗାମୀ ୧୫ ଦିନ ମଧ୍ୟରେ ଚିହ୍ନିଟ ରାସ୍ତା ନୂତନ ଭାବେ ନିର୍ମାଣ ପାଇଁ ପଦକ୍ଷେପ ନେବେ ବୋଲି ସୂଚନା ଦେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବେଗୁନିଆ ଥାନା ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

ସୂଚନା ଯେ, ବୋଲଗଡ଼ ତହସିଲ ଅନ୍ତର୍ଗତ ପିଟୁକୁଳି ରାଜସ୍ୱ ନିରୀକ୍ଷକଙ୍କ ଅଧୀନ ରାସୋଳ ଗ୍ରାମରେ ସରକାରୀ ରାସ୍ତାକୁ କେତେଜଣ ବ୍ୟକ୍ତି ଅକ୍ତିଆରରେ ରଖି ବ୍ୟବହାର କରି ଆସୁଥିଲେ। ଫଳରେ ଗ୍ରାମବାସୀ ଚଳପ୍ରଚଳରେ ଅସୁବିଧା ଭୋଗୁଥିଲେ। ସାମାଜିକ କର୍ମୀ ସତ୍ୟନାରାୟଣ ବାରିକଙ୍କ ନେତୃତ୍ୱରେ ଗତ ୨ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏହି ସରକାରୀ ରାସ୍ତାକୁ ବ୍ୟକ୍ତିଗତ ଅକ୍ତିଆରରୁ ଉଦ୍ଧାର କରି ନୂତନ ରାସ୍ତା ନିର୍ମାଣ ପାଇଁ ଜିଲାପାଳ, ତହସିଲଦାର ଓ ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଦାବି କରି ଆସୁଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୦୮/୧, ତାରିଖ: ୦୬।୦୮।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର **୧୫.୦୦ ଘଟିକା** ପୂର୍ବରୁ ଇ–ଟେଣ୍ଡର ଆହ୍ୱାନ କରାଯାଉଛି, ଯାହାକୁ **୧୫.୩୦ ଘଟିକାରେ** ଖୋଲାଯିବ। **କ୍ର.ସଂ.-୧, ଟେଣ୍ଡର ନଂ.: ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୦୬-୨୦୨୫। କାର୍ଯ୍ୟର ବର୍ଣ୍ଣନା:** ରୋଲିଂ ଷ୍ଟକ ବଜାୟ ରଖିବା ପାଇଁ ଖଡ଼ଗପୁର ୱାର୍କଶପର ପ୍ରଡକ୍ସନ୍ ଶପଗୁଡ଼ିକରେ ଭିତ୍ତିଭୂମି ସୁବିଧାଗୁଡ଼ିକର ପରିବର୍ଦ୍ଧନ ଓ ଉନ୍ନତୀକରଣ। **ଟେଣ୍ଡର ମୂଲ୍ୟ:** ₹୬,୩୫,୧୨,୦୦୪.୦୪। **ଅମାନତ ରାଶି:** ₹୪,୬୭,୬୦୦। **କାର୍ଯ୍ୟ ସମାପ୍ତି ଅବଧି:** ୧୮ ମାସ। **କ୍ର.ସଂ.-୨, ଟେଣ୍ଡର ନଂ.: ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୦୭-୨୦୨୫। କାର୍ଯ୍ୟର ବର୍ଣ୍ଣନା:** ୱାଗନ୍ ରିପେୟାର୍ ଶପ୍, ଖଡ଼ଗପୁର ୱାର୍କଶପର ସିବିସି ଓଭରହଲିଂ ସେକ୍ସନ ତଥା କରୋଜନ୍ ରିପେୟାର୍ ଶପର ଉନ୍ନତୀକରଣ। **ଟେଣ୍ଡର ମୂଲ୍ୟ:** ₹୧୭,୭୩,୧୩୬। **ଅମାନତ ରାଶି:** ₹୧,୯୫,୫୦୦। **କାର୍ଯ୍ୟ ସମାପ୍ତି ଅବଧି:** ୧୨ ମାସ। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୦ (କ୍ର..ସଂ. ୧ ଓ ୨ ପାଇଁ ପ୍ରତ୍ୟେକ)। **ଖୋଲାଯିବା ତାରିଖ:** ତା୨୮।୦୮।୨୦୨୫ରିଖ (କ୍ର.ସଂ. ୧ ଓ ୨ ପାଇଁ ପ୍ରତ୍ୟେକ)। **ବିଡିଂ ଆରମ୍ଭ ତାରିଖ:** ତା୧୪।୦୮।୨୦୨୫ରିଖରୁ ତା୨୮।୦୮।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୧ ଓ ୨ ପାଇଁ ପ୍ରତ୍ୟେକ)। ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। (PR-493)



**केनरा बैंक Canara Bank** A Government of India Undertaking | सिंडिकेट Syndicate

**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.:୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରିକରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| **ଓସ୍ତପୁର ଶାଖା** / ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | (କ) ଋଣ/ମଞ୍ଜୁରି ଋଣ (ଖ) ଏନପିଏ ତାରିଖ (ଗ)ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ସୁଦ୍ଧା ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ମେସର୍ସ ସାଇ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ତ୍ୱାଧିକାରୀ: ମନସ୍ମିତା ରାଉତରାୟ,** ସା: ରାହାଣିଆ, ଗୋକୁଳପୁର, କଟକ-୭୫୪୨୦୪, **୨) ଶ୍ରୀମତୀ ମନସ୍ମିତା ରାଉତରାୟ,** ପିତା: ସଦାନନ୍ଦ ରାଉତରାୟ, ସା: କାଳିଅଣ୍ଟି, ପୋ: ଚୟନପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ-୭୫୪୨୦୪ / **ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀ ଅସିତ୍ କୁମାର ମହାନ୍ତି,** ପିତା: ଅଜିତ୍ କୁମାର ମହାନ୍ତି, ସା: କାଳିଅଣ୍ଟି, ପୋ: ଚୟନପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ-୭୫୪୨୦୪ / **ଆକାଉଣ୍ଟ ନଂ.: ୧) ୧୨୫୦୦୩୦୮୪୬୦୨ (ଏମଏସଏମଇ), ୨) ୧୭୦୦୦୭୧୪୧୦୬୮(ଏମଏସଏମଇ)** | କ)ଟ.୧୧,୦୦,୦୦୦/- ଖ) ୩୦.୦୪.୨୦୨୪ ଗ) ୦୪.୦୮.୨୦୨୫ | ୦୪.୦୮.୨୦୨୫ ସୁଦ୍ଧା ଟ.୧୩,୧୫,୬୧୧.୭୭ + ସୁଧ ଏବଂ ସେବାବଦ ଖର୍ଚ୍ଚ | **ଶ୍ରୀ ଅସିତ୍ କୁମାର ମହାନ୍ତିଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୯୦୩/୩୫୫, ପ୍ଲଟ୍ ନଂ.:୧୭୦୫/୩୩୫୮, କ୍ଷେତ୍ର: ଏକର୦.୦୪୦ଡିସିମିଲି, କିସମ: ଘରବାରୀ, ଅନୁରୂପ ସାବକ ଖାତା ନଂ.: ୯୦୩/୧୧୩, ପରବର୍ତ୍ତୀ ଅନୁରୂପ ଚକବନ୍ଦୀ ଖାତା ନଂ.: ୫୬୦, ମୌଜା: କାଳିଅଣ୍ଟି, ତହସିଲ: ମାହାଙ୍ଗା, ଜିଲ୍ଲା: କଟକ, ଏସ୍‌ଆରଓ: ମାହାଙ୍ଗା, ଏହାର ଚାରିପାର୍ଶ୍ୱରେ ଉତ୍ତର: କାଳିଅଣ୍ଟି ୟୁପିଏମଇ ସ୍କୁଲ, ଦକ୍ଷିଣ: ପ୍ଲଟ୍ ନଂ.: ୧୭୦୫/୩୩୫୭, ପୂର୍ବ: ଜଚ୍ଚିନ୍ଦ୍ର ମହାନ୍ତି, ପଶ୍ଚିମ: କେନାଲ ବନ୍ଧ ରାସ୍ତା |

ଆପଣ, ଉପରୋକ୍ତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି। ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି। ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଇଅଛି କି ଏହି ନୋଟିସ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବୁ। ଆପଣଙ୍କୁ ଜଣାଇ ଦିଆଯାଉଛି କି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନିୟମାବଳୀ ଅନୁସାରେ ଆପଣ ଏହି ନୋଟିସ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ। ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ। ଏହି ନୋଟିସ୍ ଅନୁସାରେ ଦାବୀ କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ। କଥିତ ଆକ୍ଟର ଉପଧାରା (୨) ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ବକେୟା ରାଶି ସମ୍ପୂର୍ଣ୍ଣଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧିକ ଗ୍ରହଣ କରିପାରନ୍ତି। କ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ସମ୍ପତ୍ତି ଦଖଲ କରିବା ସହିତ ସୁରକ୍ଷିତ ସମ୍ପତ୍ତିକୁ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ କରି ହସ୍ତାନ୍ତରିତ କରିବା ଅଧିକାର ରଖିଛନ୍ତି। ଖ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ବ୍ୟବସାୟ ପରିଚାଳନାକୁ ଟେକଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି। ଉଲ୍ଲେଖଯୋଗ୍ୟ କି, ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ।

**ସ୍ଥାନ: କଟକ, ତାରିଖ: ୦୭.୦୮.୨୦୨୫** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ**


## 'ସମାଜରେ ଆଧ୍ୟାତ୍ମିକତା, ପବିତ୍ରତା, ପ୍ରେମଭାବ ଆବଶ୍ୟକ'





ଯାଁଳା,୭।୮(ବୁଲା ବାରିକ)

ଭୁବନେଶ୍ୱର ୟୁନିଟ୍-୯ସ୍ଥିତ ପ୍ରଜାପତି ବ୍ରହ୍ମାକୁମାରୀ ମୁଖ୍ୟାଳୟ 'ଓମ୍ ନିବାସ''ରେ ବୁଧବାର ରୋଟାରୀ କ୍ଲବ ଏବଂ ପ୍ରଜାପତି ବ୍ରହ୍ମାକୁମାରୀ ସଂସ୍ଥାନର ମିଳିତ ଆନୁକୂଲ୍ୟରେ ଏକ ଆଧ୍ୟାତ୍ମିକ ସଭା ରାଜଯୋଗିନୀ ଗୀତା ଭଉଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୋଟାରି ଜିଲା- ୩୨୬୨ର ପ୍ରାନ୍ତପାଳ ମନୋଜ ତ୍ରିପାଠୀ ମୁଖ୍ୟ ଅତିଥି ଏବଂ ମାଉଣ୍ଟ ଆବୁରୁ ଆସିଥିବା ରାଜଯୋଗୀ ରାଜୁ ଭାଇଜୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କାହିଁ କେଉଁକାଳରୁ ରକ୍ଷାବନ୍ଧନ ଭଉଣୀ ଭାଇଙ୍କ ପବିତ୍ର ପ୍ରେମ ଓ ବନ୍ଧନକୁ ଦର୍ଶାଇ ଆସିଛି। ମହାଭାରତ କାଳରେ ଶ୍ରୀକୃଷ୍ଣଙ୍କ କ୍ଷତ ହାତରେ ଦ୍ରୌପଦୀ ନିଜ ବସ୍ତ୍ରକୁ ବାନ୍ଧିଥିବା ସ୍ଥଳେ ତାଙ୍କର ବସ୍ତ୍ରହରଣ ସମୟରେ ଶ୍ରୀକୃଷ୍ଣ ବସ୍ତ୍ର ଦେଇ ଭଉଣୀର ସମ୍ମାନ ରକ୍ଷା କରିଥିଲେ। ସଂସାର ପାଇଁ ବର୍ତ୍ତମାନ ଆଧ୍ୟାତ୍ମିକତା, ପବିତ୍ରତା ଓ ପ୍ରେମଭାବର ଆବଶ୍ୟକତା ରହିଛି ବୋଲି ବକ୍ତାମାନେ କହିଥିଲେ। ଓମ୍‌ନିବାସର ବ୍ରହ୍ମାକୁମାରୀମାନେ ଉପସ୍ଥିତ ରୋଟାରିଆନମାନଙ୍କୁ ରାକ୍ଷୀ ପିନ୍ଧାଇଥିଲେ। ରୋଟାରିଆନ୍ କୈଳାସ କାନୁନଗୋ ସଭା ସଂଚଳନା କରିଥିଲେ। ରୋଟାରିଆନ ଡ. ବିଷ୍ଣୁଚରଣ ସାହୁ, ସୌମ୍ୟରଞ୍ଜନ ମିଶ୍ର, ଭକ୍ତରଞ୍ଜନ ମହାନ୍ତି, ଶିବବ୍ରତ ଦାସ, ରୁଦ୍ରପ୍ରସନ୍ନ ହୋତା, ରଶ୍ମି ନିବେଦିତା ପାଣି, ଇନ୍‌ର ହୁଇଲ କ୍ଲବ୍‌ର ସଭାପତି ମଧୁସ୍ମିତା ତ୍ରିପାଠୀ, ପାସପୋର୍ଟ କ୍ଲବ୍‌ର ନଳିନୀ ମହାନ୍ତିଙ୍କ ବ୍ୟତୀତ ରୋଟାରୀ କନ୍ ଫ୍ଲୁଏନ୍ସ, ରୋଟାରି ହେରିଟେଜ, ରୋଟାରି କ୍ୟାପିଟାଲ, ରୋଟାରି ଫ୍ଲେମିଙ୍ଗୋର ଶତାଧିକ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ।


**नालको NALCO** A NAVRATNA COMPANY

**National Aluminium Company Limited**
(A Government of India Enterprise)
NALCO Bhawan, Plot No. P/1, Nayapalli, Bhubaneswar-751013, Odisha, India
CIN : L27203OR1981GOI000920

अतुल्य एल्युमिनियम... आम जन से अंतरिक्ष तक

**EXTRACTS OF FINANCIAL RESULTS FOR THE QUARTER ENDED JUNE 30, 2025**

(₹ in Crore)

| Sl. No. | Particulars | Standalone | | | | Consolidated | | | |
|---|---|---|---|---|---|---|---|---|---|
| | | Quarter Ended | | | Year Ended | Quarter Ended | | | Year Ended |
| | | 30/06/2025 (Unaudited) | 31/03/2025 (Audited) | 30/06/2024 (Unaudited) | 31/03/2025 (Audited) | 30/06/2025 (Unaudited) | 31/03/2025 (Audited) | 30/06/2024 (Unaudited) | 31/03/2025 (Audited) |
| 1. | Total Income from Operations | 3,806.94 | 5,267.83 | 2,856.10 | 16,787.63 | 3,806.94 | 5,267.83 | 2,856.10 | 16,787.63 |
| 2. | Net Profit for the period (before Tax, Exceptional and /or Extraordinary items) | 1,429.27 | 2,759.64 | 817.01 | 7,135.10 | 1,429.27 | 2,759.64 | 817.01 | 7,135.10 |
| 3. | Net Profit for the period before Tax (after Exceptional and /or Extraordinary items) | 1,429.27 | 2,759.64 | 817.01 | 7,135.10 | 1,414.89 | 2,748.50 | 804.21 | 7,078.37 |
| 4. | Net Profit for the period after Tax ( after Exceptional and /or Extraordinary items) | 1,063.86 | 2,078.37 | 601.22 | 5,324.67 | 1,049.48 | 2,067.23 | 588.42 | 5,267.94 |
| 5. | Total Comprehensive Income for the period comprising Profit/Loss for the period (after tax) and Other Comprehensive Income (after tax) | 1,060.37 | 2,082.21 | 603.20 | 5,310.74 | 1,045.99 | 2,071.05 | 590.40 | 5,253.99 |
| 6. | Equity Share Capital | 918.32 | 918.32 | 918.32 | 918.32 | 918.32 | 918.32 | 918.32 | 918.32 |
| 7. | Reserves (excluding Revaluation Reserve) as shown in the Audited Balance Sheet of the previous year | | | | 17,127.44 | | | | 16,887.12 |
| 8. | Earnings Per Share (before extraordinary items) (of Rs.5/- each) (not annualised): | | | | | | | | |
| | 1. Basic (Rs.) | 5.79 | 11.32 | 3.27 | 28.99 | 5.71 | 11.26 | 3.20 | 28.68 |
| | 2. Diluted (Rs.) | 5.79 | 11.32 | 3.27 | 28.99 | 5.71 | 11.26 | 3.20 | 28.68 |

The above is an extract of the detailed format of Quarterly Financial Results filed with the Stock Exchanges under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full format of the above financial results are available on the Stock Exchange websites, **www.nseindia.com** and **www.bseindia.com**; and Company's website, **www.nalcoindia.com.**

**Notes :**

(1) The financial results have been reviewed and recommended by the Audit Committee at the meeting held on 7th August, 2025 and approved by the Board of Directors in its meeting held on 7th August, 2025. Limited Review as required under Regulation 33 of the SEBI (Listing Obligations and Disclosure Requirements) Regulations, 2015 has been carried out by the joint Statutory Auditors of the Company.

(2) The Company has four Joint Venture companies namely- 1. M/s. Angul Aluminium Park Pvt. Limited, 2. M/s. GACL-NALCO Alkalies & Chemicals Private Limited, 3. M/s. Khanij Bidesh India Limited, 4. M/s Utkarsha Aluminium Dhatu Nigam Limited. Out of the four joint venture companies whose financials have been consolidated, financials of M/s. Utkarsha Aluminium Dhatu Nigam Limited and M/s. Angul Aluminium Park Private Limited , has been consolidated on the basis of financials as certified by the Management as on reporting date, the effect of which is not material.

(3) The Board of Directors at its meeting held on 7th August, 2025 has recommended final dividend of ₹ 2.50/- per equity share ( 50% on face value of ₹ 5/- each) amounting to ₹ 459.16 crore for the FY 2024-25.

(4) The Company has not recognised the revenue from its two wind power plants (WPP) located in the State of Rajasthan due to non execution of fresh Power Purchase Agreement (PPA) since 01.04.2019 and such issue is being subjudice before Hon'ble High Court of Rajasthan based on writ petition filed by the Company. Similarly, due to non execution of PPA for WPP-Gandikota, Andhra Pradesh, Power generated is wheeled to captive power plant at Angul, Odisha for internal consumption.

(5) The figures of the quarter ended 31st March, 2025 are the balancing figures in respect of the audited full financial year ended 31st March, 2025 and the unaudited published year to date figures up to the third quarter ended 31st December, 2024.

(6) Figures pertaining to previous periods have been regrouped, recasted and rearranged, wherever necessary.

Place : Bhubaneswar
Dated : 7th August, 2025

Sd/-
(Brijendra Pratap Singh)
Chairman-cum-Managing Director

Scan this QR code to view/download the Financial Results

**National Aluminium Company Limited**
*"Unleashing Potential, Shaping New Frontiers"*

• Bauxite Mining • Alumina Refinery • Aluminium Smelter • Captive Power Plant • Captive Coal Blocks • Dedicated Port Facilities • Research & Development • Renewable Energy

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୭।୮।୨୦୨୫

| | |
|---|---|
| ୩,୩୪,୫୨୮ ଟଙ୍କା | |
| ସୁନା | ୦୫.୩୦୦ ଗ୍ରାମ୍ |
| ରୁପା | ୧୨.୬୦୦ ଗ୍ରାମ୍ |

# ଛାତ୍ରୀଙ୍କୁ ଅସଦାଚରଣ: ୯ ଦିନ ପରେ ବି ପୋଲିସ ଚୁପ୍

ଅସ୍ତରଙ୍ଗ, ୭।୮
(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

### ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଆଗରେ ବିଜେଡିର ଧାରଣା



ଜଣେ କଲେଜ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ ଘଟଣାକୁ ୯ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରୁନାହିଁ। ଏହା ପ୍ରତିବାଦରେ ତଥା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ବିଜୁ ଜନତା ଦଳ ପକ୍ଷରୁ ଗୁରୁବାର ଅସ୍ତରଙ୍ଗ ଥାନା ସମ୍ମୁଖରେ ଧାରଣା ଦିଆଯାଇଥିଲା। କାର୍ଯ୍ୟାନୁଷ୍ଠାନ ନେଇ ନିମାପଡ଼ା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଅଭିଯୋଗ ଅନୁଯାୟୀ, ଗତ ଜୁଲାଇ ୨୮ ତାରିଖ ଅପରାହ୍ନ ୩ଟା ୩୦ରେ ଅସ୍ତରଙ୍ଗ ଥାନା ଅଞ୍ଚଳର ଜଣେ ୧୯ ବର୍ଷୀୟ କଲେଜ ଛାତ୍ରୀ ନଦୀପଠାରେ ଥିବା ଲଙ୍କା କିଆରୀକୁ ଯାଇଥିଲେ। ସେଠାରେ ସେ କିଆରୀରୁ ଲଙ୍କା ତୋଳୁଥିବାବେଳେ ଖରିବୁଦା ପାଖରେ ଲୁଚିରହିଥିବା ସେହି ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଜାବୋଡ଼ି ଧରିବା ସହ ଟଙ୍କା ପ୍ରଲୋଭନ ଦେଖାଇଥିଲେ। ତେବେ ଛାତ୍ରୀ ଜଣକ ବଡ଼ ପାଟିରେ ଚିଲ୍ଲାଇ ତାଙ୍କୁ ଛାଡିଦେଇ ଦୌଡ଼ି ପଳାଇ ଆସିଥିଲେ। ଏହାପରେ ସମ୍ପୃକ୍ତ ବ୍ୟକ୍ତି ତାଙ୍କ ପଛରେ ଗୋଡ଼ାଉଥିବା ବେଳେ ସେହି ଗ୍ରାମର ଅନ୍ୟ ଜଣେ ବ୍ୟକ୍ତି ଆସୁଥିବା ଦେଖି ସେହି ସ୍ଥାନରୁ ଦୌଡ଼ି ପଳାଇଥିଲେ। ଏ ନେଇ ଛାତ୍ରୀ ଜଣକ ଗାଁର ମୁରବିମାନଙ୍କୁ ଜଣାଇଥିଲେ। ଜୁଲାଇ ୨୯ରେ ମୁରବିମାନେ ବସି ଉଭୟ ପକ୍ଷଙ୍କୁ ଡାକି ଘଟଣା ସମ୍ପର୍କରେ ପଚାରିଥିଲେ। ଏହି ସମୟରେ ଛାତ୍ରୀଙ୍କ ପ୍ରତି ଅସଦାଚରଣ କରିଥିବା ବ୍ୟକ୍ତି ଜଣକ ଛାତ୍ରୀଙ୍କୁ ଜାତିଆଣ ଆକ୍ଷେପ କରି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ଛାତ୍ରୀଜଣକ ଏ ନେଇ ଅସ୍ତରଙ୍ଗ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ଏକ କେସ୍ (ନମ୍ବର ୧୫୯/୨୫) ରୁଜୁ କରି ଚୁପ ବସିଗଲା। ଅଭିଯୁକ୍ତଙ୍କ ନାମରେ ସଙ୍ଗିନ ଦଫା ଲାଗିଥିବାବେଳେ ସେ କିପରି ବାହାରେ ବୁଲୁଛନ୍ତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଘଟଣାର ୯ ଦିନ ପରେ ବି ଅଭିଯୁକ୍ତକୁ ଗିରଫ କରାଯାଇ ନ ଥିବାରୁ ପୋଲିସର ତଦନ୍ତ ଓ କାର୍ଯ୍ୟକଳାପ ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଏ ନେଇ ଗୁରୁବାର ବ୍ଲକ ବିଜେଡି ସଭାପତି ପଞ୍ଚାନନ ସ୍ୱାଇଁଙ୍କ ନେତୃତ୍ୱରେ କର୍ମୀମାନେ ଏକ ଶୋଭାଯାତ୍ରାରେ ଯାଇ ଅସ୍ତରଙ୍ଗ ଥାନା ସାମ୍ନାରେ ଧାରଣା ଦେଇଥିଲେ। ବିଧାୟକ ତୁଷାରକାନ୍ତି ବେହେରା, ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ସଭ୍ୟା ସରସ୍ୱତୀ ସ୍ୱାଇଁ, ସମିତି ସଭ୍ୟ ରାମଚନ୍ଦ୍ର ନାୟକ, ବରିଷ୍ଠ ନେତା ଗଦାଧର ବିଶ୍ୱାଳ, ପ୍ରଫୁଲ୍ଲ ବେହେରା, ଭୀମସେନ ସ୍ୱାଇଁ ପ୍ରମୁଖ ଧାରଣାରେ ସାମିଲ ଥିଲେ। ନିମାପଡ଼ା ଉପଖଣ୍ଡ ଅଧିକାରୀ ପାଢ଼ୀ ପହଞ୍ଚି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଜେଡି ପକ୍ଷରୁ ପାଢୀଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ପରେ ଥାନା ପରିସରରେ ନିମାପଡା ଉପଖଣ୍ଡ ଅଧିକାରୀ ପାଢ଼ୀ ଏବଂ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାରସିଂ ପୀଡ଼ିତାଙ୍କ ବାପା ଓ ସାକ୍ଷୀଙ୍କ ବୟାନ ରେକର୍ଡ କରିଥିଲେ। ଯଦି ତୁରନ୍ତ ପୀଡ଼ିତାଙ୍କୁ ଉପଯୁକ୍ତ ନ୍ୟାୟ ନ ମିଳେ ଆଗାମୀ ଦିନରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

# ରାଜ୍ୟସ୍ତରୀୟ ସାଇଭକ୍ତ ସମ୍ମିଳନୀ ପାଇଁ ପ୍ରସ୍ତୁତି

ଭୁବନେଶ୍ୱର, ୭।୮ (ସୌମ୍ୟ ରଞ୍ଜନ ରାଉତ)

ରାଜ୍ୟସ୍ତରୀୟ ସାଇଭକ୍ତ ସମ୍ମିଳନୀ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଆଚାର୍ଯ୍ୟବିହାର ସାଇମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବବର୍ଷମାନଙ୍କ ପରି ଚଳିତବର୍ଷ ମଧ୍ୟ ରାଜ୍ୟର ବିଭିନ୍ନ ମନ୍ଦିରମାନଙ୍କର ଟ୍ରଷ୍ଟି ଓ କର୍ମକର୍ତ୍ତାଙ୍କ ଯୋଗଦେବେ ଏବଂ ଅଧିକରୁ ଅଧିକ ଭକ୍ତମାନେ କିପରି ଏହି ସମ୍ମିଳନୀରେ ସାମିଲ ହେବେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆସନ୍ତା ସେପ୍ଟେମ୍ବର ୬ରେ ସ୍ଥାନୀୟ ଜୟଦେବ ଭବନଠାରେ ଏହି ସମ୍ମିଳନୀ କରାଯିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ସମ୍ମିଳନୀ ଅବସରରେ ବାବାଙ୍କ ସମ୍ପର୍କିତ ପୁସ୍ତକ ତଥା ଫଟୋ ଚିତ୍ରର ପ୍ରଦର୍ଶନୀ, କୁଇଜ୍, ଭଜନ, ସାଂସ୍କୃତିକ କାର୍ଯ୍ୟକ୍ରମ ହେବାକୁ ନିଷ୍ପତ୍ତି ହୋଇଥିଲା। ଆଚାର୍ଯ୍ୟବିହାର ସାଇ ମନ୍ଦିର ପକ୍ଷରୁ ବରିଷ୍ଠ ଆଇନଜୀବୀ ସିଦ୍ଧାର୍ଥ ଦାସ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଆଲୋଚନାରେ ବିଜୟ ପାତ୍ର, ନବକିଶୋର ମହାଲିକ, ଜ୍ଞାନେନ୍ଦ୍ର ସେନାପତି, ଜିତୁ ଜେନା, ବିଦ୍ୟାଧର ମଲ୍ଲିକ, ଅକ୍ଷୟ ବିଶ୍ୱାଳ, ଅଞ୍ଜନ ଛୋଟରାୟ, ଜନ୍ମେଜୟ ପ୍ରଧାନ, ସତ୍ୟରଞ୍ଜନ ମହାନ୍ତି, ଚନ୍ଦ୍ରିକା ମଲ୍ଲିକ, ମିଲିରାଣୀ ନାୟକ, କଳ୍ପନା ମିଶ୍ର ଅଂଶଗ୍ରହଣ କରି ନିଜ ମତ ରଖିଥିଲେ। ପବିତ୍ର ମୋହନ ସାମଲ ଧନ୍ୟବାଦ ଦେଇଥିଲେ। ସମ୍ମିଳନୀରେ ଯୋଗଦେବା ପାଇଁ ଓଡ଼ିଶାର ସମସ୍ତ ମନ୍ଦିର ଅନୁଷ୍ଠାନ ତଥା ଭକ୍ତମାନେ ୯୮୬୧୮୯୯୦୦୦ କିମ୍ବା ୭୯୭୮୬୫୮୦୪୭ ନଂ.ରେ ଯୋଗାଯୋଗ କରିବା ପାଇଁ ସାମଲ ନିବେଦନ କରିଛନ୍ତି। ସେହିପରି ଅଗଷ୍ଟ ୧୦ରେ ସ୍ଥାନୀୟ ୮ନଂ. ସ୍ଥିତ ସାଇମନ୍ଦିରରେ ଭୁବନେଶ୍ୱରର ସମସ୍ତ ସାଇମନ୍ଦିରମାନଙ୍କ କର୍ମକର୍ତ୍ତା ଓ ଶ୍ରଦ୍ଧାଳୁଙ୍କୁ ନେଇ ଏକ ବୈଠକ ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହେବ।


सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(कोल इण्डिया की एक अनुषंगी ईकाई)/(A Subsidiary of Coal India Ltd.)
गोंदवाना प्लेस, काँके रोड, राँची–834008, झारखंड, भारत
सूचना/NOTICE
"सामग्री, कार्यों एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इंडिया लिमिटेड की वेबसाइट www.coalindia.in/ संबंधित अनुषंगी कंपनी (सीएमपीडीआई, www.cmpdi.co.in), सीआईएल ई–प्रोक्योरमेंट पोर्टल https://coalindiatenders.nic.in एवं सेंट्रल पब्लिक प्रोक्योरमेंट पोर्टल https://eprocure.gov.in पर उपलब्ध हैं। इसके अलावा, जीईएम पोर्टल https://gem.gov.in के माध्यम से भी खरीद की जाती है।"/
"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/ respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM portal https://gem.gov.in."


## ୨ ବନ୍ଧୁକ ଜବତ: ଯୁବକ ଗିରଫ

ପୁରୀ, ୭।୮ (ଅଜିତ୍ କୁମାର ମହାନ୍ତି)

ବେଆଇନ ଭାବେ ବନ୍ଧୁକ ରଖିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କୁମ୍ଭାରପଡ଼ା ଥାନା ଘୋଡ଼ାବଜାର ଅନ୍ତର୍ଗତ ଆଲୋକ କୁମାର ନାୟକ (୨୨)। ଏନେଇ ପୋଲିସ ଏକ କେସ୍ (ନଂ.୩୬୧/୨୫) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ପୋଲିସ ପକ୍ଷରୁ ଥାନା ଅଞ୍ଚଳରେ ପାଟ୍ରୋଲିଂ କରାଯାଉଥିଲା। ଏହି ସମୟରେ ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା ଯେ, ପୁରୀ ରେଳ ଷ୍ଟେଶନ ପାଖ ଗରୁଡ଼ ଛକଠାରେ ଜଣେ ଯୁବକ ଦୁଇଟି ବନ୍ଧୁକ ଧରି ଠିଆ ହୋଇଛନ୍ତି। ପୋଲିସ ଉକ୍ତ ସ୍ଥାନରେ ଚଢାଉ କରି ଯୁବକଙ୍କ ଠାରୁ ଗୋଟିଏ ପିସ୍ତଲ ଏବଂ ଗୋଟିଏ ରିଭଲଭର ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା।

# ମତଦାନ କେନ୍ଦ୍ରର ଯୁକ୍ତିଯୁକ୍ତକରଣ ପ୍ରସ୍ତାବ ନେଇ ଆଲୋଚନା

ପୁରୀ, ୭।୮ (ଅଜିତ କୁମାର ମହାନ୍ତି)

ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହର ସମ୍ମିଳନୀ କକ୍ଷରେ ମତଦାନ କେନ୍ଦ୍ରର ଯୁକ୍ତିଯୁକ୍ତକରଣ ପାଇଁ ପ୍ରସ୍ତାବ ବିଷୟରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ଶରତ ଚନ୍ଦ୍ର ମହାପାତ୍ର, ନୀଳମାଧବ ଭୋଇ, ଉପଜିଲାପାଳ, ରାଜକିଶୋର ଜେନା, ଅତିରିକ୍ତ ଉପଜିଲାପାଳ ନୀଳମାଧବ ମାଝୀ ଓ ଡେପୁଟି କଲେକ୍ଟର (ନିର୍ବାଚନ), ଆଦ୍ୟାଶା ରଥ ଉପସ୍ଥିତ ଥିଲେ। ସେହିପରି ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କ ମଧ୍ୟରେ ଭାଜପାର ଉମାକାନ୍ତ ନାୟକ, ଆଇଏନ୍‌ସିର ସୁକାନ୍ତ କୁମାର ପ୍ରଧାନ, ଏନ୍‌ସିପିର ବିହାରୀବନ୍ଧୁ ପଲେଇ, ବିଜେଡିର ଗୌରହରି ପ୍ରଧାନ, ବ୍ରହ୍ମଗିରି ବିଧାୟକଙ୍କ ପ୍ରତିନିଧି ପ୍ରସନ୍ନ କୁମାର ପଲେଇ, ପୁରୀ ବିଧାୟକଙ୍କ ପ୍ରତିନିଧି ଅମୃତ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ। ସଭାରେ ମତଦାନ କେନ୍ଦ୍ରର ଯୁକ୍ତିଯୁକ୍ତୀକରଣ ପାଇଁ ପ୍ରସ୍ତାବ ବିଷୟରେ ଆଲୋଚନା କରାଯାଇ ସହମତି ଓ ମତାମତ ଗ୍ରହଣ କରାଯାଇଥିଲା।

# ଶେଷ ପର୍ଯ୍ୟାୟରେ ମହାପ୍ରଭୁଙ୍କ ରାଖୀ ପ୍ରସ୍ତୁତି

ପୁରୀ, ୭।୮ (ଅଜିତ୍ କୁମାର ମହାନ୍ତି)



ମହାପ୍ରଭୁଙ୍କ ପାଇଁ ପାଟରା ବିଶୋଇ ସେବକ ରାଖୀ ପ୍ରସ୍ତୁତ କରୁଛନ୍ତି।

ରକ୍ଷାବନ୍ଧନ ଭାଇ ଭଉଣୀ ଭିତରେ ଥିବା ସ୍ନେହ ଓ ପବିତ୍ର ବନ୍ଧନର ପର୍ବକୁ ଦର୍ଶାଇଥାଏ। ଏହି ପବିତ୍ର ବନ୍ଧନର ଝଲକ ଶ୍ରୀମନ୍ଦିରରେ ତଥା ଶ୍ରୀଜଗନ୍ନାଥ ସଂସ୍କୃତିରେ ମଧ୍ୟ ଦେଖିବାକୁ ମିଳିଥାଏ। ପବିତ୍ର ରକ୍ଷାବନ୍ଧନ ପର୍ବ ଶ୍ରାବଣ ମାସର ପୂର୍ଣ୍ଣିମା ତଥା ବଡ ଠାକୁର ବଳଭଦ୍ରଙ୍କ ଜନ୍ମଦିନ ପାଳନ କରାଯାଇଥାଏ। ଚଳିତ ମାସ ୯ ତାରିଖରେ ଶ୍ରୀମନ୍ଦିରରେ ରକ୍ଷାବନ୍ଧନ ପର୍ବପାଳନ ହେବ। ମହାପ୍ରଭୁଙ୍କ ମାନବୀୟ ଲୀଳା ମଧ୍ୟରେ ରକ୍ଷା ବନ୍ଧନ ଅନନ୍ୟ।

ଶ୍ରୀମନ୍ଦିର ରୀତିନୀତି ଅନୁଯାୟୀ, ଦେବୀ ସୁଭଦ୍ରା ତାଙ୍କର ଦୁଇଭାଇ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କ ହାତରେ ରାକ୍ଷୀ ବାନ୍ଧି ପରମ୍ପରାର ପବିତ୍ର ସମ୍ପର୍କକୁ ଦର୍ଶାଇ ଥାଆନ୍ତି। ଏଥିପାଇଁ ପାଟରା ବିଶୋଇ ସେବକମାନେ ରାଖୀ ପ୍ରସ୍ତୁତିରେ ଲାଗିଛନ୍ତି। ରାଖିପୂର୍ଣ୍ଣିମା ଦିନ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଳଭଦ୍ର ୨ଟି ଲେଖାଏ ରାଖୀ ଓ ୨ଟି ଲେଖାଏ ଗୁଆମାଳ ପରିଧାନ କରିଥାନ୍ତି। ପାଟରା ବିଶୋଇ ସେବକ ବାସୁଙ୍ଗା ପାଟରେ ରାଖୀ ଓ ଗୁଆମାନ ପ୍ରସ୍ତୁତ କରିଥାନ୍ତି। ପ୍ରାୟ ୧୫ କିଲୋ ବାସୁଙ୍ଗା ପାଟରେ ପ୍ରସ୍ତୁତ ଏହି ସ୍ୱତନ୍ତ୍ର ରାଖୀକୁ ଚିତାଲାଗି ଅମାବାସ୍ୟା ପରଠାରୁ ପ୍ରସ୍ତୁତ କରିଥାଆନ୍ତି ପାଟରା ସେବାୟତ। ତାହାକୁ ଭଉଣୀ ସୁଭଦ୍ରା ଦୁଇ ଭାଇଙ୍କ ହାତରେ ବାନ୍ଧିଥାନ୍ତି। ନାଲି,ସବୁଜ,ହଳଦିଆ ଓ ନୀଳ ରଙ୍ଗର ଏହି ଗୁଆମାଳ ରାଖୀକୁ ମଧ୍ୟ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥାଏ। ମାଣିଆବନ୍ଧରେ ତିଆରି ହୋଇଥିବା ପାଟସୂତାରୁ ଏହି ରାଖୀକୁ ପାଟରା ସେବାୟତ ଶ୍ରଦ୍ଧା,ଭକ୍ତି ଓ ବିଶ୍ୱାସର ସହ ପ୍ରସ୍ତୁତ କରିଥାଆନ୍ତି। ଶ୍ରୀଜଗନ୍ନାଥ ହଳଦିଆ ଓ ନାଲି ରଙ୍ଗର ଗୁଆମାଳ ଏବଂ ବଳଭଦ୍ର ବାଇଗଣୀ ଓ ନୀଳ ରଙ୍ଗର ଗୁଆମାଳ ପରିଧାନ କରନ୍ତି। ୫୪ଟି ଗୁଆରେ ଗୋଟିଏ ଲେଖାଏ ମାଳ ପ୍ରସ୍ତୁତ ହୋଇଥାଏ। ପାଟରା ବିଶୋଇ ସନ୍ତୋଷ କୁମାର ପାତ୍ରଙ୍କ କହିବା ଅନୁଯାୟୀ, ରାଖୀ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୪ଟି ରାଖୀ, ୪ଟି ଗୁଆମାଳକୁ ନେଇ ଭଣ୍ଡାର ମେକାପଙ୍କୁ ହସ୍ତାନ୍ତର କରାଯିବ। ରାଖୀ ପ୍ରସ୍ତୁତି ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବାସୁଙ୍ଗା ପାଟ ଯୋଗାଇ ଦିଆଯାଇଥାଏ। ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ପାଇଁ ୪ଟି ରାଖୀ ପ୍ରସ୍ତୁତ ହେଉଥିବାବେଳେ ପାର୍ଶ୍ୱଦେବତାଙ୍କ ପାଇଁ ଛୋଟ ରାଖୀ ତିଆରି କରାଯାଇଥାଏ। ଗହ୍ମା ପୂର୍ଣ୍ଣିମା ସକାଳେ ଶ୍ରୀମନ୍ଦିରରୁ ଚର୍ଚ୍ଚା ଆସି ଡାକିଥାନ୍ତି। ଏହାପରେ ରାଖୀ ଏବଂ ଗୁଆମାଳ ଦୁଇଟି ତାଡ଼ରେ ଶ୍ରୀମନ୍ଦିରକୁ ଯାଇଥାଏ। ମହାପ୍ରଭୁଙ୍କ ନିମନ୍ତେ ରାଖୀ ପ୍ରସ୍ତୁତ କରିବାର ସୌଭାଗ୍ୟ ପାଇଥିବାରୁ ନିଜକୁ ଧନ୍ୟ ମଣୁଛି।

# ବୁଡ଼ିଲା ରାସ୍ତା, ଭାଙ୍ଗିଲା ଗଛ

ଗୋପ, ୭।୮ (ଭାରତୀ ଭୂଷଣ ଉପାଧ୍ୟାୟ)

### ୯୦ ମିନିଟ୍ ବର୍ଷ ଧରି ପ୍ରବଳ ବର୍ଷା

ଗୋପ ବ୍ଲକ ଅଞ୍ଚଳରେ ଗୁରୁବାର ପ୍ରାୟ ୯୦ ମିନିଟ୍ ଧରି ଲଗାଣ ପ୍ରବଳ ବର୍ଷା ହେବା ସହିତ ପ୍ରାୟତଃ ୭୦/୮୦ କିଲୋମିଟର ବେଗରେ ପବନ ବୋହିଥିଲା। ବର୍ଷା ଯୋଗୁ ରାସ୍ତା, ଚାଷଜମି ଜଳମଗ୍ନ ହେବା ସହ ପବନରେ କେତେକ ଗଛ ଭାଙ୍ଗିପଡ଼ିଛି। ପ୍ରକାଶ ଯେ, ମଧ୍ୟାହ୍ନ ସାଢ଼େ ୧୨ଟାରେ ହଠାତ୍ ଆକାଶରେ କଳା ବାଦଲ ଘୋଟି ଆସିବା ସହ ପ୍ରବଳ ବର୍ଷା, ପବନ ହୋଇଥିଲା। ବଜ୍ରପାତ ମାରିବା ଫଳରେ ଲୋକେ ବାହାରକୁ ବାହାରି ପାରି ନ ଥିଲେ। ମାତ୍ର ୯୦ ମିନିଟ୍ ବର୍ଷା, ପବନ ସମସ୍ତ ଅଞ୍ଚଳ ବୁଡି ଥିଲା। ଏରବଙ୍ଗ, ଗୋପ ସହିତ ଅନ୍ୟାନ୍ୟ ପଞ୍ଚାୟତରେ ମଧ୍ୟ ବହୁ ଗଛ ଭାଙ୍ଗିପଡ଼ିଛି। ଏପରି କି ଗୋପ – କୋଣାର୍କ ରାସ୍ତାର ଗୋପ କଲେଜ ଛକ ନିକଟରେ ଏକ ବିରାଟ କୃଷ୍ଣଚୂଡା ବୃକ୍ଷ ପଡିବା ଯୋଗୁ ଦୀର୍ଘ ୧ ଘଣ୍ଟା ଧରି ପର୍ଯ୍ୟଟକ, ସାଧାରଣ ଲୋକଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏରବଙ୍ଗ ଗ୍ରାମପଞ୍ଚାୟତର ଯୁବନେତା ଶିବ ପ୍ରସାଦ ସ୍ୱାଇଁ ତୁରନ୍ତ ଗୋପ ଅଗ୍ନିଶମ ବିଭାଗ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବା ପରେ ବିଭାଗୀୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଭାଙ୍ଗିପଡ଼ିଥିବା ଗଛ କାଟି ସଫାସୁତୁରା କରିଥିଲେ। ଫଳରେ ଗାଡ଼ିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା। ସେହିପରି କେତେକ ଚାଳଘରର ଛପର ଉଡ଼ିଯାଇଛି। ବିଦ୍ୟୁତ ତାର ଛିଡ଼ିପଡ଼ିଥିବାରୁ ବିଦ୍ୟୁତ ବିନା ଲୋକେ ଅନ୍ଧାରରେ ରହିଛନ୍ତି। ଅପରପକ୍ଷେ, ଗୋପ ବ୍ଲକରେ ହଜାର ହଜାର ହେକ୍ଟର ଚାଷଜମି ଫାଟି ଆଁ କରିଥିବାବେଳେ ଗୁରୁବାର ହୋଇଥିବା ବର୍ଷା ଯୋଗୁ ଚାଷୀ ମହଲରେ ଆନନ୍ଦ ପ୍ରକାଶ ପାଇଛି।



ଗୋପ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବର୍ଷାଜଳ ଜମିରହିଛି।


ଦ.ପୂ. ରେଳପଥ – ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୦୮/୧, ତାରିଖ: ୦୬।୦୮।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର–୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ–ଟେଣ୍ଡର ଆହ୍ୱାନ କରାଯାଉଛି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ। କ୍ର.ସଂ.-୧, ଟେଣ୍ଡର ନଂ.: ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୦୬-୨୦୨୫। କାର୍ଯ୍ୟର ବର୍ଣ୍ଣନା: ରୋଲିଂ ଷ୍ଟକ୍ ବଜାୟ ରଖିବା ପାଇଁ ଖଡ଼ଗପୁର ୱାର୍କଶପ୍‌ର ପ୍ରଡକ୍ସନ୍ ଶପ୍‌ଗୁଡ଼ିକରେ ଭିତ୍ତିଭୂମି ସୁବିଧାଗୁଡ଼ିକର ପରିବର୍ଦ୍ଧନ ଓ ଉନ୍ନତୀକରଣ। ଟେଣ୍ଡର ମୂଲ୍ୟ: ₹୬,୩୫,୧୨,୦୦୪.୦୪। ଅମାନତ ରାଶି: ₹୪,୬୭,୬୦୦। କାର୍ଯ୍ୟ ସମାପ୍ତି ଅବଧି: ୧୮ ମାସ। କ୍ର.ସଂ.-୨, ଟେଣ୍ଡର ନଂ.: ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୦୭-୨୦୨୫। କାର୍ଯ୍ୟର ବର୍ଣ୍ଣନା: ୱାଗନ୍ ରିପେୟାର୍ ଶପ୍, ଖଡ଼ଗପୁର ୱାର୍କଶପ୍‌ର ସିବିସି ଓଭରହଲିଂ ସେକ୍ସନ ତଥା କରୋଜନ୍ ରିପେୟାର୍ ଶପ୍‌ର ଉନ୍ନତୀକରଣ। ଟେଣ୍ଡର ମୂଲ୍ୟ: ₹୯୭,୭୩,୧୩୬। ଅମାନତ ରାଶି: ₹୧,୯୫,୫୦୦। କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୦ (କ୍ର..ସଂ. ୧ ଓ ୨ ପାଇଁ ପ୍ରତ୍ୟେକ)। ଖୋଲାଯିବା ତାରିଖ: ତା୨୮।୦୮।୨୦୨୫ରିଖ (କ୍ର.ସଂ. ୧ ଓ ୨ ପାଇଁ ପ୍ରତ୍ୟେକ)। ବିଡିଂ ଆରମ୍ଭ ତାରିଖ: ତା୧୪।୦୮।୨୦୨୫ରିଖରୁ ତା୨୮।୦୮।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୧ ଓ ୨ ପାଇଁ ପ୍ରତ୍ୟେକ)। ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-493)



केनरा बैंक Canara Bank A Government of India Undertaking
सिंडिकेट Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.:୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରିକରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| ଓସ୍ତପୁର ଶାଖା / ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | (କ) ଋଣ/ମଞ୍ଜୁରି ଋଣ (ଖ) ଏନପିଏ ତାରିଖ (ଗ)ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ସୁଦ୍ଧା ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ମେସର୍ସ ସାଇ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ୱାଧିକାରୀ: ମନସ୍ୱିତା ରାଉତରାୟ, ସା: ରାହାଣିଆ, ଗୋକୁଳପୁର, କଟକ-୭୫୪୨୦୪, ୨) ଶ୍ରୀମତୀ ମନସ୍ୱିତା ରାଉତରାୟ, ପିତା: ସଦାନନ୍ଦ ରାଉତରାୟ, ସା: କାଳିଅଣ୍ଟି, ପୋ: ଚୟନପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ-୭୫୪୨୦୪ / ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀ ଅସିତ୍ କୁମାର ମହାନ୍ତି, ପିତା: ଅଜିତ୍ କୁମାର ମହାନ୍ତି, ସା: କାଳିଅଣ୍ଟି, ପୋ: ଚୟନପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ-୭୫୪୨୦୪ / ଆକାଉଣ୍ଟ ନଂ.: ୧) ୧୨୫୦୦୩୦୮୪୬୦୨ (ଏମଏସଏମଇ), ୨) ୧୭୦୦୦୭୧୪୧୦୬୮ (ଏମଏସଏମଇ) | କ)ଟ.୧୧,୦୦,୦୦୦/- ଖ) ୩୦.୦୪.୨୦୨୪ ଗ) ୦୪.୦୮.୨୦୨୫ | ୦୪.୦୮.୨୦୨୫ ସୁଦ୍ଧା ଟ.୧୩,୧୫,୬୧୧.୭୭ + ସୁଧ ଏବଂ ସେବାବଦ ଖର୍ଚ୍ଚ | ଶ୍ରୀ ଅସିତ୍ କୁମାର ମହାନ୍ତିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୯୦୩/୩୫୫, ପ୍ଲଟ୍ ନଂ.:୧୭୦୫/୩୩୫୮, କ୍ଷେତ୍ର: ଏକର୦.୦୪୦ଡିସିମିଲି, କିସମ: ଘରବାରୀ, ଅନୁରୂପ ସାବକ ଖାତା ନଂ.: ୯୦୩/୧୧୩, ପରବର୍ତ୍ତୀ ଅନୁରୂପ ଚକବନ୍ଦୀ ଖାତା ନଂ.: ୫୬୦, ମୌଜା: କାଳିଅଣ୍ଟି, ତହସିଲ: ମାହାଙ୍ଗା, ଜିଲ୍ଲା: କଟକ, ଏସ୍ଆରଓ: ମାହାଙ୍ଗା, ଏହାର ଚାରିପାର୍ଶ୍ୱରେ ଉତ୍ତର: କାଳିଅଣ୍ଟି ୟୁପିଏମଇ ସ୍କୁଲ, ଦକ୍ଷିଣ: ପ୍ଲଟ୍ ନଂ.: ୧୭୦୫/୩୩୫୭, ପୂର୍ବ: ଜଜିନ୍ଦ୍ର ମହାନ୍ତି, ପଶ୍ଚିମ: କେନାଲ ବନ୍ଧ ରାସ୍ତା |

ଆପଣ, ଉପରୋକ୍ତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି। ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି। ଏତଦ୍‌ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି କି ଏହି ନୋଟିସ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବୁ। ଆପଣଙ୍କୁ ଜଣାଇ ଦିଆଯାଉଛି କି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନିୟମାବଳୀ ଅନୁସାରେ ଆପଣ ଏହି ନୋଟିସ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ। ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ। ଏହି ନୋଟିସ୍ ଅନୁସାରେ ଦାବୀ କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ। କଥିତ ଆକ୍ଟର ଉପଧାରା (୨) ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ବକେୟା ରାଶି ସମ୍ପୂର୍ଣ୍ଣଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧିକ ଗ୍ରହଣ କରିପାରନ୍ତି। କ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ସମ୍ପତ୍ତି ଦଖଲ କରିବା ସହିତ ସୁରକ୍ଷିତ ସମ୍ପତ୍ତିକୁ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ କରି ହସ୍ତାନ୍ତରିତ କରିବା ଅଧିକାର ରଖିଛନ୍ତି। ଖ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ବ୍ୟବସାୟ ପରିଚାଳନାକୁ ଟେକଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି। ଉଲ୍ଲେଖଯୋଗ୍ୟ କି, ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ।

ସ୍ଥାନ: କଟକ, ତାରିଖ: ୦୭.୦୮.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



नालको NALCO
A NAVRATNA COMPANY
National Aluminium Company Limited
(A Government of India Enterprise)
NALCO Bhawan, Plot No. P/1, Nayapalli, Bhubaneswar-751013, Odisha, India
CIN : L27203OR1981GOI000920
अतुल्य एल्युमिनियम... आम जन से अंतरिक्ष तक

EXTRACTS OF FINANCIAL RESULTS FOR THE QUARTER ENDED JUNE 30, 2025

(₹ in Crore)

| Sl. No. | Particulars | Standalone | | | | Consolidated | | | |
|---|---|---|---|---|---|---|---|---|---|
| | | Quarter Ended | | | Year Ended | Quarter Ended | | | Year Ended |
| | | 30/06/2025 (Unaudited) | 31/03/2025 (Audited) | 30/06/2024 (Unaudited) | 31/03/2025 (Audited) | 30/06/2025 (Unaudited) | 31/03/2025 (Audited) | 30/06/2024 (Unaudited) | 31/03/2025 (Audited) |
| 1. | Total Income from Operations | 3,806.94 | 5,267.83 | 2,856.10 | 16,787.63 | 3,806.94 | 5,267.83 | 2,856.10 | 16,787.63 |
| 2. | Net Profit for the period (before Tax, Exceptional and /or Extraordinary items) | 1,429.27 | 2,759.64 | 817.01 | 7,135.10 | 1,429.27 | 2,759.64 | 817.01 | 7,135.10 |
| 3. | Net Profit for the period before Tax (after Exceptional and /or Extraordinary items) | 1,429.27 | 2,759.64 | 817.01 | 7,135.10 | 1,414.89 | 2,748.50 | 804.21 | 7,078.37 |
| 4. | Net Profit for the period after Tax ( after Exceptional and /or Extraordinary items) | 1,063.86 | 2,078.37 | 601.22 | 5,324.67 | 1,049.48 | 2,067.23 | 588.42 | 5,267.94 |
| 5. | Total Comprehensive Income for the period comprising Profit/Loss for the period (after tax) and Other Comprehensive Income (after tax) | 1,060.37 | 2,082.21 | 603.20 | 5,310.74 | 1,045.99 | 2,071.05 | 590.40 | 5,253.99 |
| 6. | Equity Share Capital | 918.32 | 918.32 | 918.32 | 918.32 | 918.32 | 918.32 | 918.32 | 918.32 |
| 7. | Reserves (excluding Revaluation Reserve) as shown in the Audited Balance Sheet of the previous year | | | | 17,127.44 | | | | 16,887.12 |
| 8. | Earnings Per Share (before extraordinary items) (of Rs.5/- each) (not annualised): | | | | | | | | |
| | 1. Basic (Rs.) | 5.79 | 11.32 | 3.27 | 28.99 | 5.71 | 11.26 | 3.20 | 28.68 |
| | 2. Diluted (Rs.) | 5.79 | 11.32 | 3.27 | 28.99 | 5.71 | 11.26 | 3.20 | 28.68 |

The above is an extract of the detailed format of Quarterly Financial Results filed with the Stock Exchanges under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full format of the above financial results are available on the Stock Exchange websites, www.nseindia.com and www.bseindia.com; and Company's website, www.nalcoindia.com.

Notes :
(1) The financial results have been reviewed and recommended by the Audit Committee at the meeting held on 7th August, 2025 and approved by the Board of Directors in its meeting held on 7th August, 2025. Limited Review as required under Regulation 33 of the SEBI (Listing Obligations and Disclosure Requirements) Regulations, 2015 has been carried out by the joint Statutory Auditors of the Company.
(2) The Company has four Joint Venture companies namely- 1. M/s. Angul Aluminium Park Pvt. Limited, 2. M/s. GACL-NALCO Alkalies & Chemicals Private Limited, 3. M/s. Khanij Bidesh India Limited, 4. M/s Utkarsha Aluminium Dhatu Nigam Limited. Out of the four joint venture companies whose financials have been consolidated, financials of M/s. Utkarsha Aluminium Dhatu Nigam Limited and M/s. Angul Aluminium Park Private Limited, has been consolidated on the basis of financials as certified by the Management as on reporting date, the effect of which is not material.
(3) The Board of Directors at its meeting held on 7th August, 2025 has recommended final dividend of ₹ 2.50/- per equity share (50% on face value of ₹ 5/- each) amounting to ₹ 459.16 crore for the FY 2024-25.
(4) The Company has not recognised the revenue from its two wind power plants (WPP) located in the State of Rajasthan due to non execution of fresh Power Purchase Agreement (PPA) since 01.04.2019 and such issue is being subjudice before Hon'ble High Court of Rajasthan based on writ petition filed by the Company. Similarly, due to non execution of PPA for WPP-Gandikota, Andhra Pradesh, Power generated is wheeled to captive power plant at Angul, Odisha for internal consumption.
(5) The figures of the quarter ended 31st March, 2025 are the balancing figures in respect of the audited full financial year ended 31st March, 2025 and the unaudited published year to date figures up to the third quarter ended 31st December, 2024.
(6) Figures pertaining to previous periods have been regrouped, recasted and rearranged, wherever necessary.

Place : Bhubaneswar
Dated : 7th August, 2025

Sd/-
(Brijendra Pratap Singh)
Chairman-cum-Managing Director

Scan this QR code to view/download the Financial Results

National Aluminium Company Limited
"Unleashing Potential, Shaping New Frontiers"
• Bauxite Mining • Alumina Refinery • Aluminium Smelter • Captive Power Plant • Captive Coal Blocks • Dedicated Port Facilities • Research & Development • Renewable Energy

# ଗଙ୍ଗାଧର ଥିଲେ ଅମୃତ ସନ୍ଧାନୀ କବି



ଭୁବନେଶ୍ୱର, ୭।୮ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଏବଂ ଓଡ଼ିଶୀ କଣ୍ଠ ସଂଗୀତ ବିଭାଗ ପକ୍ଷରୁ ଗୁରୁବାର ଗଙ୍ଗାଧର ମେହେର ସାହିତ୍ୟ ଓ ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ କହିଲେ, ଗଙ୍ଗାଧର ମେହେରଙ୍କ କବି ଆତ୍ମା ଅମୃତ ବିନ୍ଦୁଟିଏ ହୋଇ ପରମାତ୍ମାଙ୍କ ଅନ୍ୱେଷଣ କରିଛି। ତାଙ୍କ ଅମୃତ ସନ୍ଧାନୀ କବି ଦୃଷ୍ଟି ଆନନ୍ଦ ଓ ଉତ୍ତରଣର କଥା କହିଛି ବୋଲି ସେ କହିଛନ୍ତି। ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଫେସର ମଣୀନ୍ଦ୍ର କୁମାର ମେହେର କବିଙ୍କ ସାହିତ୍ୟ ସାଧନା, କବିଦୃଷ୍ଟି ଓ ସାହିତ୍ୟିକ ଉପଲବ୍ଧି ସମ୍ପର୍କରେ କହିଥିଲେ। ସାରଳା ଦାସ ଚେୟାରର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର କବି ଗଙ୍ଗାଧରଙ୍କ ସାମଗ୍ରିକ କୃତି ଓ ତା'ର ଦିଗଦିଗନ୍ତ ସମ୍ପର୍କରେ ବକ୍ତବ୍ୟ ରଖିଥିବାବେଳେ କୁଳସଚିବ ଅନାମିକା ଅଧିକାରୀ ଓଡ଼ିଶାର ଭାଷା ଓ ସାହିତ୍ୟ ପ୍ରତି କବିଙ୍କ ଅବଦାନକୁ ସ୍ମରଣ କରିଥିଲେ। ଏହି ଅବସରରେ ପ୍ରଫେସର ମଣୀନ୍ଦ୍ରଙ୍କ ଦ୍ୱାରା ରଚିତ ଇଂଲିଶ ପୁସ୍ତକ 'ନେଚର ପୋଏଟ : ଗଙ୍ଗାଧର ମେହେର' ଉନ୍ମୋଚିତ ହୋଇଥିଲା। ଓଡ଼ିଶୀ କଣ୍ଠ ସଙ୍ଗୀତ ବିଭାଗର ମୁଖ୍ୟ ଗୁରୁ ଡ. ଧୀରଜ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଗଙ୍ଗାଧରଙ୍କ କାଳଜୟୀ କବିତା ପରିବେଷଣ କରାଯାଇଥିଲା। ଓଡ଼ିଆ ବିଭାଗର ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ପ୍ରାରମ୍ଭିକ ସୂଚନା, ସ୍ନାତକୋତ୍ତର ପରିଷଦ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଓ ସହକାରୀ ପ୍ରଫେସର ଆଶିଷ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଆ ବିଭାଗର ଛାତ୍ର ପ୍ରଣବ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# ୩୦ ରାଜ୍ୟରେ ପହଞ୍ଚିବ 'ଆଦି କର୍ମଯୋଗୀ ଅଭିଯାନ'

ଭୁବନେଶ୍ୱର,୭।୮ (ସୁଚିସ୍ମିତା ସାହୁ)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଜନକଲ୍ୟାଣ ଯୋଜନାଗୁଡ଼ିକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ 'ଆଦି କର୍ମଯୋଗୀ ଅଭିଯାନ' ଆରମ୍ଭ କରାଯାଇଛି। ଆଦି କର୍ମଯୋଗୀ ଅଭିଯାନ ଦେଶର ୩୦ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୧ ଲକ୍ଷ ଆଦିବାସୀ ଗ୍ରାମ, ୩ହଜାର ବ୍ଲକ, ୫୫୦ରୁ ଅଧିକ ଜିଲାରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୨ ଜିଲା, ୨୧୩ ବ୍ଲକ ଏବଂ ୭୬୨୩ ଗ୍ରାମରେ ଏହି ଅଭିଯାନ ପହଞ୍ଚିବ। ଅଭିଯାନର ସଫଳତା ଲାଗି

## ତୃଣମୂଳସ୍ତରରେ ପହଞ୍ଚିବ ଜନଜାତି କଲ୍ୟାଣ ଯୋଜନା

## ରାଜ୍ୟରେ ଗଠନ ହେବ ୩ କ୍ୟାଡର

କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ପ୍ରଶିକ୍ଷିତ କ୍ୟାଡର ପ୍ରସ୍ତୁତ କରାଯିବ। ଏହି କ୍ୟାଡର ମାଧ୍ୟମରେ ଜନଜାତି ସମ୍ପ୍ରଦାୟଙ୍କ ନିକଟରେ ସରକାରଙ୍କ ସେବା ପହଞ୍ଚିବ ବୋଲି ଭୁବନେଶ୍ୱରରେ ୭ଦିନ ଧରି ଚାଲିଥିବା ଚତୁର୍ଥ ଆଦି କର୍ମଯୋଗୀ ରିଜିଓନାଲ ପ୍ରୋସେସ ଲ୍ୟାବ କର୍ମଶାଳାରେ ସୂଚନା ଦିଆଯାଇଛି। ଏହି କର୍ମଶାଳାରେ ଝାଡ଼ଖଣ୍ଡ, ବିହାର ଏବଂ ଓଡ଼ିଶାରୁ ପ୍ରତ୍ୟେକ ୮ଜଣ ଷ୍ଟେଟ ମାଷ୍ଟର ଟ୍ରେନର୍ ଯୋଗଦେଇଥିଲେ। ପରବର୍ତ୍ତୀ ସମୟରେ ଜିଲା ମାଷ୍ଟର ଟ୍ରେନର୍‌ଙ୍କୁ ନେଇ କର୍ମଶାଳାର ଆୟୋଜନ କରାଯିବ। ଜିଲା ମାଷ୍ଟର ଟ୍ରେନର୍ ବ୍ଲକସ୍ତରରେ ଟ୍ରେନିଂ ଦେବା ସହିତ ଏକ ସଶକ୍ତ କ୍ୟାଡର ଗଠନ କରିବେ। ଏହି କ୍ୟାଡରକୁ ତିନି ଭାଗରେ ବିଭକ୍ତ କରାଯାଇଛି। ସରକାରୀ କର୍ମଚାରୀଙ୍କୁ ନେଇ 'ଆଦି କର୍ମଯୋଗୀ', ଯୁବନେତା, ଶିକ୍ଷକ, ଡାକ୍ତର ଓ ସାମାଜିକ କର୍ମୀଙ୍କୁ ନେଇ 'ଆଦି ସହଯୋଗୀ' ଏବଂ ଜନଜାତି ନେତା, ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ୱେଚ୍ଛାସେବୀଙ୍କୁ ନେଇ 'ଆଦି ସାଥୀ' କ୍ୟାଡର ଗଠନ କରାଯିବ।

ଭାରତ ଗ୍ରାମୀଣ ଜୀବିକା ଫାଉଣ୍ଡେଶନ ସହାୟତାରେ ଅଂଶଗ୍ରହଣକାରୀଙ୍କୁ ପ୍ରଶିକ୍ଷିତ କରାଯାଇଛି। ୨୦ଲକ୍ଷ ତୃଣମୂଳସ୍ତରର କର୍ମକର୍ତ୍ତାଙ୍କୁ ପ୍ରସ୍ତୁତ କରିବା ସହିତ ଜନଜାତିଙ୍କ ବିକାଶ କରିବା ଏହି ଅଭିଯାନର ପ୍ରମୁଖ ଲକ୍ଷ୍ୟ ରହିଛି। ଆଦି କର୍ମଯୋଗୀ ଅଭିଯାନ କେବଳ ଏକ ବିକାଶ କାର୍ଯ୍ୟକ୍ରମ ନୁହେଁ ବରଂ ଜନଜାତି ସମ୍ପ୍ରଦାୟଙ୍କ ନିକଟରେ ସରକାରଙ୍କୁ ପହଞ୍ଚାଇବା ପାଇଁ ଏକ ଆନ୍ଦୋଳନ ବୋଲି କୁହାଯାଉଛି।



ଗୁରୁବାର ପରଲୋକଗମନ କରିଥିବା ପୂର୍ବତନ ଉପବାଚସ୍ପତି ବିଭୂତି ଭୂଷଣ ମର୍ଦ୍ଦରାଜଙ୍କ ମରଶରୀରକୁ ଓଡ଼ିଶା ବିଧାନସଭା ପରିସରରେ ଗାର୍ଡ ଅଫ୍ ଅନର ପ୍ରଦାନ ପରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

## ଦ ସିଲ୍‌ଭର୍ସ ବରିଷ୍ଠ ନାଗରିକ ଆସୋସିଏଶନର ନୂତନ କର୍ମକର୍ତ୍ତା

ଭୁବନେଶ୍ୱର, ୭।୮ (ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱର ଦ ସିଲ୍‌ଭର୍ସ ବରିଷ୍ଠ ନାଗରିକ ଆସୋସିଏଶନ ଭିଏସ୍‌ଏସ୍ ନଗରର ସାଧାରଣ ଅଧିବେଶନ ଓ ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଦେବବ୍ରତ ପଟ୍ଟନାୟକ, ଉପସଭାପତି ଅଜୟ ଦାସ, ସମ୍ପାଦକ କୈଳାସ ଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ଅରବିନ୍ଦ ମହାରଣା, କୋଷାଧ୍ୟକ୍ଷ ବିପ୍ରଚରଣ ନାୟକ, କାର୍ଯ୍ୟନିର୍ବାହୀ ପରିଷଦ ସଭ୍ୟ ଇଂ. ଆଦିତ୍ୟ ପ୍ରକାଶ ଦାସ, ସୁଧାକର ମିଶ୍ର, ସନାତନ ନାୟକ, ଉପଦେଷ୍ଟା ଭାବେ ହୃଦୟରାମ ବ୍ରହ୍ମା ଓ ଡ. ନାରାୟଣ ଚନ୍ଦ୍ର ପତି ନିର୍ବାଚିତ ହୋଇଛନ୍ତି। ଡ. ବିନୟ ଭୂଷଣ ମହାପାତ୍ର ନିର୍ବାଚନ ପରିଚାଳନା କରିଥିଲେ।

# ଘର ସାମ୍ନାରେ ମହିଳାଙ୍କୁ ହାଣିଲେ

ଭୁବନେଶ୍ୱର,୭।୮ (ସତ୍ୟଜିତ୍ ରାଉତ)

## ମା'ଙ୍କୁ ବଞ୍ଚାଇବାକୁ ଯାଇ ପୁଅ ଆହତ

ଭରତପୁର ଥାନା ଅନ୍ତର୍ଗତ ସାମପୁରରେ ଜଣେ ମହିଳାଙ୍କୁ ପଡ଼ୋଶୀ ଯୁବକ କଟୁରିରେ ହାଣିଛନ୍ତି। ଗୁରୁବାର ଅପରାହ୍ନ ପ୍ରାୟ ୪ଟା ୩୦ ବେଳେ ଏହି ବୀଭତ୍ସ ଘଟଣା ଘଟିଛି। ଆହତ ମହିଳା ହେଲେ ବିନୋଦିନୀ ରଥ (୪୦)। ଆକ୍ରମଣରେ ବିନୋଦିନୀଙ୍କ ହାତ, ମୁଣ୍ଡ ବେକ ଆଦିରେ ଗଭୀର କ୍ଷତ ସୃଷ୍ଟି ହୋଇ ପ୍ରଚୁର ରକ୍ତସ୍ରାବ ହୋଇଛି। ଏପରିକି ମା'ଙ୍କୁ ବଞ୍ଚାଇବାକୁ ଯାଇ ୧୯ ବର୍ଷୀୟ ପୁଅ କାହ୍ନା ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ଗୁରୁତର ବିନୋଦିନୀଙ୍କୁ ସ୍ଥାନୀୟ ଅଞ୍ଚଳର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସେ ହେଲେ ତପନ ଦାସ (୩୫)। କାହ୍ନାଙ୍କ ଏତଲା ଆଧାରରେ ପୋଲିସ ଏକ ହତ୍ୟା ଉଦ୍ୟମ ମାମଲା (ନଂ.୪୪୧/୨୦୨୫) ରୁଜୁ କରି ତଦନ୍ତ କରୁଛି।

ମିଳିଥିବା ସୂଚନାନୁଯାୟୀ, ଅଭିଯୁକ୍ତ ତପନ ଡ୍ରାଇଭର ଭାବେ କାମ କରନ୍ତି। ଏଥିସହ ସେ ଭରତପୁର ଥାନା ଅଞ୍ଚଳର ଥିବା ଏକ ଘରୋଇ ହସ୍ପିଟାଲ ନିକଟରେ ଖାଦ୍ୟ ଷ୍ଟଲ୍ ପକାଇଛନ୍ତି। ଆହତ ବିନୋଦିନୀ କଳିଙ୍ଗନଗର ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ନର୍ସିଂ ଆସିଷ୍ଟାଣ୍ଟ ଭାବେ ଚାକିରି କରନ୍ତି। ତାଙ୍କ ଘରଠାରୁ ମାତ୍ର ୪ଟି ଘର ଛାଡ଼ି ଅଭିଯୁକ୍ତ ତପନଙ୍କ ଘର। ମଧ୍ୟାହ୍ନରେ ତପନଙ୍କ ଷ୍ଟଲ୍‌କୁ ବିନୋଦିନି ଖାଦ୍ୟ ଆଣିବାକୁ ଯାଇଥିଲେ। ଖାଦ୍ୟ ଦେବାରେ ବିଳମ୍ବ ହେବାରୁ ବିନୋଦିନୀ ଓ ତପନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାକୁ କେନ୍ଦ୍ର କରି ଗୁରୁବାର ଅପରାହ୍ନରେ ବିନୋଦିନୀଙ୍କ ଘର ପାଖକୁ ଆସି ତପନ ଉକ୍ତ କଥାକୁ ନେଇ ପଚାରିବା ସହ ଝଗଡ଼ା କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଭୀଷଣ ଝଗଡ଼ା ହୋଇଥିଲା। କିଛି ସମୟ ପରେ ତପନ ନିଜ ଘରୁ ଏକ କଟୁରୀ ନେଇ ବିନୋଦିନୀଙ୍କ ଘର ପାଖକୁ ଯାଇ ତାଙ୍କୁ ଡାକିଥିଲେ। ସେ ଘର ବାହାରକୁ ବାହାରିବା ମାତ୍ରେ ତପନ ତାଙ୍କୁ ହଠାତ୍ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି କାହ୍ନା ଦୌଡ଼ି ଆସି ମା'ଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଧସ୍ତାଧସ୍ତି ହେବାରୁ କାହ୍ନା ମଧ୍ୟ ଆହତ ହୋଇଥିଲେ। ସେଠାରୁ ତପନ ଖସିଯାଇଥିଲେ। ଖବର ପାଇ ପିସିଆର୍ ଘଟଣାସ୍ଥଳରେ ପହଞ୍ଚି ବିନୋଦିନୀଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲା। ଅଭିଯୋଗ ପାଇବା ପରେ ଅଭିଯୁକ୍ତ ତପନଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଥିବା ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟ କହିଛନ୍ତି।



ଆକାଶବାଣୀ କଟକ କେନ୍ଦ୍ର ପରିସରରେ ଗୁରୁବାର ମହିଳା କର୍ମଚାରୀମାନେ ହସ୍ତତନ୍ତ ବସ୍ତ୍ର ପରିଧାନ କରି ଜାତୀୟ ହସ୍ତତନ୍ତ ଦିବସ ପାଳନ କରୁଛନ୍ତି।

# ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ଓଡ଼ିଶାର ଶିଳ୍ପୀ ମାନସ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୭।୮ (ସୌମ୍ୟରଞ୍ଜନ ରାଉତ)

## ସେପ୍ଟେମ୍ବର ୪ରେ ପୁରସ୍କୃତ କରିବେ ରାଷ୍ଟ୍ରପତି

ରାଷ୍ଟ୍ରୀୟ ଲଳିତକଳା ଏକାଡେମୀ ଦିଲ୍ଲୀ ପକ୍ଷରୁ ଏକାଡେମୀଠାରେ ୬୪ତମ ଜାତୀୟ ଚିତ୍ରକଳା ପ୍ରଦର୍ଶନୀ ଆରମ୍ଭ ହୋଇଛି। ଚଳିତ ମାସ ଶେଷ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଯୁବ ଚିତ୍ରଶିଳ୍ପୀ ମାନସ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ମାନସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଦର୍ଶନୀରେ ଦେଶର ବହୁ ଯୁବ ଚିତ୍ରଶିଳ୍ପୀ ଯୋଗଦେଇ ସେମାନଙ୍କ ଚିତ୍ରକଳା ପ୍ରଦର୍ଶନ କରିଥିଲେ। ତେବେ ମାନସଙ୍କ 'ଏ କଲ୍ ଫର୍ ପ୍ରୋଗ୍ରାମ' ଶୀର୍ଷକ ଛବିଟି ଜୁରିମାନଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ଆସନ୍ତା ସେପ୍ଟେମ୍ବର ୪ରେ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପୁରସ୍କାର ବାବଦରେ ୨ଲକ୍ଷ ଟଙ୍କା ଅର୍ଥ ରାଶି ସହିତ ମାନପତ୍ର ପ୍ରଦାନ କରିବେ ବୋଲି ମାନସ ଜଣାଇଛନ୍ତି। ମାନସ ଜଣେ ମୂକ ବଧିର ଚିତ୍ରଶିଳ୍ପୀ ଭାବରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ଓଡିଶା ମଡର୍ନ ଆର୍ଟ ଗ୍ୟାଲେରି ଓ କଳିଙ୍ଗ ଚାରୁକଳା ମହାବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ସେପ୍ଟେମ୍ବର ୧୨ରେ ମୁକ୍ତିଲାଭ କରିବ 'ହୀର୍ ଏକ୍ସପ୍ରେସ୍'

ଭୁବନେଶ୍ୱର,୭।୮ (ଅନୁରାଧା ମହାରଣା)

ନିର୍ଦ୍ଦେଶକ ଉମେଶ ଶୁକ୍ଲାଙ୍କ ଆଗାମୀ ଚଳଚ୍ଚିତ୍ର 'ହୀର୍ ଏକ୍ସପ୍ରେସ୍' ସେପ୍ଟେମ୍ବର ୧୨ରେ ପରଦାକୁ ଆସିବ। ପୂର୍ବରୁ ଅଗଷ୍ଟ ୮ରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିବା ଯୋଜନା ରହିଥିଲା। ଚଳଚ୍ଚିତ୍ରର ଟିଜରକୁ ଦର୍ଶକଙ୍କଠାରୁ ଉତ୍ସାହଜନକ ପ୍ରତିକ୍ରିୟା ମିଳିଛି। ଜୀ ମ୍ୟୁଜିକ ମାଧ୍ୟମରେ ମୁକ୍ତିଲାଭ କରିଥିବା ଦୁଇଟି ମୁଖ୍ୟ ଗୀତ 'ବେ ରାଞ୍ଝଣା' ଓ 'ଡୋରେ ଡୋରେ ଦିଲ୍ ପେ ତେରେ' ସୋସିଆଲ ମିଡିଆରେ ଆଦୃତି ଲାଭ କରିଛି। ଏହି ଚଳଚ୍ଚିତ୍ର ମାଧ୍ୟମରେ ଦିବିତା ଜୁନେଜା ଅଭିନୟ ଜଗତରେ ପାଦ ଥାପିଛନ୍ତି। ସେ ପ୍ରୀତ କମାନୀଙ୍କ ସହ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ଅଶୁତୋଷ ରାଣା, ଗୁଲଶନ ଗ୍ରୋଭର, ସଞ୍ଜୟ ମିଶ୍ର ଓ ମେଘନା ମଲ୍ଲିକ ଭଳି ଅଭିନେତାଙ୍କୁ ଏହି ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ଲଣ୍ଡନରେ ସୁଟ୍ ହୋଇଥିବା ଏହି ଚଳଚ୍ଚିତ୍ର ଦର୍ଶକଙ୍କ ମନ ଜିଣିବ ବୋଲି ନିର୍ମାତା ଆଶା ରଖିଛନ୍ତି। ତନିଷ୍କ ବାଗ୍‌ଚୀ, ଆଭି ସ୍ରା, ଜେରୀ ସିଂହ ଓ ସକାର ସିଂହଙ୍କ ଦ୍ୱାରା ରଚିତ ଛଅଟି ଗୀତରେ ଜାଭେଦ ଅଲୀ, ନିକିତା ଗାନ୍ଧୀ, ନକାଶ ଆଜିଜ ଓ ଜସବୀର ଜସ୍ସୀଙ୍କ ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି। ମେରୀ ଗୋ ରାଉଣ୍ଡ ଷ୍ଟୁଡିଓଜ ପ୍ରଡକସନ ଓ କ୍ରିଏଟିଭ ଷ୍ଟ୍ରୋକ୍‌ସ ଗ୍ରୁପ୍ ଦ୍ୱାରା 'ହୀର୍ ଏକ୍ସପ୍ରେସ୍' ପ୍ରଯୋଜନା କରାଯାଇଛି।




# ଭୁବନେଶ୍ୱର ଓକିଲ ସଂଘର ଶାନ୍ତିପୂର୍ଣ୍ଣ ପ୍ରତିବାଦ



ଭୁବନେଶ୍ୱର,୭।୮ (ସତ୍ୟଜିତ୍ ରାଉତ)

## ହିନ୍ଦୋଳ ଓକିଲ ସଂଘ ସଭାପତିଙ୍କୁ ଆକ୍ରମଣ ଘଟଣା

ହିନ୍ଦୋଳ ଓକିଲ ସଂଘ ସଭାପତି ସୁଶୀଲ ଗଡ଼ନାୟକଙ୍କୁ ଛୁରା ମାଡ଼ ଘଟଣାରେ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ପ୍ରତିବାଦ କରାଯାଇଛି। ଗୁରୁବାର ଭୁବନେଶ୍ୱର କୋର୍ଟ ନିକଟରେ ସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯାଇଥିଲା। ସଂଘ ସଭାପତି ଅଶୋକ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଦୋଷୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଥିଲା। ସଂଘ ସମ୍ପାଦକ ସତ୍ୟ ରଞ୍ଜନ ସେନାପତି, ଯୁଗ୍ମ ସମ୍ପାଦକ ରଶ୍ମି ରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ଦୀପ୍ତିପ୍ରସାଦ ନନ୍ଦ, ସନ୍ତୋଷ ଚୌଧୁରୀ, ଲିଙ୍ଗରାଜ ସାହୁ, ଅଶୋକ ବଡ଼ପଣ୍ଡା, ଦିବାକର ମିଶ୍ର, ପ୍ରତାପରୁଦ୍ର ଦଳବେହେରା, ସଦାନନ୍ଦ ଦାଶ, ସଙ୍ଗୀତା ପଟ୍ଟନାୟକ, ଚନ୍ଦ୍ରକଳା ଦାଶ, କାର୍ଯ୍ୟକାରୀ କମିଟି ସଭ୍ୟ ଅକ୍ଷୟ କୁମାର ଦାସ, ଆଶୁତୋଷ ସାସମଲ, ଜିତେନ୍ଦ୍ର ଭଟ୍ଟାଚାର୍ଯ୍ୟ, ପ୍ରଦୀପ କୁମାର ପାଲ, ସନ୍ତୋଷ କୁମାର ମିଶ୍ର, ସୁବ୍ରତ ସେନାପତି ପ୍ରମୁଖ ଆଇନଜୀବୀ ସାମିଲ ହୋଇଥିଲେ। ଏହି ଅବସରରେ ଓକିଲମାନେ କଳାବ୍ୟାଜ ପିନ୍ଧି କାର୍ଯ୍ୟ କରିଥିଲେ।

# ଜଳବନ୍ଦୀ ସମସ୍ୟା ଦୂର ପାଇଁ କମିଶନରଙ୍କ କ୍ଷେତ୍ର ପରିଦର୍ଶନ

ଭୁବନେଶ୍ୱର, ୭।୮ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଚିହ୍ନିତ ସ୍ଥାନରେ ଜଳବନ୍ଦୀ ସମସ୍ୟା ସମାଧାନ ପାଇଁ କ୍ଷେତ୍ର ପରିଦର୍ଶନ ଉପରେ ଗୁରୁତ୍ୱାରୋପ କରାଯାଉଛି। ଏହି କ୍ରମରେ ଗୁରୁବାର କମିଶନର ଚଞ୍ଚଳ ରାଣା ୱାର୍ଡ ନଂ. ୬୪ ଅନ୍ତର୍ଗତ ପଞ୍ଚସଖାନଗରର ଜଳବନ୍ଦୀ ଅଞ୍ଚଳ ପରିଦର୍ଶନକରି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ପ୍ରାରମ୍ଭିକ ସମାଧାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଟି ରୋଡ୍ ଏବଂ ସମ୍ପୃକ୍ତ ଅଞ୍ଚଳର ଅନ୍ୟାନ୍ୟ ଅଂଶରେ କାର୍ଯ୍ୟ ଆରମ୍ଭକରିବା ପାଇଁ ଓ୍ୱାଟ୍‌କୋକୁ ୪୮ଘଣ୍ଟା ସମୟ ଦିଆଯାଇଛି। ୧ମାସ ପରେ ପରବର୍ତ୍ତୀ ପରିଦର୍ଶନ କରାଯିବ ବୋଲି ଧାର୍ଯ୍ୟ କରାଯାଇଛି। ଜଳବନ୍ଦୀ ସାଙ୍ଗକୁ ଜବରଦଖଲ ଏବଂ ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିସହ ଆଲୋଚନା ମାଧ୍ୟମରେ ସେଠାରେ ଥିବା ଜବରଦଖଲକୁ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସମ୍ପୃକ୍ତ ଅଞ୍ଚଳରେ ବିଏମ୍‌ସି ଦ୍ୱାରା ସୌନ୍ଦର୍ଯ୍ୟକରଣ କରିବା ପାଇଁ କିଛି ଅଞ୍ଚଳ ଚିହ୍ନଟ କରାଯାଇଛି।

# ଅରୁନ୍ଧତୀ ପକ୍ଷରୁ ହସ୍ତତନ୍ତ ଦିବସ

- ରାଖୀ ପୂର୍ଣ୍ଣିମା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ
- ମାଇଁ ଷ୍ଟୋରି, ମାଇଁ ଡାଇମଣ୍ଡର ଉନ୍ମୋଚନ

ଭୁବନେଶ୍ୱର,୭।୮ (ଅନୁରାଧା ମହାରଣା)




ଅରୁନ୍ଧତୀ ବାନ୍ଧକଳା ପକ୍ଷରୁ ଗୁରୁବାର ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯାଇଛି। ଦିନକ ପରେ ରାଖୀ ପୂର୍ଣ୍ଣିମା ପଡୁଥିବାରୁ ଏନେଇ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଭୁବନେଶ୍ୱର ଜନପଥସ୍ଥିତ ଅରୁନ୍ଧତୀ ବାନ୍ଧକଳା ଷ୍ଟୋରରେ ଅନୁଷ୍ଠିତ ଏହି ଉତ୍ସବରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଟେକ୍ନୋଲୋଜିର ନିର୍ଦ୍ଦେଶକ ରାଜେଶ ଝା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସାମାଜିକ କର୍ମୀ ଅନୁଶ୍ରୀ ଦାଶ ଏବଂ ମୀରା ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତାକରି ଅରୁନ୍ଧତୀ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଥିଲେ, ଅରୁନ୍ଧତୀ ବାନ୍ଧକଳା, ଓଡ଼ିଶା ହସ୍ତତନ୍ତ ଓ ବୁଣାକାର ସମ୍ପ୍ରଦାୟର ସମନ୍ୱିତ ବିକାଶ ଦିଗରେ କାର୍ଯ୍ୟ କରିବା ସହ ଗ୍ରାହକମାନଙ୍କ ପାଇଁ ସମସ୍ତ ପ୍ରକାର ସମ୍ବଲପୁରୀ ହସ୍ତତନ୍ତ ସୁଲଭ ମୂଲ୍ୟରେ ଯୋଗାଇଆସୁଛି। ସେହିପରି ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ 'ମାଇଁ ଷ୍ଟୋରି, ମାଇଁ ଡାଇମଣ୍ଡର ଉନ୍ମୋଚନ କରାଯାଇଥିଲା।

ଏହା ମାଧ୍ୟମରେ ଅରୁନ୍ଧତୀର ଶାଖାଗୁଡ଼ିକରେ ୧୦୦୦ରୁ ଉର୍ଦ୍ଧ୍ୱ ହୀରାଗହଣା ଡିଜାଇନ ଉପଲବ୍ଧ ହୋଇଥିବା ସୂଚନା ରହିଛି। ଡାଇମଣ୍ଡ ଚେକିଂ ମେଶିନରେ ହୀରାର ଗୁଣବତ୍ତା ପରୀକ୍ଷା ପାଇଁ ଅରୁନ୍ଧତୀ ପକ୍ଷରୁ ପରାମର୍ଶ ଦିଆଯାଉଛି। ସୂଚନା ଥାଉକି, ଅରୁନ୍ଧତୀ ଦ୍ୱାରା ସମ୍ବଲପୁରୀ ବାନ୍ଧକଳାରେ ପ୍ରସ୍ତୁତ ସ୍ୱତନ୍ତ୍ର ହସ୍ତତନ୍ତ ଉପରେ ଫ୍ଲାଟ୍ ୧୫%+ ୫%ର ରିହାତି ପ୍ରଦାନ କରାଯାଉଛି। ସେହଭଳି ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଜିରୋ ପେମେଣ୍ଟରେ ପରଚେଜ୍ ପ୍ଲାନ୍ ଖୋଲିବାର ସୁଯୋଗ ଦିଆଯାଉଛି। ହୀରାଗହଣାର ପ୍ରତି କ୍ୟାରେଟ ହୀରା ମୂଲ୍ୟରେ ୨୦ ହଜାର ଟଙ୍କା ଫ୍ଲାଟ୍ ରିହାତି ଦିଆଯାଉଛି। ଏହା ସହ ପ୍ରିମିୟମ ରେଞ୍ଜର ସୁନା ଗହଣା ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ରିହାତି ଆଦି ଅଫର ଘୋଷଣା କରାଯାଇଛି।

No.XXIII-02

# ଓଡ଼ିଶା ସରକାର
# ଜିଲ୍ଲା କାର୍ଯ୍ୟାଳୟ, ଝାରସୁଗୁଡ଼ା

## ଭୂ-ଅର୍ଜନ ବିଭାଗ

**L.A.-2025-10902 L.A. Date-14.07.2025**

## ଅଧିସୂଚନା

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଝାରସୁଗୁଡା ଜିଲ୍ଲାରେ M/s. Odisha Power Generation Corporation Ltd. (OPGC) ଦ୍ୱାରା 2x210 MW Thermal Power Plantର ପାଉଁଶ ପୋଖରୀ ସଂପ୍ରସାରଣ ନିମନ୍ତେ ଜମି ଅଧିକାରୀ ଇଡ୍‌କୋ (IDCO), ଭୁବନେଶ୍ୱରଙ୍କ ଜରିଆରେ ମୌଜା-କୁମ୍ଭାରବନ୍ଧ, ଥାନା-ରେଙ୍ଗାଲି, ତହସିଲ-ଲଖନପୁର, ଜିଲ୍ଲା-ଝାରସୁଗୁଡାରେ ନିମ୍ନ ତଫସିଲମତେ ପ୍ରାୟ ଏ.୯.୨୦୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି । ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government)ଙ୍କ ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ୧୧ (୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ । ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ –M/s Odisha Power Generation Corporation Ltd. ର ପାଉଁଶ ପୋଖରୀ ସଂପ୍ରସାରଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଜମି ଅଧିକାରୀ ଇଡ୍‌କୋ (IDCO), ଭୁବନେଶ୍ୱର ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ବିସ୍ଥାପିତ ହେଉନାହାନ୍ତି ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ସଂଲଗ୍ନ କରାଗଲା ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ପ୍ରକଳ୍ପ ନିର୍ଦ୍ଦେଶକ, ପୁନର୍ବାସ ଓ ଥଇଥାନ ବିଭାଗ, ଝାରସୁଗୁଡା ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଝାରସୁଗୁଡା | ଝାରସୁଗୁଡା | କୁମ୍ଭାରବନ୍ଧ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏକର ୧୦.୩୯୦ | ଏକର ୯.୨୦୫ | ଏଥିସହିତ ସଂଲଗ୍ନ କରାଗଲା |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ........ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଝାରସୁଗୁଡାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଝାରସୁଗୁଡା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅବୋଲୀ ସୁନୀଲ ନରୱାଣେ
ଜିଲ୍ଲାପାଳ, ଝାରସୁଗୁଡ଼ା

**LAND SCHEDULE (PRIVATE) OF OPGC ASH POND, VILLAGE-KUMBHARBANDH, PS-LAKHANPUR, TAHASIL-LAKHANPUR, DIST- JHARSUGUDA**

| Sl. No. | Khata No. | Recorded Tenant | Kisam | Total Area in Ac. | Proposed Area to be acquired (in Ac.) | Remarks |
|---|---|---|---|---|---|---|
| 1 | 71 | ପ୍ରଦୀପ କୁମାର ପୂଜାରୀ, ପି:ରମଣୀ ପୂଜାରୀ, ଜା:ବ୍ରାହ୍ମଣ, ବା:ନିଜଗାଁ | ପତିତ | 1.190 | 0.92 | |
| | 71 | | ମାଳ ସାଧାରଣ | 2.800 | 2.80 | |
| 2 | 52 | ଉମେଶ ଭୋଇ, ପି:ଧନୀସୌଦାଗର ଭୋଇ, କୁମୋଦିନୀ ଭୋଇ, ସ୍ୱା:ଧନୀସୌଦାଗର ଭୋଇ, ଜା:ଗଣ୍ଡ, ବା:ନିଜଗାଁ | ଆଟ ସାଧାରଣ | 0.900 | 0.558 | |
| 3 | 165 | ବ୍ରହ୍ମା ଭୋଏ, ପି:ବେଣୁ ଭୋଏ, ଜା:ସହରା, ବା:ନିଜଗାଁ | ଆଟ ସାଧାରଣ | 0.960 | 0.669 | |
| 4 | 233 | ରବିରତ୍ନ ପାଟଯୋଷୀ, ଗଣ୍ଡା ପାଟଯୋଷୀ, ପିତା ନରସିଂହ ପାଟଯୋଷୀ, ଓଁପ୍ରକାଶ ପାଟଯୋଷୀ, ବିଷ୍ଣୁପ୍ରକାଶ ପାଟଯୋଷୀ, ଅନାମିକା ପଣ୍ଡା, ପିତା ଦାମୋଦର ପାଟଯୋଷୀ, ଅହଲ୍ୟା ପାଟଯୋଷୀ, ସ୍ୱାମୀ ଦାମୋଦର ପାଟଯୋଷୀ, ଅନ୍ନପୂର୍ଣ୍ଣା ପାଟଯୋଷୀ, ସ୍ୱାମୀ ପରମେଶ୍ୱର ପାଟଯୋଷୀ, ଗୌରହରି ପାଟଯୋଷୀ, ବାସସ୍ଥାନ ନିଜଗାଁ ସରୋଜିନୀ ପଣ୍ଡା ବାସସ୍ଥାନ ବିଲେଇଗଡ, ଥାନା ସାରଙ୍ଗଗଡ ଜିଲ୍ଲା ରାୟଗଡ (ମଧ୍ୟପ୍ରଦେଶ) ତପସ୍ୱିନୀ ହୋତା ବାସସ୍ଥାନ ସମ୍ବଲପୁର ଟାଉନ ପିତା ଲବଣି ପାଟଯୋଷୀ, ମଧୁସୂଦନ ପାଟଯୋଷୀ, ଭବାନୀ ପାଟଯୋଷୀ, ପିତା ରୁଦ୍ର ପାଟଯୋଷୀ, କିଶୋର ପାଟଯୋଷୀ, ପିତା ସଚ୍ଚି ପାଟଯୋଷୀ, ସୁରୁବୁଲ ପାଟଯୋଷୀ, ସ୍ୱାମୀ ସଚ୍ଚି ପାଟଯୋଷୀ, ସତ୍ୟଭାମା ପାଟଯୋଷୀ, ସ୍ୱାମୀ ଗଙ୍ଗାଧର ପାଟଯୋଷୀ, ପୂର୍ଣ୍ଣଚନ୍ଦ୍ର ପାଟଯୋଷୀ, ରାମଚନ୍ଦ୍ର ପାଟଯୋଷୀ, ପିତା ସତ୍ୟବାଦୀ ପାଟଯୋଷୀ, ରାମନାରାୟଣ ପାଟଯୋଷୀ, ପିତା ଭାଗିରଥୀ ପାଟଯୋଷୀ, ବାଞ୍ଛାବଟ ପାଟଯୋଷୀ, କଳ୍ପବଟ ପାଟଯୋଷୀ, ପିତା ଦିନବନ୍ଧୁ ପାଟଯୋଷୀ, ବିଷ୍ଣୁପ୍ରିୟା ପାଟଯୋଷୀ, ସ୍ୱାମୀ ଦିନବନ୍ଧୁ ପାଟଯୋଷୀ, ବାସସ୍ଥାନ ନିଜଗାଁ ଜାତି ବ୍ରାହ୍ମଣ ବା: | ମାଳ ସାଧାରଣ/6 | 0.320 | 0.320 | |
| | 233 | | ମାଳ ସାଧାରଣ/6 | 0.440 | 0.440 | |
| | 233 | | ପତିତ | 1.630 | 1.630 | |
| | 233 | | ଆଟ ସାଧାରଣ | 1.800 | 1.800 | |
| 5 | 254 | ଅରୁଣ କୁମାର ପଣ୍ଡା, ଜ୍ୟୋତିର୍ମୟୀ ପଣ୍ଡା, ସୁରପ୍ରଭା ପଣ୍ଡା, ବିଦ୍ୟୁତପ୍ରଭା ପଣ୍ଡା, ମୈଥିଳି ପଣ୍ଡା, ପି ଶଙ୍କର ପ୍ରସାଦ ପଣ୍ଡା, ଦେବେନ୍ଦ୍ର ଦୀକ୍ଷିତ, ନରେନ୍ଦ୍ର ଦୀକ୍ଷିତ, ଧିରେନ୍ଦ୍ର ଦୀକ୍ଷିତ, ରେବତୀ ଦିକ୍ଷିତ, ରେଣୁବାଳା ଦିକ୍ଷିତ, ପି:ଭଗବାନ ଦୀକ୍ଷିତ, ଜା:ବ୍ରାହ୍ମଣ, ବା:ନିଜଗାଁ | ଆଟ ସାଧାରଣ | 0.350 | 0.068 | |
| | | | Total | 10.390 | 9.205 | |

Sd./- Amin L.A.Sec Jharsuguda
Sd./- Amin L.A.Sec Jharsuguda
Sd./- R.I. L.A.Sec Jharsuguda
Sd./- Asst. Collector L.A.Section Jharsuguda
Sd./- Land Acquisition Officer Jharsuguda

OIPR-24022/14/0006/2526

# ଗାଁ ସୀମା, ନାମଫଳକ ବିବାଦରୁ ଉତ୍ତେଜନା






ଓସ୍ତପୁର-କୋଟପଲ୍ଲା ଗ୍ରାମର ସୀମାକୁ ନେଇ ସୃଷ୍ଟ ବିବାଦ ଯୋଗୁ ବଜାରରେ ଭଙ୍ଗାରୁଜା ଓ ରାସ୍ତାରୋକୋ(ବାମ)। ଗ୍ରାମବାସୀଙ୍କ ସହ ପୋଲିସର ଆଲୋଚନା।

## ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଏନ୍‌ଏସ୍‌ଏସ୍ ୧୬୩ ଲାଗୁ

- ଢେଲାପଥର ମାଡ଼, ୧୫ ଦୋକାନ ଭଙ୍ଗାରୁଜା, ୨ଆହତ
- ଅଟକିଲା ନାମଫଳକ ପୋତିବା କାମ

ଖୋର୍ଦ୍ଧା,୭।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବାଘମାରୀ ଥାନା ଅନ୍ତର୍ଗତ ପୋଡାଢିହ ପଞ୍ଚାୟତର ଓସ୍ତପୁର-କୋଟପଲ୍ଲା ଗ୍ରାମର ସୀମା ବିବାଦକୁ ନେଇ ରହିଥିବା ଉତ୍ତେଜନା ଗୁରୁବାର ଉଗ୍ରରୂପ ଧାରଣା କରିଥିଲା। ଦୁଇ ଗାଁ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଦୋକାନ ବଜାର ଭଙ୍ଗାରୁଜା ହୋଇଛି। ୧୦ରୁ ୧୫ ଦୋକାନ ବଜାର ଭଙ୍ଗାରୁଜା ସହ ଟେକାପଥର ମାଡ଼ ହୋଇଥିଲା। ଏଥିରେ ୨ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଉଭୟ ଗ୍ରାମ ମଧ୍ୟରେ ଉତ୍ତେଜନା ଲାଗି ରହିଥିବାରୁ ଉକ୍ତ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ବଜାରର ୧ କି.ମି. ପରିଧିରେ ବିଏନ୍‌ଏସ୍‌ଏସ୍ ୧୬୩ ଲାଗୁ ହୋଇଛି। ଏଥିସହ ଅନିର୍ଦ୍ଦିଷ୍ଟ କାଳ ପାଇଁ ୧୬୩ ଲାଗୁ ହୋଇଥିବାବେଳେ ସ୍ଥାନୀୟ ଉ.ପ୍ରା. ସ୍କୁଲକୁ ୨ଦିନ ପାଇଁ ଛୁଟି ଘୋଷଣା କରାଯାଇଛି। ଘଟଣା ସ୍ଥଳରେ ୨ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା, ବେଗୁନିଆ ତହସିଲଦାର ତାପସ କୁମାର ବିଶି, ସଦର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନଙ୍କ ସମେତ ବାଘମାରୀ ଥାନାଧିକାରୀ ଶମ୍ଭୁନାଥ ନାୟକ, ବୋଲଗଡ ଥାନାଧିକାରୀ ସ୍ମିତାରାଣୀ ବରାଳ, ସଦର ଥାନାଧିକାରୀ କାହ୍ନୁଚରଣ ସ୍ୱାଇଁ ଓ ଖୋର୍ଦ୍ଧା ଥାନାଧିକାରୀ ସଞ୍ଜୟ ନାୟକ ପ୍ରମୁଖ ଘଟଣା ସ୍ଥଳରେ ଉପସ୍ଥିତ ରହି ସ୍ଥିତି ନିୟନ୍ତ୍ରଣ କରିଥିଲେ।

ଘଟଣାରୁ ପ୍ରକାଶ ଯେ, ଦୁଇ ଗାଁର ସୀମା ଏବଂ ନାମ ଫଳକ ବିବାଦ ଲାଗି ରହିଛି। ନିକଟରେ ଓସ୍ତପୁର ଗାଁର ଗ୍ରାମବାସୀ ଏସଂକ୍ରାନ୍ତରେ ଜିଲାପାଳଙ୍କୁ ଲିଖିତ ଜଣାଇବା ସହ ଧାରଣା ଦେଇଥିଲେ। ପୂର୍ବରୁ କୋଟପଲ୍ଲା ଗ୍ରାମର କେତେଜଣ ଦୁର୍ବୃତ୍ତ ନାମଫଳକ ଭାଙ୍ଗି ଦେଇଥିବା, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏଥିସହ ଓସ୍ତପୁର ବଜାରରେ ନାମଫଳକ ଲଗାଇବାକୁ ଦାବି କରିଥିଲେ। ଗୁରୁବାର ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ପୂର୍ତ୍ତ ବିଭାଗ ବେଗୁନିଆ ତହସିଲଦାରଙ୍କ ଉପସ୍ଥିତିରେ ୨ଟି ନାମଫଳକ ଲଗାଇବା ପାଇଁ ପହଞ୍ଚିଥିଲେ। ନାମଫଳକ ପୋତିବା ବେଳେ ଉଭୟ ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରିଥିଲେ। ଘଟଣା ସ୍ଥଳରେ ବିବାଦ ଉଗ୍ରରୂପ ଧାରଣ କରିଥିଲା। ଦୁଇ ଗାଁ ମଧ୍ୟରେ ଗଣ୍ଡଗୋଳ ଭୟଙ୍କର ରୂପ ନେଇଥିଲା। ଦେଖୁ ଦେଖୁ ଉଭୟ ଗାଁର ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ଘଟଣା ସ୍ଥଳରେ ୨ଜଣ ବ୍ୟକ୍ତି ଆହତ ହୋଇଥିଲେ। ଖବରପାଇ ଉପଜିଲାପାଳ, ପୋଲିସ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାକୁ ଉଦ୍ୟମ କରିଥିଲେ। ଘଟଣାସ୍ଥଳରେ ଚାପା ଉତ୍ତେଜନା ଲାଗି ରହିଥିବାରୁ ଉଭୟ ଗାଁ ପାଇଁ ଆସିଥିବା ନାମଫଳକ ପୋତାକାମକୁ ପ୍ରଶାସନ ସ୍ଥଗିତ ରଖିଛି। ଏନେଇ ଉପଜିଲାପାଳ କିଶୋର ପଣ୍ଡା କହିଛନ୍ତି, ଉଭୟ ଗ୍ରାମର ସୀମା ଓ ନାମଫଳକକୁ କେନ୍ଦ୍ରକରି ବିବାଦ ମୁଣ୍ଡ ଟେକିଛି। ସ୍ଥିତି ନିୟନ୍ତ୍ରଣ ପାଇଁ ବିଏନ୍‌ଏସ୍‌ଏସ୍ ୧୬୩ ଧାରା ଲାଗୁ କରାଯାଇଛି। ସ୍ଥିତି ସ୍ୱାଭାବିକ ହେବା ପରେ ଉଭୟ ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇ ବିବାଦ ସମାଧାନ କରାଯିବ ବୋଲି ପଣ୍ଡା କହିଛନ୍ତି।

ବେଗୁନିଆ ତହସିଲଦାର ତାପସ ବିଶି କୁହନ୍ତି, ଗାଁ ସୀମା ଏବଂ ନାମଫଳକକୁ ନେଇ ଉଭୟ ଗ୍ରାମବାସୀ ପୂର୍ବରୁ ଅଭିଯୋଗ କରିଥିଲେ। ଗୁରୁବାର ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଉଭୟ ଗ୍ରାମରେ ଦୁଇଟି ନାମଫଳକ ଲଗାଇବାବେଳେ ଉଭୟ ଗ୍ରାମବାସୀ ବିରୋଧ କରିଥିଲେ। ରାସ୍ତା ପିଡବ୍ଲୁଡିର। ଲୋକଙ୍କ ସୂଚନା ଦୃଷ୍ଟିରୁ ନାମଫଳକ ଲଗାଯାଇଥିଲା। ବୁଝାମଣା ଅଭାବରୁ ଉଭୟ ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଫଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଜିଲା ପ୍ରଶାସନର ନିଷ୍ପତ୍ତି କ୍ରମେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। କୋଟପଲ୍ଲାର କେତେଜଣ ଗ୍ରାମବାସୀ କୁହନ୍ତି, ଭୁବନେଶ୍ୱରଠାରୁ ବାଙ୍କୀ ରାସ୍ତାଦେଇ ଯାତାୟାତ କରୁଥିବା ରୁଟ୍ ପରମିଟ୍‌ରେ କୋଟପଲ୍ଲା ଗ୍ରାମ ନାମ ଉଲ୍ଲେଖ ରହିଛି, ତେବେ ଓସ୍ତପୁର ଗ୍ରାମର କେତେଜଣ ଯୁବକ ଏହାର ନାମଫଳକକୁ ଭାଙ୍ଗିଦେଇଥିଲେ ବୋଲି କହିଛନ୍ତି। ଅପରପକ୍ଷରେ ଓସ୍ତପୁର ଗ୍ରାମର କେତେଜଣ ଗ୍ରାମବାସୀ କୁହନ୍ତି ଏହି ରାସ୍ତା ଓସ୍ତପୁର ମୌଜାରେ ରହିଥିବାବେଳେ କୋଟପଲ୍ଲା ଗ୍ରାମର କେତେଜଣ ଅସାମାଜିକ ଯୁବକ ନାମଫଳକ ଭାଙ୍ଗିଦେଇଥିଲା।

# ଅସହାୟ ବିଧବାଙ୍କୁ ମିଳିବ ରାଶନ ସାମଗ୍ରୀ

ବୋଲଗଡ଼,୭।୮(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସାନପଦର ପଞ୍ଚାୟତ ରାସୋଳ ଗ୍ରାମର ୬୪ ବର୍ଷୀୟା ଅସହାୟ ବିଧବା ସରୋଜିନୀ ନିଶ ଓଳିଏ ଖାଇ ଓଳିଏ ଉପାସ ରହି ଜୀବନ ଅତିବାହିତ କରୁଛନ୍ତି। ବାର୍ଦ୍ଧକ୍ୟ ଭତ୍ତା ଟଙ୍କାରେ ବହୁ କଷ୍ଟରେ ଚଳୁଥିବା ସରୋଜିନୀ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ରାଶନ ସାମଗ୍ରୀ ପାଇବା ପାଇଁ ପ୍ରଶାସନ ଓ ଜନପ୍ରତିନିଧିଙ୍କ ନିକଟରେ ନେହୁରା ହେଉଥିଲେ ବି କେହି କର୍ଣ୍ଣପାତ କରୁ ନ ଥିଲେ। ଏକ ସରକାରୀ ରାସ୍ତାର ମାପଚିହ୍ନଟ କାର୍ଯ୍ୟରେ ରାସୋଳ ଗ୍ରାମ ଆସିଥିବା ତହସିଲଦାର ବିଜୟ କୁମାର ସେଠୀ ତଥା ଭାରପ୍ରାପ୍ତ ବୋଲଗଡ଼ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଭେଟି ଦୁଃଖ ଜଣାଇଥିଲେ ସରୋଜିନୀ। ଏହାକୁ ହୃଦୟଙ୍ଗମ କରି ସେଠୀ ସ୍ଥାନୀୟ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ ଓ ଗ୍ରାମବାସୀଙ୍କ ସମ୍ମୁଖରେ ତାଙ୍କ ଆଧାର କାର୍ଡ ମଗାଇ ବ୍ଲକ କାର୍ଯ୍ୟାଳୟର ସମ୍ପୃକ୍ତ ବିଭାଗୀୟ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ସାନପଦର ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କୁ ସେଠାକୁ ଡକାଇ ଏହା ଯେପରି କାର୍ଯ୍ୟକାରୀ ହେବ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ଆବଶ୍ୟକ ଥିବା ଅନଲାଇନ ପଞ୍ଜୀକରଣ କରିବା ପାଇଁ ତୁରନ୍ତ ସହଜ ସୁବିଧା କେନ୍ଦ୍ରରେ ପହଞ୍ଚିବାକୁ ସରୋଜିନୀଙ୍କୁ କହିଥିଲେ। ଆସନ୍ତା ୧୫ଦିନ ମଧ୍ୟରେ ସମସ୍ତ ପ୍ରକ୍ରିୟା କାର୍ଯ୍ୟକାରୀ ପାଇଁ ସରପଞ୍ଚଙ୍କୁ ତଦାରଖ ଦାୟିତ୍ୱ ଦେଇଥିଲେ। ତହସିଲଦାର ସେଠୀଙ୍କ ଏତାଦୃଶ କାର୍ଯ୍ୟ ତତ୍ପରତା ପାଇଁ ସମସ୍ତେ ଭୂୟସୀ ପ୍ରଶଂସା କରିଥିଲେ।



ରାଶନ କାର୍ଡ ପାଇଁ ତହସିଲଦାରଙ୍କୁ ଭେଟିଥିବା ବୃଦ୍ଧା ମହିଳା।

# ଅକ୍ଟୋବର ୨୨ରୁ ଅଗ୍ନିବୀର ନିଯୁକ୍ତି ରାଲି

ଖୋର୍ଦ୍ଧା,୭।୮(ପ୍ରଭାତ ପାଣିଗ୍ରାହୀ)

## ଲାଞ୍ଚ ନୁହେଁ ଦକ୍ଷତା, ପାରଦର୍ଶିତା ଜରୁରୀ : କର୍ଣ୍ଣେଲ

ସୈନ୍ୟବାହିନୀରେ ନିଯୁକ୍ତି ନିମନ୍ତେ ଆସନ୍ତା ଅକ୍ଟୋବର ୨୨ରୁ ୩୦ ତାରିଖ ପର୍ଯ୍ୟନ୍ତ ଅଗ୍ନିବୀର ଅଧୀନ ଶାରୀରିକ ଓ ମେଡିକାଲ ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ଜିଲା କାର୍ଯ୍ୟାଳୟ ଓସୱାନ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁ ପ୍ରତିଯୋଗୀମାନେ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ସେହି ଯୁବକମାନେ କେବଳ ଉକ୍ତ ରାଲିରେ ଯୋଗଦେଇପାରିବେ। ପ୍ରତିଯୋଗୀମାନଙ୍କ ଦୌଡ଼ ପରୀକ୍ଷା, ଶାରୀରିକପରୀକ୍ଷା ଏବଂ ପରେ ମେଡିକାଲ ପରୀକ୍ଷା କରାଯିବ। ଯେଉଁମାନେ ସମସ୍ତ ପରୀକ୍ଷାରେ କୃତକାର୍ଯ୍ୟ ହେବେ ସେମାନଙ୍କୁ ନିଯୁକ୍ତି ମିଳିବ। ଏହି ପରୀକ୍ଷା କଟକସ୍ଥିତ ଆର୍ମି ରିକ୍ରୁଟମେଣ୍ଟ କାର୍ଯ୍ୟାଳୟ କରାଇବେ। ଏହା ସମ୍ପୂର୍ଣ୍ଣ ଦକ୍ଷତା ଓ ପାରଦର୍ଶିତା ଭିତ୍ତିରେ ଅନୁଷ୍ଠିତ ହେବ। ଏଥିପାଇଁ କୌଣସି ଲାଞ୍ଚ କିମ୍ବା କାହା ପ୍ରରୋଚନାରେ ନିଯୁକ୍ତି ମିଳେ ନାହିଁ ବୋଲି ଆର୍ମି ରିକ୍ରୁଟମେଣ୍ଟ ଅଫିସ ନିର୍ଦ୍ଦେଶକ କର୍ଣ୍ଣେଲ ପ୍ରସନ୍ନ ପ୍ରକାଶ କରିଛନ୍ତି।

# ରେଡ୍ ରନ୍ ମାରାଥନ୍‌ରେ ସଚେତନତା ବାର୍ତ୍ତା ଦେଲେ ଛାତ୍ରୀଛାତ୍ର




ଏଡ୍‌ସ ନିୟନ୍ତ୍ରଣ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବାହାରିଥିବା ଜିଲାସ୍ତରୀୟ ରେଡ୍ ରନ୍ ମାରାଥନକୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଖୋର୍ଦ୍ଧା,୭।୮(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଜିଲା ସ୍ୱାସ୍ଥ୍ୟ ସମିତି, ଜିଲା ଏଡ୍‌ସ ପ୍ରତିକାର ଓ ନିୟନ୍ତ୍ରଣ ୟୁନିଟ ମିଳିତ ଆନୁକୂଲ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଜିଲାସ୍ତରୀୟ ରେଡ୍ ରନ୍ (୩.୦) ମାରାଥନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଏବଂ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜୀବନ୍ତ ଆଚାର୍ଯ୍ୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉକ୍ତ ମାରାଥନରେ ଜିଲାର ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟରୁ ୭୦ରୁ ଅଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ମାରାଥନ ଜିଲା ମୁଖ୍ୟ ଚିକିତ୍ସାଳୟରୁ ବାହାରି ଖୋର୍ଦ୍ଧା ସହର ପରିକ୍ରମା କରିଥିଲା। ଯୁବଗୋଷ୍ଠୀଙ୍କୁ ଏଡ୍‌ସର ଭୟାବହତା ସମ୍ବନ୍ଧରେ ସଚେତନତା ବାର୍ତ୍ତା, ସ୍ଲୋଗାନ ଦେଇ ନୂଆ ବସ୍‌ଷ୍ଟାଣ୍ଡଠାରେ ପହଞ୍ଚି ସେଠାରୁ ପୁନର୍ବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଏବଂ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପୁରୁଷ ବିଭାଗରେ ଶୁଭମ ବେହେରା, ଗୋବିନ୍ଦପୁର ମହାବିଦ୍ୟାଳୟ ପ୍ରଥମ ସ୍ଥାନ, ଅଜୟ ମୁଦୁଲି ଓ ଶିବ ମାଝୀ, ପାଇକ ପ୍ରତିଷ୍ଠାନ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହିଳା ବର୍ଗରେ ପୂଜା ବେହେରା, ଆମ୍ବେଦକର ଶିକ୍ଷା ପ୍ରତିଷ୍ଠାନ, ପ୍ରଥମ, ସାଇବା ପିଙ୍ଗୁଆ ଏବଂ ସୁଭଦ୍ରା ହିକକା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଡିପିଏମ୍ ବିଧାନ ଚନ୍ଦ୍ର ନାୟକ ସଂଯୋଜନା କରିଥିବାବେଳେ କିଶୋର କାନୁନ୍‌ଗୋ, ଅଶୋକ ଦାସ, ଜୟନ୍ତିବାଳା ସାମନ୍ତରାୟ, ବିମଳ ମାନସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବଜ୍ରପାତରେ ୮, ଦୁର୍ଘଟଣାରେ ୧୫ ଗୋରୁ ମୃତ

ଖୋର୍ଦ୍ଧା,୭।୮(ପ୍ରଭାତ ପାଣିଗ୍ରାହୀ)

ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥରେ ଗୋରୁ ଅସୁରକ୍ଷିତ। ପ୍ରତ୍ୟହ ମାଲ୍‌ବାହୀ ଟ୍ରକ୍, କଣ୍ଟେନର ଧକ୍କାରେ ଗୋରୁଙ୍କ ଜୀବନ ଯାଉଛି। ଗୁରୁବାର ଅଜଣା ଗାଡ଼ି ଧକ୍କାରେ ୧୫ଟି ଗୋରୁଙ୍କ ମୃତ୍ୟୁ ଘଟିଥିବାବେଳେ ବଜ୍ରପାତରେ ୮ ଗୋରୁଙ୍କ ମୃତ୍ୟୁ ଘଟିଛି। ଭୋର ସମୟରେ ସଦର ଥାନା ଅନ୍ତର୍ଗତ ଦଳେଇପୁଟ ପେଟ୍ରୋଲ ପମ୍ପ ନିକଟ ରାଜପଥରେ ୧୫ ଗୋରୁଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଗୋସେବକଙ୍କ ସହଯୋଗରେ ପୋଲିସ ଉକ୍ତ ମୃତ ଗୋରୁଙ୍କୁ ଉଦ୍ଧାର କରି କେତକୀଝର ନର୍ସରିରେ ପୋତିଛି। ରାଜପଥରେ ରାତ୍ରିରେ ବିଶ୍ରାମ କରୁଥିବା ଗୋରୁଙ୍କୁ କୌଣସି ଅଜଣା ମାଲବାହୀ ଗାଡ଼ି ଚଢ଼ାଇଦେବା ଫଳରେ ଏକାଧିକ ଗୋରୁଙ୍କ ଅନ୍ତବୁଜୁଳା ବାହାରି ପଡ଼ିଥିବା ବେଳେ ୨ଟି ଗୋରୁ ଗୁରୁତର ଆଘାତ ହୋଇଛନ୍ତି। ଗତ ସପ୍ତାହତଳେ ଉକ୍ତ ସ୍ଥାନରେ ୮ଟି ଗୋରୁ ମୃତ୍ୟୁବରଣ କରିଥିଲେ। ସେହିପରି ମାସକ ତଳେ ଗଙ୍ଗାପଡ଼ା ଛକରେ ୪ଟି ଗୋରୁ ମରିଥିଲେ। ରାଜପଥରେ ଯାତାୟାତ କରୁଥିବା ମାଲବାହୀ ଗାଡ଼ିଗୁଡ଼ିକ ରାସ୍ତାରେ ଯାଉଥିବା ଗୋରୁଙ୍କ ଉପରେ ଅତି ଅମାନୁଷିକ ଭାବେ ଚଢାଇ ଫେରାର ହୋଇ ଯାଉଛନ୍ତି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏବଂ ରାଜପଥରେ ପାଟ୍ରୋଲିଂ ପାଇଁ ସ୍ୱତନ୍ତ୍ର ଭାବେ ଗଠନ ହୋଇଥିବା ଷ୍ଟେଟ ପୋଲିସ ଅଧିକାରୀଙ୍କ ଅବହେଳାରୁ ଗୋରୁଙ୍କ ଜୀବନ ଯାଉଛି ବୋଲି ଗୋସେବକ ଅଭିଯୋଗ କରିଛନ୍ତି। ଏଥିସହ ରାଜପଥ ଉପରେ ଶୋଉଥିବା ଗୋରୁଙ୍କ ସୁରକ୍ଷା ସୁନିଶ୍ଚିତ ପାଇଁ ଦାବି କରିଛନ୍ତି। ସେହିପରି ଅପରାହ୍ନରେ ବର୍ଷା ସହ ବଜ୍ରପାତରେ ଟାଉନ ଥାନା ଅନ୍ତର୍ଗତ ଶରଧାପୁର ଗ୍ରାମ ନିକଟ ଗାଁରେ ପ୍ରାୟ ୮ଟି ଗୋରୁଙ୍କ ମୃତ୍ୟୁ ଘଟିଥିବା ଗ୍ରାମର ଜିତେନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

# ଭାଜପା ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବିଜୁଳିଙ୍କୁ ମରଣାନ୍ତକ ଆକ୍ରମଣ

- କାର୍ କାଚ ଭାଙ୍ଗିଦେଲେ, ବୋମା ପକାଇ ଜୀବନରେ ମାରିଦେବାକୁ ଧମକ
- ଭାଜପା ସଭାପତିଙ୍କୁ ଜଣାଇବି, ପଛରେ ବିଧାୟକଙ୍କ ହାତ

ଖୋର୍ଦ୍ଧା,୭।୮(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧାରେ ଦୁର୍ବୃତ୍ତଙ୍କ ଆକ୍ରମଣ ଶିକାର ହୋଇଥିବା ବେଗୁନିଆ ଭାଜପା ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବିଜୁଳି।

ଖୋର୍ଦ୍ଧା ସମବାୟ ସମିତି ସମୂହ ଉପ ନିବନ୍ଧକ(ଡିଆର୍‌ସିଏସ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଅପରାହ୍ନରେ ଗତ ସାଧାରଣ ନିର୍ବାଚନରେ ବେଗୁନିଆରୁ ଭାଜପା ବିଧାୟକ ପ୍ରାର୍ଥୀ ଭାବେ ଲଢିଥିବା ପ୍ରକାଶ ଚନ୍ଦ୍ରବିଜୁଳିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣରେ ପ୍ରକାଶଙ୍କ କାର୍(ନଂ.ଓଡି୦୨-ଡିବି-୮୭୮୭) ଭାଙ୍ଗିବା ସହ ତାଙ୍କ ବେକରୁ ୩ ଭରି ଓଜନର ସୁନା ଚେନ ଲୁଟି ନେଇଥିବା ସେ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ବେଗୁନିଆ ଗଲେ ବୋମା ପକାଇ ଜୀବନରେ ମାରିଦେବୁ ବୋଲି ଖୋର୍ଦ୍ଧା ବିଧାୟକ ଏବଂ ଆକ୍ରମଣକାରୀ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ପ୍ରକାଶଙ୍କ ଅଭିଯୋଗ କ୍ରମେ ପୋଲିସ ବିଏନ୍‌ଏସ୍ ଦଫା ୧୨୬, ୧୧୫, ୩୦୩(୨), ୩୨୪, ୨୯୬, ୩୫୧, ୩(୫)ରେ ଏକ ମାମଲା(ନଂ.୩୩୩/୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଖବରପାଇ ହେଡକ୍ୱାର୍ଟର ଡିଏସ୍‌ପି ଅନିଲ ମହାନ୍ତି, ଆଦର୍ଶ ଥାନା ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପୋଲିସ ଆରଡି ବଙ୍ଗଳା ପରିସରରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିଛି। ସିସିଟିଭି ଫୁଟେଜରେ ଘଟଣାର ଦୃଶ୍ୟ କଏଦ ହୋଇଥିବା ଜଣାପଡ଼ିଛି।

ଅଭିଯୋଗ କ୍ରମେ ଗୁରୁବାର ଅପରାହ୍ନ ୨ଟାରେ ବେଗୁନିଆ ବ୍ଲକ ଛତ୍ରପଡ଼ା ସେବା ସମବାୟ ସମିତିର ୪୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ସହିତ ପଞ୍ଜୀକରଣଜନିତ ସମସ୍ୟା ସମାଧାନ ପାଇଁ ଡିଆର୍‌ସିଏସ୍ କାର୍ଯ୍ୟାଳୟକୁ ପ୍ରକାଶ ଆସିଥିଲେ। ଅଧିକାରୀଙ୍କ ସହ ଆଲୋଚନା କରି କାର୍ଯ୍ୟାଳୟରୁ ବାହାରିବା ସମୟରେ ଡିଆରସିଏସ କାର୍ଯ୍ୟାଳୟ ସମ୍ମୁଖ ଆର୍‌ଡି ବଙ୍ଗଳାରୁ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଯୋଜନାବଦ୍ଧ ଭାବେ ହଠାତ୍ ୭ରୁ ଊର୍ଦ୍ଧ୍ୱ ଯୁବକ ମାଡ଼ି ଆସିଥିଲେ। ଜଣେ ନିଜ ଫୋନ ବାହାର କରି ଭାଇ କଥା ହେବେ ବୋଲି କହିଥିଲେ। ଫୋନ ଧରିବା ବେଳେ ସେପଟୁ ଖୋର୍ଦ୍ଧା ବିଧାୟକ କହୁଛି କହି ବେଗୁନିଆରେ ବେଶି ରାଜନୀତି କରୁଛୁ ବୋଲି କହିଥିଲେ। ଏପରି କି ବେଗୁନିଆ ଗଲେ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ, ପ୍ରକାଶ କିଛି ନ କହି ଫୋନ କାଟିଦେଇଥିଲେ। ଏହି ସମୟରେ ସମ୍ପୃକ୍ତ ଦୁର୍ବୃତ୍ତମାନେ ଗାଡ଼ି ଉପରକୁ ଢେଲାପଥର, ଲୁହାରଡ ମାଡ଼ କରି କାର୍ କାଚ ଭାଙ୍ଗି ଦେଇଥିଲେ। ଜଣେ ଯୁବକ ତାଙ୍କ ବେକରୁ ସୁନା ଚେନ ଛଡ଼ାଇ ନେଇ ଯାଇଥିଲେ। ବେଗୁନିଆ ନିର୍ବାଚନମଣ୍ଡଳୀ ମାଟି ମାଡ଼ିଲେ ବୋମା ପକାଇ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ ବୋଲି ପ୍ରକାଶ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହି ଆକ୍ରମଣ ପଛରେ ସିଧାସଳଖ ଭାବେ ଖୋର୍ଦ୍ଧା ବିଧାୟକଙ୍କ ହାତ ରହିଛି ଏବଂ ତାଙ୍କ ଇଙ୍ଗିତରେ ଷଡ଼ଯନ୍ତ୍ର ପୂର୍ବକ ଆକ୍ରମଣ କରାଯାଇଛି ବୋଲି ପ୍ରକାଶ ଗଣମାଧ୍ୟମ ଆଗରେ କହିଛନ୍ତି। ଆକ୍ରମଣକାରୀଙ୍କ ମଧ୍ୟରେ ଖୋର୍ଦ୍ଧା ପୌରପାଳିକାର ଜଣେ କାଉନ୍‌ସିଲରଙ୍କ ସମେତ ୪ଜଣ ଭାଜପା ଛାତ୍ର ନେତା ରହିଛନ୍ତି ବୋଲି ସେ କହିଛନ୍ତି। ଏହି ଘଟଣା ସମ୍ପର୍କରେ ସେ ଭାଜପା ରାଜ୍ୟ ସଭାପତିଙ୍କୁ ଭେଟି ଆଲୋଚନା ସହ ଲିଖିତ ଭାବେ ଜଣାଇବେ ବୋଲି କହିବା ସହିତ ତାଙ୍କୁ ଯେଉଁ ଯୁବକ ଜଣକ ଫୋନରେ କଥା ହେବାକୁ ଦେଲେ, ତାଙ୍କ ଫୋନ କଲ୍ ରେକର୍ଡ ଯାଞ୍ଚ କରାଯାଉ ବୋଲି ପ୍ରକାଶ କହିଛନ୍ତି। ଏହି ଆକ୍ରମଣ ଘଟଣାର ପ୍ରତ୍ୟକ୍ଷଦର୍ଶୀ ଭାବେ ସଞ୍ଜୟ କୁମାର ଛୁଆଳସିଂହ ଏବଂ ବୋତଲମା ପଞ୍ଚାୟତର ଚାଷୀନେତା ସୁନୀଲ ସୁନ୍ଦରାୟ କୁହନ୍ତି ପ୍ରକାଶ ରଣବିଜୁଳିଙ୍କ ନେତୃତ୍ୱରେ ଚାଷୀଙ୍କ ସମସ୍ୟା ନେଇ ଆସିଥିଲୁ। ପ୍ରକାଶ ବାହାରକୁ ଆସିଥିବାବେଳେ ହଠାତ୍ କେତେଜଣ ମାଡ଼ି ଆସି ତାଙ୍କୁ ଆକ୍ରମଣ କରିଥିଲେ। ଅପରପକ୍ଷରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏଘଟଣା ସମ୍ପର୍କରେ ସେ କିଛି ଜାଣି ନାହାନ୍ତି କିମ୍ବା ଏଥିରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ ବୋଲି କହିଛନ୍ତି।


No.XXIII-02

# ଓଡ଼ିଶା ସରକାର
# ଜିଲ୍ଲା କାର୍ଯ୍ୟାଳୟ, ଝାରସୁଗୁଡ଼ା
## ଭୂ-ଅର୍ଜନ ବିଭାଗ
## L.A.-2025-10902 L.A. Date-14.07.2025

## ଅଧିସୂଚନା

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଝାରସୁଗୁଡା ଜିଲ୍ଲାରେ M/s. Odisha Power Generation Corporation Ltd. (OPGC) ଦ୍ୱାରା 2x210 MW Thermal Power Plantର ପାଉଁଶ ପୋଖରୀ ସଂପ୍ରସାରଣ ନିମନ୍ତେ ଜମି ଅଧିକାରୀ ଇଡ୍‌କୋ (IDCO), ଭୁବନେଶ୍ୱରଙ୍କ ଜରିଆରେ ମୌଜା-କୁମ୍ଭାରବନ୍ଧ, ଥାନା-ରେଙ୍ଗାଲି, ତହସିଲ-ଲଖନପୁର, ଜିଲ୍ଲା-ଝାରସୁଗୁଡାରେ ନିମ୍ନତଫସିଲମତେ ପ୍ରାୟ ଏ.୯.୨୦୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି । ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government)ଙ୍କ ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ୧୧ (୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ । ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ –M/s Odisha Power Generation Corporation Ltd. ର ପାଉଁଶ ପୋଖରୀ ସଂପ୍ରସାରଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଜମି ଅଧିକାରୀ ଇଡ୍‌କୋ (IDCO), ଭୁବନେଶ୍ୱର ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ବିସ୍ଥାପିତ ହେଉନାହାନ୍ତି ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ସଂଲଗ୍ନ କରାଗଲା ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ପ୍ରକଳ୍ପ ନିର୍ଦ୍ଦେଶକ, ପୁନର୍ବାସ ଓ ଥଇଥାନ ବିଭାଗ, ଝାରସୁଗୁଡା ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଝାରସୁଗୁଡା | ଝାରସୁଗୁଡା | କୁମ୍ଭାରବନ୍ଧ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏକର ୧୦.୩୯୦ | ଏକର ୯.୨୦୫ | ଏଥିସହିତ ସଂଲଗ୍ନ କରାଗଲା |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ........ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଝାରସୁଗୁଡାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଝାରସୁଗୁଡା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅବୋଲୀ ସୁନୀଲ ନରୱାଣେ
ଜିଲ୍ଲାପାଳ, ଝାରସୁଗୁଡ଼ା

**LAND SCHEDULE (PRIVATE) OF OPGC ASH POND, VILLAGE-KUMBHARBANDH, PS-LAKHANPUR, TAHASIL-LAKHANPUR, DIST- JHARSUGUDA**

| Sl. No. | Khata No. | Recorded Tenant | Kisam | Total Area in Ac. | Proposed Area to be acquired (in Ac.) | Remarks |
|---|---|---|---|---|---|---|
| 1 | 71 | ପ୍ରଦୀପ କୁମାର ପୂଜାରୀ, ପି:ରମଣୀ ପୂଜାରୀ, ଜା:ବ୍ରାହ୍ମଣ, ବା:ନିଜଗାଁ | ପଡିତ | 1.190 | 0.92 | |
| | 71 | | ମାଳ ସାଧାରଣ | 2.800 | 2.80 | |
| 2 | 52 | ଉମେଶ ଭୋଇ, ପି:ଧନୀସୌଦାଗର ଭୋଇ, କୁମୋଦିନୀ ଭୋଇ, ସ୍ୱା:ଧନୀସୌଦାଗର ଭୋଇ, ଜା:ଗଣ୍ଡ, ବା:ନିଜଗାଁ | ଆଟ ସାଧାରଣ | 0.900 | 0.558 | |
| 3 | 165 | ବ୍ରହ୍ମା ଭୋଏ, ପି:ବେଣୁ ଭୋଏ, ଜା:ସହରା, ବା:ନିଜଗାଁ | ଆଟ ସାଧାରଣ | 0.960 | 0.669 | |
| 4 | 233 | ରବିରତ୍ନ ପାଟଯୋଷୀ, ଗଣ୍ଡା ପାଟଯୋଷୀ, ପିତା ନରସିଂହ ପାଟଯୋଷୀ, ଓଁପ୍ରକାଶ ପାଟଯୋଷୀ, ବିଷ୍ଣୁପ୍ରକାଶ ପାଟଯୋଷୀ, ଅନାମିକା ପଣ୍ଡା, ପିତା ଦାମୋଦର ପାଟଯୋଷୀ, ଅହଲ୍ୟା ପାଟଯୋଷୀ, ସ୍ୱାମୀ ଦାମୋଦର ପାଟଯୋଷୀ, ଅନ୍ନପୂର୍ଣ୍ଣା ପାଟଯୋଷୀ, ସ୍ୱାମୀ ପରମେଶ୍ୱର ପାଟଯୋଷୀ, ଗୌରହରି ପାଟଯୋଷୀ, ବାସସ୍ଥାନ ନିଜଗାଁ ସରୋଜିନୀ ପଣ୍ଡା ବାସସ୍ଥାନ ବିଳେଇଗଡ, ଥାନା ସାରଙ୍ଗଗଡ ଜିଲ୍ଲା ରାୟଗଡ (ମଧ୍ୟପ୍ରଦେଶ) ତପସ୍ୱିନୀ ହୋତା ବାସସ୍ଥାନ ସମ୍ବଲପୁର ଟାଉନ ପିତା ଲବଣି ପାଟଯୋଷୀ, ମଧୁସୂଦନ ପାଟଯୋଷୀ, ଭବାନୀ ପାଟଯୋଷୀ, ପିତା ରୁଦ୍ର ପାଟଯୋଷୀ, କିଶୋର ପାଟଯୋଷୀ, ପିତା ସଛି ପାଟଯୋଷୀ, ସୁରୁବୁଢ଼ ପାଟଯୋଷୀ, ସ୍ୱାମୀ ସଛି ପାଟଯୋଷୀ, ସତ୍ୟଭାମା ପାଟଯୋଷୀ, ସ୍ୱାମୀ ଗଙ୍ଗାଧର ପାଟଯୋଷୀ, ପୂର୍ଣ୍ଣଚନ୍ଦ୍ର ପାଟଯୋଷୀ, ରାମଚନ୍ଦ୍ର ପାଟଯୋଷୀ, ପିତା ସତ୍ୟବାଦୀ ପାଟଯୋଷୀ, ରାମନାରାୟଣ ପାଟଯୋଷୀ, ପିତା ଭାଗିରଥୀ ପାଟଯୋଷୀ, ବାଞ୍ଛାବଟ ପାଟଯୋଷୀ, କଳ୍ପବଟ ପାଟଯୋଷୀ, ପିତା ଦିନବନ୍ଧୁ ପାଟଯୋଷୀ, ବିଷ୍ଣୁପ୍ରିୟା ପାଟଯୋଷୀ, ସ୍ୱାମୀ ଦିନବନ୍ଧୁ ପାଟଯୋଷୀ, ବାସସ୍ଥାନ ନିଜଗାଁ ଜାତି ବ୍ରାହ୍ମଣ ବା: | ମାଳ ସାଧାରଣ/6 | 0.320 | 0.320 | |
| | 233 | | ମାଳ ସାଧାରଣ/6 | 0.440 | 0.440 | |
| | 233 | | ପଡିତ | 1.630 | 1.630 | |
| | 233 | | ଆଟ ସାଧାରଣ | 1.800 | 1.800 | |
| 5 | 254 | ଅରୁଣ କୁମାର ପଣ୍ଡା, ଜ୍ୟୋତିର୍ମୟୀ ପଣ୍ଡା, ସୁରପ୍ରଭା ପଣ୍ଡା, ବିଦ୍ୟୁତପ୍ରଭା ପଣ୍ଡା, ମୈଥିଳି ପଣ୍ଡା, ପି ଶଙ୍କର ପ୍ରସାଦ ପଣ୍ଡା, ଦେବେନ୍ଦ୍ର ଦୀକ୍ଷିତ, ନରେନ୍ଦ୍ର ଦୀକ୍ଷିତ, ଧିରେନ୍ଦ୍ର ଦୀକ୍ଷିତ, ରେବତୀ ଦିକ୍ଷିତ, ରେଣୁବାଳା ଦିକ୍ଷିତ, ପି:ଭଗବାନ ଦୀକ୍ଷିତ, ଜା:ବ୍ରାହ୍ମଣ, ବା:ନିଜଗାଁ | ଆଟ ସାଧାରଣ | 0.350 | 0.068 | |
| | | | Total | 10.390 | 9.205 | |

Sd./- Amin L.A.Sec Jharsuguda | Sd./- Amin L.A.Sec Jharsuguda | Sd./- R.I. L.A.Sec Jharsuguda | Sd./- Asst. Collector L.A.Section Jharsuguda | Sd./- Land Acquisition Officer Jharsuguda

OIPR-24022/14/0006/2526

**ବିଦ୍ୟୁତ୍ ଖୁଣ୍ଟ ଚୋରି ଘଟଣା: ଆଉ ଜଣେ ଗିରଫ**

ମଙ୍ଗୁଳି-ଜଗତପୁର,(ମାନସ ସାମଲ): ବିଦ୍ୟୁତ୍ ଖୁଣ୍ଟ ଚୋରି ଘଟଣାରେ ଆଉ ଜଣେ ଅଭିଯୁକ୍ତଙ୍କୁ ଟାଙ୍ଗୀ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଜଗତପୁର ଥାନା ଅଧୀନ ନିମେଇସାପୁରର ବିଶ୍ୱଜିତ୍ ମଲ୍ଲିକ ଓରଫ ଚିଙ୍କୁ। ସୂଚନା ମୁତାବକ, ଗତ କିଛିଦିନ ତଳେ ଟାଙ୍ଗୀ ଥାନା ଅଧୀନ ପ୍ରମୋଦ ଉଦ୍ୟାନ ନିକଟସ୍ଥ ଆଞ୍ଜୁଆ ଗ୍ରାମସ୍ଥିତ ପଣ୍ଡା ଫାର୍ମ ହାଉସ ନିକଟରେ ଗଦାହୋଇ ରହିଥିବା ବିଦ୍ୟୁତ୍ ଖୁଣ୍ଟ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ କରି ଟାଙ୍ଗୀ ଥାନା ଅଧିକାରୀ ଶିବପ୍ରସାଦ ଭଦ୍ର ବିଶିନାହାକାଣୀ ଗ୍ରାମର ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଏହି ଘଟଣାର ଅନ୍ୟ ଜଣେ ଅଭିଯୁକ୍ତଙ୍କୁ କରାଯାଇଛି ବୋଲି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ମଧ୍ୟାହ୍ନ ଭୋଜନ ଚାଉଳ ହେରଫେର ଘଟଣା: ପ୍ରଧାନ ଶିକ୍ଷକ ନିଲମ୍ବିତ

ଖୁଣ୍ଟୁଣୀ, ୭।୮ (ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ବ୍ରାହ୍ମଣବସ୍ତ ଗ୍ରାମ ନୋଡାଲ ଉପ୍ରା ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଚାଉଳ ହେରଫେର ଘଟଣାରେ ଗୁରୁବାର ସ୍କୁଲ ପ୍ରଧାନ ଶିକ୍ଷକ ଶରତ କୁମାର କରଙ୍କୁ ନିଲମ୍ବନ କରାଯାଇଛି। ଗତ ୫ ତାରିଖରେ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ପାଇଁ ଆଠଗଡ଼ ବ୍ଲକରୁ ୧୧ କୁଇଣ୍ଟାଲ ଚାଉଳ ସ୍କୁଲକୁ ଆସିଥିଲା। ବୁଧବାର ଏହାକୁ ଗ୍ରାମବାସୀମାନଙ୍କ ସନ୍ଦେହ ହେବାରୁ ଚାଉଳ କମ ଥିବା ନେଇ ଆଠଗଡ଼ ବ୍ଲକ ଶିକ୍ଷା ଅଧିକାରୀ କବିରାଜ ଜେନାଙ୍କ ନିକଟରେ ଅଭିଯୋଗ କରିଥିଲେ। ଜେନା ଗୁରୁବାର ସ୍କୁଲକୁ ଆସି ଚାଉଳ ଠିକ ଥିବା ଗ୍ରାମବାସୀ ଓ ଅଭିଭାବକମାନଙ୍କୁ କହିଥିଲେ। ହେଲେ ଏହାକୁ ଗ୍ରାମବାସୀ ରାଜି ନ ହୋଇ ଚାଉଳ ସମସ୍ତଙ୍କ ଆଗରେ ମପାଯାଉ ବୋଲି କହି ଅଡିବସିଥିଲେ। ଶିକ୍ଷାଧିକାରୀ ଜେନା ଚାଉଳ ମାପିବାରୁ ଆସିଥିବା ୧୧ କୁଇଣ୍ଟାଲ ଚାଉଳ ମଧ୍ୟରୁ ୩ କୁଇଣ୍ଟାଲ ଚାଉଳ କମ ଥିବା ଜଣାପଡିଥିଲା। ପରେ ଜେନା ତୁରନ୍ତ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ ଆଦେଶ ଦେଇଥିଲେ।

### ନନ୍ଦମା କାଜୁଆଲ୍‌ଟିରେ ୬ ଘଣ୍ଟା ବନ୍ଦ ରହିଲା ପାଣି, ହଟହଟା ରୋଗୀ

କଟକ,୭।୮ (ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲର ନନ୍ଦମା କାଜୁଆଲଟିରେ ପାଣି ପାଇଁ ଛଟପଟ ହୋଇଛନ୍ତି ରୋଗୀ ଓ ସମ୍ପର୍କୀୟ। କାଜୁଆଲଟିରେ ବୁଧବାର ରାତି ପ୍ରାୟ ୧୧ଟାରୁ ସକାଳ ୫ଟା ଯାଏଁ ପ୍ରାୟ ୬ ଘଣ୍ଟା ଧରି ପାଣି ଆସିବା ବନ୍ଦ ହୋଇଯାଇଥିଲା। ଫଳରେ ରୋଗୀ ଓ ସେଠାରେ ଥିବା କର୍ମଚାରୀ ପାଣି ପିଇବା ଓ ଶୌଚାଳୟରେ ବ୍ୟବହାର କରିବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଫଳରେ ପାଣି ବୁହାଏ ପାଇ ଏଣେତେଣେ ରୋଗୀଙ୍କ ସମ୍ପର୍କୀୟ ଧାଇଁଥିଲେ। ତେବେ ଏସ୍‌ସିବି ମେଡିକାଲକୁ ଶତାଧିକ ରୋଗୀ ଚିକିତ୍ସା ପାଇଁ ଆସୁଥିବାବେଳେ ଏହି ନନ୍ଦମା କାଜୁଆଲଟିକୁ ଗୁରୁତର ରୋଗୀମାନେ ଚିକିତ୍ସା ପାଇଁ ଆସିଥାନ୍ତି। ହେଲେ ରାତି ଅଧିଆ ଏଠାରେ ଏଭଳି ପାଣି ସମସ୍ୟା ଦେଖାଦେଇଥିବାରୁ ରୋଗୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ମେଡିକାଲର ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକଙ୍କୁ ପଚାରିବାରୁ କହିଛନ୍ତି, ଘଟଣା ସମ୍ପର୍କରେ ଗଣମାଧ୍ୟମଙ୍କଠାରୁ ଜାଣିବାକୁ ପାଇଛି। କାଜୁଆଲଟି ପକ୍ଷରୁ ଏଭଳି ଅଭିଯୋଗ ଆସିନାହିଁ। ଯଦିଓ ଏଭଳି ସମସ୍ୟା ଦେଖାଦେଇଛି ତେବେ ଏ ନେଇ ପରାଉଚରା କରାଯିବ ବୋଲି ନାୟକ କହିଛନ୍ତି।

### ବ୍ରହ୍ମପୁର ମହାନଦୀ ଘାଟରୁ ୧୮ ନାଗ ମୂର୍ତ୍ତି ଉଦ୍ଧାର

ଖୁଣ୍ଟୁଣୀ,୭।୮ (ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ବ୍ରହ୍ମପୁର ବାରୁଣୀ ପଡିଆ ନିକଟ ମହାନଦୀ ଘାଟରୁ ଗୁରୁବାର ପ୍ରାୟ ୧୮ଟି ତମ୍ବା, ପିତ୍ତଳ ଓ ରୁପାର ନିର୍ମିତ ନାଗ ମୂର୍ତ୍ତି ଉଦ୍ଧାର ହୋଇଛି। ଏହି ସର୍ପଗୁଡିକ କୌଣସି ଖେଳନା ନୁହେଁ, କିମ୍ବା କେହି ଏଠାରେ ରଖିନାହାନ୍ତି। ଏ ହେଉଛନ୍ତି ବାବା ଭୋଳା ଶଙ୍କରଙ୍କର ଭୂଷଣର ଗୋଟିଏ ଅଂଶ। ତାଙ୍କ ବେକରେ, ଲିଙ୍ଗରେ ଏବଂ ପ୍ରତି ଶିବ ମନ୍ଦିରରେ ପୂଜା ପାଉଥିବା ନାଗ ଦେବତ। ଖୁଣ୍ଟୁଣୀ ଥାନା ଅଧିନ ବ୍ରହ୍ମପୁର ବାରୁଣୀ ଘାଟରେ ଗ୍ରାମର ପ୍ରେମାନନ୍ଦ ସାହୁ ଗାଧୋଉଥିବା ବେଳେ ତାଙ୍କ ଗୋଡ଼ରେ ଏହି ସାପ ବାଜିବାରୁ ସେ ପାଣିରେ ବୁଡି ଗୋଟିକ ପରେ ଗୋଟିଏ ୧୮ଟି ତମ୍ବା ପିତ୍ତଳ ଓ ରୁପା ନିର୍ମିତ ଏହି ନାଗଗୁଡିକ ପାଇଥିଲେ। ଏହା ଜାଣିବା ପରେ ସେଠାରେ ଶହ ଶହ ଲୋକ ରୁଣ୍ଡ ହୋଇଯାଇଥିଲେ। ଏହି ନାଗକୁ କେହି ଚୋରି କରି ଆଣି ନଦୀରେ ପକାଇ ଦେଇ ଥାଇପାରେ, କିମ୍ବା କୌଣସି ବ୍ୟକ୍ତିର ମାନସିକ ଥାଇ ଏହାକୁ ପୂଜା ପରେ ନଦୀରେ ପକାଇ ଦେଇଥାଇ ପାରେ ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ସମସ୍ତ ନାଗ ମୂର୍ତ୍ତିଗୁଡି ବ୍ରହ୍ମପୁର ବାରୁଣୀ ପଡିଆ ଗ୍ରାମେଶ୍ୱର ମହାଦେବ ମନ୍ଦିର ସାମ୍ନାରେ ଥିବା ଏକ ବରଗଛ ମୂଳରେ ରଖି ସ୍ଥାନୀୟ ଲୋକେ ପୂଜାର୍ଚ୍ଚନା କରୁଛନ୍ତି। ସନ୍ଧ୍ୟାରେ ସେଠାରେ ସଂକୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନ ଓ ପୂଜାର୍ଚ୍ଚନା କରୁଥିବା ଗ୍ରାମର ପ୍ରକାଶ ରାଉତ କହିଛନ୍ତି।

# ୧୨ ଶିକ୍ଷୟିତ୍ରୀଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ମଙ୍ଗୁଳି–ଜଗତପୁର,୭।୮ (ମାନସ ସାମଲ)

**ଜାଲ୍ ପ୍ରମାଣପତ୍ରରେ ହାତେଇଛନ୍ତି ୧୨ ଶିକ୍ଷୟିତ୍ରୀ ଶିକ୍ଷକ ପଦବୀ ପ୍ରସଙ୍ଗ**

**ଧରିତ୍ରୀ ପ୍ରଭାବ**

ଟାଙ୍ଗୀ–ଚୌଦ୍ୱାର ବ୍ଲକ ଶିକ୍ଷା ବିଭାଗରେ ଜାଲ ପ୍ରମାଣପତ୍ର ଦେଇ ଚାକିରି ହାତେଇଥିବା ୧୨ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାରେ ବିଳମ୍ବ ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଥିଲା। ସମ୍ପୃକ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ପ୍ରସ୍ତୁତ କରାଯାଇଥିଲେ ମଧ୍ୟ ଏଥିରେ ସ୍ୱାକ୍ଷର କରିବାରେ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ପ୍ରଭାତ କୁମାର ନାୟକ ବିଭିନ୍ନ ବାହାନା ଦେଖାଇ ଦିନ ପରେ ଦିନ ଗଡ଼ାଉଥିଲେ। ଏହି ଘଟଣା ନେଇ ୪ ତାରିଖରେ ଧରିତ୍ରୀରେ 'କାର୍ଯ୍ୟାନୁଷ୍ଠନ ବିଳମ୍ବକୁ ନେଇ ବଢ଼ୁଛି ସନ୍ଦେହ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ସମ୍ପୃକ୍ତ ୧୨ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ କରାଯାଇଛି। ଏହା ସହିତ ଚାକିରି ସମୟର ଶିକ୍ଷାଗତ, ଜାତିଗତ ଓ ତାଲିମ ପ୍ରମାଣପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଜାଲ ଜାତିଗତ, ଶିକ୍ଷାଗତ ଓ ତାଲିମ ପ୍ରମାଣପତ୍ର ଦେଇ ଟାଙ୍ଗୀ– ଚୌଦ୍ୱାର ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରେ ୧୨ଜଣ ଶିକ୍ଷୟିତ୍ରୀଶିକ୍ଷକ ପଦବୀ ହାତେଇଛନ୍ତି ବୋଲି କଟକ ଏମ୍‌ପିଙ୍କ ପ୍ରତିନିଧି ଚିତ୍ତରଞ୍ଜନ ମଲିକ ଗତ ୨୨ ତାରିଖରେ ଅଭିଯୋଗ କରିଥିଲେ। ଏ ନେଇ ବିଇଓ ନାୟକଙ୍କୁ ଭେଟି ଆଲୋଚନା କରିବା ସହ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଥିଲେ। ଅଭିଯୋଗକୁ ୧୫ଦିନ ବିତି ଯାଇଥିଲେ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରିଥିଲେ। ବିଇଓ ତୁରନ୍ତ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ନ ନେଲେ ଜିଲାପାଳ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରାଯିବ ବୋଲି ମଲିକ ସୂଚନା ଦେଇଥିଲା। ଏ ନେଇ ଜିଲା ଶିକ୍ଷା ଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଏମପିଙ୍କ ପ୍ରତିନିଧି ମଲିକ କହିଛନ୍ତି। ଏ ନେଇ ବିଇଓଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।


ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ଟାଙ୍ଗୀ ଚୌଦ୍ୱାର, କଟକ
OFFICE OF THE BLOCK EDUCATION OFFICER, TANGI CHOUDWAR
No. 1869 Date 24.07.2025
To
1. Anjana Samal, Bhagatpur Primary
2. Sumedha Swain, Sidhagoi Nodal School
3. Akahya Hati, Hadua Primary School
4. Purna Chandra Barua, Khetrapal Nodal UP
5. Bahikesan Behera, Kaleni Karanji Primary School
6. Dayanidhi Naik, Mania UP School
7. Gopal Charan Behera, Ganraba UPS
8. Mamata Jena, Sapanpur UP School
9. Anama Charan Munda, Biswanathpur UP School
10. Chandramani Chattar, Gahanda Primary School
11. Dilip Kumar Lenka, Hatasisua Primary School
12. Chinmayee Satapathy, Rudrapur Primary School
Sub:- Wanting some teachers data.
Ref:- Letter No.001/2025 dated 23.07.2025 of Sri Chittaranjan Mallick, M.P representative, Cuttack Lokasabha.
Sir/Madam,
With reference to the letter on the subject cited above Sri Chittaranjan Mallick, M.P. representative, Cuttack Lokasabha has required some teachers qualification data, i.e. Resident, Caste Certificate, Appointment Order and School ...
So you are directed to submit your documents directly to Sri Mallick and copy to the undersigned for reference.
Yours faithfully,
Block Education Officer, Tangi Choudwar
Memo No. 1870 Date 24.07.2025
Copy to Sri Chittaranjan Mallick, M.P. representative, Cuttack Lokasabha for information.
Block Education Officer, Tangi Choudwar

# ଦେଢ଼ ବର୍ଷ ପରେ ଅନ୍ୟତମ ଅଭିଯୁକ୍ତ ଗିରଫ

ଖୁଣ୍ଟୁଣୀ,୭।୮ (ସଚ୍ଚିଦାନନ୍ଦ ପଣ୍ଡା)

**ରାଧାକୃଷ୍ଣପୁର(ଅଡାଳ) ସୁଶାନ୍ତ ରଣା ହତ୍ୟାକାଣ୍ଡ ଘଟଣା**

ଖୁଣ୍ଟୁଣୀ ଥାନା ଅଧୀନ କୁଲାଇଲୋ ପଞ୍ଚାୟତ ରାଧାକୃଷ୍ଣପୁର (ଅଡାଳ) ଗ୍ରାମରେ ସୁଶାନ୍ତ ରଣା ହତ୍ୟାକାଣ୍ଡ ଘଟଣାର ଅନ୍ୟତମ ଅଭିଯୁକ୍ତ ଅଜୟ ସ୍ୱାଇଁଙ୍କୁ ଗୁରୁବାର ପୋଲିସ ଦେଢ଼ବର୍ଷ ପରେ ଗିରଫ କରି କୋର୍ଟ ଚାଲାଣ କରିଛି। ଏହା ପୂର୍ବରୁ ପୋଲିସ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଛି। ଗତବର୍ଷ ଫେବଆରୀ ୧୪ ତାରିଖ ସନ୍ଧ୍ୟାରେ ଅଡାଳ ଗ୍ରାମରେ ପଞ୍ଚାୟତ ନିର୍ବାଚନକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହେଉଥିଲେ। ଗ୍ରାମର ସୁଶାନ୍ତ ସେହି ବାଟଦେଇ ନିଜ ଘରକୁ ଫେରୁଥିବା ବେଳେ ଝଗଡା ଦେଖି ସେ ସମସ୍ତଙ୍କୁ ବୁଝାଉଥିବା ବେଳେ ପ୍ରାୟ ୧୫ଜଣ ବ୍ୟକ୍ତି ସୁଶାନ୍ତଙ୍କୁ ନିସ୍ତୁକ ମାଡ଼ ମାରି ତଳେ ପକାଇ ଟ୍ରାକ୍ଟର ଚଢାଇ ହତ୍ୟା କରିଥିଲେ। ହତ୍ୟା କରି ଦୁର୍ବୃତ୍ତମାନେ ସୁଶାନ୍ତଙ୍କୁ ଦାଣ୍ଡପାର୍ଶ୍ୱ ଡ୍ରେନ ଭିତରକୁ ଫିଙ୍ଗି ଦେଇ ଫେରାର ହୋଇଯାଇଥିଲେ। ସୁଶାନ୍ତଙ୍କ ପୁଅ ରଞ୍ଜନ ରଣା ସେହି ଦିନ ବିଳମ୍ବିତ ରାତିରେ ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୩୦୨/୨୪)ରେ ରୁଜୁ ହୋଇଥିଲା। ତତ୍କାଳୀନ ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ପ୍ରମୁଖ ସେତେବେଳେ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଜଣେ କୋର୍ଟରେ ଆତ୍ମ ସମର୍ପଣ କରିଥିଲା। ପୋଲିସ ଅଜୟଙ୍କୁ ଗିରଫ କରିବାରେ ମୋଟ ୭ଜଣ କୋର୍ଟ ଚାଲାଣ ହୋଇଥିବା ବେଳେ ଆଉ ୩ଜଣ ଫେରାର ଥିବାରୁ ତାଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ଡିପିଓ ଉମାକାନ୍ତ ନାୟକ ଓ ଆଇଆଇସି ରଞ୍ଜନ କୁମାର ପ୍ରଧାନ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

# ଏସ୍‌ସିବିର ସ୍ତନ୍ୟପାନ ପରିଚାଳନା କେନ୍ଦ୍ର ପୁରସ୍କୃତ

କଟକ,୭।୮ (ଶିଳ୍ପା ପ୍ରିୟଦର୍ଶିନୀ)

ସ୍ତନ୍ୟପାନ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମା'କ୍ଷୀର ସଂଗ୍ରହ କରି ଏହାର ସଂରକ୍ଷଣ ଓ ଉଚିତ୍ ବ୍ୟବହାର କରିବା ଦିଗରେ ସଫଳତା ହାସଲ କରିଥିବାରୁ କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ବ୍ୟାପକ ସ୍ତନ୍ୟପାନ ପରିଚାଳନା କେନ୍ଦ୍ରକୁ ପୁରସ୍କୃତ କରାଯାଇଛି। ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ଗୁରୁବାର ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହି ପୁରସ୍କାର ମେଡିକାଲ ଶିଶୁରୋଗ ବିଭାଗର ପ୍ରଫେସର ଡା. ସ୍ୱରୂପା ପଣ୍ଡା, ହସ୍ପିଟାଲ ମ୍ୟାନେଜର ଦେବାଶିଷ ପାତ୍ର ଓ ସିଏଲ୍‌ଏମ୍‌ସିର ନର୍ସିଂ ଇନଚାର୍ଜ ସୋଚନା ମଣ୍ଡଳଙ୍କୁ ପ୍ରଦାନ କରିଛନ୍ତି। ସୂଚନାଥାଉକି, ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପରିସରରେ ୨୦୨୩ ଅଗଷ୍ଟ ୪ରୁ ବ୍ୟାପକ ସ୍ତନ୍ୟପାନ ପରିଚାଳନା କେନ୍ଦ୍ର କାର୍ଯ୍ୟ କରୁଛି। ପ୍ରତିଦିନ ପ୍ରାୟ ୩ ଲିଟର ଦୁଗ୍ଧ ସଂଗ୍ରହ କରାଯାଇ ସ୍ୱତନ୍ତ୍ର ନବଜାତ ଶିଶୁ ଯତ୍ନ ବିଭାଗ ତଥା ସିଜରିଆନ୍ ମା'ମାନଙ୍କ ଶିଶୁଙ୍କୁ ପ୍ରଦାନ କରାଯାଉଛି। ତେବେ ଦେଶବ୍ୟାପୀ ମା'ଓ ଶିଶୁ ମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ସ୍ତନ୍ୟପାନ ଅଭ୍ୟାସର ଗୁରୁତ୍ୱକୁ ଲୋକଙ୍କୁ ଜଣାଇବା ତଥା ସ୍ତନ୍ୟପାନ ଅଭ୍ୟାସକୁ ପ୍ରୋତ୍ସାହନ ଓ ସହାୟତା ଯୋଗାଇ ଦେବା ଉଦ୍ଦେଶ୍ୟରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି। ସ୍ତନ୍ୟପାନ ଯୋଗୁ ଶିଶୁ ମା'ର ନିକଟତର ହେବା ସହ ଉଭୟ ମା' ଓ ଶିଶୁର ସ୍ୱାସ୍ଥ୍ୟ ଭଲ ରହିଥାଏ। ଏଥିସହ ସ୍ତନ୍ୟପାନ ଦ୍ୱାରା ମହିଳାମାନଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ସ୍ତନ ଓ ଡିମ୍ବାଶୟ କର୍କଟ ଭଳି ଭୟଙ୍କର ରୋଗକୁ ମଧ ବହୁ ମାତ୍ରାରେ ଏଡାଇ ଦିଆଯାଇ ପାରିଥାଏ ।


ଏସ୍‌ସିବିର ସ୍ତନ୍ୟପାନ ପରିଚାଳନା କେନ୍ଦ୍ରକୁ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ପୁରସ୍କୃତ କରୁଛନ୍ତି।

# କଲେଜ ଛାତ୍ରୀଙ୍କୁ ଅଶ୍ଳୀଳ ମେସେଜ ପଠାଇ ଯୁବକ ଗିରଫ

ଖୁଣ୍ଟୁଣୀ,୭।୮ (ସଚ୍ଚିଦାନନ୍ଦ ପଣ୍ଡା)

ଗୁରୁ ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ମୋବାଇଲ ଫୋନରୁ ଅଶ୍ଳୀଳ ମେସେଜ ପଠାଇ ପ୍ରେମ ନିବେଦନ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଯୁବକ ହେଲେ ଏହି ଥାନା ଅଞ୍ଚଳର ମନୋରଞ୍ଜନ ବେଉରା (୨୪)। ମନୋରଞ୍ଜନ ଛାତ୍ରୀଙ୍କୁ ବାରମ୍ବାର ଫୋନ ଯୋଗେ ଅଶ୍ଳୀଳ ଭାଷା ମେସେଜ ପଠାଉଥିବା ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ପୋଲିସ ମନୋରଞ୍ଜନଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛନ୍ତି ବୋଲି ଗୁରୁ ଆଇଆଇସି ତପନ କୁମାର ପତ୍ରି ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ.୧୪୯/୨୫) ରୁଜୁ ହୋଇଛି।



ଆକାଶବାଣୀ କଟକ କେନ୍ଦ୍ର ପରିସରରେ ଗୁରୁବାର ମହିଳା କର୍ମଚାରୀମାନେ ହସ୍ତତନ୍ତ ବସ୍ତ୍ର ପରିଧାନ କରି ଜାତୀୟ ହସ୍ତତନ୍ତ ଦିବସ ପାଳନ କରୁଛନ୍ତି।

# ସତ୍ୟପାଠ ଦାଖଲ କଲେନି ବିଭାଗୀୟ ସଚିବ, ଅଧୀକ୍ଷକ

କଟକ,୭।୮ (କାର୍ତ୍ତିକ ସାହୁ)

**କଟକ ସହର ସମସ୍ୟା ମାମଲା ଶୁଣାଣି**



କଟକ ସହର ସମସ୍ୟା ସମ୍ପର୍କିତ ମାମଲାଗୁଡ଼ିକର ଶୁଣାଣି ଅବସରରେ ହାଇକୋର୍ଟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ସଚିବ ଏବଂ ଏସ୍‌ସିବି ମେଡିକାଲର ଅଧୀକ୍ଷକଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଚାରପତି ସଙ୍ଗମ କୁମାର ସାହୁ ଏବଂ ବିଚାରପତି ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ସତ୍ୟପାଠ ଦାଖଲ କରି ନ ଥିବାରୁ ଉଭୟଙ୍କୁ ଆସନ୍ତା ୧୨ ତାରିଖ ସୁଦ୍ଧା ସତ୍ୟପାଠ ହାର୍ଡକପି ଏବଂ ସଫ୍ଟକପି ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୧୧ ତାରିଖ ଶୁଣାଣିରେ ଏସ୍‌ସିବି ହେମାଟୋଲୋଜି ବିଭାଗରେ ସମସ୍ୟା ସଂକ୍ରାନ୍ତ ସତ୍ୟପାଠ ଦାଖଲ କରିବାକୁ ସ୍ୱାସ୍ଥ୍ୟ ସଚିବ ଓ ଏସ୍‌ସିବି ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ସ୍ୱାସ୍ଥ୍ୟ ସଚିବ କିମ୍ବା ଏସ୍‌ସିବି ଅଧୀକ୍ଷକ ସତ୍ୟପାଠ ଦାଖଲ କରି ନ ଥିଲେ। ଏସ୍‌ସିବି ସର୍ଜରି ବିଭାଗର ଜଣେ ଡାକ୍ତର ସତ୍ୟପାଠ ଦାଖଲକୁ ଖଣ୍ଡପୀଠ ଗ୍ରହଣ କରି ନ ଥିଲେ। ସତ୍ୟପାଠ କିଏ ଦାଖଲ କରିବ ତାହା ସ୍ପଷ୍ଟ ଥିଲା ବେଳେ କାହିଁକି ଦାଖଲ କରାଗଲା ନାହିଁ ବୋଲି ଅଦାଲତ ପ୍ରଶ୍ନ କରିଥିଲେ। ଏସସିବି ଅଧୀକ୍ଷକ ସତ୍ୟପାଠ ଦାଖଲ ନ କରି ଅଦାଲତଙ୍କ ନିର୍ଦ୍ଦେଶ ଉଲ୍ଲଂଘନ କରିଛନ୍ତି ବୋଲି ଖଣ୍ଡପୀଠ କହିଥିଲେ। ତେବେ ରାଜ୍ୟ ସରକାରଙ୍କ ଆଇନଜୀବୀ ଏନେଇ ସମୟ ମାଗିବା ସହ ୧୪ ତାରିଖ ସୁଦ୍ଧା ସତ୍ୟପାଠ ଦାଖଲ ହେବ ବୋଲି ଅଦାଲତଙ୍କୁ କହିଥିଲେ।

ଶୁଣାଣି ବେଳେ ଆଡ୍‌ଭୋକେଟ କମିଟି ପରିଦର୍ଶନ କରିଥିବା ଏସ୍‌ସିବି ମେଡିକାଲ ଓ ସିଟି ହସ୍ପିଟାଲ ସଂକ୍ରାନ୍ତରେ ଏକ ରିପୋର୍ଟ ଉପସ୍ଥାପନ କରିଥିଲେ। ବୋନମ୍ୟାରୋ ଟ୍ରାନ୍ସପ୍ଲାଣ୍ଟେଶନ କାର୍ଯ୍ୟକାରୀ ହେଉ ନ ଥିବା ବେଳେ କମିଟି ହେମାଟୋଲୋଜି ବିଭାଗ ପରିଦର୍ଶନ ବେଳେ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ପାଇଥିଲେ। ମାତ୍ର ୨୦ଟି ଶଯ୍ୟା ଥିବା ବେଳେ ଶତାଧିକ ରୋଗୀ ବାରଣ୍ଡାରେ ଚିକିତ୍ସା ହେଉଥିବା ଦେଖିବାକୁ ମିଳିଥିଲା। ଏ ସଂକ୍ରାନ୍ତ କେତେକ ଫଟୋ ଅଦାଲତଙ୍କ ନିକଟରେ କମିଟି ଉପସ୍ଥାପନ କରିଥିଲେ। ଆଡଭୋକେଟ କମିଟି ଏସ୍‌ସିବି ସଂକ୍ରାନ୍ତରେ ଦେଇଥିବା ରିପୋର୍ଟ ଉପରେ ଆସନ୍ତା ୧୨ ତାରିଖ ସୁଦ୍ଧା ସ୍ୱାସ୍ଥ୍ୟ ସଚିବ ଏବଂ ଏସସିବି ଅଧୀକ୍ଷକ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଏସସିବିରେ କମିଟିକୁ ସହଯୋଗ କରାଯାଉ ନ ଥିବା ଅଭିଯୋଗ ହୋଇଥିଲା। ଅଦାଲତ ଏହାକୁ ଗୁରୁତର ସହ ନେଇଥିଲେ। ଆମିକସକ୍ୟୁରୀ (କୋର୍ଟମିତ୍ର) ବିଜୟ କୁମାର ଦାଶ, ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର, ସମ୍ପାଦକ ଆଇନଜୀବୀ ଅଭିଜିତ ପଟ୍ଟନାୟକ ପ୍ରମୁଖ ବିଭିନ୍ନ ଅସୁବିଧା ସଂକ୍ରାନ୍ତରେ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ଆହୁରି ଅନେକ ମାମଲା ଉପରେ ହାଇକୋର୍ଟ ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ଆଦେଶ ପ୍ରଦାନ କରିଛନ୍ତି।

# କଲେଜ କ୍ୟାମ୍ପସରେ ସୁରକ୍ଷା ପାଇଁ ଦାବିପତ୍ର



ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଶୋଭାଯାତ୍ରାରେ ଯାଉଛନ୍ତି ବିଜୁ ଛାତ୍ର ଜନତା ଦଳର କର୍ମୀମାନେ।

କଟକ,୭।୮ (ଶିଳ୍ପା ପ୍ରିୟଦର୍ଶିନୀ)

ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କଲେଜ କ୍ୟାମ୍ପସରେ ଛାତ୍ରୀଙ୍କ ସୁରକ୍ଷା ପ୍ରଦାନ ଦାବି କରି ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ବାଦାମବାଡି ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗୁରୁବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜର ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି କଲେଜ କ୍ୟାମ୍ପସରେ ଛାତ୍ରୀଙ୍କ ପାଇଁ ସୁରକ୍ଷା ଲୋଡିଛନ୍ତି। ଉକ୍ତ ଦାବିପତ୍ରରେ ଏଫଏମ କଲେଜ ଘଟଣା ହେଉ କି ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ବଳାତ୍କାର କରିବା ଭଳି ଆଉ ଘଟଣା ଯେପରି ନ ଘଟୁ ତାହାକୁ ନଜରରେ ରଖି ଛାତ୍ରୀଙ୍କ ସୁରକ୍ଷା ସହ କଲେଜରେ ଅସାମଜିକ ଓ ଅଣଛାତ୍ର ପ୍ରବେଶକୁ ନିଶେଧ କରିବା ଭଳି ଦୃଢ଼ ପଦକ୍ଷେପ ନେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଅନ୍ୟପଟେ ବାଦାମବାଡି ଥାନା ଅଧିକାରୀ ଅଜୟ ରାଉଳ ଉକ୍ତ ଦାବିପତ୍ର ଗ୍ରହଣ କରି ଏ ବିଷୟରେ ପୋଲିସ ଡିଜିଙ୍କୁ ଅବଗତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ଦାବିପତ୍ର ପ୍ରଦାନ ସମୟରେ ସୁରଜ ମହାନ୍ତି, ରାକେଶ ପ୍ରଧାନ, ପିତବାସ ମୁଦୁଲି, କାହ୍ନା ନାୟକ, ମିହିର ସେଠୀ, ସନ୍ତୋଷ ମହାପାତ୍ର, ପ୍ରସନଜିତ ଦାସ, ମନୋଜ କୁମାର ନାଏକ, ମନିଷ କୁମାର ସ୍ୱାଇଁଙ୍କ ସମେତ କଲେଜର ଅନ୍ୟାନ୍ୟ ଛାତ୍ରୀଛାତ୍ର ମାନେ ଉପସ୍ଥିତ ଥିଲେ।


No.XXIII-02

## ଓଡ଼ିଶା ସରକାର
## ଜିଲ୍ଲା କାର୍ଯ୍ୟାଳୟ, ଝାରସୁଗୁଡ଼ା
### ଭୂ–ଅର୍ଜନ ବିଭାଗ
L.A.-2025-10902 L.A. Date-14.07.2025

### ଅଧିସୂଚନା

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଝାରସୁଗୁଡା ଜିଲ୍ଲାରେ M/s. Odisha Power Generation Corporation Ltd. (OPGC) ଦ୍ୱାରା 2x210 MW Thermal Power Plantର ପାଉଁଶ ପୋଖରୀ ସଂପ୍ରସାରଣ ନିମନ୍ତେ ଜମି ଅଧିକାରୀ ଇଡ୍‌କୋ (IDCO), ଭୁବନେଶ୍ୱରଙ୍କ ଜରିଆରେ ମୌଜା–କୁମ୍ଭାରବନ୍ଧ, ଥାନା–ରେଙ୍ଗାଲି, ତହସିଲ–ଲଖନପୁର, ଜିଲ୍ଲା–ଝାରସୁଗୁଡାରେ ନିମ୍ନତଫସିଲମତେ ପ୍ରାୟ ଏ.୯.୨୦୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି । ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government)ଙ୍କ ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ୧୧ (୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ । ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ –M/s Odisha Power Generation Corporation Ltd. ର ପାଉଁଶ ପୋଖରୀ ସଂପ୍ରସାରଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଜମି ଅଧିକାରୀ ଇଡ୍‌କୋ (IDCO), ଭୁବନେଶ୍ୱର ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ବିସ୍ଥାପିତ ହେଉନାହାନ୍ତି ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ସଂଲଗ୍ନ କରାଗଲା ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ପ୍ରକଳ୍ପ ନିର୍ଦ୍ଦେଶକ, ପୁନର୍ବାସ ଓ ଥଇଥାନ ବିଭାଗ, ଝାରସୁଗୁଡା ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଝାରସୁଗୁଡା | ଝାରସୁଗୁଡା | କୁମ୍ଭାରବନ୍ଧ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏକର ୧୦.୩୯୦ | ଏକର ୯.୨୦୫ | ଏଥିସହିତ ସଂଲଗ୍ନ କରାଗଲା |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ........ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ଅଧିକାରୀ, ଝାରସୁଗୁଡାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଝାରସୁଗୁଡା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅବୋଲୀ ସୁନୀଲ ନରୱାଣେ
ଜିଲ୍ଲାପାଳ, ଝାରସୁଗୁଡ଼ା

**LAND SCHEDULE (PRIVATE) OF OPGC ASH POND, VILLAGE-KUMBHARBANDH, PS-LAKHANPUR, TAHASIL-LAKHANPUR, DIST- JHARSUGUDA**

| Sl. No. | Khata No. | Recorded Tenant | Kisam | Total Area in Ac. | Proposed Area to be acquired (in Ac.) | Remarks |
|---|---|---|---|---|---|---|
| 1 | 71 | ପ୍ରଦୀପ କୁମାର ପୂଜାରୀ, ପି:ରମଣୀ ପୂଜାରୀ, ଜା:ବ୍ରାହ୍ମଣ, ବା:ନିଜଗାଁ | ପତିତ | 1.190 | 0.92 | |
| | 71 | | ମାଳ ସାଧାରଣ | 2.800 | 2.80 | |
| 2 | 52 | ଉମେଶ ଭୋଇ, ପି:ଧନୀସୌଦାଗର ଭୋଇ, କୁମୋଦିନୀ ଭୋଇ, ସ୍ୱା:ଧନୀସୌଦାଗର ଭୋଇ, ଜା:ଗଣ୍ଡ, ବା:ନିଜଗାଁ | ଆଟ ସାଧାରଣ | 0.900 | 0.558 | |
| 3 | 165 | ବ୍ରହ୍ମା ଭୋଏ, ପି:ବେଣୁ ଭୋଏ, ଜା:ସହରା, ବା:ନିଜଗାଁ | ଆଟ ସାଧାରଣ | 0.960 | 0.669 | |
| 4 | 233 | ରବିରତ୍ନ ପାଟଯୋଷୀ, ଗଣ୍ଡା ପାଟଯୋଷୀ, ପିତା ନରସିଂହ ପାଟଯୋଷୀ, ଓଁପ୍ରକାଶ ପାଟଯୋଷୀ, ବିଷ୍ଣୁପ୍ରକାଶ ପାଟଯୋଷୀ, ଅନାମିକା ପଣ୍ଡା, ପିତା ଦାମୋଦର ପାଟଯୋଷୀ, ଅହଲ୍ୟା ପାଟଯୋଷୀ, ସ୍ୱାମୀ ଦାମୋଦର ପାଟଯୋଷୀ, ଅନ୍ନପୂର୍ଣ୍ଣା ପାଟଯୋଷୀ, ସ୍ୱାମୀ ପରମେଶ୍ୱର ପାଟଯୋଷୀ, ଗୌରହରି ପାଟଯୋଷୀ, ବାସସ୍ଥାନ ନିଜଗାଁ ସରୋଜିନୀ ପଣ୍ଡା ବାସସ୍ଥାନ ବିଲେଇଗଡ, ଥାନା ସାରଙ୍ଗଗଡ ଜିଲ୍ଲା ରାୟଗଡ (ମଧ୍ୟପ୍ରଦେଶ) ତପସ୍ୱିନୀ ହୋତା ବାସସ୍ଥାନ ସମ୍ବଲପୁର ଟାଉନ ପିତା ଲବଣି ପାଟଯୋଷୀ, ମଧୁସୂଦନ ପାଟଯୋଷୀ, ଭବାନୀ ପାଟଯୋଷୀ, ପିତା ରୁଦ୍ର ପାଟଯୋଷୀ, କିଶୋର ପାଟଯୋଷୀ, ପିତା ସଚ୍ଚି ପାଟଯୋଷୀ, ସୁରୁବୁଦ୍ଧ ପାଟଯୋଷୀ, ସ୍ୱାମୀ ସଚ୍ଚି ପାଟଯୋଷୀ, ସତ୍ୟଭାମା ପାଟଯୋଷୀ, ସ୍ୱାମୀ ଗଙ୍ଗାଧର ପାଟଯୋଷୀ, ପୂର୍ଣ୍ଣଚନ୍ଦ୍ର ପାଟଯୋଷୀ, ରାମଚନ୍ଦ୍ର ପାଟଯୋଷୀ, ପିତା ସତ୍ୟବାଦୀ ପାଟଯୋଷୀ, ରାମନାରାୟଣ ପାଟଯୋଷୀ, ପିତା ଭାଗିରଥୀ ପାଟଯୋଷୀ, ବାଞ୍ଛାବଟ ପାଟଯୋଷୀ, କଳ୍ପବଟ ପାଟଯୋଷୀ, ପିତା ଦିନବନ୍ଧୁ ପାଟଯୋଷୀ, ବିଷ୍ଣୁପ୍ରିୟା ପାଟଯୋଷୀ, ସ୍ୱାମୀ ଦିନବନ୍ଧୁ ପାଟଯୋଷୀ, ବାସସ୍ଥାନ ନିଜଗାଁ ଜାତି ବ୍ରାହ୍ମଣ ବା: | ମାଳ ସାଧାରଣ/6 | 0.320 | 0.320 | |
| | 233 | | ମାଳ ସାଧାରଣ/6 | 0.440 | 0.440 | |
| | 233 | | ପତିତ | 1.630 | 1.630 | |
| | 233 | | ଆଟ ସାଧାରଣ | 1.800 | 1.800 | |
| 5 | 254 | ଅରୁଣ କୁମାର ପଣ୍ଡା, ଜ୍ୟୋତିର୍ମୟୀ ପଣ୍ଡା, ସୁରପ୍ରଭା ପଣ୍ଡା, ବିଦ୍ୟୁତପ୍ରଭା ପଣ୍ଡା, ମୈଥିଳି ପଣ୍ଡା, ପି ଶଙ୍କର ପ୍ରସାଦ ପଣ୍ଡା, ଦେବେନ୍ଦ୍ର ଦୀକ୍ଷିତ, ନରେନ୍ଦ୍ର ଦୀକ୍ଷିତ, ଧିରେନ୍ଦ୍ର ଦୀକ୍ଷିତ, ରେବତୀ ଦିକ୍ଷିତ, ରେଣୁବାଳା ଦିକ୍ଷିତ, ପି:ଭଗବାନ ଦୀକ୍ଷିତ, ଜା:ବ୍ରାହ୍ମଣ, ବା:ନିଜଗାଁ | ଆଟ ସାଧାରଣ | 0.350 | 0.068 | |
| | | | Total | 10.390 | 9.205 | |

Sd./- Amin L.A.Sec Jharsuguda | Sd./- Amin L.A.Sec Jharsuguda | Sd./- R.I. L.A.Sec Jharsuguda | Sd./- Asst. Collector L.A.Section Jharsuguda | Sd./- Land Acquisition Officer Jharsuguda

OIPR-24022/14/0006/2526

## ବରଗଡ଼ା ଗ୍ରାମ ଜମି ବିବାଦର ହେଲା ସମାଧାନ

ଯୋଗେଶ୍ୱରପୁର,୭।୮
(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତ ବରଗଡ଼ା ଗ୍ରାମର ଅନନ୍ତ ସାହୁ ଓ ଗ୍ରାମବାସୀଙ୍କ ମଧ୍ୟରେ ଏକ ଜାଗାକୁ ନେଇ ଉପୁଜିଥିବା ସମସ୍ୟାକୁ ବୁଧବାର ରାଜ୍ୟ ମାନବ ଅଧିକାର କମିଶନ ସମାଧାନ କରିଛନ୍ତି। କମିଶନଙ୍କ ପକ୍ଷରୁ ଅପର୍ଣ୍ଣା ପୃଷ୍ଟି ନୟାହାଟ ଫାଣ୍ଡିକୁ ସାହୁଙ୍କୁ ଡକାଇ ଜମିବାଡ଼ିର କାଗଜପତ୍ର ଯାଞ୍ଚ କରିଥିଲେ। ପରେ ସେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକଙ୍କ ସହ ଉକ୍ତ ଗ୍ରାମକୁ ଯାଇ ଲୋକଙ୍କୁ ଡାକି ଘଟଣା ସମ୍ପର୍କରେ ବୁଝିବା ସହ ଗଣ୍ଡଗୋଳ ନ କରିବା ପାଇଁ ଲୋକଙ୍କୁ ତାଗିଦ କରିଥିଲେ। ପ୍ରକାଶ ଯେ, ବରଗଡ଼ା ଗ୍ରାମରେ ସାହୁଙ୍କ ଜମିଦାଢ଼ରେ ୮୪ ଡିସିମିଲରୁ ୬୨ ଡିସିମିଲ ସରକାରୀ ଖାତାକୁ ଚାଲିଯିବା ଫଳରେ ବରଗଡ଼ା ଗ୍ରାମର ଲୋକେ ଉକ୍ତ ଯାଗା ଉପରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ଆରମ୍ଭ କରୁଥିଲେ। ଏହାକୁ ନେଇ ଗ୍ରାମବାସୀ ଓ ସାହୁଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ସାହୁଙ୍କ ଜମି କେନାଲ ନେଇଥିବାରୁ ସେ ଜଳସେଚନ ବିଭାଗ ବିରୋଧରେ ନିମାପଡ଼ା ସିଭିଲ କୋର୍ଟରେ ଏକ କେସ୍ (ନମ୍ବର ୨୯/୨୪) ରୁଜୁ କରିଥିଲେ। କୋର୍ଟରେ କେସ୍ ବିଚାରଧୀନ ଥିଲାବେଳେ ଗ୍ରାମବାସୀ ଉକ୍ତ ଯାଗାରେ ଅଙ୍ଗନୱାଡ଼ି କେନ୍ଦ୍ର କାମ କରିବାରୁ ସାହୁ ପୁରୀ ଏସ୍‌ପି ଓ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ନୟାହାଟ ଫାଣ୍ଡିକୁ ଡିଏସ୍‌ପି, ଗୋପ ତହସିଲଦାର ଏବଂ ବିଡିଓ ଆସି ଶାନ୍ତି କମିଟି ଗଠନ କରିବା ସହ ଉକ୍ତ କାର୍ଯ୍ୟକୁ ବନ୍ଦ କରିଥିଲେ। କେସ ଫାଇସଲା ନ ହେବା ପର୍ଯ୍ୟନ୍ତ ଜାଗା ଉପରକୁ କେହି ନ ଯିବାକୁ ତାଗିଦ କରିଥିଲେ। ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ ହେଲା ପରେ ଏହି ବିବାଦର ତଦନ୍ତ ସହ ସମାଧାନ ହୋଇଛି।

# ଗଡ଼ିଲାନି ଗାଡ଼ି, ବନ୍ଦ ରହିଲା ବଜାର

## ବିଜେଡି ପକ୍ଷରୁ ୬ ଘଣ୍ଟିଆ ପୁରୀ ବନ୍ଦ

ବଳଙ୍ଗା/ନିମାପଡ଼ା/ଚାରିଛକ/ଗୋପ/ସାକ୍ଷୀଗୋପାଳ/ ପିପିଲି/ବ୍ରହ୍ମଗିରି/ କୋଣାର୍କ/ଅସ୍ତରଙ୍ଗ/ କାକଟପୁର/ ଡେଲାଙ୍ଗ/କଣାସ/ ଯୋଗେଶ୍ୱରପୁର, ୭।୮ (କେଦାରେଶ୍ୱର ନନ୍ଦ/ ବିଚିତ୍ରାନନ୍ଦ ସାହୁ/ ରଞ୍ଜନ ପଟ୍ଟନାୟକ/ ଶିଶିର କୁମାର ସ୍ୱାଇଁ/ ଭାରତୀ ଭୂଷଣ ଉପାଧ୍ୟାୟ/କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ ଭରତ ରାଉତ/ ଦୁର୍ଗାମାଧବ ମିଶ୍ର/ ପ୍ରଭାତ ମହାପାତ୍ର/ସ୍ୱାଧୀନ ଚମ୍ପତିରାୟ/ ଜ୍ୟୋତିରାଜ ମହାନ୍ତି/ପ୍ରଦୀପ୍ତ ଦୀକ୍ଷିତ/ ମମତା ଜେନା/ଶୁଭଦର୍ଶନ ମିଶ୍ର/ ରଶ୍ମିରଞ୍ଜନ ସାହୁ/ରଶ୍ମିରଞ୍ଜନ ପ୍ରଧାନ / ବିଭୂତି ଭୂଷଣ ତ୍ରିପାଠୀ):



ବଳଙ୍ଗା ବଜାରରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ବଳଙ୍ଗା ପୀଡ଼ିତାଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ପ୍ରଦାନ ଏବଂ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ବିଜୁ ଜନତା ଦଳ ପକ୍ଷରୁ ଗୁରୁବାର ୬ ଘଣ୍ଟିଆ ପୁରୀ ଜିଲା ବନ୍ଦ ଡାକରା ଦିଆଯାଇଥିଲା। ଏଥିଯୋଗୁ ପୁରୀ ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ଗାଡ଼ି ଚଳାଚଳ ଓ ଦୋକାନବଜାର ବନ୍ଦ ରହିଥିଲା। ସକାଳ ୬ଟାରୁ ବଳଙ୍ଗା ବଜାରରେ ବିଜେଡି କର୍ମୀମାନେ ରାସ୍ତାରୋକୋ ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଭିନ୍ନ ସ୍ଲୋଗାନ ଦେଇ ଜିଲା ସଭାପତି ଉମାକାନ୍ତ ସାମନ୍ତରାୟଙ୍କ ନେତୃତ୍ୱରେ ପୁରୀରୁ ଏକ ଶୋଭାଯାତ୍ରା ବାହାରି ବଳଙ୍ଗା ବଜାରରେ ପହଞ୍ଚିଥିଲା। ସେଠାରୁ ବାଇକ୍ ଶୋଭାଯାତ୍ରାରେ କର୍ମୀମାନେ ଯାଇ ପ୍ରତ୍ୟେକ ଛକରେ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ପିକେଟିଂ କରିବା ସହ ବଳଙ୍ଗା ଘଟଣାର ରହସ୍ୟ ଉନ୍ମୋଚନ ପାଇଁ ଦାବି କରିଥିଲେ। ବଳଙ୍ଗା ଅଞ୍ଚଳର ଦୋକାନ ବଜାର, ଶିକ୍ଷାନୁଷ୍ଠାନ, ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ପିପିଲିର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ଦିଲ୍ଲୀପ ନାୟକ, ସୁବ୍ରତ ଛାଟୋଇ, ପ୍ରଶାନ୍ତ କୁମାର ପ୍ରଧାନ, ପ୍ରକାଶ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ। ପୀଡ଼ିତାଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଲଢେଇ ଚାଲିବ ବୋଲି ବିଜେଡି ନେତୃବୃନ୍ଦ କହିଛନ୍ତି।

ନିମାପଡ଼ାରେ ଦୋକାନ ବଜାର, ପେଟ୍ରୋଲ ପମ୍ପ, ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଶତାଧିକ ବିଜେଡି କର୍ମୀ ଦୋଳବେଦି ଛକ ଓ ଜୟଶ୍ରୀ ଛକଠାରେ ଟାୟାର ଜାଳି ରାସ୍ତାରୋକୋ ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆନ୍ଦୋଳନକାରୀମାନେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଇସ୍ତଫା ଦାବି କରିଥିଲେ। ଏକ ବିଶାଳ ବାଇକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଦିଲୀପ ନାୟକ, ମାନସ ପ୍ରଧାନ, ଦିଲୀପ ପାତ୍ର, ତପନ ପ୍ରଧାନ, ଗୟାଧର ବେହେରା, ଧନୁର୍ଦ୍ଧର ଦାସ, ପବିତ୍ର ମହାପାତ୍ର, ବିଜୟ ପଟ୍ଟନାୟକ, ରବୀନ୍ଦ୍ର ମଲ୍ଲିକ, କୁଞ୍ଜଲତା ସାମଲ ଏବଂ ଅଜୟ ଭୋଇ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ସେହିପରି ଏହି ଆନ୍ଦୋଳନକୁ ସିପିଆଇ ସମର୍ଥନ ଜଣାଇଥିଲା। ସିପିଆଇ ନେତା ଦେବେନ୍ଦ୍ରନାଥ ସାହୁ, କୃଷ୍ଣଚନ୍ଦ୍ର ରାଉତ ଓ ଦଣ୍ଡପାଣି ସାହୁ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ଚାରିଛକଠାରେ ମହେନ୍ଦ୍ର ନାୟକ, ତପନ ପ୍ରଧାନ, ପ୍ରକାଶ ତ୍ରିପାଠୀ, ଲକ୍ଷ୍ମୀଧର ପ୍ରଧାନ, ମାନସ ପ୍ରଧାନ, ଦୁର୍ଲଭ ନାୟକ, ପଦ୍ମଲାଭ ବାରିକ, ନକୁଳ ମଲ୍ଲିକ, ଚକ୍ରଧର ସାହୁ, ବଳରାମ ନାୟକ, ପୂର୍ଣ୍ଣଚନ୍ଦ୍ର ଖଟୋଇ, ପ୍ରଦୀପ୍ତ ଦାସ, ଲକ୍ଷ୍ମୀଧର ସାହୁ, ଭଗବାନ ନାୟକ, ଦ୍ୱିଜବର ପ୍ରଧାନ, ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଆନ୍ଦୋଳନ କରିଥିଲେ।

ଗୋପ ବ୍ଲକ ଅଞ୍ଚଳର ଗୋପ, ଛଇତନା, ନାଗପୁର, ବେଗୁନିଆ ସହିତ ଅନ୍ୟାନ୍ୟ ସ୍ଥାନରେ ଦୋକାନ ବଜାର, ସମସ୍ତ ଶିକ୍ଷାନୁଷ୍ଠାନ ସହିତ ସରକାରୀ କାର୍ଯ୍ୟାଳୟ ଓ ଗାଡ଼ି ଚଳାଚାଳ ବନ୍ଦ ରହିଥିଲା। ଗୋପ ବଜାର ଛକ ଓ ବେଗୁନିଆ ଛକରେ କର୍ମୀମାନେ ରାସ୍ତାରୋକୋ କରିଥିଲେ। ଆନ୍ଦୋଳନରେ ଦିଲ୍ଲୀପ ନାୟକ, ସୁବ୍ରତ ଛାଟୋଇ, ରୁଦ୍ରପ୍ରତାପ ମହାରଥୀ, ଜିଲା ସଭାପତି ଉମାକାନ୍ତ ସାମନ୍ତରାୟ, କୁନା ଦାଶ, ନିରଞ୍ଜନ ମହାପାତ୍ର ପ୍ରମୁଖ ସାମିଲ ଥିଲେ।

ସାକ୍ଷୀଗୋପାଳ ଷ୍ଟେଟବ୍ୟାଙ୍କ ଛକରେ ବିଜେଡି କର୍ମୀମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଯାନବାହନ ଚଳାଚଳ, ଦୋକାନ ବଜାର ବନ୍ଦ ରହିଥିଲା। ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ନେତୃତ୍ୱରେ ଶତାଧିକ କର୍ମୀ ସାକ୍ଷୀଗୋପାଳ ବସଷ୍ଟାଣ୍ଡଠାରୁ ଏକ ଶୋଭାଯାତ୍ରାରେ ସାକ୍ଷୀଗୋପାଳ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ବ୍ଲକ ସଭାପତି ପ୍ରମୋଦ ରାଉତରାୟ, ବ୍ଲକ ଯୁବ ସଭାପତି ଶରତ କୁମାର ରାଉତରାୟ, ଜିଲାପରିଷଦ ସଭ୍ୟ ନାରାୟଣ ରାଉତରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ବେହେରା, ପୂର୍ବତନ ଉପାଧ୍ୟକ୍ଷ ବିକ୍ରମ ଜେନା, ଆମ୍ବା ଅଧ୍ୟକ୍ଷ ମହମ୍ମଦ ଜିକିରିଆ, ଛାତ୍ର ସଭାପତି ହଟ୍ଟକିଶୋର ବାରିକ, ସରପଞ୍ଚ ଦୁଃଶାସନ ପ୍ରଧାନ, ସମିତି ସଭ୍ୟ ପ୍ରଫୁଲ୍ଲ ପ୍ରଧାନ, ବିଜେଡି ରାଜ୍ୟ ମହିଳା ସମ୍ପାଦିକା କସ୍ତୁରୀବାଳା ସ୍ୱାଇଁ, ପୂର୍ବତନ ସରପଞ୍ଚ ପ୍ରକାଶ ଚନ୍ଦ୍ର ଖଟେଇପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ। ଏହି ଅବସରରେ ଜୟପୁର ପଞ୍ଚାୟତର ୱାର୍ଡସଭ୍ୟ ନାଗାର୍ଜୁନ ସେନାପତିଙ୍କ ସହିତ ପେଣ୍ଠପଡା ଓ ଜୟପୁର ପଞ୍ଚାୟତର ପ୍ରାୟ ୩୦ଜଣ ଯୁବକର୍ମୀ ଭାଜପା ଛାଡ଼ି ବିଜେଡିରେ ମିଶିଥିଲେ।

ବିଜେଡି ଉପସଭାପତି ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ବ୍ରହ୍ମଗିରି, କୃଷ୍ଣପ୍ରସାଦ ଏବଂ ପୁରୀ ସଦର ବ୍ଲକରେ ବନ୍ଦ ପାଳନ କରାଯାଇଛି। ଗୋରୁଆଳ ଛକ, କାଠୁଆରେଡ଼ି ଛକ, ସିନେମା ହଲ୍ ଛକ, ଗୋପ ଛକ, ଡାବା ଛକ, ସୁନାମୁହିଁ ଛକ, ଖଜୁରିଆ ଛକ, କୃଷ୍ଣପ୍ରସାଦ ବ୍ଲକର ଦହିଖିଆ ଛକ ଏବଂ ପୁରୀ ସଦର ବ୍ଲକ ଭାଇଲପୁର ଛକରେ ଶାନ୍ତିପୂର୍ଣ୍ଣ ଭାବେ ହରତାଳ କରାଯାଇଥିଲା। ବଳଙ୍ଗା, ଗୋପାଳପୁର ଓ ବାଲେଶ୍ୱର ଘଟଣା ନାରୀ ନିର୍ଯାତନାର ଜ୍ୱଳନ୍ତ ଉଦାହରଣ। ଏହି ସବୁ ଘଟଣାର ନିରପେକ୍ଷ ଓ ନ୍ୟାୟିକ ତଦନ୍ତ କରାଯାଇ ପୀଡ଼ିତାଙ୍କୁ ନ୍ୟାୟ ଦେବା ସହିତ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ଦାସବର୍ମା ଦାବି କରିଛନ୍ତି। ବ୍ରହ୍ମଗିରି ବ୍ଲକ ବିଜେଡି ସଭାପତି ବିଦ୍ୟାଧର ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ଜିଲା ପରିଷଦ ସଦସ୍ୟ ଜନ୍ମେଶ୍ୱର ସାହୁ, ଭଗବାନ ନାୟକ, ପ୍ରଫୁଲ୍ଲ ଜେନା, ସୁରପ୍ରସାଦ ମହାନ୍ତି, କୃଷ୍ଣଚନ୍ଦ୍ର ରାୟ, ଯୁଧିଷ୍ଠିର ନାୟକ, ଭାସ୍କର ଜେନା, ନନ୍ଦ କିଶୋର ବିଶ୍ୱାଳ, ମାନସୀ ହରିଚନ୍ଦନ, ସସ୍ମିତା ସାହୁ, ଶକୁନ୍ତଳା ମିଶ୍ର, ସନ୍ଦୀପ ଜେନା ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ।

ପିପିଲି ଟୋଲଗେଟ୍, ଏନ୍‌ଏସି ହାଟ ଛକ, ମଙ୍ଗଳପୁର ବଜାର ଓ ସାତଶଙ୍ଖଠାରେ କର୍ମୀମାନେ ରାସ୍ତାରୋକୋ କରିଥିଲେ। ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ପିପିଲି ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ସ୍ୱାଇଁ, ପୂର୍ବତନ ଅଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ, ଜିଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ଛାତ୍ର ବିଜେଡିସଭାପତିସୌମ୍ୟରଞ୍ଜନମହାପାତ୍ର, ଧୀରେନ୍ଦ୍ର ସାମନ୍ତରାୟ, ଦେବାଶିଷ ନନ୍ଦ ପ୍ରମୁଖ ବନ୍ଦରେ ସାମିଲ ହୋଇଥିଲେ। ଗାଡି ଚଳାଚଳ ଓ ଦୋକାନବଜାର ବନ୍ଦ ରହିଥିଲା। ପିପିଲି ଏନ୍‌ଏସିରେ ଅଧ୍ୟକ୍ଷ ସେକ ବାବୁ, ପୌରାଞ୍ଚଳ ସଭାପତି ଶରତ କୁମାର ବେହେରା, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା, ଚନ୍ଦନ ସେଠୀ, ଲିଳିତା ପାତ୍ର, ମାନସୀ ବେହେରା, ସୁର ବେହେରା, କବିନ୍ଦ୍ର ବରାଳ, ଫଜଲ ଖାଁ ପ୍ରମୁଖ ଏହି ବନ୍ଦରେ ସାମିଲ ଥିଲେ। ମଙ୍ଗଳପୁର ଛକଠାରେ ବିଶ୍ୱଜିତ ଦାଶ ଏବଂ ସାତଶଙ୍ଖ ବଜାରଠାରେ ଧରଣୀଧର ସାହୁଙ୍କ ନେତୃତ୍ୱରେ ରାସ୍ତାରୋକୋ କରାଯାଇଥିଲା।

କୋଣାର୍କରେ ନଗର ବିଜେଡି ସଭାପତି ଗୋପାଳ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏନ୍‌ଏସି ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ପୂର୍ବତନ କାଉନ୍‌ସିଲର ପ୍ରତାପ ଗୋଛାୟତ, ଯୁବ ନେତା ଶତ୍ରୁଜିତ ନାୟକ, ବିଜୟ କୁମାର ସେଠ ପ୍ରମୁଖ ଦୋକାନ ବଜାର, ଶିକ୍ଷାନୁଷ୍ଠାନ ଓ ସୂର୍ଯ୍ୟ ମନ୍ଦିର ବନ୍ଦ କରାଇ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ସୂର୍ଯ୍ୟମନ୍ଦିର ମୁଖ୍ୟଫାଟକରେ ତାଲା ପଡ଼ିଥିବାରୁ ପରିଦର୍ଶନରେ ଆସିଥିବା ପର୍ଯ୍ୟଟକମାନେ ନିରାଶ ହୋଇ ଫେରିଯାଇଥିଲେ।

ଅସ୍ତରଙ୍ଗ ଓ କାକଟପୁରରେ ବିଧାୟକ ତୁଷାରକାନ୍ତି ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଅସ୍ତରଙ୍ଗ ବ୍ଲକ ବିଜେଡି ସଭାପତି ପଞ୍ଚାନନ ସ୍ୱାଇଁଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା। ସରସ୍ୱତୀ ସ୍ୱାଇଁ, ରାମଚନ୍ଦ୍ର ନାୟକ, ଭୀମସେନ ସ୍ୱାଇଁ, ପ୍ରଫୁଲ୍ଲ ବେହେରା, ପ୍ରଶାନ୍ତ ନାୟକ, ଚମ୍ପକ ବାରିକ, ରୁଦ୍ର ପ୍ରସାଦ ଲେଙ୍କା, କୁଞ୍ଜ ବିହାରୀ ପ୍ରଧାନ, ଯୋଗେନ୍ଦ୍ର ଲେଙ୍କା, କାକଟପୁର ସରପଞ୍ଚ ଅଭୟ ସେଠୀ, ପ୍ରାଣକୃଷ୍ଣ ମଲ୍ଲିକ, ହିମାଂଶୁ ଭୂଷଣ ଦୀକ୍ଷିତ, ବିଶ୍ୱଜିତ ଦାଶ, ଦୀପକ ଶତପଥୀ, ପୂର୍ବତନ ସରପଞ୍ଚ ସୁକାନ୍ତ ନାୟକ, କଟକଣା ସରପଞ୍ଚ ଶେଖ ସିକନ୍ଦରଙ୍କ ସମେତ ଶତାଧିକ ବିଜେଡି କର୍ମୀ ସାମିଲ ଥିଲେ। ବିଭିନ୍ନ ଛକ ସ୍ଥାନରେ ରାସ୍ତାରୋକୋ ଓ ବିକ୍ଷୋଭ କରାଯାଇଥିବାବେଳେ ବଜାର ଓ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ନୟାହାଟ ଫାଣ୍ଡି ସମ୍ମୁଖ ରାସ୍ତାକୁ କର୍ମୀମାନେ ଅବରୋଧ କରିଥିଲେ। ଧୂମାଳ ସଭାପତି ଦିଲୀପ ରାୟ, ମହମ୍ମଦ ସମସୁଲ ଆର୍ଫିନ, ଅଭିମନ୍ୟୁ ସିଂହ, ଜ୍ୟୋତି ରଞ୍ଜନ ନାୟକ, ଜ୍ୟୋତି ରଞ୍ଜନ ଦଳାଇ, ଅଶୋକ ସାହୁ, ସହଦେବ ମାଣିକ ଓ କାହ୍ନୁ ଚରଣ ସାହୁ ପ୍ରମୁଖ ଆନ୍ଦୋଳନ କରିଥିଲେ।

ଡେଲାଙ୍ଗ ହାଟ ବଜାରରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବୈରାଗୀ ଜେନାଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥି, ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ଗାଶା ନିଶଙ୍କ, ଜିଲାପରିଷଦ ପ୍ରସନ୍ନ ସାହୁ, ଗଡମୋଟରୀ ସରପଞ୍ଚ ମାର୍କଣ୍ଡ ମଙ୍ଗରାଜ ପ୍ରମୁଖ ବନ୍ଦ ପାଳନରେ ସାମିଲ ହୋଇଥିଲେ। ସେହିପରି କଣାସ ବଜାର ବନ୍ଦ ରହିଥିଲା। ଦୋକନ୍ଦା ସରପଞ୍ଚ ଈଶ୍ୱର ହରିଚନ୍ଦନ, ରାଜେଶ ହରିଚନ୍ଦନ, ବଳରାମ ପଲାଇ, କାହ୍ନୁ ଜୟସିଂହ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ।

# 'ବଳଙ୍ଗା ଘଟଣାର ଅଭିଯୁକ୍ତଙ୍କୁ ଗିରଫ କରାଯାଉ'


ଶୁଭାଶିଷ ଖୁଣ୍ଟିଆ ଏବଂ ଅନ୍ୟ କର୍ମୀମାନେ ବାଇକ ରାଲିରେ ସହର ପରିକ୍ରମା ପାଇଁ ବାହାରିଛନ୍ତି ।


ବିଧାୟକ ସୁନିଲ ମହାନ୍ତି ଏବଂ ଅନ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୭।୮ (ଅଜିତ୍ କୁମାର ମହାନ୍ତି)

ବଳଙ୍ଗା ପୀଡ଼ିତାଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ପ୍ରଦାନ ଏବଂ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ବିଜୁ ଜନତା ଦଳ ପକ୍ଷରୁ ଗୁରୁବାର ୬ ଘଣ୍ଟିଆ ପୁରୀ ଜିଲା ବନ୍ଦଡାକରା ଦିଆଯାଇଥିଲା। ପୁରୀ ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ଦୋକାନ ବଜାର, ଗାଡ଼ି ଚଳାଚଳ ଆଦି ବନ୍ଦ ରହିଥିଲା। ଏଥିଯୋଗୁ ଯାତ୍ରୀ ଓ ପର୍ଯ୍ୟଟକମାନେ ହଇରାଣ ହୋଇଥିଲେ।

ସକାଳ ୬ଟାରୁ ବିଜେଡି ନେତା ଓ କର୍ମୀମାନେ ଅଠରନଳା ସମେତ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଜିଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟ, ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପୁରୀ ବିଧାୟକ ସୁନିଲ ମହାନ୍ତିଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା। ବିଜେଡି ନେତୃବୃନ୍ଦ ପ୍ରଶ୍ନ କରିଛନ୍ତି ଯେ, ଦିଲ୍ଲୀ ଏମ୍ସରେ ପୀଡ଼ିତାଙ୍କ ଚିକିତ୍ସା ଠିକ୍ ଚାଲିଥିବା କୁହାଯାଉ ଥିବାବେଳେ ତାଙ୍କର ମୃତ୍ୟୁ କିପରି ଘଟିଲା। ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ରହସ୍ୟ ଘେରରେ ରହିଛି। ସେହିପରି ତାଙ୍କ ଦେହରେ ୩ଜଣ ଦୁର୍ବୃତ୍ତ ନିଆଁ ଲଗାଇଥିବା ପୀଡ଼ିତା ବୟାନରେ କହିଥିବାବେଳେ ପୋଲିସ ସେମାନଙ୍କୁ ଗିରଫ କରିପାରିନାହିଁ। ଉକ୍ତ ଘଟଣାରେ କାହାର ସଂପୃକ୍ତି ନ ଥିବା ପୋଲିସ କହିଛି, ଯାହା ତଦନ୍ତ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେଉଁ ଚାପ ଯୋଗୁ ପୀଡ଼ିତାଙ୍କ ବାପା ମତ ପରିବର୍ତ୍ତନ କରିଛନ୍ତି ବୋଲି ବିଜେଡି ପ୍ରଶ୍ନ କରିଛି। ସରକାର ଜାଣିଶୁଣି ଅଭିଯୁକ୍ତମାନଙ୍କୁ ଘଷ୍ଟ ଘୋଡ଼ାଉଛନ୍ତି। ସରକାର ଘଟଣାର ସତ୍ୟାସତ୍ୟ ଉନ୍ମୋଚନ ସହ ପୀଡ଼ିତାଙ୍କ ପରିବାରକୁ ୨କୋଟି ଟଙ୍କା କ୍ଷତିପୂରଣ ଦିଅନ୍ତୁ ବୋଲି ବିଜେଡି ପକ୍ଷରୁ ଦାବି କରାଯାଇଛି। ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ବନ୍ଦକୁ ପୁରୀବାସୀ ସମର୍ଥନ ଜଣାଇଛନ୍ତି। ଲୋକଙ୍କୁ ନ୍ୟାୟ ମିଳୁନି। ରାଜ୍ୟରେ ନାରୀ ନିର୍ଯାତନା ବଢ଼ିଚାଲିଛି। ବଳଙ୍ଗା ଘଟଣାରେ ପୋଲିସର ତଦନ୍ତ ସନ୍ଦେହ ଘେରରେ ରହୁଛି। ସମ୍ପୃକ୍ତ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ଜିଲା ସଭାପତି ଉମାକାନ୍ତ ସାମନ୍ତରାୟ କହିଛନ୍ତି, ପୀଡ଼ିତାଙ୍କୁ ନ୍ୟାୟ ନ ମିଳିଲା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ। ସରକାର ପୀଡ଼ିତାଙ୍କ ପରିବାର ଉପରେ ଚାପ ପକାଉଛନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିଗୁଡୁଛି ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ପୁରୀ ବିଧାୟକ ସୁନିଲ ମହାନ୍ତି କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେଉଛି। ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଜନସାଧାରଣଙ୍କୁ ନ୍ୟାୟ ଓ ସୁରକ୍ଷା ମିଳିବା ଆବଶ୍ୟକ।

# ମୋବାଇଲ ଟର୍ଚ୍ଚରେ ହେଲା ରୋଗୀସେବା

## ଅନ୍ଧାରରେ କର୍ତ୍ତବ୍ୟ ଜାରି ରଖିଲେ ୨ ଡାକ୍ତର


ମୋବାଇଲ ଟର୍ଚ୍ଚରେ ରୋଗୀ ସେବା କରାଯାଉଛି ।

ପୁରୀ, ୭।୮ (ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପୁଣି ରୋଗୀ ସେବାକୁ ନେଇ ସମାଲୋଚିତ ହୋଇଛି। ଅନେକ ସମୟରେ ମେଡିକାଲରେ ରୋଗୀଙ୍କୁ ଠିକ ଭାବେ ଚିକିତ୍ସା କରାଯାଉ ନ ଥିବା ନେଇ ଅଭିଯୋଗ ହେଉଥିବାବେଳେ କେବେବେଳେ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ଯୋଗୁ ସେବା ବାଧାପ୍ରାପ୍ତ ହେଉଛି। ତେବେ ବୁଧବାର ଉକ୍ତ ଚିକିତ୍ସାଳୟରେ ମୋବାଇଲ ଟର୍ଚ୍ଚରେ ରୋଗୀଙ୍କ ଚିକିତ୍ସା ଚାଲିଥିଲା। ଏହା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଗୁରୁବାର ସାମ୍ନାକୁ ଆସିଛି। ବୁଧବାର ସନ୍ଧ୍ୟାରେ ହଠାତ୍ ବିଦ୍ୟୁତ ଚାଲିଯାଇଥିଲା। ଚିକିତ୍ସା ପାଇଁ କାଜୁଆଲିଟି ବିଭାଗରେ ରୋଗୀଙ୍କ ଲମ୍ବାଧାଡ଼ି ଲାଗିଥିଲା। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ରୋଗୀ ସମସ୍ତେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ ଅନ୍ଧାର ହୋଇଯିବାରୁ ମୋବାଇଲ୍ ଟର୍ଚ୍ଚରେ ରୋଗୀ ସେବା କରିଥିଲେ ଡାକ୍ତର। ଖାପ୍‌ସା ଆଲୁଅରେ ଡାକ୍ତର ପ୍ରେସକ୍ରିପସନ୍ ଲେଖୁଥିବା ଭିଡିଓରେ ଦେଖିବାକୁ ମିଳିଛି। ଡ୍ୟୁଟିରେ ଥିବା ଦୁଇଜଣ ଡାକ୍ତର ନିଜର କର୍ତବ୍ୟ ଜାରି ରଖିଥିଲେ। ପ୍ରାୟ ଦଶ ମିନିଟ ଧରି ବିଦ୍ୟୁତ ଚାଲିଯାଇଥିଲା। ପୁରୀ ଭଳି ଏକ ଧାର୍ମିକ ତଥା ପର୍ଯ୍ୟଟନ ସହରରେ ମୁଖ୍ୟ ସରକାରୀ ଚିକିତ୍ସାଳୟର ଏଭଳି ଦୃଶ୍ୟ ଦେଖି ରୋଗୀମାନଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ତୁରନ୍ତ ରାଜ୍ୟ ସରକାର ଓ ମେଡିକାଲ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଡାକ୍ତର ତାଙ୍କର କାର୍ଯ୍ୟ ଠିକ ଭାବେ ସମ୍ପାଦନ କରିଥିଲେ ମଧ୍ୟ ବିଦ୍ୟୁତ ଚାଲିଯିବା ପରେ ଜେନେରେଟର କିମ୍ବା ଇନଭର୍ଟର କାହିଁକି ଲଗାଗଲା ନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ସମ୍ପୃକ୍ତ ଦାୟିତ୍ୱରେ ଥିବା କର୍ମଚାରୀ କ'ଣ କରୁଥିଲେ ଓ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି ହୋଇଛି।


No.XXIII-02

ଓଡ଼ିଶା ସରକାର
ଜିଲ୍ଲା କାର୍ଯ୍ୟାଳୟ, ଝାରସୁଗୁଡ଼ା
ଭୂ-ଅର୍ଜନ ବିଭାଗ
L.A.-2025-10902 L.A. Date-14.07.2025

ଅଧିସୂଚନା

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଝାରସୁଗୁଡା ଜିଲ୍ଲାରେ M/s. Odisha Power Generation Corporation Ltd. (OPGC) ଦ୍ୱାରା 2x210 MW Thermal Power Plantର ପାଉଁଶ ପୋଖରୀ ସଂପ୍ରସାରଣ ନିମନ୍ତେ ଜମି ଅଧିକାରୀ ଇଡ୍‌କୋ (IDCO), ଭୁବନେଶ୍ୱରଙ୍କ ଜରିଆରେ ମୌଜା-କୁମ୍ଭାରବନ୍ଧ, ଥାନା-ରେଙ୍ଗାଲି, ତହସିଲ-ଲଖନପୁର, ଜିଲ୍ଲା-ଝାରସୁଗୁଡାରେ ନିମ୍ନତଫସିଲମତେ ପ୍ରାୟ ଏ.୯.୨୦୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି । ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government)ଙ୍କ ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ୧୧ (୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ । ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ –M/s Odisha Power Generation Corporation Ltd. ର ପାଉଁଶ ପୋଖରୀ ସଂପ୍ରସାରଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଜମି ଅଧିକାରୀ ଇଡ୍‌କୋ (IDCO), ଭୁବନେଶ୍ୱର ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ବିସ୍ଥାପିତ ହେଉନାହାନ୍ତି ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ସଂଲଗ୍ନ କରାଗଲା ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ପ୍ରକଳ୍ପ ନିର୍ଦ୍ଦେଶକ, ପୁନର୍ବାସ ଓ ଥଇଥାନ ବିଭାଗ, ଝାରସୁଗୁଡା ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଝାରସୁଗୁଡା | ଝାରସୁଗୁଡା | କୁମ୍ଭାରବନ୍ଧ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏକର ୧୦.୩୯୦ | ଏକର ୯.୨୦୫ | ଏଥିସହିତ ସଂଲଗ୍ନ କରାଗଲା |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ........ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଝାରସୁଗୁଡାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ୱା ଦାୟ ସୃଷ୍ଟି ଝାରସୁଗୁଡା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅବୋଲୀ ସୁନୀଲ ନରୱାଣେ
ଜିଲ୍ଲାପାଳ, ଝାରସୁଗୁଡ଼ା

LAND SCHEDULE (PRIVATE) OF OPGC ASH POND, VILLAGE-KUMBHARBANDH, PS-LAKHANPUR, TAHASIL-LAKHANPUR, DIST- JHARSUGUDA

| Sl. No. | Khata No. | Recorded Tenant | Kisam | Total Area in Ac. | Proposed Area to be acquired (in Ac.) | Remarks |
|---|---|---|---|---|---|---|
| 1 | 71 | ପ୍ରଦୀପ କୁମାର ପୂଜାରୀ, ପି:ରମଣୀ ପୂଜାରୀ, ଜା:ବ୍ରାହ୍ମଣ, ବା:ନିଜଗାଁ | ପତିତ | 1.190 | 0.92 | |
| | 71 | | ମାଳ ସାଧାରଣ | 2.800 | 2.80 | |
| 2 | 52 | ଉମେଶ ଭୋଇ, ପି:ଧନୀସୌଦାଗର ଭୋଇ, କୁମୋଦିନୀ ଭୋଇ, ସ୍ୱା:ଧନୀସୌଦାଗର ଭୋଇ, ଜା:ଗଣ୍ଡ, ବା:ନିଜଗାଁ | ଆଟ ସାଧାରଣ | 0.900 | 0.558 | |
| 3 | 165 | ବ୍ରହ୍ମା ଭୋଏ, ପି:ବେଣୁ ଭୋଏ, ଜା:ସହରା, ବା:ନିଜଗାଁ | ଆଟ ସାଧାରଣ | 0.960 | 0.669 | |
| 4 | 233 | ରବିରତ୍ନ ପାଟଯୋଷୀ, ଗଣ୍ଡା ପାଟଯୋଷୀ, ପିତା ନରସିଂହ ପାଟଯୋଷୀ, ଓଁପ୍ରକାଶ ପାଟଯୋଷୀ, ବିଷ୍ଣୁପ୍ରକାଶ ପାଟଯୋଷୀ, ଅନାମିକା ପଣ୍ଡା, ପିତା ଦାମୋଦର ପାଟଯୋଷୀ, ଅହଲ୍ୟା ପାଟଯୋଷୀ, ସ୍ୱାମୀ ଦାମୋଦର ପାଟଯୋଷୀ, ଅନ୍ନପୂର୍ଣ୍ଣା ପାଟଯୋଷୀ, ସ୍ୱାମୀ ପରମେଶ୍ୱର ପାଟଯୋଷୀ, ଗୌରହରି ପାଟଯୋଷୀ, ବାସସ୍ଥାନ ନିଜଗାଁ ସରୋଜିନୀ ପଣ୍ଡା ବାସସ୍ଥାନ ବିଲେଇଗଡ, ଥାନା ସାରଙ୍ଗଗଡ ଜିଲ୍ଲା ରାୟଗଡ (ମଧ୍ୟପ୍ରଦେଶ) ତପସ୍ୱିନୀ ହୋତା ବାସସ୍ଥାନ ସମ୍ବଲପୁର ଟାଉନ ପିତା ଲବଣି ପାଟଯୋଷୀ, ମଧୁସୂଦନ ପାଟଯୋଷୀ, ଭବାନୀ ପାଟଯୋଷୀ, ପିତା ରୁଦ୍ର ପାଟଯୋଷୀ, କିଶୋର ପାଟଯୋଷୀ, ପିତା ସଚ୍ଚି ପାଟଯୋଷୀ, ସୁରୁବୁଳ ପାଟଯୋଷୀ, ସ୍ୱାମୀ ସଚ୍ଚି ପାଟଯୋଷୀ, ସତ୍ୟଭାମା ପାଟଯୋଷୀ, ସ୍ୱାମୀ ଗଙ୍ଗାଧର ପାଟଯୋଷୀ, ପୂର୍ଣ୍ଣଚନ୍ଦ୍ର ପାଟଯୋଷୀ, ରାମଚନ୍ଦ୍ର ପାଟଯୋଷୀ, ପିତା ସତ୍ୟବାଦୀ ପାଟଯୋଷୀ, ରାମନାରାୟଣ ପାଟଯୋଷୀ, ପିତା ଭାଗିରଥୀ ପାଟଯୋଷୀ, ବାଞ୍ଛାବଟ ପାଟଯୋଷୀ, କଳ୍ପବଟ ପାଟଯୋଷୀ, ପିତା ଦିନବନ୍ଧୁ ପାଟଯୋଷୀ, ବିଷ୍ଣୁପ୍ରିୟା ପାଟଯୋଷୀ, ସ୍ୱାମୀ ଦିନବନ୍ଧୁ ପାଟଯୋଷୀ, ବାସସ୍ଥାନ ନିଜଗାଁ ଜାତି ବ୍ରାହ୍ମଣ ବା: | ମାଳ ସାଧାରଣ/6 | 0.320 | 0.320 | |
| | 233 | | ମାଳ ସାଧାରଣ/6 | 0.440 | 0.440 | |
| | 233 | | ପତିତ | 1.630 | 1.630 | |
| | 233 | | ଆଟ ସାଧାରଣ | 1.800 | 1.800 | |
| 5 | 254 | ଅରୁଣ କୁମାର ପଣ୍ଡା, ଜ୍ୟୋତିର୍ମୟୀ ପଣ୍ଡା, ସୁରପ୍ରଭା ପଣ୍ଡା, ବିଦ୍ୟୁତପ୍ରଭା ପଣ୍ଡା, ମୈଥିଳି ପଣ୍ଡା, ପି ଶଙ୍କର ପ୍ରସାଦ ପଣ୍ଡା, ଦେବେନ୍ଦ୍ର ଦୀକ୍ଷିତ, ନରେନ୍ଦ୍ର ଦୀକ୍ଷିତ, ଧିରେନ୍ଦ୍ର ଦୀକ୍ଷିତ, ରେବତୀ ଦିକ୍ଷିତ, ରେଣୁବାଳା ଦିକ୍ଷିତ, ପି:ଭଗବାନ ଦୀକ୍ଷିତ, ଜା:ବ୍ରାହ୍ମଣ, ବା:ନିଜଗାଁ | ଆଟ ସାଧାରଣ | 0.350 | 0.068 | |
| | | | Total | 10.390 | 9.205 | |

Sd./- Amin L.A.Sec Jharsuguda | Sd./- Amin L.A.Sec Jharsuguda | Sd./- R.I. L.A.Sec Jharsuguda | Sd./- Asst. Collector L.A.Section Jharsuguda | Sd./- Land Acquisition Officer Jharsuguda

OIPR-24022/14/0006/2526

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିଶ୍ୱଜିତ୍



@ ସନ୍ତୋଷ



@ ସୁଶିଲ



@ ପ୍ରସନ୍ନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନକୁ 'ନା'

## ଦିନକରେ ୧୦ ଗାଡ଼ି ଜବତ, କଟାଗଲା ୧୯୫ ଚାଲାଣ

କଟକ,୭।୮ (କାର୍ତ୍ତିକ ସାହୁ)

ମାଲବାହୀ ଗାଡ଼ିରେ ବେଆଇନ ଯାତ୍ରୀ ପରିବହନ ରୋକିବାକୁ ପଦକ୍ଷେପ ନେଇଛି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)। ଏଭଳି ବେଆଇନ ପରିବହନ ବିରୋଧରେ ସ୍ୱତନ୍ତ୍ର ଭାବେ ଚଢ଼ାଉ ପାଇଁ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ), ଅତିରିକ୍ତ ଆର୍‌ଟିଓଙ୍କୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି କ୍ରମରେ ଆର୍‌ଟିଓମାନେ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ କଡ଼ାକଡ଼ି ଯାଞ୍ଚ କରିଛନ୍ତି। ଗୁରୁବାର ପ୍ରଥମ ଦିନରେ ୧୯୫ ଚାଲାଣ କଟାଯାଇଥିବା ବେଳେ ଅସୁରକ୍ଷିତ ଭାବରେ ଯାତ୍ରୀ ପରିବହନ କରୁଥିବା ୧୦ ମାଲବାହୀ ଗାଡ଼ିକୁ ଜବତ କରାଯାଇଥିବା ଏସ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାନୁସାରେ, ସମଗ୍ର ରାଜ୍ୟରେ ଚଢ଼ାଉରେ ବାଲେଶ୍ୱର ଆର୍‌ଟିଓଙ୍କ ଦ୍ୱାରା ସର୍ବାଧିକ ୨୪ଟି ଚାଲାଣ କଟିଥିବା ବେଳେ ଚଣ୍ଡିଖୋଲ ଆର୍‌ଟିଓଙ୍କ ଦ୍ୱାରା ୧୫, କଟକ ଆର୍‌ଟିଓଙ୍କ ଦ୍ୱାରା ୧୪, ମୟୂରଭଞ୍ଜ ଆରଟିଓଙ୍କ ଦ୍ୱାରା ୧୩, ଗାମ୍ ଆର୍‌ଟିଓଙ୍କ ଦ୍ୱାରା ୧୨, ଢେଙ୍କାନାଳ ଆରଟିଓଙ୍କ ଦ୍ୱାରା ୧୧, ଖୋର୍ଦ୍ଧା ଏଆର୍‌ଟିଓଙ୍କ ଦ୍ୱାରା ୧୦, ଭୁବନେଶ୍ୱର-୨ରେ ୮, ଭୁବନେଶ୍ୱର- ୧ ରେ ୫ଟି ଚାଲାଣ କଟାଯାଇଛି। ସେହିଭଳି ଯାଜପୁର ଓ ଚଣ୍ଡିଖୋଲ ଆର୍‌ଟିଓ, ଭଞ୍ଜନଗର ଏଆର୍‌ଟିଓଙ୍କ ଦ୍ୱାରା ଦୁଇଟି ଲେଖାଏଁ ଗାଡ଼ି ଜବତ କରାଯାଇଛି। ଭୁବନେଶ୍ୱର-୨, ନବରଙ୍ଗପୁର, କଳାହାଣ୍ଡି ଓ ବଡ଼ବିଲ ଏଆର୍‌ଟିଓଙ୍କ ଦ୍ୱାରା ଗୋଟିଏ ଲେଖାଏଁ ଗାଡ଼ି ଜବତ କରାଯାଇଛି। ମୋଟର ଯାନ ଆଇନ ଅନୁଯାୟୀ ମାଲବାହୀ ଗାଡ଼ି ଯାତ୍ରୀ ପରିବହନ କରିବା ବେଆଇନ। ଅନେକ ସମୟରେ ଏଭଳି ବେଆଇନ ଏବଂ ବିପଦପୂର୍ଣ୍ଣ ଭାବରେ ଅନେକ ମାଲବାହୀ ଗାଡ଼ି ଅସୁରକ୍ଷିତ ଭାବରେ ଯାତ୍ରୀମାନଙ୍କୁ ନେଉଥିବା ଅଭିଯୋଗ ଆସୁଛି, ଯାହା ଦୁର୍ଘଟଣାର କାରଣ ମଧ୍ୟ ହେଉଛି। ତେଣୁ ଏହା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମସ୍ତ ଆର୍‌ଟିଓ ଏବଂ ଏଆର୍‌ଟିଏଙ୍କୁ ପରିବହନ ଆୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆଗକୁ ସଡ଼କ ଦୁର୍ଘଟଣାର ଅନ୍ୟ ପ୍ରମୁଖ କାରଣ ଯେପରିକି ଦ୍ରୁତଗତି, ମଦ୍ୟପାନ କରି ଗାଡ଼ିଚାଳନା ବିରୋଧରେ ମଧ୍ୟ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ କରାଯିବ। ଯେଉଁ ଆର୍‌ଟିଓ ଅଧୀନରେ ଯେଉଁ କାରଣ ପାଇଁ ଅଧିକ ଦୁର୍ଘଟଣା ହେଉଥିବ ସେମାନେ ତାର ବିଶ୍ଲେଷଣ କରି ସେହି ଆଧାରରେ ଏନ୍‌ଫୋର୍ସମେଣ୍ଟକୁ କଡ଼ାକଡ଼ି କରିବେ। ସଡ଼କ ଦୁର୍ଘଟଣା ଓ ଏଥିଜନିତ ମୃତ୍ୟୁସଂଖ୍ୟା ହ୍ରାସ କରିବା ଦିଗରେ ବିଭିନ୍ନ ସମୟରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏହାସତ୍ତ୍ୱେ ଯେଉଁମାନେ ସଡ଼କ ସୁରକ୍ଷା ନିୟମ ପାଳନ କରୁନାହାନ୍ତି, ସେମାନଙ୍କ ଉପରେ ନିୟନ୍ତ୍ରଣ ଆଣିବାକୁ ଏନ୍‌ଫୋର୍ସମେଣ୍ଟ ବୃଦ୍ଧି କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସଡ଼କ ସୁରକ୍ଷା ନିୟମ ପାଳନ କରି ସୁରକ୍ଷିତ ଭାବରେ ଘରେ ପହଞ୍ଚିବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

## ଗୋହତ୍ୟା ନିରୋଧ ଆଇନ-୧୯୬୦ କଡ଼ାକଡ଼ି କର: ହାଇକୋର୍ଟ

କଟକ,୭।୮(କାର୍ତ୍ତିକ ସାହୁ): ରାଜ୍ୟରେ କ୍ରମାଗତ ବୃଦ୍ଧି ପାଉଥିବା ଗୋହତ୍ୟା ବନ୍ଦ କରିବା ନିମନ୍ତେ ରୁଜୁ ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ଗୋହତ୍ୟା ନିରୋଧ ଆଇନ ୧୯୬୦କୁ କଡ଼ାକଡ଼ି ପାଳନ କରିବା ଓ ଗୋହତ୍ୟା ବନ୍ଦ ପାଇଁ ପଦକ୍ଷେପ ନେବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଛନ୍ତି। ଗୋ-ହତ୍ୟା ବନ୍ଦ ଆବେଦନ ନେଇ ଗୌଜ୍ଞାନ ଅନୁଷ୍ଠାନ ପକ୍ଷରୁ ରୁଜୁ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ଓ ବିଚାରପତି ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରି ଉପରୋକ୍ତ ଆଦେଶ ପ୍ରଦାନ କରିଛନ୍ତି। ରାଜ୍ୟରେ ପୂର୍ବରୁ ପ୍ରଚଳିତ ଓଡ଼ିଶା ପ୍ରିଭେନ୍‌ଶନ୍ ଅଫ୍ କାଓ ସ୍ଲଟର ଆକ୍ଟ ୧୯୬୦ ଆଇନକୁ କଡ଼ାକଡ଼ି ପାଳନ କରିବାକୁ ଆଦେଶ ଦେଇଛନ୍ତି। ଆବେଦନକାରୀ ସଂଗଠନ ପକ୍ଷରୁ ଆଇନଜୀବୀ ମୃଣାଳିନୀ ପାଢୀ ଓ ପୀୟୂଷପଣ୍ଡା ମାମଲା ପରିଚାଳନା କରୁଥିଲେ।

# ଉତ୍କଳୀୟସ୍ ପାଳିଲା ଜାତୀୟ ହସ୍ତତନ୍ତ ଦିବସ



ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ଯୋଗଦେଇଥିବା ଉତ୍କଳୀୟସ୍‌ମାନେ।

ଭୁବନେଶ୍ୱର, ୭।୮ (ବନ୍ଦନା ସେଠୀ): ହସ୍ତତନ୍ତ ଶାଢ଼ିପ୍ରେମୀ ମହିଳାଙ୍କ ଗ୍ରୁପ୍ 'ଉତ୍କଳୀୟସ୍' ପକ୍ଷରୁ ଗୁରୁବାର ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ତନ୍ତ ତପଜିନୀ' ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଅରୁଣା ମହାନ୍ତି ଯୋଗଦେଇ ଓଡ଼ିଶାର ବୟନ ସଂସ୍କୃତିର ପରମ୍ପରା ଉପରେ ଆଲୋକପାତ କରିଥିଲେ। ଆମର ବୟନ କଳା ହସ୍ତତନ୍ତ ଏବଂ ପ୍ରଦର୍ଶନ କଳାର ଏକ ପ୍ରତୀକାତ୍ମକ ସାଂସ୍କୃତିକ ଐତିହ୍ୟ ବୋଲି ସେ କହିଥିଲେ। ଏହି ଅବସରରେ କଟକ ଜିଲ୍ଲା ଆଠଗଡ଼ ନୂଆପାଟଣା ଅଞ୍ଚଳର ଦୁଇଜଣ ଦକ୍ଷ ବୁଣାକାରଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ନିଜ ବୟନ ଯାତ୍ରାର ଅନୁଭୂତି ବାଣ୍ଟିଥିଲେ। ବର୍ତ୍ତମାନ ସମୟରେ ସେମାନଙ୍କ ପୂର୍ବପୁରୁଷଙ୍କ ଏହି ବୟନ ପରମ୍ପରାକୁ ଯେଉଁଭଳି ଜୀବନ୍ତ ରଖିଛନ୍ତି ତାହା ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ଥିଲା। କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟରୁ ପ୍ରାୟ ୭୦ଜଣ ଉତ୍କଳୀୟସ୍ ଅଂଶଗ୍ରହଣ କରିଥିଲେ। ସେମାନେ ଓଡ଼ିଶାର ବିଭିନ୍ନ ବୟନ ଯଥା ସମ୍ବଲପୁରୀ, ବୋମ୍‌କାଇ, କୋଟପାଡ, ଖଣ୍ଡୁଆ, ଗୋପାଳପୁର ତସର, ବ୍ରହ୍ମପୁରୀ, ଖୋର୍ଦ୍ଧା ଏବଂ ସମସାମୟିକ ଓଡ଼ିଶା ବୁଣାକାରଙ୍କ ପ୍ରତିନିଧିତ୍ୱ କରିଥିଲେ। ଯୁବପିଢ଼ିଙ୍କ ମଧ୍ୟରେ ଓଡ଼ିଶାର ହସ୍ତତନ୍ତ ଐତିହ୍ୟ ସମ୍ପର୍କରେ ସଚେତନ କରିବା ଏବଂ ଫ୍ୟାଶନ୍ ସହିତ ଆମ ସଂସ୍କୃତିକୁ ଯୋଡ଼ିବା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରାଯାଇଥିଲା।

# ମହାପ୍ରଭୁଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ

ପୁରୀ,୭।୮ (ଅଜିତ୍ କୁମାର ମହାନ୍ତି)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସହଧର୍ମିଣୀଙ୍କ ସହ ଗୁରୁବାର ସନ୍ଧ୍ୟାରେ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପ୍ରଥମେ ପୁରୀ ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ରେ ପହଞ୍ଚିଥିଲେ। ସେଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ଜିଲ୍ଲା ପ୍ରଶାସନର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ କିଛି ସମୟ ସର୍କିଟ୍ ହାଉସରେ ବିତାଇବା ପରେ ସହଧର୍ମିଣୀ ପ୍ରିୟଙ୍କା ମାରାଣ୍ଡିଙ୍କ ସହିତ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ମୁଖ୍ୟମନ୍ତ୍ରୀ ଓ ତାଙ୍କ ସହଧର୍ମିଣୀ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଭୟଙ୍କୁ ସ୍ୱାଗତ କରାଯାଇ ପାଛୋଟି ନିଆଯାଇଥିଲା। ସେମାନେ ଶ୍ରୀମନ୍ଦିରକୁ ଯାଇ ରତ୍ନସିଂହାସନାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ପରେ ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରି ଫେରିଯାଇଥିଲେ। ଏହି ଅବସରରେ ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବାୟତଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ତାଙ୍କ ସହଧର୍ମିଣୀଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆପାଟ ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଦର୍ଶନ ସମୟରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପିନାକ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସହଧର୍ମିଣୀଙ୍କ ସହ ମହାପ୍ରଭୁଙ୍କ ଦର୍ଶନ ସାରି ଶ୍ରୀମନ୍ଦିରରୁ ଫେରୁଛନ୍ତି।

# ୧୨୪୫ ପୋଲିସ ଡ୍ରାଇଭରଙ୍କ ବୟସସୀମା ୪ ବର୍ଷ କୋହଳ

## ସତ୍ୟପାଠ ଦାଖଲ କଲେ ରାଜ୍ୟ ସରକାର

କଟକ,୭।୮(କାର୍ତ୍ତିକ ସାହୁ): ରାଜ୍ୟ ପୋଲିସ ବିଭାଗରେ ଡ୍ରାଇଭର୍‌ଙ୍କ ବୟସସୀମା ୪ ବର୍ଷ କୋହଳ କରାଯାଇଛି। ବୟସସୀମା କୋହଳ କରିବାକୁ ନେଇ ରୁଜୁ ଏକାଧିକ ଆବେଦନର ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ହାଇକୋର୍ଟଙ୍କୁ ଗୁରୁବାର ଅବଗତ କରାଇଛନ୍ତି। ମାମଲାର ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ ୪ ବର୍ଷ ବୟସସୀମା କୋହଳ ସମ୍ପର୍କରେ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ତେବେ ଏହି ବୟସସୀମା କୋହଳ କେବଳ ୧୨୪୫ ଜଣ ପ୍ରାର୍ଥୀଙ୍କ ନିମନ୍ତେ ଲାଗୁ ହେବ ବୋଲି ରାଜ୍ୟ ସରକାର ଦାଖଲ କରିଥିବା ସତ୍ୟପାଠରେ ସ୍ପଷ୍ଟ କରିଛନ୍ତି। ସୂଚନାନୁସାରେ, ପୋଲିସ ଡ୍ରାଇଭର୍ ପଦବୀ ନିମନ୍ତେ ନିୟମିତ ଭାବେ ପରୀକ୍ଷା ହେଉନଥିଲା। ଗତ ବର୍ଷ ଅକ୍ଟୋବରରେ ୪୦୫ଟି ପୋଲିସ ଡ୍ରାଇଭର୍ ପଦବୀ ନିମନ୍ତେ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ। ଦୀର୍ଘ ଦିନ ପରେ ଏହି ପଦବୀ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିବାରୁ ବୟସ ଗଡ଼ି ଯାଇଥିବା ଏକାଧିକ ଆବେଦନକାରୀ ବୟସସୀମା କୋହଳ କରିବାକୁ ହାଇକୋର୍ଟରେ ପ୍ରାର୍ଥନା କରିଥିଲେ। ଦୀର୍ଘଦିନ ବ୍ୟବଧାନରେ ଏହି ପଦବୀରେ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିବାରୁ ସେମାନଙ୍କ ନିମନ୍ତେ ବୟସସୀମା କୋହଳ କରାଯାଉ ବୋଲି ଆବେଦନରେ ଦର୍ଶାଯାଇଥିଲା।

# ରାଜ୍ୟରେ ଜୈବ-ଅର୍ଥନୀତିର ବିକାଶ ପାଇଁ ପଦକ୍ଷେପ

## ଆଇଆଇଏମ୍ ସମ୍ବଲପୁର ସହ ଚୁକ୍ତିକଲା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ

ଭୁବନେଶ୍ୱର,୭।୮(ସୁଚିସ୍ମିତା ସାହୁ): ରାଜ୍ୟରେ ଜୈବ-ପ୍ରଯୁକ୍ତି ଓ ଜୈବ-ସମ୍ବଳକୁ ଆଧାର କରି ଜୈବ-ଅର୍ଥନୀତି ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟରେ ଜୈବ-ପ୍ରଯୁକ୍ତି ବିଦ୍ୟା ଏକ ଉଦୀୟମାନ କ୍ଷେତ୍ର ହୋଇଥିବାରୁ ଜୈବ-ଅର୍ଥନୀତି ରାଜ୍ୟର ବିକାଶ ଧାରାରେ ପ୍ରମୁଖ ଯୋଗଦାନ କରିବାର ବ୍ୟାପକ ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ ଆଇଆଇଏମ୍ ସମ୍ବଲପୁର ମଧ୍ୟରେ ଏକ ବୁଝାମଣାପତ୍ର ଗୁରୁବାର ଖାରବେଳ ଭବନରେ ସ୍ୱାକ୍ଷରିତ ହୋଇଯାଇଛି। ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏବଂ ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମଙ୍କ ଉପସ୍ଥିତିରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଅତିରିକ୍ତ ଶାସନ ସଚିବ ପୂଜା ମିଶ୍ର ଏବଂ ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟୱାଲ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛନ୍ତି। ବୁଝାମଣାପତ୍ର ଅନୁଯାୟୀ ରାଜ୍ୟରେ ଜୈବ-ଅର୍ଥନୀତି ସମ୍ଭାବନା ଥିବା କ୍ଷେତ୍ରଗୁଡିକ ବିଚାରକୁ ନେଇ ଏକ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ପ୍ରଦାନ କରାଯିବ। ଜୈବ-ଅର୍ଥନୀତି ରିପୋର୍ଟ ବିକଶିତ କରିବା ସହିତ ଏକ ବିକାଶ ସୁଯୋଗର ମୂଲ୍ୟାୟନ କରି ତଥ୍ୟଭିତ୍ତିକ ରିପୋର୍ଟ ପ୍ରସ୍ତୁତ କରାଯିବ। କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି, ବିତ୍ତ ପରାମର୍ଶଦାତା ବିଦ୍ୟୁତପ୍ରଭା ରାଉତ, ଉର୍ମିପ୍ରଭା ମହାରଣା, ଆଇଆଇଏମ, ସମ୍ବଲପୁରର ଅଧ୍ୟାପକ ଆର୍.କେ. ପାଢ଼ୀ ଏବଂ ସନ୍ଦୀପ ମୁଖୋପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।

# କାଜୁ ଜଙ୍ଗଲରୁ ଝୁଲନ୍ତା ମୃତଦେହ ଜବତ

